

୧୫ ଅଗଷ୍ଟରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍

▸ପୃଷ୍ଠା-୧୨ ଦେଖନ୍ତୁ...

• RNI REGD NO: 42041/83
• www.sakalaepaper.com
• /sakalanews
• /sakalanews
• www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-48 ♦TUESDAY ♦11 AUGUST 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୪ ♦ସଂଖ୍ୟା-୪୮ ♦ମଙ୍ଗଳବାର ♦୧୧ ଅଗଷ୍ଟ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


## ରୁଷ୍‌ର ତୈଳ ବିଶୋଧନାଗାରେ ୟୁକ୍ରେନର ଭୟଙ୍କର ଡ୍ରୋନ୍ ଆକ୍ରମଣ; ୧୩ ମୃତ

■ ମସ୍କୋ, ୧୦।୮ (ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ମଧ୍ୟରେ ସୋମବାର ରୁଷର ତୁତାରସ୍ତାନ ଅଞ୍ଚଳରେ ଥିବା ନିଜନୈକାମସ୍କ ସହରର ଏକ ପ୍ରମୁଖ ତୈଳ ହବ୍ ଉପରେ ୟୁକ୍ରେନ ପକ୍ଷରୁ ବଡ଼ ଧରଣର ଡ୍ରୋନ୍ ଆକ୍ରମଣ କରାଯାଇଛି। ଏହି ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୪୮ ଜଣ ଗୁରୁତର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ପ୍ରଶାସନ ଏବଂ ସହରର ମେୟର ରାଦମିର ବେଲ୍ୟାୟେଭଙ୍କ ଅନୁଯାୟୀ, ଏହି



ଡ୍ରୋନ୍ ଆକ୍ରମଣ ଶିଳ୍ପ ଏବଂ ସାଧାରଣ ନାଗରିକଙ୍କ ବାସସ୍ଥାନକୁ ଲକ୍ଷ୍ୟ କରି କରାଯାଇଥିଲା। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ରହିଛି। ଏହି ଆକ୍ରମଣରେ ରୁଷର ସବୁଠାରୁ ଅତ୍ୟାଧୁନିକ ତୈଳ ବିଶୋଧନାଗାର ମଧ୍ୟରୁ ଅନ୍ୟତମ ଟାନେକୋ ବିଶୋଧନାଗାର ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଛି। ସୋସିଆଲ ମିଡିଆରେ ଭାଇରାଲ ହେଉଥିବା ଭିଡିଓରେ ବିଶୋଧନାଗାର ଉପରେ କଳା ଧୂଆଁର ବାଦଲ ଦେଖିବାକୁ ମିଳୁଛି। ନିଜନୈକାମସ୍କ ସହରଟି ୟୁକ୍ରେନ ସୀମାଠାରୁ ପ୍ରାୟ ୧,୨୦୦ କିଲୋମିଟର ଦୂରରେ ଅବସ୍ଥିତ। ▸ପୃଷ୍ଠା-୭

## ଭୂକମ୍ପରେ ଥରିଲା କଲମ୍ବିଆ; ୪୭ ମୃତ, ଅନେକ ଅଟ୍ଟାଳିକା ଧ୍ୱଂସ

■ ବୋଗୋଟା, ୧୦।୮ (ଏଜେନ୍ସି): କଲମ୍ବିଆରେ ସୋମବାର ଶକ୍ତିଶାଳୀ ଭୂକମ୍ପ ଅନୁଭୂତ ହୋଇଛି। ଏହାର ତୀବ୍ରତା ରିକ୍ଟର ସ୍କେଲରେ ୭.୪ ରେକର୍ଡ କରାଯାଇଛି। ଏହି ଭୟଙ୍କର ଭୂମିକମ୍ପରେ ୨୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ କୋଠାବାଡି ଭୁଶୁଡି ପଡ଼ିଛି। ସ୍ଥାନୀୟ ସମୟ ସକାଳ ପ୍ରାୟ ୭.୩୪ରେ ଭୂକମ୍ପ ହୋଇଥିଲା। ଏହାର କେନ୍ଦ୍ରସ୍ଥଳ କଲମ୍ବିଆର ଚୋକୋ ବିଭାଗର ସାନ୍ ଜୋସେ ଡେଲ୍ ପାଲମାରଠାରୁ ପ୍ରାୟ ୫ କିଲୋମିଟର ପୂର୍ବରେ ଏବଂ ଭୂପୃଷ୍ଠରୁ ପ୍ରାୟ ୧୦୭



କିଲୋମିଟର ଗଭୀରରେ ରହିଥିଲା। ସ୍ଥାନୀୟ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପେରେଇରା ସହରରେ ସର୍ବାଧିକ ୧୮ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ମାନିଜାଲେସ ସହରରେ ୨ ଜଣ ପ୍ରାଣ ହରାଇଛନ୍ତି। କାଲି ସହରର ମେୟର କହିଛନ୍ତି ଯେ, ସହରରେ ପ୍ରାୟ ୨୦ଟି ଅଟ୍ଟାଳିକା ସମ୍ପୂର୍ଣ୍ଣ ଭାବେ ଭୁଶୁଡି ପଡିଛି। ଭଗ୍ନାବଶେଷ ତଳେ ଅନେକ ଲୋକ ଫସି ରହିଥିବା ଆଶଙ୍କା କରାଯାଉଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଚୋକୋ ବିଭାଗର ଗଭର୍ଣ୍ଣର କହିଛନ୍ତି ▸ପୃଷ୍ଠା-୭

# ଏଗ୍ରିଷ୍ଟାକ୍ ଛାଟ; ତାତିଲେ ଚାଷୀ

## ଧାନ ନ କିଣିବାକୁ ସରକାରଙ୍କ ଆଇନ ଫନ୍ଦି

■ ଯାଜପୁର/କବାଟବନ୍ଧ, ୧୦।୮ (ସମିସ): ଚଳିତ ବର୍ଷ ଲଗାଣ ବର୍ଷା ଓ ବନ୍ୟା ଯାଜପୁର ଜିଲ୍ଲାର ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ଚାଷୀମାନେ ଏବେ ଅଣ୍ଟା ସଳଖିବାକୁ ଚେଷ୍ଟା ଚଳାଇଛନ୍ତି। ଠିକ୍ ଏହି ସମୟରେ ସରକାରଙ୍କ ଖରିଫ ଧାନ ପଞ୍ଜୀକରଣ ପାଇଁ ସରକାରଙ୍କର କିଛି ନୂଆ ନିର୍ଦ୍ଦେଶନାମା ଚାଷୀକୁ ଆହୁରି ଅଡୁଆରେ ପକାଇଛି। ସରକାରଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ଏଗ୍ରିଷ୍ଟାକ ଆଇଡି ନ ଥିଲେ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ ଏବଂ ଟୋକନ ପାଇବାରୁ ବଞ୍ଚିତ ହେବ। ମାତ୍ର ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ବୟାନ ଚାଷୀମାନଙ୍କୁ ଦ୍ୱନ୍ଦ୍ୱ ଭିତରକୁ ଟାଣି ନେଇଛି। ମନ୍ତ୍ରୀଙ୍କ କହିବା ଅନୁସାରେ, ଜଣେ ଚାଷୀର ଏଗ୍ରିଷ୍ଟାକ ଆଇଡି ନ ଥିଲେ ମଧ୍ୟ ଧାନ ବିକ୍ରି ପାଇଁ ପଞ୍ଜୀକରଣ କରି ପାରିବ। ମାତ୍ର ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚାଷୀକୁ ତା'ର ପଞ୍ଜିକୃତ ହୋଇଥିବା ସମସ୍ତ ଜମିକୁ ଏଗ୍ରିଷ୍ଟାକ ଆଇଡି ଚଢ଼ାଇବାକୁ ବାଧ କରାଯାଇଛି। ନଚେତ ଚାଷୀ ଧାନ ବିକ୍ରି କରିବା ପାଇଁ ଟୋକନ ପାଇବାରୁ ବଞ୍ଚିତ ହେବ। ତେବେ ଏଠି ପ୍ରଶ୍ନ ଉଠେ ନିଜ ନାମରେ ରେକର୍ଡ ଥିଲେ ଉକ୍ତ ଜମି ହିଁ ଏଗ୍ରିଷ୍ଟାକ ଆଥଡିରେ ଚଢିପାରିବ। ବାପା, ଅଜା, ଜେଜେବାପା ଇତ୍ୟାଦିଙ୍କ ନାମରେ ଥିବା ବଂଶାନୁକ୍ରମିକ ଜମି ଏଗ୍ରିଷ୍ଟାକ ଆଇଡିରେ ଚଢ଼ିପାରିବ ନାହିଁ। ଯଦି ଚାଷୀଟି ତାର ବାପା, ଅଜା, ଜେଜେ ବାପା ନାମରେ ଥିବା ଜମିକୁ ପଞ୍ଜୀକରଣ କରିଥାନ୍ତି ତେବେ ଉକ୍ତ ଜମି ଏଗ୍ରିଷ୍ଟାକ ଆଇଡିରେ ଚଢ଼ିବ କେମିତି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ ଭୂବନ୍ଦୋବସ୍ତ ସରି ନ ଥିବା ମୌଜା ଗୁଡ଼ିକର ଚାଷୀମାନେ ତାଙ୍କର ଧାନ କେମିତି ବିକ୍ରି କରିବେ ବୋଲି ପ୍ରଶ୍ନ ଉଠିଛି। ଭୂବନ୍ଦୋବସ୍ତ କାର୍ଯ୍ୟ ଚାଲୁ ରହିଥିବାରୁ ଜମି ଗୁଡ଼ିକ ପୂର୍ବପରି ବାପା, ଅଜା, ଜେଜେବାପାଙ୍କ ନାମରେ ଏବେ ବି ରହିଛି। ଉକ୍ତ ମୌଜାର ଚାଷୀ ମାନେ ନା ପଞ୍ଜୀକରଣ କରି ପାରିବେ ନା ଧାନ ବିକ୍ରି କରି ପାରିବେ। ସରକାର କହୁଛନ୍ତି ▸ପୃଷ୍ଠା-୭

**ପଞ୍ଜୀକରଣରୁ ବଞ୍ଚିତ ହେବେ ହଜାର ହଜାର ଚାଷୀ**

## ବରଗଡ଼ରେ କୃଷକଙ୍କ ଜେଲ୍‌ଭରୋ ଆନ୍ଦୋଳନ



ସଂଯୁକ୍ତ କିଶାନ ମୋର୍ଚ୍ଚାର ୩ଶହରୁ ଊର୍ଦ୍ଧ୍ୱ ଗିରଫ

୧୪ ଅଗଷ୍ଟରେ ବଡ଼ ଆନ୍ଦୋଳନ ପାଇଁ ନିଷ୍ପତ୍ତି

■ ବରଗଡ଼, ୧୦।୮ (ସମିସ): ସଂଯୁକ୍ତ କିଶାନ ମୋର୍ଚ୍ଚା ଆହ୍ୱାନ କ୍ରମେ ଦେଶର ୧୦୦୦ ଟି ସ୍ଥାନରେ ଜେଲ୍ ଭରୋ ଆନ୍ଦୋଳନ ଡାକରା ଦିଆଯାଇଥିଲା। ବରଗଡ଼ରେ ମଧ୍ୟ ସଂଯୁକ୍ତ କୃଷକ ସଂଗଠନ ସମର୍ଥନ ଜଣାଇ ଆଜି ଗାନ୍ଧୀ ଛକରେ ଶହଶହ ଚାଷୀ ଏକତ୍ରିତ ହୋଇ ଏସ୍‌ପି ଅଫିସ ପର୍ଯ୍ୟନ୍ତ ବିଭିନ୍ନ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ଯାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସଭାରେ ସଂଯୁକ୍ତ କିସାନ ମୋର୍ଚ୍ଚା ▸ପୃଷ୍ଠା-୭

**ସଫେଇ ଦେଲେ ସରକାର**

### ପଞ୍ଜୀକରଣ ପାଇଁ ଏବେ ବାଧ୍ୟତାମୂଳକ ନୁହେଁ ଆଗ୍ରିଷ୍ଟାକ

■ ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟରେ ଖରିଫ ଋତୁ ପାଇଁ ପଞ୍ଜୀକରଣର ଜଟିଳ ସରକାରୀ ବ୍ୟବସ୍ଥାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବର୍ତ୍ତମାନ ଚାଷୀଙ୍କ ପଞ୍ଜୀକରଣ ପାଇଁ ଏଗ୍ରିଷ୍ଟାକ ଆଇଡି ବାଧ୍ୟତାମୂଳକ କରାଯିବ ନାହିଁ ବୋଲି ସୋମବାର ସଫେଇ ଦେଇଛନ୍ତି। ଖରିଫ ଧାନ ସଂଗ୍ରହ ଋତୁ ୨୦୨୬-୨୭ ପାଇଁ ଚାଷୀ ପଞ୍ଜୀକରଣ ପ୍ରକ୍ରିୟାକୁ ନେଇ ସୋମବାର ଉପ-ମୁଖ୍ୟମନ୍ତ୍ରୀଙ୍କ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକରେ ଆସନ୍ତା ଅକ୍ଟୋବର ମାସ ▸ପୃଷ୍ଠା-୭

**ନିଯୁକ୍ତି ପରୀକ୍ଷାରେ ଅନିୟମିତତା: ଝାଡ଼ଖଣ୍ଡରେ ଛାତ୍ର ଆନ୍ଦୋଳନ**

## ରାଞ୍ଚି ପାଲଟିଲା ରଣକ୍ଷେତ୍ର



■ ରାଞ୍ଚି, ୧୦।୮ (ଏଜେନ୍ସି): ଝାଡ଼ଖଣ୍ଡର ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ଅଭିଯୋଗକୁ ନେଇ ସୋମବାର ରାଞ୍ଚି ରଣକ୍ଷେତ୍ରରେ ପରିଣତ ହୋଇଛି। ବିଧାନସଭା ଘେରଉ କରିବାକୁ ଯାଉଥିବା ହଜାର ହଜାର ଚାକିରି ଆଶାୟୀଙ୍କ ଉପରେ ପୁଲିସ ପକ୍ଷରୁ ଲାଠିଚାର୍ଜ, ପାଣି ମାଡ଼ ଏବଂ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି। ସୋମବାର ଜେପିଏସସି-ଜେଏସଏସସି ସଂସ୍କାର ମଞ୍ଚ ନେତୃତ୍ୱରେ ଆନ୍ଦୋଳନକାରୀମାନେ ପୁରୁଣା ବିଧାନସଭା ଭବନରୁ ଶୋଭାଯାତ୍ରା ବାହାର କରିଥିଲେ।

**ବିଧାନସଭା ସମ୍ମୁଖରେ ବିକ୍ଷୋଭ, ପୁଲିସର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ ପ୍ରୟୋଗ**

ବିଧାନସଭାଠାରୁ ମାତ୍ର ୨୦୦ ମିଟର ଦୂରରେ ପ୍ରତିବାଦକାରୀମାନେ ଶେଷ ବ୍ୟାରିକେଡ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଫଳରେ ପୁଲିସ ସେମାନଙ୍କୁ ଅଟକାଇବା ପାଇଁ ବଳ ପ୍ରୟୋଗ କରିଥିଲା। ଏହି ସଂଘର୍ଷରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ବର୍ତ୍ତମାନ ଝାଡ଼ଖଣ୍ଡରେ ବିଧାନସଭା ଅଧିବେଶନ ଚାଲିଛି। ▸ପୃଷ୍ଠା-୭

## ୯ ବିଭାଗରେ ନିଯୁକ୍ତି ପାଇଲେ ୧୩୨୬

■ ଭୁବନେଶ୍ୱର, ୧୦।୮ (ସମିସ): ରାଜ୍ୟ ସରକାରଙ୍କ ୯ଟି ବିଭାଗରେ ନୂତନ ଭାବେ ନିଯୁକ୍ତି ପାଇଥିବା ୧୩୨୬ ଜଣ ପ୍ରାର୍ଥୀଙ୍କୁ ଆଜି ମଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଯୁକ୍ତିପତ୍ର

**ସାଧାରଣ ଲୋକଙ୍କ ସମସ୍ୟାକୁ ସମ୍ମାନର ସହ ଶୁଣି ସମାଧାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ**

ବାଣ୍ଟିଛନ୍ତି। ଭୁବନେଶ୍ୱରସ୍ଥିତ ରେଳ ଅଡିଟୋରିଅମରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗରେ ୩୬୪ ଓ ପଞ୍ଚାୟତିରାଜ ବିଭାଗରେ ୩୬୧ ଜଣ କନିଷ୍ଠ ଯନ୍ତ୍ରୀ ନିଯୁକ୍ତି ପତ୍ର ପାଇଛନ୍ତି। ସେହିପରି ଶକ୍ତି ବିଭାଗ ଓ ଓଏଚ୍‌ପିସିରେ ୧୨ ଜଣ କନିଷ୍ଠ ଯନ୍ତ୍ରୀ



ଓ ୨୨୮ ଟ୍ରେନି, କୃଷି ବିଭାଗରେ ୧୧୮ ଜଣ ସହକାରୀ କୃଷି ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗରେ ୧୧୧ ଜଣ ସହକାରୀ ପ୍ରାଧ୍ୟାପକ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗରେ ୧୫ ଜଣ କନିଷ୍ଠ ଯନ୍ତ୍ରୀ ଓ ୭୧ ଜଣ ପ୍ରାଣିଧନ ନିରୀକ୍ଷକ, କ୍ରୀଡା ବିଭାଗରେ ୨୬ ଜଣ ଜୁନିଅର କୋଚ୍, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୦ ଜଣ ପ୍ରଶିକ୍ଷକ ଏବଂ ଅବକାରୀ ବିଭାଗରେ ୧୦ ଜଣ ଉପ-ନିରୀକ୍ଷକଙ୍କୁ ନିଯୁକ୍ତି ମିଳିଛି।

ନବନିଯୁକ୍ତଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଜନସେବା ହେଉଛି ସରକାରୀ ଚାକିରିର ମୂଳ ଲକ୍ଷ୍ୟ। ଲୋକଙ୍କ ସମସ୍ୟା ଓ ଅଭିଯୋଗର ସମୟବଦ୍ଧ ସମାଧାନ କରିବା ନୈତିକ କର୍ତ୍ତବ୍ୟ ହେବା ଉଚିତ। ସମାଜର ଶେଷ ▸ପୃଷ୍ଠା-୭

## ସଞ୍ଜୀବ ପଣ୍ଡା ଓ ଯଶବନ୍ତ ଜେଠୱାଙ୍କୁ ଡିଜି ପାହ୍ୟା

■ ଭୁବନେଶ୍ୱର, ୧୦।୭ (ସମିସ): ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଚୟନକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ଏଥିପାଇଁ ଏକାଧିକ ବରିଷ୍ଠ ପୁଲିସ ଅଧିକାରୀଙ୍କ ନାମ ସାମ୍ନାକୁ ଆସିଛି। ଡିଜି ଚୟନ ତାରିଖ ଯେତେ ପାଖେଇ ଆସୁଛି ଚର୍ଚ୍ଚା ସେତେ ଜୋର ଧରୁଛି। ଏହି ସମୟରେ ବରିଷ୍ଠ ଆଇପିଏସ୍ ଅଧିକାରୀ ସଞ୍ଜୀବ ପଣ୍ଡା ଏବଂ ଯଶବନ୍ତ କୁମାର ଜେଠୱାଙ୍କୁ ସୋମବାର ଡିଜି ପାହ୍ୟାକୁ ପଦୋନ୍ନତି ମିଳିଛି। ୧୯୯୪ ବ୍ୟାଚ୍‌ର ଏହି ଦୁଇ ଅଫିସର ଏବେ ଏଡିଜି ପାହ୍ୟାରେ କାର୍ଯ୍ୟରତ। ସେମାନଙ୍କ ପଦୋନ୍ନତିକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅନୁମୋଦନ ପ୍ରଦାନ କରିଛନ୍ତି। ସଂଜୀବ ପଣ୍ଡା ଏବେ ନକ୍ସଲ ବିରୋଧୀ ଅପରେସନ ଏବଂ ସ୍ୱତନ୍ତ୍ର ଗୁଇନ୍ଦା ଶାଖା ଦାୟିତ୍ୱରେ ଥିବା ବେଳେ ଜେଠୱା ଭିଜିଲାନ୍ସ ନିର୍ଦ୍ଦେଶକ ଦାୟିତ୍ୱରେ ଅଛନ୍ତି। ▸ପୃଷ୍ଠା-୭

**ସୃଷ୍ଟି ହେଲା ଘୂର୍ଣ୍ଣିବଳୟ, ୧୨ରେ ଲଘୁଚାପ**

## ୧୫ ପର୍ଯ୍ୟନ୍ତ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧୦।୮ (ସମିସ): ଆସୁଛି ଆଉ ଏକ ଲଘୁଚାପ। ଆସନ୍ତା ୧୨ ତାରିଖ ବେଳକୁ ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବ। ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଓ ଏହାର ଆଖପାଖ ଅଞ୍ଚଳ ଉପରେ ଆଜି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହା ସମୁଦ୍ର ପତ୍ତନଠାରୁ ୩.୧ କିମି ଉଚ୍ଚତା ପର୍ଯ୍ୟନ୍ତ ବ୍ୟାପିଛି। ଏହା ପ୍ରଭାବରେ ଆସନ୍ତା ୧୨ ଅଗଷ୍ଟ ସୁଦ୍ଧା ସେହି ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହି ଲଘୁଚାପ ପ୍ରଭାବରେ ଆଗାମୀ ଅଗଷ୍ଟ ୧୫ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୪ ଦିନ ଯାଏ ରାଜ୍ୟର ବିଭିନ୍ନ ସ୍ଥାନକୁ ପ୍ରବଳ ବର୍ଷା ଜନିତ ଚେତାବନୀ ମଧ୍ୟ ଜାରି ହୋଇଛି।



ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି, ଶନିବାର ସୃଷ୍ଟି ହୋଇଥିବା ଲଘୁଚାପ କ୍ଷେତ୍ର ଏବେ ଦକ୍ଷିଣ ପୂର୍ବ ମଧ୍ୟପ୍ରଦେଶ ସଂଲଗ୍ନ ଛତିଶଗଡ଼ରେ ସକ୍ରିୟ ରହିଛି। ବର୍ତ୍ତମାନ ଏହାର ପ୍ରଭାବ ରାଜ୍ୟ ଉପରେ ନାହିଁ। ବର୍ତ୍ତମାନ ରାଜ୍ୟରେ ମୌସୁମୀ ସକ୍ରିୟ ରହିଥିବା ବେଳେ ଅନେକ ସ୍ଥାନରେ ବର୍ଷା ହେଉଛି। ଆଗକୁ ଲଘୁଚାପ ସହ ସକ୍ରିୟ ମୌସୁମୀ ପ୍ରଭାବରେ ପୁଣି ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି କ୍ରମରେ ମଙ୍ଗଳବାର ସାରା ରାଜ୍ୟରେ ବର୍ଷା ସହ ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ଗଞ୍ଜାମ, ଗଜପତି, ଜଗତସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଖୋର୍ଦ୍ଧା, ପୁରୀ, କଟକ, ବାଲେଶ୍ୱର, କେନ୍ଦୁଝର, ଭଦ୍ରକ, ଅନୁଗୁଳ, ଢେଙ୍କାନାଳ, ନୟାଗଡ଼, ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼, ବରଗଡ଼, ସମ୍ବଲପୁର ଓ ଦେବଗଡ଼ ଆଦି ୨୨ଟି ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି।

ସମ୍ଭାବ୍ୟ ଲଘୁଚାପ ପ୍ରଭାବରେ ଓଡ଼ିଶା ଉପକୂଳରେ ଘଣ୍ଟା ପ୍ରତି ପବନର ବେଗ ବୃଦ୍ଧି ପାଇଁ ୩୫ରୁ ୪୫ କିମି ସର୍ବାଧିକ ୫୫ କିମି ପର୍ଯ୍ୟନ୍ତ ▸ପୃଷ୍ଠା-୭

**କ୍ଷେତରୁ ଫେରିବାବେଳେ ବଜ୍ରପାତ**

## ଟଳିପଡ଼ିଲେ ୫ ଚାଷୀ

■ ବାରିପଦା/ ଚୌଦ୍ୱାର/ଭଦ୍ରେଶ୍ୱର/ଟାଙ୍ଗୀ, ୧୦।୮ (ସମିସ): ସୋମବାର ରାଜ୍ୟର ବିଭିନ୍ ସ୍ଥାନରେ ବଜ୍ରପାତ ଘଟି ଚାଷ କାମରେ ବ୍ୟସ୍ତ ଥିବା ୫ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି।

ସୂଚନା ଅନୁସାରେ, ମୟୂରଭଞ୍ଜ ଜିଲ୍ଲା ବାରିପଦା ସଦର ଥାନା ଅଧୀନ କାଶିପାଳ ଗ୍ରାମରେ ବଜ୍ରପାତ ଯୋଗୁଁ ଦୁଇଜଣ ଚାଷୀ ମୃତ୍ୟୁବରଣ କରିଥିବା ଜଣାପଡ଼ିଛି। ମୃତକ ରାଜାବସା ପଞ୍ଚାୟତ ଅନ୍ତର୍ଗତ କାଶିପାଳ ଗ୍ରାମର କାତୁଲ ହାଁସଦା (୪୮) ଓ ସ୍ୱର୍ଗତ ମଙ୍ଗଲ ହାଁସଦାଙ୍କ ସ୍ତ୍ରୀ ଫୁଲମଣି ହାଁସଦା(୪୦)। ସୋମବାର ଗ୍ରାମ ନିକଟସ୍ଥ କ୍ଷେତରେ ଚାଷ କାମ କରୁଥିବାବେଳେ ହଠାତ୍ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଦୁହେଁ ବିଲରୁ ଘରକୁ ଫେରିବା ବାଟରେ ସେମାନଙ୍କ ଉପରେ ବଜ୍ରପାତ ହେବାରୁ ସେହିଠାରେ ହିଁ ଦୁହେଁ ଟଳି ପଡ଼ିଥିଲେ। ଚେତାଶୂନ୍ୟ ଅବସ୍ଥାରେ ଦୁହିଁଙ୍କୁ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ପରିବାର ଲୋକଙ୍କ ସାହାଯ୍ୟରେ ଆମ୍ବୁଲାନ୍ସରେ ରଙ୍ଗାମାଟିଆସ୍ଥ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ଦୁହିଁଙ୍କୁ ମୃତ ଘୋଷଣା କରିଥିଲେ। ବାରିପଦା ସଦର ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ କରାଇଥିବା ଥାନା ଆଇଆଇସି ସସ୍ମିତା ମହାନ୍ତ ପ୍ରକାଶ କରିଛନ୍ତି।

ସେହିପରି କଟକ ଜିଲ୍ଲା ମାହାଙ୍ଗା ବ୍ଲକ୍ ଜଳେଶ୍ୱରପୁର ଗ୍ରାମର ଚାଷୀ ବ୍ରଜବନ୍ଧୁ ଖଟୁଆ (୫୯) ବିଲରେ କାମ କରୁଥିବାବେଳେ ବଜ୍ରାଘାତର ଶିକାର ହୋଇଥିଲେ। ▸ପୃଷ୍ଠା-୭


**ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି**

## ଓଡ଼ିଶାର ଦାବିକୁ ଫାଙ୍କିଦେଲା କେନ୍ଦ୍ର

### ୨୦୨୩ରେ ୬,୨୮୪ କୋଟି ସହାୟତା ପ୍ରସ୍ତାବରୁ ବି ଟଙ୍କାଏ ପାଇନି ଓଡ଼ିଶା

■ ନୂଆଦିଲ୍ଲୀ/ ଭୁବନେଶ୍ୱର, ୧୦।୮ (ସମିସ): ନିୟମିତ ବ୍ୟବଧାନରେ ଓଡ଼ିଶା ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ବାତ୍ୟା ସମୟରେ ଓଡ଼ିଶାର ବିଦ୍ୟୁତ୍ ଭିତ୍ତିଭୂମି ବିପୁଳ ମାତ୍ରାରେ କ୍ଷତିଗ୍ରସ୍ତ ହେଉଛି। ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପ୍ରସଙ୍ଗରେ ବାରମ୍ବାର କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ; ୨୦୨୨ ଅଗଷ୍ଟ ୭ ତାରିଖରେ ନୀତିଆୟୋଗ କାର୍ଯ୍ୟନିର୍ବାହୀ ବୈଠକରେ ନବୀନ ଓଡ଼ିଶା ନିୟମିତ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବାରୁ ସ୍ୱତନ୍ତ୍ର ଫୋକସ ରାଜ୍ୟ ମାନ୍ୟତା ପାଇଁ ଦାବି କରିବା ସହ ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ସହାୟତା ଦାବି କରିଥିଲେ। ଅନୁରୂପ ଭାବରେ କୋଭିଡ଼ ମହାମାରୀ କାଳରେ 'ୟସ' ବାତ୍ୟା ଓଡ଼ିଶାର ବିଦ୍ୟୁତ୍

> ୟସ୍ ପରେ ଓଡ଼ିଶା ମାଗିଥିଲା ୧୦ ହଜାର କୋଟିର ବିଦ୍ୟୁତ ଭିତ୍ତିଭୂମି ପ୍ୟାକେଜ୍
>
> ବିମାନବନ୍ଦରରେ ସମୀକ୍ଷା ସମୟରେ ପ୍ରଧାନମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିଲେ ନବୀନ
>
> 'ନିତି' ଆୟୋଗ କାର୍ଯ୍ୟନିର୍ବାହୀ ବୈଠକରେ ମଧ୍ୟ ନବୀନ କରିଥିଲେ ଅନୁରୂପ ଦାବି
>
> ସଂସଦରେ ମନ୍ତ୍ରୀ କହିଲେ ଏପରି କିଛି ଆନୁଷ୍ଠାନିକ ପ୍ରସ୍ତାବ କେନ୍ଦ୍ର ସରକାରଙ୍କୁ ମିଳିନାହିଁ



ଭିତ୍ତିଭୂମିକୁ ବ୍ୟାପକ କ୍ଷତି କରିଥିଲା। ୨୦୨୧ ମଇ ୨୮ ତାରିଖରେ ଭୁବନେଶ୍ୱର ବିମାନବନ୍ଦରରେ ପ୍ରଧାନମନ୍ତ୍ରୀ ବାତ୍ୟା ସମୀକ୍ଷା କାଳରେ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କୋଭିଡ଼ ଚାପଗ୍ରସ୍ତ କେନ୍ଦ୍ର ସରକାରଙ୍କ ଉପରେ ଆର୍ଥିକ ଚାପ ଦେବାକୁ ଅସମ୍ମତି ପ୍ରକାଶ କରିଥିଲେ। ମାତ୍ର ବିପର୍ଯ୍ୟୟ ପ୍ରବଣ ଓଡ଼ିଶା ପାଇଁ ବିପର୍ଯ୍ୟୟ ପ୍ରତିରୋଧୀ ସହାୟତା ପ୍ରଦାନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ।

ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ସବୁ ଦାବି ଓ ଅନୁରୋଧକୁ ବାଏଁବାଏଁ ଉଡ଼ାଇ ଦେଇଛନ୍ତି। ଓଡ଼ିଶା ପାଇଁ ସ୍ୱତନ୍ତ୍ର ବିପର୍ଯ୍ୟୟ ପ୍ରତିରୋଧୀ ବିଦ୍ୟୁତ୍ ଭିତ୍ତିଭୂମି ପ୍ୟାକେଜ ଦେବା ପାଇଁ କୌଣସି ପୃଥକ ଯୋଜନା ନାହିଁ ବୋଲି ସ୍ପଷ୍ଟ ଭାଷାରେ କହିଛନ୍ତି। ଏପରିକି ୟସ ବାତ୍ୟା ପରେ ଓଡ଼ିଶା ସରକାର ଦାବି କରିଥିବା ୧୦ ହଜାର କୋଟି ଟଙ୍କାର ସ୍ୱତନ୍ତ୍ର ବିଦ୍ୟୁତ୍ ଭିତ୍ତିଭୂମି ପ୍ୟାକେଜ ନିମନ୍ତେ କୌଣସି ଆନୁଷ୍ଠାନିକ ପ୍ରସ୍ତାବ କେନ୍ଦ୍ର ସରକାର ପାଇ ନ ଥିବା ଲୋକସଭାରେ ସ୍ପଷ୍ଟ କରିଛନ୍ତି କେନ୍ଦ୍ର ▸ପୃଷ୍ଠା-୭

## ଥାଇଲାଣ୍ଡରେ ପୂର୍ବତନ ସାଂସଦଙ୍କ ଗୁଳିମାଡ଼, ୨ ଗୁରୁତର

ନନ୍ଥାବୁରି, ୧୦।୮ (ଏଜେନ୍ସି): ଥାଇଲାଣ୍ଡର ନନ୍ଥାବୁରି ପ୍ରଦେଶରେ ଜଣେ ପୂର୍ବତନ ସାଂସଦ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ପଶି ଗୁଳିମାଡ଼ କରିଥିବା ଅଭିଯୋଗ ହୋଇଛି । ଏହି ଆକ୍ରମଣରେ ୨ ଜଣ ବ୍ୟକ୍ତି ଗୁରୁତର ଭାବେ ଆହତ ହୋଇଛନ୍ତି । ଥାଇଲାଣ୍ଡର ପୂର୍ବତନ ସାଂସଦ ଚାଲଙ୍ଗ୍ ରେୱାରେଙ୍ଗ୍ ନନ୍ଥାବୁରି ପ୍ରାଦେଶିକ ପ୍ରଶାସନିକ ସଂଗଠନର କାର୍ଯ୍ୟାଳୟରେ ପ୍ରବେଶ କରି ଜଣେ ପୂର୍ବତନ ପୁଲିସ କର୍ଣ୍ଣେଲଙ୍କ ଉପରକୁ ଗୁଳି ଚଳାଇଥିଲେ । ଏହି ଘଟଣାରେ ସଂଗଠନର ସଭାପତି ଥଙ୍ଗଚାଇ ୟେନପ୍ରସର୍ଟ ମଧ୍ୟ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି । ଜଣେ ଜଣାଶୁଣା ରାଜନୈତିକ ସମୀକ୍ଷକ ୟୁଟ୍ୟୁବରେ ଲାଇଭ୍ ଷ୍ଟ୍ରିମିଂ କରୁଥିବା ସମୟରେ ଚାଲଙ୍ଗ୍ ତାଙ୍କୁ ଫୋନ୍ କରି ଏହି ଆକ୍ରମଣ କରିଥିବା କଥା କହିଥିବା ସୂଚନା ମିଳିଛି । ତେବେ ଏହି ଆକ୍ରମଣ ପଛର ପ୍ରକୃତ କାରଣ କ'ଣ, ସେ ନେଇ ପୁଲିସ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ଦେଇନାହିଁ । ପୁଲିସ ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ କରିବା ସହ ତଦନ୍ତ ପ୍ରକ୍ରିୟା ଜାରି ରଖିଛି । ସୂଚନାଯୋଗ୍ୟ ଯେ, କିଛି ଦିନ ପୂର୍ବରୁ ଏହି ଅଞ୍ଚଳରେ ଜଣେ କିଶୋର ନିଜ ଜେଜେବାପା ଓ ଜେଜେମାଙ୍କୁ ହତ୍ୟା କରିବା ପରେ ସ୍କୁଲରେ ଗୁଳିମାଡ଼ କରିଥିଲେ । ସେହି ଘଟଣାରେ ପ୍ରାୟ ୭ ଜଣଙ୍କର ମୃତ୍ୟୁ ଘଟିଥିଲା ।

## ସ୍ଲୋଭେନିଆରେ ଭାରତୀୟ ଦୂତାବାସ ବିକୃତ

ନୂଆଦିଲ୍ଲୀ/ଲୁବ୍ଲିଆନା, ୧୦।୮ (ଏଜେନ୍ସି): ସ୍ଲୋଭେନିଆର ରାଜଧାନୀରେ ଅବସ୍ଥିତ ଭାରତୀୟ ଦୂତାବାସ ପରିସରକୁ ବିକୃତ କରାଯିବା ଘଟଣାକୁ ନେଇ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି । ଏହି ଘଟଣା ସ୍ଲୋଭେନିଆର ରାଜଧାନୀରେ ଘଟିଛି । ଭାରତୀୟ ଦୂତାବାସର କାନ୍ଥରେ ବିଭିନ୍ନ ଭାରତ ବିରୋଧୀ ସ୍ଲୋଗାନ ଲେଖାଯାଇଛି । ଏହି ଘଟଣା ପାଇଁ ଦାୟୀ ବ୍ୟକ୍ତିଙ୍କୁ ଚିହ୍ନଟ




**କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଭାରତର ଦାବି**

କରି ସେମାନଙ୍କୁ ଜବାବଦେହି କରିବାକୁ ଭାରତ ସରକାର ଦାବି କରିଛନ୍ତି । ଭାରତ ପକ୍ଷରୁ ସ୍ପଷ୍ଟ ଭାବରେ କୁହାଯାଇଛି ଯେ, ଅନ୍ତର୍ଜାତୀୟ ପ୍ରୋଟୋକଲ୍ ଅନୁଯାୟୀ ଦୂତାବାସ ପରିସରଗୁଡ଼ିକ ସମ୍ପୂର୍ଣ୍ଣ ଅଲଘଂନୀୟ । ଏହି ପରିସର ମଧ୍ୟରେ କୌଣସି ପ୍ରକାରର କ୍ଷତି ପହଞ୍ଚାଇବା ଏକ ଗୁରୁତର ବିଷୟ । ସୂଚନା ଅନୁଯାୟୀ, କିଛି ଭାରତ-ବିରୋଧୀ ତତ୍ତ୍ୱ ଏହି କାର୍ଯ୍ୟ ପଛରେ ରହିଥିବା ଅଭିଯୋଗ ହୋଇଛି । ଏହି ଘଟଣାକୁ ନେଇ ଭାରତର ବୈଦେଶିକ ମନ୍ତ୍ରଣାଳୟ ଏବଂ ସ୍ଥାନୀୟ ଦୂତାବାସ କର୍ତ୍ତୃପକ୍ଷ ସତର୍କ ରହିବା ସହ ସ୍ଥାନୀୟ ପ୍ରଶାସନର ସହଯୋଗ ଲୋଡ଼ିଛନ୍ତି ।

## କାଶ୍ମୀର ପଣ୍ଡିତଙ୍କୁ ଆତଙ୍କବାଦୀଙ୍କ ଧମକ

ଶ୍ରୀନଗର, ୧୦।୮ (ଏଜେନ୍ସି): ଜାମ୍ମୁ-କାଶ୍ମୀରରେ କାର୍ଯ୍ୟରତ କଶ୍ମୀର ପଣ୍ଡିତ ସରକାରୀ କର୍ମଚାରୀଙ୍କୁ ପୁଣି ଆତଙ୍କବାଦୀଙ୍କ ପକ୍ଷରୁ ହତ୍ୟା ଧମକ ମିଳିଛି । ଲସ୍କର-ଇ-ତୋଇବାର ଶାଖା ୟୁନାଇଟେଡ୍ ଲିବରେସନ୍ କାଉନସିଲ୍ (ୟୁଏଲ୍‌ସି) ଚିଠି ଜାରି କରି ଏହି ଚେତାବନୀ ଦେଇଛି । ସେମାନଙ୍କ ପାଖରେ କାଶ୍ମୀର ପଣ୍ଡିତ ଅଧିକାରୀ, ସେମାନଙ୍କ ପରିବାର, ବାସସ୍ଥାନ ଏବଂ କାର୍ଯ୍ୟାଳୟର ସମସ୍ତ ବିବରଣୀ ରହିଛି । ସେମାନେ ଉପତ୍ୟକା ଛାଡି ଜାମ୍ମୁକୁ ସ୍ଥାନାନ୍ତରିତ ହେଲେ ମଧ୍ୟ ସେମାନଙ୍କୁ ଟାର୍ଗେଟ କରାଯିବ ବୋଲି ଚିଠିରେ ଚେତାବନୀ ଦିଆଯାଇଛି । ଚିଠିରେ ନିର୍ଦ୍ଦିଷ୍ଟ ୬ ଜଣ ସରକାରୀ କର୍ମଚାରୀଙ୍କ ନାମ ଉଲ୍ଲେଖ ରହିଛି ।

## ଉଇ ଖାଇଗଲେ ରାଜସ୍ଥାନ ଚାଷୀଙ୍କ ୫ ଲକ୍ଷ ଟଙ୍କା





ରାଜସ୍ଥାନ, ୧୦।୮ (ଏଜେନ୍ସି): ରାଜସ୍ଥାନର ଜଣେ ଚାଷୀଙ୍କ ଜମି ତଳେ ପୋତିଥିବା ୫ ଲକ୍ଷ ଟଙ୍କାକୁ ଉଇ ଖାଇ ନଷ୍ଟ କରିଦେବା ଭଳି ଏକ ଦୁଃଖଦାୟକ ଘଟଣା ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ସମ୍ପୃକ୍ତ ଚାଷୀ ଜଣକ ପ୍ରାୟ ବର୍ଷକ ତଳେ ଏକ ଜମି ବିକ୍ରି କରି ୫ ଲକ୍ଷ ଟଙ୍କା ପାଇଥିଲେ । ଘର ତିଆରି କରିବା ପାଇଁ ସେ ଏହି ଅର୍ଥକୁ ସାଇତି ରଖିବାକୁ ଚାହୁଁଥିଲେ । ଟଙ୍କା ଚୋରି ହେବା କିମ୍ବା ଅନାବଶ୍ୟକ ଭାବେ ଖର୍ଚ୍ଚ ହୋଇଯିବା ଭୟରେ ସେ ଏକ ପଲିଥିନ ବ୍ୟାଗରେ ନୋଟଗୁଡ଼ିକୁ ଭରି ନିଜ ବିଲରେ ଗାତ ଖୋଳି ପୋତି ଦେଇଥିଲେ । ତେବେ ମଦ୍ୟପାନ କରିବା ଅଭ୍ୟାସ ଓ ଭୁଲିଯିବା ଗୁଣ ତାଙ୍କର ପୂର୍ବରୁ ରହିଥିଲା । ତେଣୁ ସେହି ଅର୍ଥକୁ ସେ ଠିକ୍ କେଉଁ ସ୍ଥାନରେ ଟଙ୍କା ପୋତିଥିଲେ, ତାହା ମନେ ରଖିପାରିନଥିଲେ । ବହୁ ଖୋଜାଖୋଜି ପରେ ମଧ ଟଙ୍କା ନମିଳିବାରୁ ସେ ନିଜ ପରିବାରକୁ ଏ ସମ୍ପର୍କରେ ଜଣାଇଥିଲେ । ପରିବାର ଲୋକେ ବିଲର ବିଭିନ୍ନ ସ୍ଥାନ ଖୋଳିଥିଲେ ମଧ୍ୟ ସଫଳ ହୋଇନଥିଲେ । ପ୍ରାୟ ବର୍ଷକ ପରେ, ମୌସୁମୀ ଋତୁ ପାଇଁ ଜମି ପ୍ରସ୍ତୁତି ଚାଲିଥିବା ବେଳେ ଗୋଟିଏ ରାତିରେ ସେହି ପଲିଥିନ ବ୍ୟାଗଟି ମାଟି ଉପରକୁ ଆସିଯାଇଥିଲା । ପରଦିନ ସକାଳେ ଚାଷୀଙ୍କ ପତ୍ନୀ ଓ ପୁଅ ବାଡ଼ ମରାମତି କରୁଥିବା ସମୟରେ ଏହି ବ୍ୟାଗଟିକୁ ପାଇଥିଲେ । ବ୍ୟାଗ ଖୋଲିବା ପରେ ସେମାନେ ସ୍ତବ୍ଧ ହୋଇଯାଇଥିଲେ । ସେଥିରେ ଥିବା ୫ ଲକ୍ଷ ଟଙ୍କାର ନୋଟଗୁଡ଼ିକୁ ଉଇ ସମ୍ପୂର୍ଣ୍ଣ ଭାବେ କାଟି ଖଣ୍ଡଖଣ୍ଡ କରି ଦେଇଥିଲେ । କ୍ଷତିଗ୍ରସ୍ତ ପରିବାର ଲୋକେ ଉଦ୍ଧାର ହୋଇଥିବା ନଷ୍ଟ ନୋଟକୁ ଧରି ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ସ୍ଥାନୀୟ ଶାଖା ଓ ପରେ ଜିଲ୍ଲା ମୁଖ୍ୟ ଶାଖାକୁ ଯାଇଥିଲେ । କିନ୍ତୁ ନୋଟଗୁଡ଼ିକର ଅତି ଶୋଚନୀୟ ଅବସ୍ଥା ଦେଖି ବ୍ୟାଙ୍କ କର୍ତ୍ତୃପକ୍ଷ ତାହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ । ଏହି ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।

# ଦିଲ୍ଲୀ ପୁଲିସ କାର୍ଯ୍ୟାନୁଷ୍ଠାନ ଆଲୋଚନା ପାଇଁ ରାଜିହେଲେ କେନ୍ଦ୍ର ସରକାର


(ଫାଇଲ ଫଟୋ)

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ଗତ ଜୁଲାଇ ୨୦ ତାରିଖ ।।ରେ ଦିଲ୍ଲୀରେ ଛାତ୍ରଛାତ୍ରୀଙ୍କ ଉପରେ ହୋଇଥିବା ପୁଲିସ କାର୍ଯ୍ୟାନୁଷ୍ଠାନକୁ ନେଇ ସଂସଦରେ ଅଚଳାବସ୍ଥା ଲାଗିରହିଛି । ଶେଷରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏହି ପ୍ରସଙ୍ଗରେ ଗୃହରେ ନିଜର ପକ୍ଷ ରଖିବେ ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ ଲୋକସଭାରେ ସୂଚନା ଦେଇଛନ୍ତି । ସରକାର ଛାତ୍ରଛାତ୍ରୀଙ୍କ ସହ ଜଡ଼ିତ ସମସ୍ତ ପ୍ରସଙ୍ଗରେ ଏକ ବିସ୍ତୃତ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି । ବିରୋଧୀ ଦଳ ଦ୍ୱାରା ଉଠାଯାଇଥିବା ପ୍ରତ୍ୟେକ ପ୍ରଶ୍ନର ଉତ୍ତର ଗୃହମନ୍ତ୍ରୀ ଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ଆଲୋଚନା ସମୟରେ ବିରୋଧୀ ଦଳ କୌଣସି ହଟ୍ଟଗୋଳ ନକରି ଶାନ୍ତିପୂର୍ଣ୍ଣ ଭାବେ ଗୃହମନ୍ତ୍ରୀଙ୍କ ବକ୍ତବ୍ୟ ଶୁଣିବାକୁ ଏବଂ ସହଯୋଗ କରିବାକୁ ରିଜିଜୁ ଅନୁରୋଧ କରିଛନ୍ତି । ମନ୍ତ୍ରୀଙ୍କ ଏହି ଘୋଷଣା ପରେ ସଂସଦ ସ୍ୱାଭାବିକ ହେବ ବୋଲି ଆଶା କରାଯାଉଛି । ତେବେ ପୁଲିସ କାର୍ଯ୍ୟାନୁଷ୍ଠାନ ସହିତ ରାମ ମନ୍ଦର ଚାନ୍ଦା ଚୋରି ଉପରେ ମଧ୍ୟ ଆଲୋଚନା କରିବାକୁ ବିରୋଧୀ ଦାବି କରିଛନ୍ତି । ସେପଟେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କହିଛନ୍ତି ଯେ ଆନ୍ଦୋଳନକାରୀ ଛାତ୍ରଛାତ୍ରୀମାନଙ୍କ ଉପରେ ପେଲେଟ୍ ଗନ୍ ମାଡ଼ କରିବାକୁ କିଏ ଓ କାହିଁକି ନିର୍ଦ୍ଦେଶ ଦେଇଥିଲା, ସେସଂପର୍କରେ ଅମିତ ଶାହଙ୍କୁ ନିର୍ଦ୍ଦିଷ୍ଟ ଭାବେ ଜବାବ ଦେବାକୁ ପଡ଼ିବ ।

**ଉତ୍ତର ରଖିବେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ**

ସୂଚନାଯୋଗ୍ୟ, ଗତ ଜୁଲାଇ ୨୦ରେ ସିଜେପି ନେତୃତ୍ୱରେ ବିକ୍ଷୋଭ କରୁଥିବା ଛାତ୍ରମାନଙ୍କ ଉପରେ ପୁଲିସ ପେଲେଟ୍ ଗନ୍ ଏବଂ ଅତ୍ୟଧିକ ବଳ ପ୍ରୟୋଗ କରିଥିଲା । ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିଛନ୍ତି ଯେ ଅମିତ ଶାହଙ୍କ ନିର୍ଦ୍ଦେଶରେ ହିଁ ଏହି ଦମନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । କଂଗ୍ରେସ ସାଧାରଣ ସମ୍ପାଦକ କେସି ଭେନୁଗୋପାଳ ବାଚସ୍ପତି ଓମ ବିର୍ଲାଙ୍କୁ ପତ୍ର ଲେଖି ଜଣାଇଛନ୍ତି ଯେ, ଦିଲ୍ଲୀ ପୁଲିସ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଥିବାରୁ ଏହି ଘଟଣା ପାଇଁ ଗୃହମନ୍ତ୍ରୀ ହିଁ ସମ୍ପୂର୍ଣ୍ଣ ଦାୟୀ । ଜୁଲାଇ ୨୦ରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନରେ ଏହି ପ୍ରସଙ୍ଗକୁ ନେଇ କ୍ରମାଗତ ବିଭ୍ରାଟ ଦେଖାଦେଇଛି । ବିରୋଧୀ ସାଂସଦମାନେ ଗୃହମନ୍ତ୍ରୀଙ୍କ ବିବୃତି ଦାବି କରି ସଂସଦର ଉଭୟ ଗୃହରେ ନାରାବାଜି କରିବା ସହ ସଂସଦ ଭବନର ଦ୍ୱାର ନିକଟରେ ପ୍ରତିଦିନ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଏହି ଅଚଳାବସ୍ଥା କାରଣରୁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଧାୟକ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି । ମୌସୁମୀ ଅଧିବେଶନ ଶେଷ ହେବାକୁ ଆଉ ମାତ୍ର ୪ ଦିନ ବାକି ଅଛି । ଏହି ସମୟ ମଧ୍ୟରେ ମହିଳା ସଂରକ୍ଷଣ, ସୀମା ନିର୍ଦ୍ଧାରଣ (ଡେଲିମିଟେସନ) ଏବଂ ଏଫ୍‌ସିଆର୍‌ଏ ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପରେ ନିଷ୍ପତ୍ତି ନିଆଯିବାର ଅଛି । ଏହି ପରିପ୍ରେକ୍ଷୀରେ, କଂଗ୍ରେସ ନିଜର ସାଂସଦମାନଙ୍କୁ ଅଗଷ୍ଟ ୧୦, ୧୧ ଏବଂ ୧୨ ତାରିଖରେ ଗୃହରେ ଉପସ୍ଥିତ ରହିବାକୁ ହ୍ୱିପ୍ ଜାରି କରିଛି । ସରକାରଙ୍କ ଏହି ଘୋଷଣା ପରେ ସଂସଦରେ ଦେଖାଦେଇଥିବା ଅଚଳାବସ୍ଥା ଦୂର ହେବ ବୋଲି ଆଶା କରାଯାଉଛି ।



# ୟୁପି, ମଧ୍ୟପ୍ରଦେଶ, ରାଜସ୍ଥାନରେ ହାଇଆଲର୍ଟ

**ବିପଦ ସଙ୍କେତ ଉପରେ ଗଙ୍ଗା ଓ ଯମୁନା**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ମୌସୁମୀ ବର୍ଷା ଯୋଗୁଁ ସମଗ୍ର ଉତ୍ତର ଭାରତରେ ବନ୍ୟା ପରିସ୍ଥିତି ଗମ୍ଭୀର ହେବାରେ ଲାଗିଛି । ପ୍ରବଳ ବର୍ଷା ଯୋଗୁଁ ମଧ୍ୟପ୍ରଦେଶ, ରାଜସ୍ଥାନ ଏବଂ ଉତ୍ତର ପ୍ରଦେଶର ବିଭିନ୍ନ ସ୍ଥାନରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଉତ୍ତର ପ୍ରଦେଶରେ ଗଙ୍ଗା ଓ ଯମୁନା ସମେତ ୧୦ଟି ମୁଖ୍ୟ ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । ବାରାଣସୀର ସମସ୍ତ ୮୪ଟି ଘାଟକୁ ସଂଯୋଗ କରୁଥିବା ରାସ୍ତା ଜଳମଗ୍ନ ହୋଇଥିବାବେଳେ ମଣିକର୍ଣ୍ଣିକା ଘାଟରେ ମଧ୍ୟ ବନ୍ୟା ଜଳ ପ୍ରବେଶ କରିଛି । ଫାରୁଖାବାଦ ଏବଂ ବିଜନୋରରେ ଗଙ୍ଗା ନଦୀର ପାଣି ଜାତୀୟ ରାଜପଥ ଉପରେ ପ୍ରବାହିତ ହେଉଛି । ରାଜ୍ୟର ପ୍ରାୟ ୪୦ଟି ଗ୍ରାମ ବନ୍ୟା ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଲୋକମାନେ ରାସ୍ତା କଡ଼ରେ ତମ୍ବୁ ପକାଇ ରହିବାକୁ ବାଧ ହେଉଛନ୍ତି । ମଧ୍ୟପ୍ରଦେଶର ୧୫ରୁ ଅଧିକ ସହରରେ ପ୍ରବଳ ବର୍ଷା ଜାରି ରହିଛି । ଭୋପାଳ, ରାଇସେନ, ଉଜ୍ଜୟିନୀ ଏବଂ ଦେୱାସରେ ରବିବାର ରାତିରୁ ଅବିଶ୍ରାନ୍ତ ବର୍ଷା ହେଉଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଭୋପାଳର ସମସ୍ତ ସ୍କୁଲ ବନ୍ଦ ଘୋଷଣା କରାଯାଇଛି । ରାଜସ୍ଥାନରେ ମଧ୍ୟ ବର୍ଷା ତାଣ୍ଡବ ରଚିଛି । ଜୟପୁରର କାନୋଟା ଡ୍ୟାମ୍ ଏବଂ ଝାଲାୱାରର କାଳିଖାଡ୍ ଡ୍ୟାମ୍ ପୂର୍ଣ୍ଣ ହୋଇ ବାହାରକୁ ପାଣି ବୋହୁଛି । ବିକାନେରର ଶ୍ରୀ ଦୁଙ୍ଗରଗଡ଼ରେ ରାସ୍ତାଗୁଡ଼ିକ ୨-୩ ଫୁଟ୍ ପାଣିରେ ବୁଡ଼ି ରହିଥିବା ବେଳେ ବାଡମେରର ରେଳ ଷ୍ଟେସନ ଏବଂ ହସ୍ପିଟାଲ୍ ରୋଡରେ ୨-୪ ଫୁଟ୍ ପର୍ଯ୍ୟନ୍ତ ପାଣି ଜମି ରହିଛି । ଅନେକ ଦୋକାନ ଏବଂ ଘରେ ବନ୍ୟା ଜଳ ପ୍ରବେଶ କରିଛି । ବର୍ତ୍ତମାନ ସୁଦ୍ଧା ଉତ୍ତର ପ୍ରଦେଶର ୭୫ଟି ଜିଲ୍ଲା ଏବଂ ରାଜସ୍ଥାନର ୩୦ଟି ଜିଲ୍ଲାରେ ବର୍ଷା ପାଇଁ ସତର୍କ ସୂଚନା ଜାରି କରାଯାଇଛି । ପ୍ରଶାସନ ପକ୍ଷରୁ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର ହେବା ପାଇଁ ପରାମର୍ଶ ଦିଆଯାଉଛି ।

# ଚାନ୍ଦା ଚୋରି: କୋର୍ଟ ତତ୍ତ୍ୱାବଧାନରେ ହୋଇପାରେ ଏସ୍‌ଆଇଟି ତଦନ୍ତ



ନୂଆଦିଲ୍ଲୀ/ଅଯୋଧ୍ୟା, ୧୦।୮ (ଏଜେନ୍ସି): ଅଯୋଧ୍ୟା ରାମ ମନ୍ଦିର ଦାନ ଚୋରି ମାମଲା ତଦନ୍ତ ଏସ୍‌ଆଇଟି କରିବ, କିନ୍ତୁ ସୁପ୍ରିମକୋର୍ଟ ଏହାର ତତ୍ତ୍ୱାବଧାନ କରିପାରନ୍ତି । ଏସଂକ୍ରାନ୍ତ ପିଟିସନକୁ ବିଚାର ପାଇଁ ସୁପ୍ରିମକୋର୍ଟ ଆଜି ଗ୍ରହଣ କରିଛନ୍ତି । ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ତିନି ଜଣିଆ ବେଞ୍ଚ ଏହି ମାମଲାର ଶୁଣାଣି କରୁଛନ୍ତି । ତେବେ ସଲିସିଟର ଜେନେରାଲ ଏକ କାର୍ଯ୍ୟକ୍ରମରେ ଯୋଗଦେବା ଲାଗି ବିଦେଶ ଯାଇଥିବାରୁ ସରକାରଙ୍କ ଅନୁରୋଧ କ୍ରମେ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ୧୭ ତାରିଖରେ ହେବ ।

ଇତିମଧ୍ୟରେ ଖବର ମିଳିଛି ଯେ ରାମ ମନ୍ଦିର ଟ୍ରଷ୍ଟର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିବା ଚମ୍ପତ ରାୟ ପୁଣି ଥରେ ଏହି ଗୁରୁତ୍ୱପୂର୍ଣ୍ଣ ପଦବୀକୁ ଫେରିବା ନେଇ ଚର୍ଚ୍ଚା ଜୋର ଧରିଛି । ବିଶ୍ୱ ହିନ୍ଦୁ ପରିଷଦ (ଭିଏଚ୍‌ପି) ପକ୍ଷରୁ ତାଙ୍କୁ କ୍ଲିନଚିଟ୍ ପ୍ରଦାନ କରାଯିବା ଏବଂ ଅଯୋଧ୍ୟାର ପ୍ରମୁଖ ସାଧୁସନ୍ଥମାନେ ତାଙ୍କ ସମର୍ଥନରେ ବାହାରିବା ପରେ ଏହି ସମ୍ଭାବନା ଅଧିକ ଦୃଢ଼ ହୋଇଛି । ଗତ ଜୁଲାଇ ୨୨ରେ ଦିଲ୍ଲୀରେ ଅନୁଷ୍ଠିତ ବିଶ୍ୱ ହିନ୍ଦୁ ପରିଷଦର ଜାତୀୟ ବୈଠକରେ ଚମ୍ପତ ରାୟଙ୍କୁ ନିର୍ଦ୍ଦୋଷ ବୋଲି ଦର୍ଶାଯାଇଥିଲା । ଏହାର ପରଦିନ ଅଯୋଧ୍ୟାରେ ମହନ୍ତ କମଳ ନୟନ ଦାସ, ସ୍ୱାମୀ ରାଜକୁମାର ଦାସ ଏବଂ ମହନ୍ତ ସଞ୍ଜୟ ଦାସଙ୍କ ସମେତ ଅନେକ ପ୍ରତିଷ୍ଠିତ ସନ୍ଥମାନେ ଏକ ବୈଠକ କରିଥିଲେ । ଏହି ବୈଠକରେ ରାୟଙ୍କୁ ପୁଣି ଥରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ଦେବାକୁ ଦାବି କରାଯାଇଥିଲା । ସନ୍ଥମାନଙ୍କ ମତରେ, ଯଦି ତଦନ୍ତରେ ରାୟ ନିର୍ଦ୍ଦୋଷ ସାବ୍ୟସ୍ତ ହୁଅନ୍ତି, ତେବେ ତାଙ୍କର ପ୍ରତ୍ୟାବର୍ତ୍ତନ ରାମ ମନ୍ଦିର ପରିଚାଳନାକୁ ଅଧିକ ସୁଦୃଢ଼ କରିବ । ସୂଚନାଯୋଗ୍ୟ, ଗତ ଜୁନ୍ ୨୫ରେ ଦାନ ଚୋରି ମାମଲାରେ ୮ ଜଣଙ୍କୁ ଗିରଫ କରାଯାଇଛି । ଏହାପରେ ଜୁନ୍ ୨୬ ରେ ଚମ୍ପତ ରାୟ ଇସ୍ତଫା ଦେଇଥିଲେ । ବର୍ତ୍ତମାନ ଏହି ଘଟଣାରେ ଏସଆଇଟି ତଦନ୍ତ ଜାରି ରହିଛି । ଅନ୍ୟପକ୍ଷରେ, ରାୟଙ୍କ ସମର୍ଥକମାନେ ତାଙ୍କର ବୟସ, ତାଙ୍କର କୌଣସି ବ୍ୟାଙ୍କ ଆକାଉଣ୍ଟ ନଥିବା ଏବଂ ସେ ନିଜର ପୈତୃକ ସମ୍ପତ୍ତି କରିଥିବା କଥା ଉପସ୍ଥାପନ କରି ତାଙ୍କୁ ନିଷ୍ଠାବାନ ମାନୁଛନ୍ତି ।



# ପଦାର୍ଥ ବିଜ୍ଞାନୀ ପ୍ରଫେସର ଦୀପକ ଧର୍‌ଙ୍କୁ 'ଡିରାକ ମେଡାଲ' ସମ୍ମାନ

**ଷ୍ଟିଫେନ ହକିଙ୍ଗଙ୍କ ପରି ବିଶିଷ୍ଟ ବୈଜ୍ଞାନିକଙ୍କ ତାଲିକାରେ ସାମିଲ**

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ବିଶିଷ୍ଟ ଥିଓରିଟିକାଲ ପଦାର୍ଥ ବିଜ୍ଞାନୀ ପ୍ରଫେସର ଦୀପକ ଧରଙ୍କୁ ୨୦୨୬ ପାଇଁ ପ୍ରତିଷ୍ଠିତ 'ଡିରାକ ମେଡାଲ' ପ୍ରଦାନ କରାଯାଇଛି । ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଥିଓରିଟିକାଲ ଫିଜିକ୍ସ (ଆଇସିଟିପି) ପକ୍ଷରୁ ତାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ଏହି ପଦକକୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ବିଶ୍ୱର ଅନ୍ୟତମ ସର୍ବୋଚ୍ଚ ସମ୍ମାନ ଭାବେ ବିବେଚନା କରାଯାଏ । ଏହି ସଫଳତା ସହ ସେ ଷ୍ଟିଫେନ ହକିଙ୍ଗଙ୍କ ଭଳି ବିଶ୍ୱପ୍ରସିଦ୍ଧ ବିଜ୍ଞାନୀଙ୍କ ତାଲିକାରେ ସାମିଲ ହୋଇଛନ୍ତି । ପ୍ରଫେସର ଧରଙ୍କୁ 'ଷ୍ଟାଟିଷ୍ଟିକାଲ ମେକାନିକ୍ସ' କ୍ଷେତ୍ରରେ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ଏହି ପୁରସ୍କାର ମିଳିଛି । ପଦାର୍ଥ ବିଜ୍ଞାନର ଏହି ଶାଖାଟି ଅଗଣିତ କ୍ଷୁଦ୍ର କଣିକାମାନେ ଏକତ୍ରିତ ହୋଇ କିପରି ବ୍ୟବହାର କରନ୍ତି, ସେ ବିଷୟରେ ଅନୁଧ୍ୟାନ କରେ । ବୈଜ୍ଞାନିକମାନଙ୍କ ମତରେ, ତାଙ୍କର ଏହି ଗବେଷଣା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ), ଜଟିଳ ନେଟୱର୍କ ଏବଂ ଆର୍ଥିକ ବଜାରକୁ ବୁଝିବାରେ ମଧ୍ୟ ସହାୟକ ହେବ । ତାଙ୍କ ଦ୍ୱାରା ବିକଶିତ 'ବର୍ଣ୍ଣ ଆଲଗୋରିଦମ' ଜଟିଳ ଭୌତିକ ପ୍ରଣାଳୀକୁ ବୁଝିବାରେ ଏକ ପ୍ରଭାବଶାଳୀ ମାଧ୍ୟମ ସାଜିଛି ।

ବୈଜ୍ଞାନିକ ଦୀପକ ଧର ୧୯୫୧ ମସିହାରେ ଉତ୍ତର ପ୍ରଦେଶର ପ୍ରତାପଗଡ଼ରେ ଜନ୍ମଗ୍ରହଣ କରିଥିଲେ । ସେ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ଶିକ୍ଷା ସମାପ୍ତ କରି ଆଇଆଇଟି କାନପୁରରୁ ଏମଏସସି ଡିଗ୍ରୀ ହାସଲ କରିଥିଲେ । ପରେ ସେ ଆମେରିକାର ପ୍ରସିଦ୍ଧ କାଲିଫର୍ନିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରୁ ପିଏଚଡି ହାସଲ କରିଥିଲେ । ଆମେରିକାରେ କ୍ୟାରିୟର ଗଢ଼ିବାର ସମସ୍ତ ସୁଯୋଗ ଥିଲେ ମଧ୍ୟ ପ୍ରଫେସର ଧର ନିଜ ଦେଶକୁ ଫେରି ଆସିବାକୁ ଶ୍ରେୟସ୍କର ମଣିଥିଲେ । ସେ ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ୍ ଅଫ୍ ଫଣ୍ଡାମେଣ୍ଟାଲ ରିସର୍ଚ୍ଚରେ ଯୋଗ ଦେଇ ଚାରି ଦଶନ୍ଧି ଧରି ଗବେଷଣା ଜାରି ରଖିଥିଲେ । ଏହା ବ୍ୟତୀତ ସେ ଆଇଆଇଏସଇଆର ପୁଣେରେ ପ୍ରଫେସର ଭାବେ ଶହ ଶହ ଛାତ୍ରଙ୍କୁ ଶିକ୍ଷାଦାନ କରିଛନ୍ତି । ବର୍ତ୍ତମାନ ସେ ବେଙ୍ଗାଲୁରୁର ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଥିଓରିଟିକାଲ ସାଇନ୍ସ ସହ ଜଡ଼ିତ ଅଛନ୍ତି ।

## ଆଖି ଚିକିତ୍ସା ପାଇଁ ବିଦେଶ ଯିବାକୁ ଅଭିଷେକଙ୍କୁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୦।୮ (ଏଜେନ୍ସି): ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ସାଧାରଣ ସମ୍ପାଦକ ତଥା ଲୋକସଭା ସାଂସଦ ଅଭିଷେକ ବାନାର୍ଜୀଙ୍କୁ ଚିକିତ୍ସା ପାଇଁ ବିଦେଶ ଯିବାକୁ ଅନୁମତି ମିଳିଛି । ସୋମବାର ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରି ଅଭିଷେକଙ୍କୁ ତିନି ସପ୍ତାହ ପାଇଁ ଆଖିର ଚିକିତ୍ସା ନିମନ୍ତେ ବିଦେଶ ଯିବାକୁ ଅନୁମତି ପ୍ରଦାନ କରିଛନ୍ତି । ଏହା ସହିତ ପୂର୍ବରୁ କଲିକତା ହାଇକୋର୍ଟଙ୍କ ଦ୍ୱାରା ତାଙ୍କ ବିଦେଶ ଯାତ୍ରା ଉପରେ ଲଗାଯାଇଥିବା କଟକଣାକୁ ସର୍ବୋଚ୍ଚ ନ୍ୟାୟାଳୟ ରଦ୍ଦ କରିଛନ୍ତି । ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଏବଂ ଜଷ୍ଟିସ ଭି. ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆଦେଶ ଜାରି କରିଛନ୍ତି । ପୂର୍ବରୁ କଲିକତା ହାଇକୋର୍ଟ ଅଭିଷେକଙ୍କ ବିଦେଶ ଯିବା ଆବେଦନକୁ ଖାରଜ କରିଥିଲେ । ସରକାରୀ ହସ୍ପିଟାଲର ମେଡିକାଲ ବୋର୍ଡ ଅଭିଷେକ ହାଜର ହେବାକୁ ଚାହୁଁନାହାଁନ୍ତି । ଚିକିତ୍ସକଙ୍କ ମତ ଆଧାରରେ ତାଙ୍କର ବିଦେଶରେ ଚିକିତ୍ସା ଆବଶ୍ୟକ କି ନାହିଁ, ତାହା କୋର୍ଟ ସ୍ଥିର କରିଥାନ୍ତେ ବୋଲି କୋର୍ଟ କହିଥିଲେ । ଉଲ୍ଲେଖଯୋଗ୍ୟ, ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ସମୟରେ ଏକ ଜନସଭାରେ ଅଭିଷେକ ଦେଇଥିବା ବିବାଦୀୟ ମନ୍ତବ୍ୟ ମାମଲାରେ ତାଙ୍କ ବିରୋଧରେ କେତେକ କଟକଣା ଲଗାଯାଇଥିଲା । ଏଥିରେ ତଦନ୍ତରେ ସହଯୋଗ କରିବା ଏବଂ କୋର୍ଟଙ୍କ ବିନା ଅନୁମତିରେ ବିଦେଶ ନ ଯିବା ପାଇଁ ପୂର୍ବରୁ ନିର୍ଦ୍ଦେଶ ରହିଥିଲା ।



# ସାଉଦି ତୈଳ ବିଶୋଧନାଗାର ଉପରେ ହୁତି ବିଦ୍ରୋହୀଙ୍କ ଆକ୍ରମଣ

ରିୟାଦ, ୧୦।୮ (ଏଜେନ୍ସି): ୟେମେନର ଇରାନ-ସମର୍ଥିତ ହୁତି ବିଦ୍ରୋହୀମାନେ ସାଉଦି ଆରମକୋର ଜାଜାନ ତୈଳ ବିଶୋଧନାଗାର ଉପରେ ଆକ୍ରମଣ କରିଛନ୍ତି । ସାଉଦି ଆରବ, ପାକିସ୍ତାନ ଏବଂ ତୁର୍କୀ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହେବାର ମାତ୍ର ଦୁଇ ଦିନ ପରେ ଏହି ଘଟଣା ଘଟିଛି । ସାଉଦି ଶକ୍ତି ମନ୍ତ୍ରଣାଳୟ ସୂଚନା ଦେଇଛି ଯେ, ଏହି ଆକ୍ରମଣ ଫଳରେ ବିଶୋଧନାଗାରରେ ନିଆଁ ଲାଗିଯାଇଥିଲା, ଯାହାକୁ ପରବର୍ତ୍ତୀ ସମୟରେ ଆୟତ୍ତ କରାଯାଇଛି । ଏହି ଘଟଣାରେ କୌଣସି ବ୍ୟକ୍ତି ମୃତାହତ ହୋଇନଥିବା ବେଳେ କର୍ତ୍ତୃପକ୍ଷ ବର୍ତ୍ତମାନ ପରିସ୍ଥିତିର ଅନୁଧ୍ୟାନ କରୁଛନ୍ତି । ହୁତି ସାମରିକ ପ୍ରବକ୍ତା ୟାହୟା ସରି ଜଣାଇଛନ୍ତି ଯେ, ଏହି ଆକ୍ରମଣ ପାଇଁ ସେମାନେ ଡ୍ରୋନ ବ୍ୟବହାର କରିଥିଲେ । ଆଞ୍ଚଳିକ ଅସ୍ଥିରତା ଏବଂ ଇରାନ ଉପରେ ଆମେରିକା-ଇସ୍ରାଏଲ ଯୁଦ୍ଧ ପରିପ୍ରେକ୍ଷୀରେ ସାଉଦି ଆରବ, ତୁର୍କୀ ଏବଂ ପାକିସ୍ତାନ ମଧ୍ୟରେ ଏକ ପ୍ରତିରକ୍ଷା ଚୁକ୍ତି ସ୍ୱାକ୍ଷରିତ ହୋଇଛି । ଏହି ଚୁକ୍ତି ଅନୁଯାୟୀ, ଯଦି କୌଣସି ଏକ ଦେଶ ଉପରେ ସାମରିକ ଆକ୍ରମଣ ହୁଏ, ତେବେ ତାହାକୁ ତିନୋଟି ଯାକ ଦେଶ ଉପରେ ଆକ୍ରମଣ ବୋଲି ବିବେଚନା କରାଯିବ । ତେବେ ଏହି ଆକ୍ରମଣର ପ୍ରତିବାଦରେ ପାକିସ୍ତାନ କିମ୍ବା ତୁର୍କୀ ସାଉଦି ଆରବ ସହ ମିଶି କିପରି ପ୍ରତିକ୍ରିୟା ପ୍ରକାଶ କରିବେ, ସେ ନେଇ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ ।

**ପାକିସ୍ତାନ ଓ ତୁର୍କୀ ସହ ପ୍ରତିରକ୍ଷା ଚୁକ୍ତିର କିଛି ଦିନ ପରେ ବଢ଼ିଲା ଉତ୍ତେଜନା**

ବିଶୋଧନାଗାର ବ୍ୟତୀତ ହୁତିମାନେ ୟେମେନର ରେଡ୍ ସି ସ୍ଥିତ ମୋଚା ବନ୍ଦର ସହର ଉପରେ ମଧ୍ୟ ମିସାଇଲ ଓ ଡ୍ରୋନ ଆକ୍ରମଣ କରିଛନ୍ତି । ଫଳରେ ୭ ଜଣଙ୍କର ମୃତ୍ୟୁ ଘଟିଛି । ମୋଚା ବନ୍ଦର ରଣନୈତିକ ଦୃଷ୍ଟିକୋଣରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ବାବ୍ ଏଲ-ମାଣ୍ଡେବ ପ୍ରଣାଳୀ ନିକଟରେ ଅବସ୍ଥିତ । ୟେମେନର ସାଉଦି-ସମର୍ଥିତ ରାଷ୍ଟ୍ରପତି ପରିଷଦର ମୁଖ୍ୟ ରସାଦ ଅଲ-ଅଲିମି ଏହି ଘଟଣା ପାଇଁ ଅନ୍ତର୍ଜାତୀୟ ସମୁଦାୟ, ବିଶେଷ କରି ଆମେରିକାକୁ ହୁତି ବିଦ୍ରୋହୀଙ୍କ ମୂଳୋତ୍ପାଟନ କରିବାକୁ ଆହ୍ୱାନ ଦେଇଛନ୍ତି ।





ପ୍ରୟାଣର ୧୧ତମ ବାର୍ଷିକୀ ଶ୍ରଦ୍ଧାଞ୍ଜଳି
ସପ୍ରେମ ସ୍ମୃତିରେ...
ପଦ୍ମିନୀ ରଥ
ଆବିର୍ଭାବ : ତା ୨୬.୧୦.୧୯୬୨
ତିରୋଧାନ : ତା ୧୩.୦୮.୨୦୧୫

'ତୁମ ମାଟି ଦେହ ଗ୍ରାସିଛି ଶ୍ମଶାନ
ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ'
ତା ୧୧.୦୮.୨୦୨୬ (ମଙ୍ଗଳବାର)
ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ସ୍ମୃତିସଭା
ମୁଖ୍ୟପୁରୋଧା
ପରମପୂଜ୍ୟ ଶ୍ରୀ ସତ୍ୟାନନ୍ଦ ଦାସ
ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାରକ
ପୂର୍ବାହ୍ନ ୧୧:୩୦ ଘଟିକା
ସ୍ଥାନ : ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପରିସର, ଟାଙ୍ଗୀ, କଟକ
ସ୍ମୃତିଚାରଣ କାର୍ଯ୍ୟକ୍ରମ : ସଂଧ୍ୟା ୭:୦୦ ଘଟିକା
ସ୍ଥାନ : ମଙ୍ଗଳା ମନ୍ଦିର ପ୍ରାଙ୍ଗଣ
ରାଜେନ୍ଦ୍ର ନଗର, କଟକ
ଆପଣଙ୍କ ପ୍ରତୀକ୍ଷାରେ
ରଥ ପରିବାର
କଏରାପାରୀ, ଟାଙ୍ଗୀ, କଟକ

SRI DURGA CONDEV PVT. LTD.
DRiEMS UNIVERSITY
PADMINI care
PRAMOD HOTELS & RESORTS


■ ଚିଟ୍‌ଫଣ୍ଡ ସ୍କାମ୍‌ରେ ଆନ୍ଧ୍ରର ପୂର୍ବତନ ବିଧାୟକଙ୍କ ଘରେ ଇଡି ଚଢ଼ଉ

# ନଗଦ କୋଟିଏ ଟଙ୍କା, ୬ ବିଳାସପୂର୍ଣ୍ଣ କାର୍ ଜବତ

ଭୁବନେଶ୍ୱର ୧୦।୮ (ସମିସ): କୋଟି କୋଟି ଟଙ୍କାର ଚିଟ୍‌ଫଣ୍ଡ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ପକ୍ଷରୁ ବଡ଼ଧରଣର ଚଢ଼ଉ କରାଯାଇଛି। ପ୍ରିଭେନ୍‌ସନ୍ ଅଫ୍ ମନି ଲଣ୍ଡରିଂ ଆକ୍ଟ (ପିଏମ୍‌ଏଲ୍‌ଏ)-୨୦୦୨ର ଧାରା ୧୭ ଅନୁଯାୟୀ ଗତ ୫ ତାରିଖରେ ମେସର୍ସ ୱେଲଫେୟାର ବିଲ୍ଡିଂସ୍ ଆଣ୍ଡ ଏଷ୍ଟେଟ୍‌ସ ପ୍ରାଇଭେଟ୍ ଲିମିଟେଡ୍ (ଡବ୍ଲୁବିଇପିଏଲ୍) ଏବଂ ସଂସ୍ଥାର ନିର୍ଦ୍ଦେଶକ ମାଲା ବିଜୟ

■ ଦୁଇ ହଜାର କୋଟିର ହେରଫେର୍
■ ୧୮୨ ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍

ପ୍ରସାଦ ଓ ବରାହ ରାମକୃଷ୍ଣ ସତ୍ୟ ଶ୍ରୀନିବାସ ରାଓଙ୍କ ସହ ସଂଶ୍ଳିଷ୍ଟ ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଚଢ଼ଉ କରିଛି ଇଡି। ବିଶାଖାପାଟଣା ଓ ହାଇଦ୍ରାବାଦରେ ୫ଟି ଆବାସିକ ଓ ବ୍ୟବସାୟିକ ପ୍ରତିଷ୍ଠାନରେ ଏହି ଚଢ଼ଉ ହୋଇଥିଲା। ଚଢ଼ଉ ବେଳେ ୧ କୋଟି ୧ ଲକ୍ଷ ଟଙ୍କା ନଗଦ ସମେତ ବିଭିନ୍ନ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସମ୍ପର୍କିତ ଦସ୍ତାବିଜ, ଡିଜିଟାଲ ଡିଭାଇସ୍ ଓ ଅନ୍ୟାନ୍ୟ ଆପତ୍ତିଜନକ କାଗଜପତ୍ର ଜବତ କରାଯାଇଛି। ଡବ୍ଲୁବିଇପିଏଲ୍ ଓ ଏହାର ନିର୍ଦ୍ଦେଶକମାନଙ୍କ ସହ ସମ୍ପୃକ୍ତ ୧୮୨ଟି ବ୍ୟାଙ୍କ ଖାତା ଫ୍ରିଜ୍ କରାଯାଇଥିବା ବେଳେ ୬ଟି ଦାମୀ ବିଳାସପୂର୍ଣ୍ଣ ଗାଡ଼ି ଉପରେ ମଧ୍ୟ ଫ୍ରିଜିଂ ଅର୍ଡର ଜାରି କରିଛି ଇଡି।

ଇଡି ସୂଚନା ଅନୁଯାୟୀ, ଡବ୍ଲୁବିଇପିଏଲ୍ ଓ ଏହାର ନିର୍ଦ୍ଦେଶକମାନଙ୍କ ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ), ସିବିଆଇ ଭୁବନେଶ୍ୱର, ଧାନବାଦ ଏବଂ ଓଡ଼ିଶା ପୁଲିସରେ ରୁଜୁ ହୋଇଥିବା ଏକାଧିକ ଏଫ୍‌ଆଇଆର୍ ଓ ପରବର୍ତ୍ତୀ ଚାର୍ଜସିଟ୍ ଆଧାରରେ ତଦନ୍ତ ଆରମ୍ଭ କରାଯାଇଥିଲା। ଏହାସହ ସିରିୟସ୍ ଫ୍ରଡ୍ ଇନ୍‌ଭେଷ୍ଟିଗେସନ୍ ଅଫିସ୍‌ର ଅଭିଯୋଗକୁ ମଧ୍ୟ ତଦନ୍ତର ଆଧାର କରାଯାଇଛି। ଇଡିର ପ୍ରାଥମିକ ତଦନ୍ତ ଅନୁଯାୟୀ, ରିଅଲ୍ ଇଷ୍ଟେଟ୍ ବ୍ୟବସାୟ ଆଳରେ କମ୍ପାନୀ ପକ୍ଷରୁ ବଡ଼ଧରଣର ଡିପୋଜିଟ୍ ମୋବିଲାଇଜେସନ୍ ସ୍କିମ୍ ଅପରେଟ୍ କରାଯାଉଥିଲା। ବିଭିନ୍ନ ଯୋଜନା ମାଧ୍ୟମରେ ହଜାର ହଜାର ନିବେଶକଙ୍କ ଠାରୁ ୨ ହଜାର କୋଟିରୁ ଅଧିକ ଟଙ୍କା ସଂଗ୍ରହ କରାଯାଇଥିଲା। ନୂଆ ନିବେଶକଙ୍କ ଠାରୁ ଆସୁଥିବା ଟଙ୍କାରେ ପୁରୁଣା ନିବେଶକଙ୍କୁ ଟଙ୍କା ଫେରସ୍ତ କରାଯାଉଥିଲା। ଏହାସହିତ ନିବେଶକଙ୍କ ଟଙ୍କାକୁ ଅନ୍ୟ କାର୍ଯ୍ୟ ଓ ବ୍ୟକ୍ତିଗତ ଲାଭରେ ବ୍ୟବହାର, ଆର୍ଥିକ କାରବାର ବିବରଣୀ ହେରଫେର ଓ ଜମି କାରବାରରେ ଅନିୟମିତତା କରାଯାଇଥିବା ଇଡି ହାତରେ ପ୍ରମାଣ ଲାଗିଛି। ଓଡ଼ିଶା ସମେତ ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ଓ ଆନ୍ଧ୍ରପ୍ରଦେଶର ହଜାର ହଜାର ନିବେଶକ ଏହି ଯୋଜନାରେ ଟଙ୍କା ଲଗାଇଥିବା ଇଡି କହିଛି। ବିଶାଖାପାଟଣାରେ ଜମି ଦେବାର ପ୍ରତିଶ୍ରୁତି ଦେଇ ବିଭିନ୍ନ ଯୋଜନା ଜରିଆରେ ଟଙ୍କା ସଂଗ୍ରହ କରାଯାଇଥିବା ବେଳେ ନିବେଶକଙ୍କୁ ଠକିବା ପରେ ବିଭିନ୍ନ ରାଜ୍ୟରେ ଥିବା କମ୍ପାନୀର ଶାଖା ଗୁଡ଼ିକୁ ବନ୍ଦ କରି ଦିଆଯାଇଥିଲା। ସୂଚନାଯୋଗ୍ୟ ଯେ, ବିଶାଖାପାଟଣାର ପୂର୍ବତନ ବିଧାୟକ ମାଲା ବିଜୟ ପ୍ରସାଦଙ୍କୁ ପୂର୍ବରୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରିଥିଲା। ୨୦୨୧ ମସିହାରେ ଇଓଡବ୍ଲୁ ବିଜୟଙ୍କୁ ଗିରଫ କରିଥିବା ବେଳେ ପରବର୍ତ୍ତୀ ସମୟରେ ହାଇକୋର୍ଟ ତାଙ୍କୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରିଥିଲେ।

## ପିଏସି ପରେ ବିଧାନସଭା ଏଷ୍ଟିମେଟ କମିଟିର ମଧ୍ୟ ଉଦ୍‌ବେଗ

# ବଜେଟ ଅର୍ଥ ଖର୍ଚ୍ଚ ମନ୍ଥର

ଭୁବନେଶ୍ୱର,୧୦।୮(ସମିସ): ରାଜ୍ୟରେ ବିଭିନ୍ନ ବିଭାଗ ପାଇଁ ବଜେଟ୍‌ରେ ବରାଦ ହୋଇଥିବା ଅର୍ଥ ସମୟ ମଧ୍ୟରେ ଖର୍ଚ୍ଚ ହୋଇପାରୁ ନ ଥିବାରୁ ବିକାଶମୂଳକ କାର୍ଯ୍ୟ ପ୍ରଭାବିତ ହେଉଛି। ଏନେଇ ବିରୋଧୀ ଦଳ ବିଭିନ୍ନ ସମୟରେ ଅଭିଯୋଗ କରୁଥିଲେ ହେଁ ସରକାରଙ୍କ ପକ୍ଷରୁ ଏହାକୁ ବାଏଁ ବାଏଁ ଉଡ଼ାଇ ଦିଆଯାଉଛି। ତେବେ ଗତ ସପ୍ତାହେ ମଧ୍ୟରେ ବିଧାନସଭାର ଗୁରୁତ୍ୱପୂର୍ଣ୍ଣ ପିଏସି କମିଟି ଏବଂ ଏଷ୍ଟିମେଟ କମିଟିର ଦୁଇଟି ବୈଠକରେ ବିରୋଧୀଙ୍କର ଏହି ଅଭିଯୋଗର ସତ୍ୟାସତ୍ୟ ସାମ୍ନାକୁ ଆସିଛି। ଗତ ୫ ତାରିଖରେ ଅନୁଷ୍ଠିତ ପିଏସି ବୈଠକରେ ଏନେଇ କ୍ଷୋଭ ପ୍ରକାଶ ପାଇଥିବା ବେଳେ ସୋମବାର ଅନୁଷ୍ଠିତ ଏଷ୍ଟିମେଟ କମିଟି ବୈଠକରେ ମଧ୍ୟ ସମାନ ଭାବେ ଚିନ୍ତାପ୍ରକାଶ ପାଇଛି। ଏପରିକି କମିଟିର ଅଧ୍ୟକ୍ଷ ତଥା ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ ମିଶ୍ର ଏନେଇ ମତ ରଖିଛନ୍ତି। ଏପରିକି ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ଚିନ୍ତାଜନକ ବୋଲି ସେ ଗୁରୁତ୍ୱପୂର୍ଣ୍ଣ ମତ ରଖିଛନ୍ତି।

ନିକଟରେ ଅନୁଷ୍ଠିତ ପିଏସି ବୈଠକ ପରି ସୋମବାର ଏଷ୍ଟିମେଟ କମିଟି ବୈଠକରେ ମଧ୍ୟ ବିଭିନ୍ନ ବିଭାଗର ବଜେଟ୍ ବ୍ୟୟ ସ୍ଥିତିକୁ ନେଇ ସମୀକ୍ଷା କରାଯାଇଛି। କେତେକ କ୍ଷେତ୍ରରେ ଆବଣ୍ଟିତ ଅର୍ଥ ଖର୍ଚ୍ଚ ହୋଇନଥିବାରୁ ଅନେକ ବିକାଶମୂଳକ ପ୍ରକଳ୍ପ ଆଗକୁ ବଢ଼ିପାରୁ ନ ଥିବା ନେଇ ଚିନ୍ତା ପ୍ରକାଶ ପାଇଥିଲା। ବିଭାଗଗୁଡ଼ିକୁ ବାରମ୍ବାର ତାଗିଦ କରାଯାଇଥିଲେ ମଧ୍ୟ ପ୍ରକଳ୍ପ କାର୍ଯ୍ୟକାରିତାରେ ଆଶାନୁରୂପ ଅଗ୍ରଗତି ଦେଖାଯାଇନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କରିଥିବା ସୂଚନା ମିଳିଛି। ତେବେ ବୈଠକରେ କ୍ରୀଡ଼ା ଓ ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ନେଇ ବ୍ୟାପକ ଆଲୋଚନା ହୋଇଥିଲା। ଏନେଇ ଗଣମାଧ୍ୟମ ସାମ୍ନାରେ ପ୍ରତିକ୍ରିୟା ରଖି ବରିଷ୍ଠ ବିଜେପି ବିଧାୟକ ତଥା କମିଟି ଅଧ୍ୟକ୍ଷ ଜୟ ନାରାୟଣ ମିଶ୍ର କହିଥିଲେ ଯେ ବଜେଟ ଅର୍ଥ ଖର୍ଚ୍ଚ ମନ୍ଥର କାରଣ

■ ବିଭିନ୍ନ ଆଳ ଦେଖାଉଛନ୍ତି ବିଭାଗ
■ ସ୍ୱୀକାର କଲେ ବରିଷ୍ଠ ବିଜେପି ବିଧାୟକ ଜୟ ନାରାୟଣ
■ ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ଚିନ୍ତାଜନକ
■ ବିଜେଡିର ସମାଲୋଚନା, ଏ ସରକାର କାମ କରି ଜାଣିନାହାନ୍ତି

ସ୍ୱରୂପ କ୍ରୀଡ଼ା ବିଭାଗ ପାଖରେ ନିଜସ୍ୱ ଏଜେନ୍ସି ନଥିବା ଦର୍ଶାଉଛି। ମାତ୍ର ପଞ୍ଚାୟତିରାଜ ବିଭାଗର ପ୍ରଦର୍ଶନ ଚିନ୍ତାଜନକ। ବିଶେଷକରି ମେଗା ପାନୀୟ ଜଳ ପ୍ରକଳ୍ପରେ ଅର୍ଥ ସଠିକ୍ ଭାବେ ଖର୍ଚ୍ଚ ହୋଇପାରି ନାହିଁ। ଏନେଇ ଉଭୟ ବିଭାଗ ଏହା ଉପରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା ଶ୍ରୀ ମିଶ୍ର ଦର୍ଶାଇଥିଲେ। ଏହାକୁ ନେଇ ବିରୋଧୀ ବିଜେଡି ମଧ୍ୟ ନିଜର ପ୍ରତିକ୍ରିୟା ରଖିଛି। ଦଳର ବିଧାୟକ ସାରଦା ପ୍ରସନ୍ନ ଜେନା କହିଛନ୍ତି ଯେ ବଜେଟ ଅର୍ଥକୁ ନେଇ ବିରୋଧୀ ଦଳ ମିଛ ପ୍ରଚାର କରୁଛନ୍ତି ବୋଲି ଶାସକ ଦଳ କହି ଆସୁଥିଲେ। ମାତ୍ର ଆଜି ବିରୋଧୀ ଦଳର କଥା ସତରେ ପ୍ରମାଣିତ ହୋଇଛି। ଶାସକ ଦଳର ବରିଷ୍ଠ ବିଧାୟକମାନେ ମଧ୍ୟ କହୁଛନ୍ତି ଯେ ରାଜ୍ୟ ସରକାର ବଜେଟ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି। ଏ ସରକାର କାମ କରି ଜାଣିନାହାନ୍ତି। ଏ ସଂକ୍ରାନ୍ତରେ ସରକାର ସ୍ପଷ୍ଟ ଉତ୍ତର ରଖିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ ଉପରୋକ୍ତ ଦୁଇ ବିଭାଗ ସହ ଜଙ୍ଗଲ ଓ ପରିବେଶ, ଗ୍ରାମ୍ୟ ଉନ୍ନୟନ, ଏସସି ଓ ଏସଟି ଉନ୍ନୟନ, ବିଦ୍ୟାଳୟ ଓ ଗଣଶିକ୍ଷା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ପରି ବିଭାଗର ବଜେଟ ଅର୍ଥ ଖର୍ଚ୍ଚର ଗତି ଅତ୍ୟନ୍ତ ମନ୍ଥର ପରିଲକ୍ଷିତ ହୋଇଛି। ରାଜ୍ୟ ସରକାରଙ୍କ ୨୦୨୬-୨୭ ବଜେଟ୍‌ରେ ବିଭିନ୍ନ କ୍ଷେତ୍ର ପାଇଁ ବ୍ୟାପକ ବ୍ୟୟ ବ୍ୟବସ୍ଥା କରାଯାଇଥିବାବେଳେ ସମୟ ମଧ୍ୟରେ ଅର୍ଥ ବ୍ୟୟ ଏବଂ ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ଏବେ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ହୋଇଛି।

# ନିଯୁକ୍ତି ଦେବାରେ ବିଜେପି ସରକାର ବିଫଳ ହୋଇଛି: ବିଜେଡି

ଭୁବନେଶ୍ୱର, ୧୦।୮(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୬ତମ ନିଯୁକ୍ତି ମେଳାରେ ଯୋଗଦେଇ ନିଯୁକ୍ତି ଦେବାରେ ତାଙ୍କ ସରକାର ତତ୍ପର ବୋଲି କହିଥିବାବେଳେ ବିଜେଡି ଏହାକୁ କଡ଼ା କାଉଣ୍ଟର କରିଛି। ନିଯୁକ୍ତି ସମ୍ପର୍କରେ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଜେପି ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବାବେଳେ ରାଜ୍ୟରେ ବେକାରୀ ହାର ବଢ଼ିଥିବା ତଥ୍ୟ ରଖି ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ସରକାରଙ୍କୁ ଘେରିଛନ୍ତି। ଡ. ମହାନ୍ତି କହିଛନ୍ତି ଯେ ଗତ ୨ ବର୍ଷରେ ୪୫ ହଜାର ନିଯୁକ୍ତି ଦିଆଯାଇଥିବା ସରକାର ଡିଣ୍ଡିମ ପିଟୁଛନ୍ତି। ଏହା ମଧ୍ୟରୁ ପ୍ରାୟ ୩୯ ହଜାର ନିଯୁକ୍ତି ପାଇଁ ବିଜ୍ଞପ୍ତି ନବୀନ ସରକାରଙ୍କ

- ୨ ବର୍ଷରେ ୪୫ ହଜାର ନିଯୁକ୍ତି ମଧ୍ୟରୁ ୩୯ ହଜାର ପାଇଁ ବିଜେଡି ସରକାର କରିଥିଲେ ବିଜ୍ଞପ୍ତି
- ୨ ବର୍ଷରେ ୬୫ ହଜାର ନିଯୁକ୍ତି କହି ଦିଆଯାଇଛି ମାତ୍ର ୬ ହଜାର
- ବେକାରୀ ହାର ୦.୯% ରୁ ବୃଦ୍ଧି ପାଇ ୩.୫% ରେ ପହଞ୍ଚିଛି

ସମୟରେ ହୋଇଥିଲା। ଅର୍ଥାତ୍ ସରକାର ମାତ୍ର ୬ ହଜାର ପଦରେ ନୂତନ ବିଜ୍ଞପ୍ତି ସହ ନିଯୁକ୍ତି ଦେଇଛନ୍ତି। ସେହିପରି ବିଜେପି ତାର ନିର୍ବାଚନ ଇସ୍ତାହାରରେ ୫ ବର୍ଷରେ ଦେଢ଼ ଲକ୍ଷ ସରକାରୀ ନିଯୁକ୍ତି ପାଇଁ ପ୍ରତିଶ୍ରୁତି ଦେଇଥିଲା। ୨ ବର୍ଷରେ ୬୫ ହଜାର ନିଯୁକ୍ତି ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ବାରମ୍ବାର ବିଭିନ୍ନ ସଭାରେ କହିଥିଲେ। ମାତ୍ର ରାଜ୍ୟ ସରକାର ନିଯୁକ୍ତି ଦେବାରେ ବିଫଳ ହୋଇ ୬୫ ହଜାର ପରିବର୍ତ୍ତେ ମାତ୍ର ୬ ହଜାର ନିଯୁକ୍ତି ଦେଇଛନ୍ତି। ସବୁଠାରୁ ସମ୍ବେଦନଶୀଳ ବିଷୟ ହେଲା ୨୪ ମାସର ବିଜେପି ସରକାରରେ ୨୪ଟି ପରୀକ୍ଷା ବାତିଲ ହୋଇଛି। ଏହା ସରକାରଙ୍କର ପାରିବା ପଣିଆକୁ ପ୍ରଦର୍ଶିତ କରୁଛି। ଏହାଛଡା, ଘରୋଇ ଶିଳ୍ପ କ୍ଷେତ୍ରରେ, ନିଯୁକ୍ତି ସୁଯୋଗ ସୃଷ୍ଟି କରି ରାଜ୍ୟର ୩.୫ ଲକ୍ଷ ଯୁବକଙ୍କୁ ନିଯୁକ୍ତି ଦେବ ବୋଲି ଦେଇଥିବା ପ୍ରତିଶ୍ରୁତି ମଧ୍ୟ ଧୂଆଁବାଣରେ ପରିଣତ ହୋଇଛି। ବିଜେପି କ୍ଷମତାକୁ ଆସିବା ପରେ ରାଜ୍ୟର ବେକାରୀ ହାର ବୃଦ୍ଧି ପାଇଛି। ପୂର୍ବ ସରକାରରେ ରାଜ୍ୟର ବେକାରୀ ହାର ୦.୯% ଥିଲା ବେଳେ, ଏହା ଏବେ ୩.୫% କୁ ବୃଦ୍ଧି ପାଇଛି। ନିଯୁକ୍ତି କ୍ଷେତ୍ରରେ ବିଫଳ ହୋଇଥିବା ସରକାର ଭ୍ରାମାତ୍ମକ ତଥ୍ୟ ଦେବା ସହ ଲୋକଙ୍କୁ ଭ୍ରମିତ କରି ନିଜ ପିଠି ନିଜେ ଥାପୁଡ଼ାଉଥିବା ଡ. ମହାନ୍ତି କଟାକ୍ଷ କରିଛନ୍ତି।

# ଦଳଡିଆଁ ଏବେ ବିଜେପିରେ ଅଲୋଡ଼ା

ଶେରଗଡ଼, ୧୦।୮ (ସମିସ): ଗଞ୍ଜାମ ଜିଲ୍ଲା ଏବଂ ହିଞ୍ଜିଳି ବିଜେପିରେ ହଜିଗଲେଣି ବହୁ ବିଜେଡି ନେତା। ଗତ ସାଧାରଣ ନିର୍ବାଚନ ପୂର୍ବରୁ ହେଉ କି ନିର୍ବାଚନ ପରେ ବିଜେପିରେ ସାମିଲ ହୋଇ ଦଳର ଅଧିକାଂଶ ବିଜେଡି ନେତା ନିଜର ସତ୍ତା ହରାଇ ବସିଛନ୍ତି। କ୍ଷମତା ଲୋଭରେ ହେଉ କିମ୍ବା ରାଜନୈତିକ ଥଇଥାନ ଆଶାରେ ହେଉ ବିଜେଡି ଛାଡି ବିଜେପିରେ ମିଶିଥିବା ଅଧିକାଂଶ ବିଜେପି ନେତା ନୂତନ ଦଳରେ ସେମାନଙ୍କ ପରିଚୟ ଖୋଜୁଛନ୍ତି। ବିଜେପିରେ ମିଶ୍ରଣ ବେଳେ ବିଜେଡି ନେତାଙ୍କ ମଧ୍ୟରେ ଯେଉଁ ଆଗ୍ରହ ଦେଖିବାକୁ ମିଳିଥିଲା, ସମୟ ଚକ୍ରରେ ବିଜେଡି ନେତାଙ୍କ ମଧ୍ୟରେ ତାହା ଧୀରେ ଧୀରେ ଉଭାନ ହୋଇ ଯାଇଥିବା ବେଳେ ନୂଆ ଦଳରେ ସେମାନେ ଅଲୋଡା ହୋଇ ଯାଉଛନ୍ତି। କିଛି ନେତା ନୂଆ ଦଳରେ ତିଷ୍ଠି ରହିବାକୁ ଦଳୀୟ ଶୀର୍ଷ ନେତାଙ୍କ ସହ ପେଲିଠେଲି ସମ୍ପର୍କ ଯୋଡିବାକୁ ଅଥବା ଦଳୀୟ କାର୍ଯ୍ୟକ୍ରମରେ ନିଜ ଆଡୁ ଅର୍ଥ ବ୍ୟୟ କରି ଶୀର୍ଷ ନେତାଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପ୍ରୟାସ କରୁଥିବା ବେଳେ ଆଉ କିଛି ସେମାନଙ୍କ ନିଷ୍ପତ୍ତିର ଯଥାର୍ଥତା ନେଇ ସମୀକ୍ଷା କରୁଛନ୍ତି। ଦଳର କ୍ଷମତା କୈନ୍ଦ୍ରିକ କୌଣସି ଶକ୍ତିଶାଳୀ ପଦପଦବୀ ଦୂରକୁ ଥାଉ, ସାଙ୍ଗଠନିକ ପଦପଦବୀରେ ସ୍ଥାନିତ କରାଯାଇନାହିଁ। ବିଜେଡିର କିଛି ରାଜନେତା ଅଛନ୍ତି, ନିଜ ଦଳରେ ନିଜର ସ୍ଥିତି ଜାହିର କରି ନପାରି ଅନ୍ୟ ଦଳକୁ ଯିବା ଲାଗି ଅପେକ୍ଷା କରି ରହିଥିବା ବେଳେ ଅନ୍ୟ ଦଳରେ ସ୍ଥିତି କ'ଣ ରହିବ ବୋଲି ଭାବି ଦ୍ୱନ୍ଦ୍ୱରେ କିଛି ନିଷ୍ପତ୍ତି ନେଇପାରୁ ନାହାନ୍ତି। ଯାତ୍ରା ମଞ୍ଚରେ ନେପଥ୍ୟ କୋଳାହଳ କରୁଥିବା କଳାକାରଙ୍କ ଭଳି ପରଦା ଆଢୁଆଳରେ ରହି ଏହି ନେତାମାନେ ରହିଯାଇଥିବା ବେଳେ ଆଉ କିଛି ସେମାନଙ୍କ ତ୍ରୁଟି ବୁଝିପାରି ମିଶ୍ରଣ ପରେ ଦଳକୁ ପୁନଃ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେହିଭଳି ନିର୍ବାଚନ ପରେ ଦଳ କ୍ଷମତାକୁ ଆସିବା ପରେ ବହୁ ବିଜେଡି ନେତା ବିଜେପିରେ ମିଶିଛନ୍ତି ଏବଂ ମିଶିବାକୁ ବ୍ୟଗ୍ରତା ପ୍ରକାଶ କରିଆସୁଛନ୍ତି। ଗତବର୍ଷ ଗଞ୍ଜାମ ଜିଲ୍ଲା ବିଜେଡି ରାଜନୀତିରେ ଧମାକା ସୃଷ୍ଟି କରି ବହୁ ବିଜେଡି ଆଗଧାଡିର ନେତା, ଚେୟାରମ୍ୟାନ, ଜିଲ୍ଲା ପରିଷଦ, ସରପଞ୍ଚ, ସମିତି ସଭ୍ୟ ବିଜେଡିରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ। ଏହି ନେତା ମାନଙ୍କ ମିଶ୍ରଣରେ ବେଶ କିଛି ଦିନ ଗଞ୍ଜାମ ତଥା ହିଞ୍ଜିଳି ବିଜେପି ରାଜନୀତି ସରଗରମ ରହିଥିଲା। ହେଲେ ଗଞ୍ଜାମ ତଥା ହିଞ୍ଜିଳି ରାଜନୀତିରେ ସେମାନଙ୍କ ଭୂମିକା କ୍ରମଶଃ ନଗଣ୍ୟ ସାବ୍ୟସ୍ତ ହୋଇଛି। କ୍ଷମତା କରିଡରରେ ସାମିଲ ହୋଇ ଏହି ନେତାମାନେ ହୁଏତ କିଛି ଫାଇଦା ହାସଲ କରିପାରିଥାନ୍ତି ହେଲେ ଗଞ୍ଜାମ ଅବା ହିଞ୍ଜିଳି ବିଜେପି ରେ ସେମାନେ ଯେ ଗୌଣ ହୋଇ ଯାଇଛନ୍ତି, ତାହା କେହି ଅସ୍ୱୀକାର କରିପାରିବେ ନାହିଁ। ଦୀର୍ଘ ଦିନ ଧରି ଦଳକୁ ଯାଇ ମଧ୍ୟ ସେମାନଙ୍କୁ ଦଳରେ ସେଭଳି କ୍ଷମତା ଅଥବା ସାଙ୍ଗଠନିକ ପଦପଦବୀରେ ଅବସ୍ଥାପିତ କରାଯାଇପାରିନାହିଁ। ବିଜେପିରେ ସେମାନଙ୍କ ପରିଚୟ କେବଳ ଜଣେ ଦଳୀୟ କର୍ମୀ ଭାବେ ସାବ୍ୟସ୍ତ ହୋଇଛନ୍ତି। ବିଜେଡିରେ ସେମାନଙ୍କୁ ମିଳୁଥିବା ସମ୍ମାନ ପଦପଦବୀ ଏବଂ ମର୍ଯ୍ୟାଦା ସବୁ କିଛି ବିଜେପିରେ ଲୀନ ହୋଇ ଯାଇଛି। ଅପରପକ୍ଷେ ସେମାନଙ୍କ ମଧ୍ୟରୁ ଅନେକ ଏବେ ବିଜେଡିକୁ ଫେରିବାକୁ ଚାହୁଁଥିଲେ ମଧ୍ୟ ଫେରିବାର ବାଟ ପାଉ ନାହାନ୍ତି।

# ପୋଖରୀରେ ବିଶାଳ କୁମ୍ଭୀର; ଏମ୍‌ଭି-୧୦୪ ଗାଁରେ ଆତଙ୍କ

ମାଲକାନଗିରି,୧୦।୮ (ସମିସ): ମାଲକାନଗିରି ଜିଲ୍ଲା ବାଲିମେଲା ବନ ବିଭାଗ ରେଞ୍ଜ ଅନ୍ତର୍ଗତ ଚିତାପାରି-୩ ପଞ୍ଚାୟତର ଏମଭି-୧୦୪ ଗ୍ରାମର ମହାନନ୍ଦ ମଣ୍ଡଳଙ୍କ ପୋଖରୀରେ ଏକ ବଡ଼ କୁମ୍ଭୀର ଥିବା ଦେଖିବା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଆଜି ସକାଳେ ଶ୍ରୀ ମହାନନ୍ଦଙ୍କୁ ଦେଖି କୁମ୍ଭୀରଟି ତୁରନ୍ତ ପୋଖରୀ ଭିତରକୁ ପଶିଯାଇଥିଲା। ମହାରଣାଙ୍କ ସମେତ ଟିମ୍ ସଦସ୍ୟମାନେ କୁମ୍ଭୀରକୁ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ପ୍ରୟାସ ଜାରି ରଖିଛନ୍ତି। ଖବର ପାଇ ସ୍ଥାନୀୟ ଫରେଷ୍ଟ ଗାର୍ଡ ଜସ୍ମିନ ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ମହାନନ୍ଦ ମଣ୍ଡଳଙ୍କ କହିବା ଅନୁଯାୟୀ ଏହି କୁମ୍ଭୀରଟି ତାଙ୍କ ପୋଖରୀରେ ଥିବା ୯୦ରୁ ଅଧିକ ହଂସ ଖାଇଦେଇଥିବା ବେଳେ ପୋଖରୀରେ ଛଡ଼ାଯାଇଥିବା ପ୍ରାୟ ୫ କ୍ୱିଣ୍ଟାଲ ମାଛ ମଧ୍ୟରୁ ବହୁ ମାଛ ଖାଇଦେଇଛି।

■ ୯୦ ହଂସ ଓ ବହୁ ମାଛ ଖାଇଥିବା ଅଭିଯୋଗ
■ ଉଦ୍ଧାର ପାଇଁ ପହଞ୍ଚିଲା ବନ ବିଭାଗର ରାପିଡ୍ ରେସ୍ପୋନ୍ସ ଟିମ୍




ଘଟଣା ସମ୍ପର୍କରେ ମହାନନ୍ଦଙ୍କ ଭାଇ ନିତ୍ୟାନନ୍ଦ ମଣ୍ଡଳ ବନ ବିଭାଗକୁ ସୂଚନା ଦେଇଥିଲେ। ଖବର ପାଇ ମାଲକାନଗିରିରୁ ବନ ବିଭାଗର ରାପିଡ୍ ରେସ୍ପୋନ୍ସ ଟିମ୍ ଗ୍ରାମରେ ପହଞ୍ଚି କୁମ୍ଭୀରକୁ ଉଦ୍ଧାର ପାଇଁ ପ୍ରୟାସ ଆରମ୍ଭ କରିଥିଲା। ଟିମ୍ ପକ୍ଷରୁ କୁମ୍ଭୀରକୁ ଧରିବା ପାଇଁ ଜାଲ ପକାଯାଇଥିଲେ ମଧ୍ୟ କୁମ୍ଭୀରଟି ବଡ଼ ହୋଇଥିବାରୁ ବିଭାଗ ନିକଟରେ ଥିବା ଜାଲ ଏଥିପାଇଁ ଉପଯୁକ୍ତ ହୋଇନଥିଲା। ଅଧିକ କ୍ଷମତାସମ୍ପନ୍ନ ଜାଲ ଆଣି କୁମ୍ଭୀରକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ପକ୍ଷରୁ ପ୍ରସ୍ତୁତି ଚାଲିଥିବା ଜଣାପଡ଼ିଛି। ରାପିଡ୍ ରେସ୍ପୋନ୍ସ ଟିମ୍ ମୁଖ୍ୟ ସମୀର ଜେନା, କୈଳାଶ ଏନେଇ ରାପିଡ୍ ରେସ୍ପୋନ୍ସ ଟିମ୍ ମୁଖ୍ୟ ସମୀର ଜେନାଙ୍କୁ ପଚାରିବାରୁ ପୋଖରୀରେ କୁମ୍ଭୀର ରହିଥିବା ଘଟଣାକୁ ସେ ସ୍ୱୀକାର କରିଥିଲେ। ବାଲିମେଲା ରେଞ୍ଜର ଲିସ୍ମିତା କଂହରଙ୍କୁ ପଚାରିବାରୁ ରାପିଡ୍ ରେସ୍ପୋନ୍ସ ଟିମ୍ ପକ୍ଷରୁ କୁମ୍ଭୀର ଉଦ୍ଧାର କାର୍ଯ୍ୟ ଜାରି ରହିଥିବା ସେ କହିଛନ୍ତି। ଏହି ପୋଖରୀ ନିକଟ ଦେଇ ଏକ ବଡ଼ ନାଳ ଯାଇଛି। ଯାହା ନିକଟସ୍ଥ ନଦୀରେ ମିଶିଛି। ତେଣୁ ନଦୀରୁ ହିଁ ଖାଦ୍ୟ ଅନ୍ୱେଷଣରେ କୁମ୍ଭୀରଟି ପୋଖରୀ ମଧ୍ୟକୁ ଚାଲି ଆସିଥିବା ଅନୁମାନ କରାଯାଉଛି। ଗ୍ରାମବାସୀ ସୁରକ୍ଷା ଦୃଷ୍ଟିରୁ ପୋଖରୀ ନିକଟକୁ ନଯିବା ପାଇଁ ସତର୍କ କରାଯାଇଛି।

**ଚିଙ୍ଗୁଡ଼ି ଘେରି ଉଜାଡୁଛି ଫସଲ**

# ବିଷ ବୋତଲ ଧରି ଜନଶୁଣାଣି ଶିବିରରେ ପହଞ୍ଚିଲେ ଦୁଇଚାଷୀ

ରାଜନଗର, ୧୦।୮(ସମିସ): ରାଜନଗର ଅଞ୍ଚଳରେ ହଜାର ହଜାର ବେଆଇନ ଚିଙ୍ଗୁଡ଼ି ଘେରି ଗଢ଼ିଉଠିଛି। ନ୍ୟାୟାଳୟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ କରାଯାଉନି। ଚିଙ୍ଗୁଡ଼ି ଘେରି ବିଷାକ୍ତ ଲୁଣି ପାଣି ଫସଲ ଉଜାଡୁଥିବା ନେଇ ବାରମ୍ବାର ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ଅଭିଯୋଗ ପରେ ବି ଫଳ ଶୂନ୍। ନ୍ୟାୟ ପାଇବାରେ ବିଫଳ ହେବା ପରେ ଆଜି ୨ ଜଣ ଚାଷୀ ବିଷ ବୋତଲ ଧରି ଜନଶୁଣାଣି ଶିବିରରେ ପହଞ୍ଚିବା ଓ ପୁଲିସ ଚାଷୀଙ୍କଠାରୁ ବିଷ ବୋତଲ ଛଡାଇବା ନେଇଥିଲେ। ପରେ ତହସିଲଦାର ବୁଝାସୁଝା ଓ ନିଶ୍ଚିନ୍ତ ନ୍ୟାୟ ମିଳିବ ବୋଲି ପ୍ରତିଶ୍ରୁତି ଦେବା ପରେ ଚାଷୀ ବିଷ ନ ପିଇବା ସହିତ ଆଶା ନେଇ ଘରକୁ ଫେରିଛନ୍ତି। ଏଭଳି ଅଭାବନୀୟ ଘଟଣା ଆଜି ଏଠାରେ ଆୟୋଜିତ ଜନଶୁଣାଣି ଶିବିରରେ ଦେଖିବାକୁ ମିଳିଛି।

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ବୀରଭଞ୍ଜପୁର ଗାଁର ରାମକୃଷ୍ଣ ମଣ୍ଡଳଙ୍କ ଅଭିଯୋଗ ମୁତାବକ ତାଙ୍କର ଜ୍ୟୋତିପ୍ରସାଦ ମୌଜାରେ ୭୫ ଡେସିମିଲ ଚାଷଜମି ରହିଛି। ତାଙ୍କ ଚାଷଜମି ନିକଟରେ ବେଆଇନ ଚିଙ୍ଗୁଡ଼ି ଘେରି ରହିଛି। ଲବ କୁମାର ମାଇତି ତାଙ୍କ ଚିଙ୍ଗୁଡ଼ି ଘେରିର ବିଷାକ୍ତ ଓ ଲୁଣୀ ପାଣିକୁ ବର୍ଷା ସମୟରେ ତାଙ୍କ ଚାଷଜମିକୁ ଛାଡୁଛନ୍ତି। ଫଳରେ ୨୦୧୮ରୁ ୮ ବର୍ଷ ହେଲା ତାଙ୍କ ଜମିରେ ଫସଲ ହେଉନାହିଁ। ସେ ଏନେଇ ରେଞ୍ଜ ଅଫିସର, ଡିଏଫଓ ଓ ତହସିଲଦାରଙ୍କୁ ବାରମ୍ବାର ଜଣାଇଲେ ମଧ୍ୟ କୌଣସି ଫଳ ମିଳୁନି। ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୬ ଥର ଅଭିଯୋଗ କରି ସାରିଲିଣି। ପ୍ରତିଥର ବେଆଇନ ଚିଙ୍ଗୁଡି ଘେରି ଉଚ୍ଛେଦ ହେବ ବୋଲି ପ୍ରତିଶ୍ରୁତି ମିଳୁଛି। ମାତ୍ର କୌଣସି ପଦକ୍ଷେପ ନିଆଯାଉନାହିଁ। ଆଜି ଅଭିଯୋଗ ସହିତ ବିଷ ଧରି ଆସିଛି। ଏଠି ସମାଧାନ ନ କଲେ ବିଷ ପିଇଥା'ନ୍ତି। ତହସିଲଦାର ସାର ୩ ଦିନ ଭିତରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବାରୁ ବିଷ ନ ପିଇ ଫେରିଯାଉଛି



ବୋଲି କହିଛନ୍ତି। ସେହିପରି ଢୋଲମରା ଗାଁର ଗଣେଶ ଚନ୍ଦ୍ର ମହାନ୍ତିଙ୍କ ଅଭିଯୋଗ ମୁତାବକ ସେ ଜଣେ ଗରିବ ଚାଷୀ। ଚାଷ କରି ପରିବାର ପ୍ରତିପୋଷଣ କରନ୍ତି। ।ଙ୍କର ପୀତଣ୍ଡା ମୌଜାରେ ୫ ଏକର ୨୮ ଡେସିମିଲ ଜମି ରହିଛି। ଜମି ନିକଟରେ ଥିବା ସରକାରୀ ଜମି ଓ ପାଣି ନାଳକୁ ଅବରୋଧ କରି ମଧୁସୂଦନ ଜେନା ଚିଙ୍ଗୁଡ଼ି ଘେରି କରି ଲୁଣିପାଣି ଚାଷଜମିକୁ ଛାଡୁଛନ୍ତି। ଫଳରେ ତାଙ୍କ ଜମିରେ ଫସଲ ହେଉନାହିଁ। ଏପରିକି ସରକାରୀ ଜମି ଓ ପାଣି ନାଳ ଅବରୋଧ ଯୋଗୁ ତାଙ୍କ ଜମି ନିକଟକୁ ହଳ ପାଇଁ ବଳଦ ମଧ୍ୟ ଛାଡୁନାହାନ୍ତି। ବାରମ୍ବାର ଅଭିଯୋଗ ପରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଆଜି ଜନଶୁଣାଣି ଶିବିରରେ ବିଷ ପିଇବାକୁ ନିଷ୍ପତ୍ତି ନେଇଥିଲି। ତହସିଲଦାର ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ବିଷ ନ ପିଇ ଫେରିଯାଉଛି ବୋଲି କହିଛନ୍ତି।

# ପାଳନ ଦିବସ ତାଲିକାରୁ ବାଦ୍ ପଡ଼ିଲା 'ଗୁରୁ ଦିବସ'

ଭୁବନେଶ୍ୱର, ୧୦।୮(ସମିସ): ରାଜ୍ୟ ସରକାର 'ଗୁରୁ ଦିବସ' କୁ ପାଳନ ଦିବସରୁ ବାଦ୍ ଦେଇଛନ୍ତି। ଶୈକ୍ଷିକ କ୍ୟାଲେଣ୍ଡରରେ ସ୍ଥାନ ପାଇ ନଥିବାରୁ ଶିକ୍ଷକ ଶିକ୍ଷୟତ୍ରୀଙ୍କ ପକ୍ଷରୁ ପ୍ରତିକ୍ରିୟା ପ୍ରକାଶ ପାଇଛି। ଗୁରୁଶିଷ୍ୟ ପରମ୍ପରାରେ ସରକାର ବାଧକ ସାଜିବା ସହ ଗୁରୁଙ୍କୁ ଏହା ଅପମାନ

**ବାର୍ଷିକ କ୍ୟାଲେଣ୍ଡରରେ ପୁନଃ ସାମିଲ କରିବାକୁ 'ୟୁଟିଆ'ର ଦାବି**

ବୋଲି ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ) ପକ୍ଷରୁ କୁହାଯାଇଛି। ସଂଘର ସଭାପତି ଉପେନ୍ଦ୍ର ସାହୁ ଏବଂ ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ କହିଛନ୍ତି ଯେ ପୂର୍ବରୁ ସେପ୍ଟେମ୍ବର ମାସ ୫ କୁ ଗୁରୁଦିବସ ଭାବେ ଜାତୀୟ ସ୍ତରରେ ପାଳନ କରାଯାଉଥିଲା। କିନ୍ତୁ ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶିତ ବାର୍ଷିକ କ୍ୟାଲେଣ୍ଡରରୁ ଏହାକୁ ବାଦ୍ ଦିଆଯାଇଛି। ଗୁରୁ ଦିବସକୁ ପାଳନ ଦିବସ ଭାବେ ପୁନଃ କ୍ୟାଲେଣ୍ଡରରେ ସ୍ଥାନିତ କରିବାକୁ ସଂଘ ପକ୍ଷରୁ ଗଣଶିକ୍ଷା ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ସକାଳ THE SAKALA



# ଶ୍ରମିକ-କୃଷକ ମାରଣ ନୀତି ବିରୋଧରେ ବିକ୍ଷୋଭ




## ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ଯୋଡ଼ା/ବଡ଼ବିଲ(ସମିସ)

କେନ୍ଦ୍ର ସରକାରଙ୍କ ଶ୍ରମିକ, କୃଷକ ଓ ଜନବିରୋଧୀ ନୀତିର ପ୍ରତିବାଦରେ ଏଆଇଟିୟୁସି, ଆଇଏନ୍‌ଟିୟୁସି ଓ ଏଚ୍‌ଏମ୍‌ଏସ୍ କେନ୍ଦୁଝର ଜିଲ୍ଲା କମିଟି ସହ ସଂଯୁକ୍ତ କିସାନ ମୋର୍ଚ୍ଚା ଓ ସହଯୋଗୀ ସଂଗଠନଗୁଡ଼ିକ ପକ୍ଷରୁ ବଡ଼ବିଲରେ ବିଶାଳ ଶ୍ରମିକ ବିକ୍ଷୋଭ ଅନୁଷ୍ଠିତ ହୋଇଛି। ସୋମବାର ପୂର୍ବାହ୍ନରେ ବଡ଼ବିଲସ୍ଥିତ ଶ୍ରମିକ ଭବନରୁ ଶ୍ରମିକ, କୃଷକ ଓ ଯୁବକମାନଙ୍କ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ରାସ୍ତା ଦେଇ ତହସିଲ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲା। ପରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ସଭା ପରେ ତହସିଲଦାରଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୩ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭକାରୀମାନେ ଚାରୋଟି ଶ୍ରମ କୋଡ୍ ରଦ୍ଦ କରିବା, ଶ୍ରମିକଙ୍କ ପାଇଁ ମାସିକ ୪୨ ହଜାର ଟଙ୍କା ସର୍ବନିମ୍ନ ମଜୁରି ଲାଗୁ କରିବା, ଆଶା ଓ ଅଙ୍ଗନବାଡ଼ି କର୍ମୀଙ୍କୁ ସରକାରୀ ଶ୍ରମିକର ମାନ୍ୟତା ଦେବା, କୃଷକଙ୍କ ପାଇଁ ଏମ୍‌ଏସ୍‌ପିର ଆଇନଗତ ଗ୍ୟାରେଣ୍ଟି ଦେବା ଏବଂ ଘରୋଇକରଣ ଓ ଜାତୀୟ ମୁଦ୍ରାକରଣ ପାଇପଲାଇନ୍ ବନ୍ଦ କରିବାକୁ ଦାବି କରିଥିଲେ। କେନ୍ଦୁଝର ଜିଲ୍ଲା ପାଇଁ ସ୍ଥାନୀୟ ଯୁବକମାନଙ୍କୁ ଖଣି, ଖଣିଜଭିତ୍ତିକ ଶିଳ୍ପ ଓ କାରଖାନାରେ ପ୍ରଥମ ଅଗ୍ରାଧିକାର ଦେଇ ସ୍ଥାୟୀ ନିଯୁକ୍ତି, ବେସରକାରୀ ଖଣି ଶ୍ରମିକଙ୍କ ଅବସର ବୟସ ୬୦ ବର୍ଷକୁ ବୃଦ୍ଧି, ବର୍ଷାରେ ନଷ୍ଟ ହୋଇଥିବା ରାସ୍ତାର ତୁରନ୍ତ ମରାମତି, ଇଏସ୍‌ଆଇ, ଇପିଏଫ୍ ଓ ବୋନସ୍ ସିଲିଂ ପ୍ରତ୍ୟାହାର ଆଦି ଦାବି ମଧ୍ୟ ଉଠାଯାଇଥିଲା। ସଭାରେ ଏଆଇଟିୟୁସି ନେତା କପିଳ ମହାନ୍ତି, ଆଇଏନ୍‌ଟିୟୁସି ନେତା ଜିଆଉଲହକ ଖାନ ଓ ଏଚ୍‌ଏମ୍‌ଏସ୍ ନେତା ସଞ୍ଜୀବ ପଲାଇ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଏହାସହ କାହ୍ନୁଚରଣ ସାମଲ, ଶ୍ରୀହରି ଘଣା, ବଦ୍ରୁ ଜାମା, ରାଜାରାମ ମୁଣ୍ଡା, ଅମିତ ମହାନ୍ତ, ଅଶୋକ ଠକ୍କର, କେଶବ ଖେଲାର, ବଂଶୀ ବାରିକ ଓ ରଂଜିତ ବାରିକଙ୍କ ସମେତ ବହୁ ଶ୍ରମିକ ନେତା ଯୋଗଦେଇଥିଲେ। ଦାବିଗୁଡ଼ିକ ଉପରେ ସରକାର ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଶ୍ରମିକ ନେତୃବୃନ୍ଦ ଚେତାବନୀ ଦେଇଥିଲେ। ବିକ୍ଷୋଭରେ ବହୁ ସଂଖ୍ୟାରେ ଶ୍ରମିକ, କୃଷକ ଓ ଯୁବସମାଜ ସାମିଲ ହୋଇଥିଲେ।


# ଆନନ୍ଦପୁରରେ ବିଶ୍ୱ ଆଦିବାସୀ ଦିବସ

ଆନନ୍ଦପୁର,୧୦।୮(ସମିସ): ଆନନ୍ଦପୁର ବ୍ଲକ୍‌ର ଷଡ଼ଙ୍ଗୀ ଷ୍ଟାଡିୟମ୍‌ଠାରେ ବିଶ୍ୱ ଆଦିବାସୀ ଦିବସ ଉପଲକ୍ଷେ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶା ଆଖଡ଼ା, ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିଅନ୍ ଏବଂ ଜୟପାଲ ସିଂ ମୁଣ୍ଡା ବିକାଶ ୟୁନିଅନ୍‌ର ମିଳିତ ସହଯୋଗରେ ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ହୋ ଓ ସାନ୍ତାଳ ସମ୍ପ୍ରଦାୟ ସମେତ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ଅତିଥି ଓ ଉପସ୍ଥିତ ଆଦିବାସୀ ସମାଜର ପ୍ରତିନିଧିମାନେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହାପରେ ଷଡ଼ଙ୍ଗୀ ଷ୍ଟାଡିୟମ୍‌ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରି କାଣ୍ଟିପାଳ, ବାଉଁଶଗଡ଼, ସୁନ୍ଦରିଆ, ବାଙ୍କିଡ଼ି ଆଦି ଆଦିବାସୀ ଅଞ୍ଚଳ ପରିକର୍ମା କରି ଷ୍ଟାଡିୟମ୍‌ରେ ପହଞ୍ଚିଥିଲା। ପରେ ମହାନ ଆଦିବାସୀ ବୀର ପୁରୁଷ ଓ ମହାନ ବ୍ୟକ୍ତିତ୍ୱମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ କୁଇଜ୍, ପ୍ରବନ୍ଧ ଲିଖନ ଓ ବିତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାୟୋକେମିକାଲ୍ ଇଞ୍ଜିନିୟର ତଥା ଝାଡ଼ଖଣ୍ଡର ଟ୍ରାଇବାଲ୍ ରାଇଟ୍ସ ଆକ୍ଟିଭିଷ୍ଟ ମୁକେଶ ବିରୁଆ ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ଗାମାଏ ରାମିଲ ସିଂ ଗୋଇପାଇ ଯୋଗଦାନ କରିଥିଲେ। ମୁଖ୍ୟ ବକ୍ତା ଭାବେ ବାବୁଲି ହାଇବୁରୁ, ଇଣ୍ଡିଆନ୍ ଲେବର୍ ୟୁନିଅନ୍ ନେତା ତଥା କଳିଙ୍ଗନଗର ଲେବର୍ ୟୁନିଅନ୍ ଆଡଭୋକେସି ସହ ଜଡ଼ିତ ବ୍ୟକ୍ତି ଯୋଗଦେଇ ଆଦିବାସୀ ଅଧିକାର, ଶିକ୍ଷା, ଏକତା ଓ ସାମାଜିକ ବିକାଶ ଉପରେ ମତବ୍ୟକ୍ତ କରିଥିଲେ। ସାନ୍ତାଳ ସମାଜର ମାଝୀ ବାବା, ପାରଗାନା ଓ ଅନ୍ୟାନ୍ୟ ପାରମ୍ପରିକ ନେତୃବର୍ଗ ମଧ୍ୟ ସଭାରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ରାମଚନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ପରିଚାଳନା କରାଯାଇଥିବାବେଳେ ବିର୍ସା ମୁଣ୍ଡା ହୋ ସମାଜ ମାର୍ଶା ଆଖଡ଼ାର ସଭାପତି ଲାବେନ୍ଦ୍ର ହେମ୍ବ୍ରମ, ଆନନ୍ଦପୁର ବ୍ଲକ୍ ସଭାପତି ଗୋପାଳ ଚନ୍ଦ୍ର ଗାଗରାଇ, ନାଥା ହୋ, ଆନନ୍ଦପୁର ହୋ ଷ୍ଟୁଡେଣ୍ଟସ୍ ୟୁନିଅନ୍‌ର ସଭାପତି ପିଣ୍ଟୁ ହେମ୍ବ୍ରମଙ୍କ ସମେତ ସଂଗଠନର ବହୁ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁନାରାମ ସାମଦ, ଦିଲ୍ଲୀପ ପିଙ୍ଗୁଆ, ଗଣେଶଙ୍କ ସମେତ ବିଭିନ୍ନ ଗ୍ରାମର ଗ୍ରାମବାସୀ ଓ ଯୁବକ-ଯୁବତୀ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ଜାତୀୟ କୃମି ନାଶକ ଦିବସ

କେନ୍ଦୁଝର,୧୦।୮(ସମିସ): ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦୁଝରଠାରେ ସୋମବାର ପୂର୍ବାହ୍ନରେ ଜିଲ୍ଲାସ୍ତରୀୟ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଲକ୍ଷ୍ମୀକାନ୍ତ ମହାନ୍ତ (ପରିବାର କଲ୍ୟାଣ) ଅଧ୍ୟକ୍ଷତା କରି ଜାତୀୟ କୃମି ନାଶକ ଦିବସ କ'ଣ ଓ କୃମି ସଂକ୍ରମଣ ପିଲାମାନଙ୍କଠାରେ କ'ଣ କ୍ଷତି କରେ ଏବଂ କୃମି ସଂକ୍ରମଣର ପ୍ରସାରକୁ କିପରି ରୋକାଯାଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପୁଷ୍ପାରାଣୀ ପଟ୍ଟନାୟକ ଜାତୀୟ କୃମି ନାଶକ ଦିବସ ବର୍ଷକୁ ଦୁଇଥର ଫେବୃୟାରୀ ଓ ଅଗଷ୍ଟ ମାସରେ ପାଳିତ ହୁଏ। ଉକ୍ତ ଦିବସରେ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରରେ ୧ରୁ ୧୬ ବର୍ଷ ବୟସର ପିଲା ଓ ୨୦ ରୁ ୨୪ ବର୍ଷ ପର୍ଯ୍ୟନ୍ତ ପ୍ରଜନନକ୍ଷମ ମହିଳାମାନଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦିଆଯାଏ ବୋଲି କହିଥିଲେ। ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲକ୍ଷ୍ମୀକାନ୍ତ ମହାନ୍ତ ପିଲାମାନଙ୍କୁ କୃମି ନାଶକ ଔଷଧ ଖାଇବାକୁ ଦେଇ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ, ଶିକ୍ଷକ, ଶିକ୍ଷୟିତ୍ରୀ, ସ୍ୱାସ୍ଥ୍ୟକର୍ମୀ, ଆଶା, ଜିଲ୍ଲା ଜନସ୍ୱାସ୍ଥ୍ୟ ସଞ୍ଚାର ଅଧିକାରୀ ଭରତ କୁମାର ସାହୁ, ପରିସଂଖ୍ୟାନ ସହାୟକ ବୃନ୍ଦାବନ ସାହୁ ଯୋଗ ଦେଇଥିଲେ।

# ବୁଲା କୁକୁରଙ୍କ ଦୌରାତ୍ମ୍ୟ; ବଢୁଛି ଦୁର୍ଘଟଣା



ଯୋଡ଼ା,୧୦।୮(ସମିସ): ଦିନକୁ ଦିନ ବଢୁଥିବା ବୁଲା କୁକୁରଙ୍କ ସଂଖ୍ୟା ଏବେ ଯୋଡ଼ା ସହରବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ସହରର ବିଭିନ୍ନ ବସ୍ତି, ରାସ୍ତା, ଛକ ଓ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ଦଳଦଳ ହୋଇ ବୁଲୁଥିବା କୁକୁରଙ୍କ ଯୋଗୁଁ ଯାତାୟାତ ବ୍ୟବସ୍ଥା ପ୍ରଭାବିତ ହେବା ସହ ଦୁର୍ଘଟଣା ବୃଦ୍ଧି ପାଉଛି। ବିଶେଷକରି ରାତି ସମୟରେ ରାସ୍ତା ଉପରେ ହଠାତ୍ କୁକୁର ଆସିଯିବା ଏବଂ ବାଇକ୍ ଚାଳକଙ୍କୁ ଗୋଡ଼ାଇବା ଯୋଗୁଁ ଚାଳକମାନେ ଗାଡ଼ିର ଦିଗ ବଦଳାଇବା କିମ୍ବା ହଠାତ୍ ବ୍ରେକ୍ ଲଗାଇବାକୁ ବାଧ୍ୟ ହେଉଛନ୍ତି। ଏଥିରୁ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଅନେକ ସ୍ଥାନରେ ପଥଚାରୀଙ୍କୁ କୁକୁର ଗୋଡ଼ାଇବା ଓ କାମୁଡ଼ିବା ନେଇ ମଧ୍ୟ ଅଭିଯୋଗ ରହିଛି। ସହରରେ ବୁଲା କୁକୁରଙ୍କ ବଂଶବୃଦ୍ଧି ରୋକିବା ପାଇଁ ପୌରପାଳିକା ପକ୍ଷରୁ ନିୟମିତ ବନ୍ଧ୍ୟାକରଣ କାର୍ଯ୍ୟକ୍ରମ ଆରମ୍ଭ କରିବା ସହ ସମସ୍ତ ବୁଲା କୁକୁରଙ୍କ ଆଣ୍ଟି-ରାବିଜ୍ ଟିକାକରଣ କରାଯିବାକୁ ସହରବାସୀ ଦାବି କରିଛନ୍ତି। କେବଳ ଦୁର୍ଘଟଣା ନୁହେଁ, ବୁଲା କୁକୁରଙ୍କ ସଂଖ୍ୟା ବୃଦ୍ଧି ସହ ରାବିଜ୍ ଭଳି ମାରାତ୍ମକ ରୋଗର ଆଶଙ୍କା ମଧ୍ୟ ରହିଛି। ତେଣୁ କୁକୁରଙ୍କୁ ହଟାଇବା କିମ୍ବା ମାରିବା ନୁହେଁ, ବରଂ ବୈଜ୍ଞାନିକ ଓ ମାନବିକ ପଦ୍ଧତିରେ ବନ୍ଧ୍ୟାକରଣ ଏବଂ ଟିକାକରଣ କରି ସଂଖ୍ୟା ନିୟନ୍ତ୍ରଣ କରାଯିବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ଗୋପାଳ ଚନ୍ଦ୍ର ସାହୁ, ବିକାଶ ପରିଷଦ ସଭାପତି ନିରଞ୍ଜନ ବହିଦାର, ପଦ୍ମଲୋଚନ ମହାକୁଡ଼ ପ୍ରଭୃତି ମତ ପ୍ରକାଶ କରିଛନ୍ତି। ଯୋଡ଼ା ସହରରେ ବୁଲା କୁକୁରଙ୍କ ସଂଖ୍ୟା ଆକଳନ କରି ଏକ ସ୍ୱତନ୍ତ୍ର କାର୍ଯ୍ୟଯୋଜନା ପ୍ରସ୍ତୁତ କରିବା ସହ ପର୍ଯ୍ୟାୟକ୍ରମେ ବନ୍ଧ୍ୟାକରଣ ଓ ଟିକାକରଣ କରିବାକୁ ପୌରପାଳିକା ପଦକ୍ଷେପ ନେଉ ବୋଲି ଦାବି ହୋଇଛି। ଏଥିସହ ସହରର ପ୍ରମୁଖ ଛକ ଓ ଦୁର୍ଘଟଣାପ୍ରବଣ ରାସ୍ତାରେ ବିଶେଷ ନଜର ଦେବାକୁ ମଧ୍ୟ ଦାବି ହୋଇଛି। ଲୋକଙ୍କ ସୁରକ୍ଷା ସହ ବୁଲା କୁକୁରଙ୍କ ସୁରକ୍ଷା ଉଭୟକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନ ନିଆଗଲେ ଆଗାମୀ ଦିନରେ ସମସ୍ୟା ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି। ତେବେ ଏ ସମ୍ପର୍କରେ କାର୍ଯ୍ୟନିର୍ବାହୀ ଅଧିକାରିଣୀ ଶ୍ୱେତପଦ୍ମା ଧଳ ଉକ୍ତ ସମସ୍ୟା ଉପରେ ଦୃଷ୍ଟିଦେଇ ପ୍ରତିକାର କରିବାକୁ କହିଛନ୍ତି।

# ଚାଷୀ ପଞ୍ଜୀକରଣ ସମସ୍ୟା ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

କେନ୍ଦୁଝର,୧୦।୮(ସମିସ): ୨୦୨୬-୨୭ ଆର୍ଥିକ ବର୍ଷର ଖରିଫ୍ ଧାନ ବିକ୍ରି ନିମନ୍ତେ ଚାଷୀ ପଞ୍ଜୀକରଣ ଆରମ୍ଭ ହୋଇସାରିଛି। ତେବେ ଏହାକୁ ନେଇ ଉପୁଜିଥିବା ସମସ୍ୟା ଉପରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲାର ବିଭିନ୍ନ ଲ୍ୟାମ୍ପସ ଏବଂ ପ୍ୟାକ୍ସରେ ଧାନ ବିକ୍ରୟ ନିମନ୍ତେ ଚାଷୀ ପଞ୍ଜୀକରଣ ପାଇଁ ଏଗ୍ରିଷ୍ଟାକ୍ କାର୍ଡ କରିବା ପାଇଁ ବାଧ୍ୟ କରୁଥିବା ସଂଗଠନ ଅଭିଯୋଗ କରିଛି। କାରଣ ଜିଲ୍ଲାର ପ୍ରାୟ ୯୦ ପ୍ରତିଶତ ଚାଷୀଙ୍କ ନିଜ ନାମରେ ଜମି ପଟ୍ଟା ନଥିବାରୁ ଧାନ ବିକ୍ରୟ ନିମନ୍ତେ ପଞ୍ଜୀକରଣ ହୋଇ ପାରୁନାହିଁ ବୋଲି କୁହାଯାଇଛି। ଚାଷୀମାନେ ଅଧିକ ଦାମରେ ବିହନ, ସାର, ମଜୁରି ପ୍ରଦାନ କରି ଅଧିକ ଖର୍ଚ୍ଚାନ୍ତ ହୋଇଥିବାରୁ ସମସ୍ତ ଚାଷୀ ପଞ୍ଜୀକରଣ କରି ନପାରିଲେ ଅନେକ ଅସୁବିଧାର ସମ୍ମୁଖୀନ ହେବେ। ଯଦ୍ୱାରା ଚାଷୀମାନଙ୍କର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ଯିବାର ଯଥେଷ୍ଟ ସମ୍ଭାବନା ରହିଥିବା ନବନିର୍ମାଣ କୃଷକ ସଂଗଠନ ଅଭିଯୋଗ କରିଛି। ପୂର୍ବବର୍ଷ ୨୦୨୫-୨୬ ରେ ଯେପରି ଚାଷୀମାନଙ୍କ ପଞ୍ଜୀକରଣ କରାଯାଇଥିଲା, ତଦନୁରୂପ ଚଳିତବର୍ଷ ଚାଷୀ ପଞ୍ଜୀକରଣ କରିବାକୁ ଦାବି କରାଯାଇଛି। ଚାଷୀ ପଞ୍ଜୀକରଣରେ ଯେପରି ସମସ୍ୟା ନ ଉପୁଜେ ସେ ଦିଗରେ ଜିଲ୍ଲାପାଳ ପଦକ୍ଷେପ ନେଇ କୃଷି ବିଭାଗ ଅଧିକାରୀ ଏବଂ ଡିଏସ୍‌ଆର୍‌ଓ ଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବାକୁ ସଂଗଠନ ପକ୍ଷରୁ ନିବେଦନ କରାଯାଇଛି। ଏହି ସମସ୍ୟାର ତୁରନ୍ତ ସମାଧାନ କରା ନଗଲେ ସମସ୍ତ ଚାଷୀଗଣ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟ ହେବେ ବୋଲି ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

**ସମସ୍ୟା ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ**

# ଆନନ୍ଦପୁର ଫ୍ରେଣ୍ଡସ୍ କ୍ଲବ୍‌ର ଗଣେଶ ପୂଜା ପ୍ରସ୍ତୁତି ବୈଠକ



ଆନନ୍ଦପୁର,୧୦।୮(ସମିସ): ଆନନ୍ଦପୁର ଫ୍ରେଣ୍ଡସ୍ କ୍ଲବ୍ ପକ୍ଷରୁ ଗଣେଶ ପୂଜା ପ୍ରସ୍ତୁତି ବୈଠକ ଉତ୍ତରେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଗଣେଶ ପୂଜାକୁ ନେଇ ଆନନ୍ଦପୁର ସହର ଚର୍ଚ୍ଚାରେ ରହିଆସିଥିବାବେଳେ ଚଳିତ ବର୍ଷ ପୂଜା ମାହୋଲକୁ ସରଗରମ କରିବା ଲକ୍ଷ୍ୟରେ ବୈଠକରେ ଆଲୋଚନା ହୋଇଛି। ଚଳିତବର୍ଷ ଭସାଣି ଶୋଭାଯାତ୍ରା ଦୀର୍ଘ ୩ କିମି ରାସ୍ତା ଯାଏଁ କରାଯିବାକୁ କମିଟି ପକ୍ଷରୁ ସୂଚନା ମିଳିଛି। ପୂର୍ବବର୍ଷ ଭଳି ଚଳିତ ବର୍ଷ ଗଣେଶ ପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହିତ କରିବା ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଗଣେଶ ପୂଜା ମାହୋଲକୁ ପ୍ରଶାସନ ପକ୍ଷରୁ ଶାନ୍ତିଶୃଙ୍ଖଳାର ସହ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କ୍ଲବ୍ ପକ୍ଷରୁ ଆଶାବ୍ୟକ୍ତ କରାଯାଇଛି। କ୍ଲବ୍ ପକ୍ଷରୁ ପୂଜା ପାଇଁ ପ୍ରାକ୍ ପ୍ରସ୍ତୁତି ଆରମ୍ଭ ହୋଇଥିବାବେଳେ କ୍ଲବ୍‌ର ସଭାପତି ନିଶିଥ ମିଶ୍ର, ଉପସଭାପତି ପ୍ରିୟବ୍ରତ ସାହୁ, ସମ୍ପାଦକ ବାପି ବେହେରା କୋଷାଧ୍ୟକ୍ଷ ସିକୁଲ ଦାସଙ୍କ ସଂଯୋଜନାରେ ସଦସ୍ୟ ତଥା କାଉନସିଲର କୃଷ୍ଣଚନ୍ଦ୍ର ରଣା, ରାଜାପ୍ରଭୁ ଦାସ, ବାବୁ ରାମ, ଜିତୁ ପାଗଳ, ସୌମ୍ୟ ମିଶ୍ର, ସାହିଲ ବେହେରା, ଫୁଙ୍କୁଲୁ ଦାସ, ଗୁଡୁ ଖାନ୍, ମଙ୍ଗଳ ମୁଖୀ, ମଙ୍ଗୁଲୁ ରଣା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଚମ୍ପୁଆରେ ଏଆଇଟିୟୁସିର ବିକ୍ଷୋଭ




ଚମ୍ପୁଆ,୧୦।୮(ସମିସ): ନୂତନ ଶ୍ରମ କୋର୍ଡ ବାତିଲ ଦାବିରେ ଚମ୍ପୁଆରେ ଏଆଇଟିୟୁସି ପକ୍ଷରୁ ବିରାଟ ବିକ୍ଷୋଭ ଓ ପ୍ରତିବାଦ ଅନୁଷ୍ଠିତ ହୋଇଛି। ଏଆଇଟିୟୁସି ଜିଲ୍ଲା ସଭାପତି ବିଦ୍ୟାଧର ମହାନ୍ତ ଓ ସମ୍ପାଦକ ଅର୍ଜୁନ ଚରଣ ମହାନ୍ତଙ୍କ ନେତୃତ୍ୱରେ ଶହଶହ କର୍ମୀ ନେହେରୁ ଷ୍ଟାଡିୟମରୁ ଏକ ବିରାଟ ପଟୁଆରରେ ବାହାରି ବିଭିନ୍ନ ନାରା ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ଶ୍ରମିକ ବିରୋଧୀ ଶ୍ରମ କୋର୍ଡ ବାତିଲ ଦାବିରେ ପ୍ରତିବାଦ କରାଯାଇଥିଲା। ପରେ ଉପଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଆଇଟିୟୁସି ଅଭିଯୋଗ କରିଛି ଯେ ନୂତନ ଶ୍ରମ କୋର୍ଡ ଯୋଗୁଁ ଦେଶର କୋଟି କୋଟି ଶ୍ରମିକ ଓ ଠିକା କର୍ମଚାରୀଙ୍କ ଶ୍ରମ ଅଧିକାର କ୍ଷୁଣ୍ଣ ହେବା ସହ ନିଯୁକ୍ତିଦାତା ଓ କର୍ପୋରେଟ ସଂସ୍ଥାଗୁଡ଼ିକ ଅଧିକ ଶକ୍ତିଶାଳୀ ହେବେ। ଏହାର ପ୍ରତିବାଦରେ ଅଗଷ୍ଟ ୧୦କୁ କଳାଦିବସ ଭାବେ ପାଳନ କରାଯାଉଥିବା କୁହାଯାଇଛି। ଏଥିସହ କୃଷକଙ୍କ ଉତ୍ପାଦିତ ଫସଲ ପାଇଁ ଆଇନଗତ ଏମଏସପି, ସରକାରୀ ସମ୍ପତ୍ତି ବିକ୍ରି ବନ୍ଦ, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି, ଶିକ୍ଷାର ଘରୋଇକରଣ ବନ୍ଦ ଓ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ ଆଦି ଦାବି ଉଠାଯାଇଥିଲା। ବିକ୍ଷୋଭରେ ମାଲ୍ୟଗିରି, ପ୍ରଦୀପ ମୁଣ୍ଡା, ଦୁଷ୍ମନ୍ତ କୁମାର ପାନ, ନିଳାଦ୍ରୀ ମହାନ୍ତ, ନିରଞ୍ଜନ ମହାନ୍ତ, ମଳୟ ଗିରି ଓ କେଦାରନାଥ ନାଏକଙ୍କ ସମେତ ଶହଶହ କର୍ମୀ ସାମିଲ ହୋଇଛନ୍ତି।

# ନିତ୍ୟାନନ୍ଦପୁର-କୁଣ୍ଡେଇ-ଘୁଙ୍ଗି ରାସ୍ତା ମରଣଯନ୍ତା

କେନ୍ଦୁଝର,୧୦।୮(ସମିସ): କେନ୍ଦୁଝର ଜିଲ୍ଲାର ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୋଡ଼ିପଶା ପଞ୍ଚାୟତର ଦୁଇ ଆଦିବାସୀ ବହୁଳ ଗାଁ କୁଣ୍ଡେଇ ଓ ଘୁଙ୍ଗିକୁ ସଂଯୋଗ କରୁଥିବା ନିତ୍ୟାନନ୍ଦପୁର-କୁଣ୍ଡେଇ-ଘୁଙ୍ଗି ରାସ୍ତା ପାଲଟିଛି ମରଣଯନ୍ତା। ଏହି ରାସ୍ତାରେ ବଡ଼ ଗାଡ଼ି କ'ଣ ଅଟୋ ରିକ୍ସା ମଧ୍ୟ ଯିବା ସମ୍ଭବ ହେଉନାହିଁ। ରାସ୍ତା ଅବସ୍ଥା ଏପରି ହୋଇଛି ଯେ, ସାଇକଲଟିଏ ଯିବା ମଧ୍ୟ କାଠିକର ପାଠ। ଜରୁରୀ ସେବା ଆବଶ୍ୟକବେଳେ ରାସ୍ତାରେ ଆମ୍ବୁଲାନ୍ସ ଆସି ପାରୁନାହିଁ। ଛାତ୍ରଛାତ୍ରୀ ବିଦ୍ୟାଳୟ ଯିବା ମଧ୍ୟ ସହଜ ହେଉନାହିଁ। ଏପରି ଅଭିଯୋଗ ଆଣି ସ୍ଥାନୀୟ ଆଖପାଖ ଅଞ୍ଚଳର ଲୋକେ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ରାସ୍ତାଟି ମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲାର ହୋଇଥିବାରୁ ଏହାର ଉନ୍ନତିକରଣ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦୃଷ୍ଟି ଉଚ୍ଚ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅନେକ ଛାତ୍ରଛାତ୍ରୀ ଏ ରାସ୍ତା ଉପରେ ନିର୍ଭର କରିଥାନ୍ତି। ଏହା ଉପରେ ଅନେକ ଆଦିବାସୀ ଲୋକ ଚଳାଚଳ କରିଥାନ୍ତି। ଲୋକଙ୍କ ଅଭିଯୋଗ ଅନୁସାରେ ଏହି ରାସ୍ତାର ମରାମତି କାହିଁ କେଉଁ କାଳରେ ହୋଇଥିଲା। ଏଥିମଧ୍ୟରୁ ଅନେକ ଅଂଶ ଭାଙ୍ଗି ଯାଇଛି। ଏବେ ଲଗାଣ ବର୍ଷାରେ ରାସ୍ତା ବହୁ ସ୍ଥାନରେ ଭାଙ୍ଗି ଯାଇଛି। ଗାଡ଼ି ଗଡ଼ିବା ଅସମ୍ଭବ ହୋଇପଡ଼ିଛି। ସାଇକଲଟିଏ ଚଲାଇବା ବି ସହଜ ହେଉନାହିଁ। ଆବଶ୍ୟକ ପଡ଼ିଲେ ଆମ୍ବୁଲାନ୍ସ ଆସି ପାରୁନାହିଁ। ଛାତ୍ରଛାତ୍ରୀ ନିକଟ ବିଦ୍ୟାଳୟକୁ ଯାଇପାରୁ ନାହାନ୍ତି। ରାତି ଅନ୍ଧାରରେ ଯିବା ଆସିବା କରିବା ବିପଦପୂର୍ଣ୍ଣ ହୋଇଯାଇଛି। ତେଣୁ ସ୍ଥାନୀୟ ଲୋକେ କହିଛନ୍ତି ଯେ, ଏ ରାସ୍ତାର ଅନେକ ଅଂଶ କେବେ ବି ପିଚୁ ଅବା କଙ୍କ୍ରିଟ କରାଯାଇ ନାହିଁ। ଏବେ ବି



ଦେବାକୁ ଲୋକେ ଦାବି କରିଛନ୍ତି। ଜିଲ୍ଲାର ବାଂଶପାଳ ବ୍ଲକ୍ ଏବଂ ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ଜୁଙ୍ଗା ଗ୍ରାମ ପଞ୍ଚାୟତ ଓ କୋଡ଼ିପଶା ଗ୍ରାମ ପଞ୍ଚାୟତର ତିନୋଟି ଗ୍ରାମର ଅନ୍ୟୁନ ଦୁଇହଜାର ଲୋକ ଏଇ ନିତ୍ୟାନନ୍ଦପୁର-କୁଣ୍ଡେଇ-ଘୁଙ୍ଗି ରାସ୍ତା ଉପରେ ନିର୍ଭର କରିଥାନ୍ତି। ପିଲାମାନେ ମଧ୍ୟ ଏଇ ରାସ୍ତା ଦେଇ କେନ୍ଦୁଝରଗଡ଼ ସାଙ୍ଗକୁ ଅନ୍ୟାନ୍ୟ ପାଖ ମହାବିଦ୍ୟାଳୟରେ ଅଧ୍ୟୟନ ସକାଶେ ଯିବା ଆସିବା କରିଥାନ୍ତି। ଏଇ ସବୁ ଗାଁର ଲୋକଙ୍କ ବ୍ୟତୀତ, କୁଣ୍ଡେଇ ମାଟି ରାସ୍ତା ହୋଇରହିଛି। ରାସ୍ତା ଏପରି ଅବସ୍ଥାକୁ ଆସିବାକୁ ନେଇ ଲୋକେ ପ୍ରଶ୍ନ କରିଛନ୍ତି। ରାସ୍ତାର ମରାମତି ଅବା ଉନ୍ନତିକରଣ ଆବଶ୍ୟକ ବୋଲି ପ୍ରଶାସନ ଦେଖୁ ନାହିଁ କାହିଁକି ବୋଲି ଲୋକେ ପ୍ରଶ୍ନ କରିଛନ୍ତି। ରାସ୍ତାର ଅବସ୍ଥା, ଆବଶ୍ୟକ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଓ ଲୋକଙ୍କ ଅସୁବିଧାକୁ ବିଚାରକୁ ନେଇ ଏହି ରାସ୍ତାର ଉନ୍ନତିକରଣ କାର୍ଯ୍ୟ ତୁରନ୍ତ କରିବାକୁ ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### ବିପଦ ସଙ୍କେତରେ ରାଣୀତାଲ

# ବେତଡ଼ା ମୁଖ୍ୟ କେନାଲ ବନ୍ଧ ଭାଙ୍ଗିବା ଆଶଙ୍କା; ଆତଙ୍କିତ ପଞ୍ଚାୟତବାସୀ

ସିମୁଳିଆ,୧୦।୮(ସମିସ)

ହଦଗଡ଼ ଡିଭିଜନ ଭଦ୍ରକ ସାଳନ୍ଦୀ ମାଇନର ମେନ କେନାଲ ବନ୍ଧ ରାଣୀତାଲରୁ ବେତଡ଼ା ମଧ୍ୟରେ ଦୀର୍ଘ ବର୍ଷ ହେବ ରକ୍ଷଣାବେକ୍ଷଣ ଅଭାବରୁ ଦୁର୍ବଳ ହୋଇପଡ଼ିଛି। କେନାଲ ବନ୍ଧର ଭିତର ପାଶ୍ୱର୍ କୌଣସି କାର୍ଯ୍ୟ ହୋଇ ନଥିବାରୁ ତାହା ଜଙ୍ଗଲରେ ପରିଣତ ହୋଇଛି। ପାଣି ନିଷ୍କାସନ ଠିକ୍ ଭାବେ ହୋଇନପାରି ବନ୍ଧ ଭାଙ୍ଗିବା ଆଶଙ୍କା ସୃଷ୍ଟି ହୋଇଛି। ଫଳରେ ପଞ୍ଚାୟତବାସୀ ଆତଙ୍କିତ ହୋଇଛନ୍ତି।

ଏହି କେନାଲଟି ରାଣୀତାଲରୁ ବାହାରି ମଇତାପୁର, ବଙ୍ଗାଳପୁର ପଞ୍ଚାୟତ ମଧ୍ୟ ଭାଗ ଦେଇ ବେତଡ଼ା ଯାଇଛି। ଆଜକୁ ଦୀର୍ଘ ୧୦ ବର୍ଷରୁ ଊର୍ଦ୍ଧ୍ୱ ହେବ କୌଣସି ମରାମତି ନ ହେବାରୁ କେନାଲର ଭିତର ଅଂଶ ଦଳ ଓ ଗଛ ଉଠି ଜଙ୍ଗଲ ପାଲଟିଯାଇଛି। କେନାଲ ବନ୍ଧ ରାସ୍ତାଟି ବିଲ କି ରାସ୍ତା ତାହା ମଧ୍ୟ ଜଣା ପଡୁନାହିଁ। ଏହି ବନ୍ଧ ଦେଇ ବରୀ ପଞ୍ଚାୟତରୁ ଆରମ୍ଭ କରି ରାଣୀତାଲ ପର୍ଯ୍ୟନ୍ତ ୮ ହଜାରରୁ ଅଧିକ ଅଦିବାସୀ ଯାତାୟାତର କରିଥାନ୍ତି। ବିଶେଷକରି ଏହି କେନାଲ ବନ୍ଧ ଦେଇ ସ୍କୁଲ କଲେଜର ଛାତ୍ରଛାତ୍ରୀ ୫୦୦ରୁ ୬୦୦ ପ୍ରତ୍ୟହ ଯିବା ଆସିବା କାରିଥାନ୍ତି। ଏହି ବନ୍ଧ ସାରା ବଡ଼ ବଡ଼ ଖାଲଖମା ହୋଇଥିବାରୁ ବନ୍ଧ ଦେଇ ଯାଉଥିବା ସ୍କୁଲ, କଲେଜ ଛାତ୍ରଛାତ୍ରୀ ଓ ଆମ୍ବୁଲାନ୍ସ, ଦମକଳ ଗାଡ଼ି ଯାତାୟାତ କରିପାରୁନାହିଁ। ଛାତ୍ରଛାତ୍ରୀ ଯାତାୟତ କରୁଥିବାବେଳେ ଖାଲରେ ପଡ଼ି ଖଣ୍ଡିଆଖାବରା ହୋଇ ଘରକୁ ଫେରୁଛନ୍ତି। ଫଳରେ ଛାତ୍ରଛାତ୍ରୀ ପାଠପଢ଼ାରୁ ବଞ୍ଚିତ ହେଉଥିବା ନଜରକୁ ଆସୁଛି। ଛାତ୍ରଛାତ୍ରୀଙ୍କର ମୁଖ୍ୟ ରାସ୍ତା ହୋଇଥିବାରୁ ପିଲାମାନଙ୍କର ଯାତାୟାତରେ ବାଧାପ୍ରାପ୍ତ ହେଉଛି। ରାଣୀତାଲ ପାଖରୁ ବଙ୍ଗାଳପୁର ପର୍ଯ୍ୟନ୍ତ ୨ କିଲୋମିଟରରୁ ଅଧିକ ହେବ ଏହି କେନାଲ ମଧ୍ୟ ଭାଗରେ ଦଳ ପରିପୂର୍ଣ୍ଣ ହୋଇ ରହିଛି। ଆଗ ବନ୍ୟା ପାଣି ସହିତ ହଦଗଡ଼ରୁ ପୁଣି ପାଣି ଛାଡ଼ିଦିଆଯାଇଛି। ମାତ୍ର କେନାଲରେ ଗଛଲତା ଉଠି ଜଳ ନିଷ୍କାସନରେ ବାଧାପ୍ରାପ୍ତ ହେଉଛି। କେନାଲ ବନ୍ଧ ଭାଙ୍ଗିବାର ସମ୍ଭାବନା ଥିବାରୁ ପଞ୍ଚାୟତବାସୀ ଆତଙ୍କିତ ହୋଇ ରହୁଛନ୍ତି। ଯଦି ବନ୍ଧ ଭାଙ୍ଗିବ ତେବେ ଅନେକ ଘର ବୁଡ଼ିବା ସହିତ ହଜାର ହଜାର ଏକର ଚାଷଜମି ନଷ୍ଟ ହୋଇଯିବ। ଏ ବିଷୟରେ ପଞ୍ଚାୟତବାସୀ ବହୁବାର ସିମୁଳିଆ ଜଳସମ୍ପଦ ବିଭାଗ ଅଫିସରେ ଏସ୍‌ଡିଙ୍କୁ ଜଣାଇ ଥିଲେ କୌଣସି ସୁଫଳ ମିଳିପାରିନାହିଁ। ପୁଣି ସିମୁଳିଆ ପଞ୍ଚାୟତ ସମିତିର ଅଧ୍ୟକ୍ଷ ବାବାଜି ଚରଣ ମଲ୍ଲିକଙ୍କୁ ଜଣାଇଥିଲେ। ଶ୍ରୀ ମଲ୍ଲିକ ଏ ବିଷୟରେ ଭଦ୍ରକ ସାଳନ୍ଦୀ ଜଳସେଚନ ଅଫିସ୍‌କୁ ଯାଇ ସୁପରଟେଣ୍ଡେଣ୍ଟ ଇଞ୍ଜିନିୟର ହିତେଶ କୁମାର ସାହୁଙ୍କୁ ଜଣାଇଥିଲେ। ତଥାପି କୌଣସି ସୁଫଳ ମିଳିପାରିନାହିଁ। ଏ ବିଷୟରେ ଶ୍ରୀ ସାହୁଙ୍କୁ ଫୋନ ଯୁଗେ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ଏ ବିଷୟରେ ମୁଁ କିଛି ଜାଣିନାହିଁ। ମୁଁ ବୁଝିକରି କହିବି। ପରେ ଆଉ ଜଣାଇନଥିଲେ। ପୁଣି ସିମୁଳିଆ ଏସ୍‌ଡିଓ ଚାର୍ଜରେ ଥିବା ନବୀନସନ ଧଳଙ୍କୁ ପଚାରିବାରୁ ସେ କହିଥିଲେ ଯେ ପାଣି ଅଳ୍ପ ଅଳ୍ପ ଛଡ଼ାଯାଇଛି, ଦଳ କଢ଼ା କାମ ଚାଲୁଛି।

ଶ୍ରାବଣ ସୋମବାରରେ ଭକ୍ତିମୟ ଚନ୍ଦନେଶ୍ୱର ପୀଠ

# ୫୦ ହଜାର କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ଜଳାଭିଷେକ



**ଚନ୍ଦନେଶ୍ୱର, ୧୦।୮ (ସମିସ)**

ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ହୁଗୁଳି ଠାରେ ଅଧିଷ୍ଠିତ ବାବା ଚନ୍ଦନେଶ୍ୱର ଶୈବପୀଠରେ ଶ୍ରାବଣ ମାସର ସୋମବାର ଅବସରରେ ଭକ୍ତି ଓ ଆଧ୍ୟାତ୍ମିକତାର ଅପୂର୍ବ ପରିବେଶ ସୃଷ୍ଟି ହୋଇଥିଲା। ଭୋରରୁ ଦୂରଦୂରାନ୍ତରୁ କାଉଡ଼ିଆ ଓ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥିବା ବେଳେ ସମଗ୍ର ଚନ୍ଦନେଶ୍ୱର ପୀଠ "ହର ହର ମହାଦେବ', "ବୋଲବମ୍' ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ଆନୁମାନିକ ୫୦ ହଜାରରୁ ଉର୍ଦ୍ଧ୍ୱ କାଉଡ଼ିଆ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ସମାଗମରେ ପୀଠ ଏକ ଭକ୍ତିମୟ ତୀର୍ଥକ୍ଷେତ୍ରରେ ପରିଣତ ହୋଇଥିଲା। ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ଭଳି ଚତୁର୍ଥ ସୋମବାରରେ ମଧ୍ୟ ଚନ୍ଦନେଶ୍ୱର ଜିଉଙ୍କ ନିକଟରେ ଜଳାଭିଷେକ କରିବା ପାଇଁ ଭକ୍ତଙ୍କ ମଧ୍ୟରେ ବିଶେଷ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହୋଇଥିଲା। ସକାଳୁ ସେବାୟତମାନଙ୍କ ପକ୍ଷରୁ ଶ୍ରୀଜିଉଙ୍କର ସ୍ୱତନ୍ତ୍ର ନୀତିକାନ୍ତି, ପୂଜାର୍ଚ୍ଚନା ଓ ବିଭିନ୍ନ ଧାର୍ମିକ ବିଧିବିଧାନ ସମ୍ପନ୍ନ କରାଯାଇଥିଲା। ନୀତିକାନ୍ତି ପରେ ଭକ୍ତଙ୍କ ଦର୍ଶନ ଓ ଜଳାଭିଷେକ ପାଇଁ ମନ୍ଦିର ଫିଟାଯାଇଥିଲା। ଏହାପରେ ହଜାର ହଜାର ଭକ୍ତ ଲମ୍ବା ଧାଡ଼ିରେ ଠିଆ ହୋଇ ଶ୍ରୀ ଚନ୍ଦନେଶ୍ୱରଙ୍କ ଦର୍ଶନ କରିବା ସହ ଭକ୍ତି ଓ ନିଷ୍ଠାର ସହ ଜଳାଭିଷେକ କରିଥିଲେ। ପ୍ରଭୁ ଚନ୍ଦନେଶ୍ୱରଙ୍କ ମହିମା ଓ ଶ୍ରାବଣ ସୋମବାରର ଧାର୍ମିକ ମହତ୍ତ୍ୱ ଯୋଗୁଁ ଓଡ଼ିଶା ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାରରୁ ମଧ୍ୟ ବହୁ ସଂଖ୍ୟାରେ କାଉଡ଼ିଆ ଭକ୍ତ ଚନ୍ଦନେଶ୍ୱର ପୀଠରେ ପହଞ୍ଚିଥିଲେ। ବିଭିନ୍ନ ଜଳାଶୟରୁ ପବିତ୍ର ଜଳ ସଂଗ୍ରହ କରି କାଉଡ଼ିଆମାନେ ପଦଯାତ୍ରା କରି ଚନ୍ଦନେଶ୍ୱରଙ୍କ ନିକଟରେ ପହଞ୍ଚି ଜଳାଭିଷେକ କରିଥିଲେ। ଦୀର୍ଘ ପଥ ଅତିକ୍ରମ କରି ମୁଣ୍ଡରେ କାଉଡ଼ି ଧରି, ମୁଖରେ "ବୋଲବମ୍' ଓ "ହର ହର ମହାଦେବ' ଧ୍ୱନି ଦେଇ ଭକ୍ତମାନେ ଶିବଙ୍କ ଆରାଧନା କରିଥିବା ଦୃଶ୍ୟ ଅତ୍ୟନ୍ତ ମନୋରମ ହୋଇଥିଲା। ଚନ୍ଦନେଶ୍ୱରଙ୍କ ପବିତ୍ର ନୀଳପୋଖରୀ ମଧ୍ୟ ଏହି ଅବସରରେ କାଉଡ଼ିଆ ଭକ୍ତଙ୍କ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ବହୁ କାଉଡ଼ିଆ ନୀଳପୋଖରୀରୁ ପବିତ୍ର ଜଳ ସଂଗ୍ରହ କରି ବିଭିନ୍ନ ଶୈବପୀଠକୁ ନେଇ ଜଳାଭିଷେକ କରିଥିଲେ। ଶିବଭକ୍ତଙ୍କ ଆସ୍ଥା, ବିଶ୍ୱାସ ଓ ଭକ୍ତିର ଏହି ପରମ୍ପରା ଚନ୍ଦନେଶ୍ୱର ପୀଠର ଧାର୍ମିକ ମହତ୍ତ୍ୱକୁ ଆହୁରି ବଢ଼ାଇଛି। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କଟକ, ଅନୁଗୁଳ, ଭୁବନେଶ୍ୱର ଆଦି ଅଞ୍ଚଳ ସମେତ ପଶ୍ଚିମବଙ୍ଗର ପୂର୍ବ ମେଦିନୀପୁର ଜିଲ୍ଲାର କଣ୍ଟାଇ, ଦାନ୍ତୁଣ, କୁଦି, ଦୀଘା, ରାମନଗର, ବସନ୍ତପୁର ପ୍ରଭୃତି ଅଞ୍ଚଳରୁ ମଧ୍ୟ ବହୁ ସଂଖ୍ୟାରେ ଭକ୍ତ ଚନ୍ଦନେଶ୍ୱର ପୀଠରେ ପହଞ୍ଚିଥିଲେ। ଏହା ଫଳରେ ଚନ୍ଦନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ଦିନତମାମ ଲୋକାରଣ୍ୟ ହୋଇ ରହିଥିଲା। ଭକ୍ତଙ୍କ ସୁରକ୍ଷିତ ଓ ଶୃଙ୍ଖଳିତ ଦର୍ଶନ ପାଇଁ ଟ୍ରଷ୍ଟବୋର୍ଡ ଓ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ମନ୍ଦିର ପରିସରରେ ଭିଡ଼ ନିୟନ୍ତ୍ରଣ, ଧାଡ଼ି ବ୍ୟବସ୍ଥା, ଯାତାୟାତ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ଉପରେ ପ୍ରଶାସନ ଓ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ପୁଲିସ ଓ ସ୍ୱେଚ୍ଛାସେବୀମାନେ ନିୟୋଜିତ ରହି ଭକ୍ତମାନଙ୍କୁ ସହଯୋଗ କରିଥିଲେ। ଏହି ଅବସରରେ ମୌରସୀ ତପନ କୁମାର ପଣ୍ଡା, ଉପ ମୌରସୀ ବୁଦ୍ଧଦେବ ପଣ୍ଡା, ତାଳସାରୀ ମେରାଇନ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହି ପୀଠର ଶାନ୍ତିଶୃଙ୍ଖଳା ଓ ଭକ୍ତମାନଙ୍କ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ।

## ପଞ୍ଚଲିଙ୍ଗେଶ୍ୱରରେ କାଉଡ଼ିଆଙ୍କ ଭିଡ଼

**ନୀଳଗିରି, ୧୦।୮ (ସମିସ):** ଶ୍ରାବଣ ମାସ ସୋମବାରରେ ରାଜ୍ୟର ସବୁ ଶୈବ ପୀଠରେ କାଉଡ଼ିଆଙ୍କ ପ୍ରବଳ ଭିଡ଼ ଓ ଉତ୍ସବମୁଖର ହୋଇଉଠିଲା ବେଳେ ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବ ପୀଠ ବାବା ପଞ୍ଚଲିଙ୍ଗେଶ୍ୱର କାଉଡିଆଙ୍କ ବୋଲ ବମ୍ ହର୍ ହର୍ ବମ୍, ଭୋଲା ବାବା ପାର୍ କରେଗା...ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା। ରାଜ୍ୟ ଏବଂ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆମାନେ ବଡ଼ ଉତ୍ସାହର ସହ ବିଭିନ୍ନ ନଦୀରୁ ରିତି ନୀତି ଅନୁଯାୟୀ ପୁଜାର୍ଚ୍ଚନା କରି ଜଳ ଆଣି



ଚାଲି ଚାଲି ଆସିବା ସହ ରବିବାର ରାତ୍ରୀ ୧୨ଟା ପରଠାରୁ ମହାଦେବଙ୍କୁ ଜଳାଭିଷେକ କରିଛନ୍ତି। ନୀଳଗିରି ନିକଟ ଦେବଗିରି ପର୍ବତମାଳାର ଅଂଶବିଶେଷର ଏକ ଚିରସ୍ରୋତା ଝରଣାର ପଥର ଖୋଲ ମଧ୍ୟରେ ଆବିର୍ଭୂତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ ବାବା ପଞ୍ଚଲିଙ୍ଗେଶ୍ୱର ନାମରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରିଆସୁଛନ୍ତି। ଲଗାଣ ବର୍ଷାରେ ଯୋଗୁଁ ଦେବଗିରି ପାହାଡ଼ର ଝରଣା ପାଣିର ପ୍ରଖର ସ୍ରୋତ ଆସି ଶୈବପୀଠ ପଥର ଖୋଲ ଦେଇ ତଳକୁ ଜାଉଛି। ପାଣିର ସ୍ରୋତ ପ୍ରଖର ଥିବାରୁ ପଥର ଖୋଲ ମଧ୍ୟରେ ଆବିର୍ଭୁତ ହୋଇଥିବା ପାଞ୍ଚଟି ଲିଙ୍ଗଙ୍କୁ କାଉଡିଆ ଓ ଭକ୍ତଙ୍କ ସୁରକ୍ଷା ଦୃଷ୍ଟିରୁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଲିଙ୍ଗ ସ୍ୱର୍ଶ ବନ୍ଦ ରଖାଯାଇଛି। କାଉଡିଆ ଓ ପର୍ଯ୍ୟଟକ କେବଳ ପୂଜା ମଣ୍ଡପ ପର୍ଯ୍ୟନ୍ତ ଯାଇ ପୂଜା କରିଥିଲେ।

## ଜଳେଶ୍ୱର ନୂତନ ରେଞ୍ଜର ଭାବେ ଶିଶିର ବେହେରାଙ୍କ ଯୋଗଦାନ

**ଜଳେଶ୍ୱର ବ୍ଲକ, ୧୦।୮ (ସମିସ) :** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଞ୍ଜ ଅଧିନରେ ତିନି ଗୋଟି ବନ ଖଣ୍ଡ ସେକ୍ସନ ଅବସ୍ଥିତ। ସେଗୁଡ଼ିକ ହେଲା ଭୋଗରାଇର ଉଦୟପୁର, ଜଳେଶ୍ୱର ଓ ରାଇବଣିଆ ଅଞ୍ଚଳର ବରଡ଼ିହା ବନଖଣ୍ଡ ସେଥିମଧ୍ୟରୁ ଉଦୟପୁର ସମୁଦ୍ର କୂଳରେ ହେନ୍ତାଳବଣ ଓ ରାଇବଣିଆ ବରଡ଼ିହା ଅଞ୍ଚଳରେ ବିସ୍ତୀର୍ଣ୍ଣ ଶାଳ ଜଙ୍ଗଲ ସାଙ୍ଗକୁ ବର୍ଷ ତମାନ ଜଙ୍ଗଲୀ ହାତୀଙ୍କ ଦୌରାତ୍ମ୍ୟ ଚାଷୀ ଓ ବନ ବିଭାଗର ମୁଣ୍ଡ ବିନ୍ଧାର କାରଣ ପାଲଟିଥାଏ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜଳେଶ୍ୱର ରେଞ୍ଜର



ଜୟଶ୍ରୀ ମୁର୍ମୁଙ୍କ ବଦଳି ପରେ ଉଦୟପୁର ଫରେଷ୍ଟର ସଞ୍ଜୟ କୁମାର ମହାନ୍ତି ଭାରପ୍ରାପ୍ତ ରେଞ୍ଜର ଭାବେ କାର୍ଯ୍ୟ ସମ୍ପାଦନା କରିଥିଲେ କିନ୍ତୁ ଦୀର୍ଘ ୧୯ ବର୍ଷ ଧରି ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ରେଞ୍ଜରେ ରହି ନିଜର ଦକ୍ଷତାର ସହ କାର୍ଯ୍ୟ ସମ୍ପାଦନ କରି ଷ୍ଟେଟ ଫୋରେଷ୍ଟ୍ରି ଆୱାର୍ଡ ପୁରସ୍କୃତ ହୋଇଛନ୍ତି। ସେ ବର୍ତ୍ତମାନ ଜଳେଶ୍ୱରରେ ନୂତନ ରେଞ୍ଜର ଭାବେ ଯୋଗ ଦେଇ ଜଳେଶ୍ୱର ଅଞ୍ଚଳ ଦେଇ ପଡ଼ୋଶୀ ବଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଥିବା ବେଆଇନ କାଠ ସମେତ ରାଇବଣିଆ ଅଞ୍ଚଳର ଶାଳ ଜଙ୍ଗଲର ସୁରକ୍ଷା ସାଙ୍ଗକୁ ଜଙ୍ଗଲୀ ହାତୀଙ୍କ ସୁରକ୍ଷା ପ୍ରଥମ ପ୍ରାଥମିକା ବୋଲି ମତପ୍ରକାଶ କରିଛନ୍ତି।

## ପାଣିରେ ଦୁଇଜଣ ବୁଡ଼ି ଯିବାବେଳେ ଦେବଦୂତ ସାଜିଲେ ଗୌରାଙ୍ଗ

**ରାଜଘାଟ, ୧୦।୮ (ସମିସ):** ଲଘୁଚାପ ଜନିତ ବର୍ଷା ଯୋଗୁଁ ନଦୀରେ ଜଳସ୍ତର ବଢିଥିବା ବେଳେ ଆଜି ଏକ ଅଭାବନୀୟ ଘଟଣା ଟଳିଗଲା। ବସ୍ତା ଥାନା କରୁଆ ଗ୍ରାମ ପଞ୍ଚାୟତ ଉଜୁଡା ପୋଲ ନିକଟରେ ପାଣିରେ ବୁଡ଼ି ଯାଉଥିବା ଦୁଇଜଣଙ୍କୁ ଉଦ୍ଧାର କଲେ ସ୍ଥାନୀୟ ଯୁବକ। ସୂଚନାରୁ



ପ୍ରକାଶ ଆଜି ସକାଳ ୭ଟା ସମୟରେ ଗିଲାଯୋଡ଼ି ଗ୍ରାମର ସୁଜୟ ଦାସଙ୍କ ୧୨ ବର୍ଷର ପୁଅ ଦୀପଙ୍କର ଟିଉସନ ଯାଉଥିବା ସମୟରେ ଉଜୁଡା ପୋଲ ଉପରେ ଛିଡା ହୋଇ ପାଣିର ସ୍ରୋତ ଦେଖୁଥିବା ବେଳେ ହଠାତ୍ ଗୋଡ ଖସିଯାଇ ଗଭୀର ପାଣିରେ ବୁଡ଼ିବାକୁ ଲାଗିଥିଲା ଏବଂ ସାହାଯ୍ୟ ପାଇଁ ଚିତ୍କାର କରୁଥିଲେ ସେହି ସମୟରେ ଉଜୁଡା ଗ୍ରାମର ରଜତ ବାରିକ(୨୫) ଦୀପଙ୍କରକୁ ଉଦ୍ଧାର କରିବାପାଇଁ ପାଣିକୁ ଲମ୍ଫ ମାରିଥିଲେ ମାତ୍ର ସେ ମଧ୍ୟ ଅକାତ ପାଣିରେ ନିଜକୁ ସମ୍ଭାଳି ନପାରି ପାଣିରେ ବୁଡିବାକୁ ଲାଗିଥିଲେ। ଠିକ୍ ସେହି ସମୟରେ ଟ୍ରାକ୍ଟର ନେଇ ଯାଉଥିବା ଆମ୍ବକୁତୁଚି ଗ୍ରାମର ଗୌରାଙ୍ଗ ବାରିକ(୨୮) ସେମାନଙ୍କ ଚିତ୍କାର ଶୁଣି କିଛି ନ ଭାବି ପୋଲରୁ ସିଧା ପାଣିକୁ ଡେଇଁ ପଡିଥିଲେ। ସ୍ରୋତ ଅଧିକ ଥିବାରୁ ଗୌରାଙ୍ଗଙ୍କୁ ମଧ୍ୟ ବୁଡ଼ିଯିବାର ଆଶଙ୍କା ଥିଲା। ତଥାପି ସେ ଖାତିର ନକରି ଦୁଇ ଜଣଙ୍କୁ ଦୁଇ କାନ୍ଧରେ ଓଳାଇ କୂଳକୁ ଆଣିଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଦୁହିଁଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସା ପାଇଁ ପଠାଇଥିଲେ। ବର୍ତ୍ତମାନ ଉଭୟ ସୁସ୍ଥ ଅଛନ୍ତି। ଗୌରାଙ୍ଗଙ୍କ ଏହି ସାହସୀକତାକୁ ସମଗ୍ର ଅଞ୍ଚଳରେ ପ୍ରଶଂସା କରାଯାଉଛି। ଉଦ୍ଧାର ହୋଇଥିବା ଦୁଇ ଜଣଙ୍କ ପରିବାର ଲୋକେ ଗୌରାଙ୍ଗଙ୍କୁ କୃତଜ୍ଞତା ଜଣାଇଛନ୍ତି। ସ୍ଥାନୀୟ ଲୋକେ ଦାବି କରିଛନ୍ତି ଯେ, ଗୌରାଙ୍ଗଙ୍କ ଏହି ମହତ କାର୍ଯ୍ୟ ପାଇଁ ପ୍ରଶାସନ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯାଉ।

## ବାଲେଶ୍ୱର ସହରରେ ବିଶାଳ ଗଣ ବିକ୍ଷୋଭ

**ବାଲେଶ୍ୱର, ୧୦।୮ (ସମିସ):** କେନ୍ଦ୍ରର ବିଜେପି ନେତୃତ୍ୱାଧୀନ ସରକାରଙ୍କ ବିଭିନ୍ନ ଜନବିରୋଧୀ ନୀତି, ଶ୍ରମିକ ବିରୋଧୀ ଆଇନ ଓ କୋର୍ପୋରେଟ୍ ପ୍ରୀତି ବିରୋଧରେ ସଂଯୁକ୍ତ କିଷାନ ମୋର୍ଚ୍ଚା, ଦେଶର ସମସ୍ତ କେନ୍ଦ୍ରୀୟ ଶ୍ରମିକ ସଂଗଠନ, କ୍ଷେତ ମଜଦୁର ସଂଗଠନ ଏବଂ ଜାତୀୟ ଫେଡେରେସନ୍‌ଗୁଡ଼ିକର ମିଳିତ ଆହ୍ୱାନ କ୍ରମେ ବାଲେଶ୍ୱର ସହରରେ ଏକ ବିଶାଳ ଗଣବିକ୍ଷୋଭ ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱର ରେଳଷ୍ଟେସନ୍ ପ୍ରାଙ୍ଗଣରୁ ବାହାରି ଶହ ଶହ ଶ୍ରମିକ, କୃଷକ ଓ ସାଧାରଣ ନାଗରିକ ସରକାର ବିରୋଧୀ ନାରାବାଜି ଦେଇ ଜିଲ୍ଲାପାଳଙ୍କ ଦପ୍ତର ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ବାଲେଶ୍ୱର ଜିଲ୍ଲା ଶ୍ରମିକ, କୃଷକ ଓ କର୍ମଚାରୀଙ୍କ ମିଳିତ ମଞ୍ଚ (ଟିୟୁଏସିସି)ର ଉପାଧ୍ୟକ୍ଷ ଶାନ୍ତନୁ ଦାସଙ୍କ ଅଧ୍ୟକ୍ଷତାରେ ଏକ ପ୍ରତିବାଦ ସମାବେଶ ଆୟୋଜିତ ହୋଇଥିଲା। ଏହି ସମାବେଶରେ ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବୈଦେଶିକ ନୀତି, ଶିକ୍ଷାନୀତି, ଅର୍ଥନୀତି ଏବଂ ଶ୍ରମ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ସରକାର କୋର୍ପୋରେଟ୍ ସ୍ୱାର୍ଥ ରକ୍ଷା ପାଇଁ ଦେଶର ସାମ୍ବିଧାନିକ ଓ ଶ୍ରମ ଆଇନଗୁଡ଼ିକୁ ବଦଳାଉଛନ୍ତି। ଦୀର୍ଘବର୍ଷର ସଂଗ୍ରାମ ଫଳରେ ମିଳିଥିବା ୪୪ଟି ଶ୍ରମ ଆଇନକୁ ବାତିଲ କରି ୪ଟି ଶ୍ରମ କୋଡ଼ରେ ପରିଣତ କରିବା ନିଷ୍ପତ୍ତିକୁ ତୁରନ୍ତ ପ୍ରତ୍ୟାହାର କରିବା, ସ୍କିମ୍ ୱାର୍କରମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ସହ




ମାସିକ ୩୦ ହଜାର ଟଙ୍କା ବେତନ, ଅବସର ପରେ ମାସିକ ୯ ହଜାର ଟଙ୍କା ପେନସନ୍ ଓ ମହଙ୍ଗା ଭତ୍ତା ପ୍ରଦାନ କରିବା, ସମସ୍ତ ଖାଲି ସରକାରୀ ପଦବୀ ପୂରଣ କରିବା ଏବଂ ଠିକା ନିଯୁକ୍ତି ବ୍ୟବସ୍ଥାର ସମ୍ପୂର୍ଣ୍ଣ ବିଲୋପ କରିବା ପାଇଁ ଦୃଢ଼ ଦାବି କରାଯାଇଥିଲା। ଏହି ଆନ୍ଦୋଳନର ଅଂଶସ୍ୱରୂପ ସମାବେଶ ସ୍ଥଳରୁ ଏକ ପ୍ରତିନିଧି ଦଳ ଡେପୁଟି କଲେକ୍ଟର ପ୍ରବୋଧ କୁମାର ମଲ୍ଲିକଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଟିୟୁଏସିସିର ସାଧାରଣ ସଂପାଦକ ତଥା ଆବାହକ ଗୌରାଙ୍ଗ ପାଣିଗ୍ରାହୀ ସର୍ବଭାରତୀୟ ସ୍ତରରେ ଚାଲିଥିବା ଆନ୍ଦୋଳନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ପ୍ରତିବାଦ ସଭାରେ ବିଭିନ୍ନ ଗଣସଂଗଠନର ନେତା ଭାଗବତ ପ୍ରତିହାରୀ, ବିଜୟ ପାତ୍ର, ପ୍ରାକ୍ତନ ବିଧାୟକ ସୁଦର୍ଶନ ଜେନା, ଅରୁଣ ଜେନା, ଶିଶିର ହୁଇ, ଉମାକାନ୍ତ ଦାସ, ଲକ୍ଷ୍ମୀଧର ଗିରି, ରାଜେନ୍ଦ୍ର ବେହେରା, ଦିଲ୍ଲୀପ ଗିରି, ଆଶୁତୋଷ ପରିଡ଼ା, ଈଷାଣୀ ଷଡ଼ଙ୍ଗୀ, ନିର୍ମଳ ନାୟକ, ମାୟାଧର ନାୟକ, ରଜନୀକାନ୍ତ ନାୟକ, ପ୍ରେମରଞ୍ଜନ ପାତ୍ର, ଲୋକନାଥ ବେହେରା, ଯତୀନ ପାତ୍ର, ମୃତ୍ୟୁଞ୍ଜୟ ଗାଉତ, ବନ୍ଦନା ବିଶ୍ୱାସ, ଜୀବନକୃଷ୍ଣ ବାରିକ, କୁମୁଦିନୀ ଦାସ, ଶ୍ୟାମସୁନ୍ଦର ଜେନା, ନିରାକାର ପାଣ୍ଡବ, କମଳାକାନ୍ତ ନାୟକ, ଦୀପ୍ତିମାନ ଆଚାର୍ଯ୍ୟ, ରାଜକିଶୋର ଲେଙ୍କା ଓ ପ୍ରକାଶ ଦେ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ର ଓ ରାଜ୍ୟର 'ଡବଲ୍ ଇଞ୍ଜିନ୍ ସରକାର'ଙ୍କ ନୀତିକୁ କଡ଼ା ସମାଲୋଚନା କରିଥିଲେ।

## ଶିକ୍ଷକ ଅଭାବରେ ଜର୍ଜରିତ ବୈକୁଣ୍ଠନାଥ ଉଚ୍ଚ ବିଦ୍ୟାଳୟ

## ଡିଇଓଙ୍କ ଦ୍ୱାରସ୍ଥ ହେଲେ ଏସ୍‌ଏମ୍‌ସି କମିଟି ଓ ଗ୍ରାମବାସୀ

**ବାଲେଶ୍ୱର, ୧୦।୮ (ସମିସ) :** ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ ଟିଣ ମଣ୍ଡଗାଁ ସ୍ଥିତ ବୈକୁଣ୍ଠନାଥ ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ କରି ଶିକ୍ଷାଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ପରିବର୍ତ୍ତେ ଥିବା ଶିକ୍ଷକଙ୍କୁ ଅନ୍ୟ ବିଦ୍ୟାଳୟକୁ ଡେପୁଟେସନ୍‌ରେ ପଠାଇବା ଘଟଣାକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ବିଦ୍ୟାଳୟରେ ଆବଶ୍ୟକ ଅନୁପାତରେ ଶିକ୍ଷକ ନଥିବାରୁ ପିଲାଙ୍କ ପାଠପଢ଼ା ପ୍ରଭାବିତ ହେଉଥିବା ବେଳେ ସହକାରୀ ଇଂରାଜୀ ଶିକ୍ଷକ ବେଣୁଧର ପୃଷ୍ଟିଙ୍କୁ ସପ୍ତାହକୁ ୩ ଦିନ ୧୦ କିମି ଦୂର ଥିବା ତୁଣ୍ଡରା ଉଚ୍ଚ ବିଦ୍ୟାଳୟକୁ ଡେପୁଟେସନ୍ କରାଯାଇଥିବା ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ସମିତି (ଏସଏମସି)। ଡେପୁଟେସନ୍ ଆଦେଶ ତୁରନ୍ତ ବାତିଲ କରି ସମ୍ପୃକ୍ତ ଶିକ୍ଷକଙ୍କୁ ପୂର୍ବ ବିଦ୍ୟାଳୟରେ ରଖିବା ଦାବିରେ ଏସଏମସି ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଲୋକେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚି ଲିଖିତ ଅଭିଯୋଗ ଦେଇଛନ୍ତି।

ଏସଏମସି ଓ ଅଭିଭାବକମାନେ ଡିଇଓଙ୍କ ନିକଟରେ ଦାବି କରିଛନ୍ତି ଯେ, ଡେପୁଟେସନ୍ ଆଦେଶକୁ ପୁନର୍ବିଚାର କରାଯାଉ, ସମ୍ପୃକ୍ତ ଶିକ୍ଷକଙ୍କୁ ନିଜ ବିଦ୍ୟାଳୟକୁ ଫେରାଇ ଅଣାଯାଉ ଏବଂ ବିଦ୍ୟାଳୟରେ ଥିବା ଶିକ୍ଷକ ଅଭାବକୁ ତୁରନ୍ତ ପୂରଣ କରାଯାଉ। ଏହାସହ ଡେପୁଟେସନ୍ ପଛରେ ଥିବା କାରଣ ଓ ଆବଶ୍ୟକତା ସମ୍ପର୍କରେ ମଧ୍ୟ ସ୍ୱଚ୍ଛତା ଆଣିବାକୁ ଦାବି ହୋଇଛି।

## ବାଗୁଡ଼ି ଖାଦାନରେ ଚଢ଼ଉ, ବିସ୍ଫୋରକ ଜବତ

**ସୋର,୧୦।୮ (ସମିସ):** ସୋର ଥାନା ବାଗୁଡି ଖାଦାନରୁ ପଥର ଲୁଟ ଥମିବାର ନାଁ ଧରୁନି। ପ୍ରଶାସନ ପକ୍ଷରୁ ନିଆଯାଉଥିବା ସମସ୍ତ ପଦକ୍ଷେପକୁ ନାକାମ କରି ମାଫିଆ ମାନେ ଅହରହ ପଥର ଲୁଟ କରୁଛନ୍ତି। ଆଜି ସନ୍ଧ୍ୟାରେ ବାଗୁଡି ପଥର ଖାଦାନର ୩୯ ନମ୍ବର କ୍ୱାରିରୁ ପାହାଡ଼ ଫାଟାଇବାକୁ ବିସ୍ଫୋରକ ଖଞ୍ଜା ଯାଇଥିବା ବେଳେ ଖଣି ବିଭାଗ ଓ ତହସିଲ ପକ୍ଷରୁ ଅଚନାକ ଚଢ଼ାଉ କରାଯାଇଥିଲା। ଏହି ସମୟରେ ମାଫିଆ ଛତ୍ରଭଙ୍ଗ ଦେଇଥିବା ବେଳେ ପାହାଡ଼ ଫଟାଇବାରେ ବ୍ୟବହୃତ ହେବାକୁ ଥିବା ବିପୁଳ ମାତ୍ରାର ବିସ୍ଫୋରକ ସାମଗ୍ରୀ ଜବତ କରାଯାଇ ସୋର ଥାନାରେ ଜିମା ଦିଆଯାଇଥିବା ଜଣାପଡିଛି। ସେହିପରି ଆଜି ସକାଳେ ୪୩ ନମ୍ବର କ୍ୱାରୀରେ ଏକ ପୋକଲିନ କାମ କରୁଥିବା ବେଳେ ଏହା ଓଲଟି ପଡିଥିଲା। ଖବର ପାଇ ଖଣି ଅଧିକାରୀ ଜଗନ୍ନାଥ ଦାସ ଘଟଣାସ୍ଥଳରେ ପହଞ୍ଚି ମେସିନ ଟିକୁ ଜବତ କରିବା ସହିତ ବାଗୁଡ଼ି ବଜାରରୁ ବେଆଇନ ପଥର ବୋଝେଇ ଡମ୍ପରକୁ ଜବତ କରି ସୋର ଥାନାରେ ଜିମା ଦେଇଛନ୍ତି। ପୂର୍ବରୁ ବସିଥିବା ପୁଲିସ କ୍ୟାମ୍ପକୁ କିଛିଦିନ ତଳେ କେଉଁ କାରଣରୁ ଉଠାଇଦିଆଗଲା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବିର୍ଲା ଟାୟାର୍ସରେ ସ୍ଥାନୀୟ ଟ୍ରକ୍ ମାଲିକଙ୍କୁ ଶୋଷଣ ଅଭିଯୋଗ



**ବାଲେଶ୍ୱର,୧୦।୮ (ସମିସ):** ଦୀର୍ଘ ୩୦ ବର୍ଷ ଧରି ଜୀବିକା ନିର୍ବାହ କରିଆସୁଥିବା ସ୍ଥାନୀୟ ଟ୍ରକ୍ ମାଲିକ, ଡ୍ରାଇଭର ଓ ହେଲପରଙ୍କ ପେଟରେ ଲାତ ମାରି ରାଜ୍ୟ ବାହାର ଗାଡ଼ିକୁ ପ୍ରଶ୍ରୟ ଦେଉଛି ବିର୍ଲା ଟାୟାର୍ସ ର ନୂତନ ପ୍ରବନ୍ଧକ ମଣ୍ଡଳୀ ବୋଲି ଅଭିଯୋଗ ହୋଇଛି। ଏହି ଶୋଷଣ ଓ ଅନ୍ୟାୟ ବିରୋଧରେ ଆଜି ବାଲେଶ୍ୱର ଟ୍ରାନ୍ସପୋର୍ଟ କୋ-ଅର୍ଡିନେସନ କମିଟି (ବିଟିସିସି) ର ଶହ ଶହ ସଦସ୍ୟ, ଟ୍ରକ୍ ମାଲିକ, ଡ୍ରାଇଭର, ହେଲପର ଏବଂ ଜାନୁଗଞ୍ଜ ଗୋଲେଇ ଅଞ୍ଚଳର ଗ୍ୟାରେଜ ମାଲିକମାନେ ଏକଜୁଟ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଦାବିପତ୍ର ଅନୁସାରେ, ଅତୀତରେ ବିର୍ଲା ଟାୟାର ପ୍ରାରମ୍ଭିକ କାରଖାନାର ଅଧିକାରୀମାନଙ୍କ ଅନୁରୋଧ କ୍ରମେ ବାଲେଶ୍ୱରର ଶତାଧିକ ଶିକ୍ଷିତ ବେକାର ଯୁବକ ଲକ୍ଷ ଲକ୍ଷ ଟଙ୍କାର ଋଣ କରି କଣ୍ଟେନର ଟ୍ରକ୍ କିଣିଥିଲେ ଏବଂ କମ୍ପାନୀର ପରିବହନ ସୁଚାରୁରୂପେ ଚଳାଇଥିଲେ। ଏହାଦ୍ୱାରା ବାଲେଶ୍ୱରରେ ଏକ ବଡ଼ ପରିବହନ ଶିଳ୍ପ ଗଢ଼ି ଉଠିଥିଲା। ମାତ୍ର ୨୦୧୯ ମସିହାରେ କମ୍ପାନୀ କର୍ତ୍ତୃପକ୍ଷ ନିଜକୁ 'ସିକ୍' ଘୋଷଣା କରିବା ପରେ ପରିସ୍ଥିତି ଜଟିଳ ହୋଇପଡ଼ିଥିଲା। ପରବର୍ତ୍ତୀ ସମୟରେ ପ୍ରଧାନମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଗଠିତ ଏନସିଏଲଟି ର ହସ୍ତକ୍ଷେପ ଫଳରେ ପ୍ରାୟ ୧୨୦୦ କୋଟି ଟଙ୍କାର ଋଣ ଗ୍ରସ୍ତ ବିର୍ଲା ଟାୟାର୍ସକୁ ମାତ୍ର ୩୪୭ କୋଟି ଟଙ୍କାରେ "ହିମାଦ୍ରି କେମିକାଲସ୍ ଆଣ୍ଡ ଡାଲମିଆ ରିଫ୍ରାକ୍ଟୋରୀ ମିଳିତ ଭାବେ ଅଧିଗ୍ରହଣ କରିଥିଲେ। ଏନସିଏଲଟି ର ମୂଳ ଲକ୍ଷ୍ୟ ଥିଲା ରୁଗ୍ଣ ଶିଳ୍ପକୁ ପୁନଃଉଦ୍ଧାର କରିବା ସହ ଏହା ଉପରେ ନିର୍ଭରଶୀଳ ସ୍ଥାନୀୟ ଲୋକଙ୍କ ଦାନାପାଣି ସୁରକ୍ଷିତ ରଖିବା। ହେଲେ ବର୍ତ୍ତମାନର ମ୍ୟାନେଜମେଣ୍ଟ ଟାୟାର ତିଆରି କରି କୋଟି କୋଟି ଟଙ୍କା ଲାଭ କମାଉଥିବା ବେଳେ ଗତ ୨ ବର୍ଷ ଧରି ସ୍ଥାନୀୟ ଟ୍ରକ୍‌ଗୁଡ଼ିକୁ ସମ୍ପୂର୍ଣ୍ଣ ଅଣଦେଖା କରୁଛି। ସ୍ଥାନୀୟ ଗାଡ଼ିକୁ କାମ ନ ଦେଇ ରାଜ୍ୟ ବାହାରୁ ଟ୍ରକ୍ ଆଣି ପରିବହନ କାର୍ଯ୍ୟରେ ନିୟୋଜିତ କରାଯାଉଛି, ଯାହା ଫଳରେ ବ୍ୟାଙ୍କ ଋଣ ସୁଝି ନ ପାରି ସ୍ଥାନୀୟ ଯୁବକମାନେ ନିଜର ଗାଡ଼ି ବିକ୍ରି କରିବାକୁ ବାଧ୍ୟ ହେଉଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗକୁ ନେଇ ବିଟିସିସି ପକ୍ଷରୁ ବିର୍ଲା ଟାୟାର କର୍ତ୍ତୃପକ୍ଷ, ଜିଲ୍ଲା ପ୍ରଶାସନ ଏବଂ ପୋଲିସ ପ୍ରଶାସନକୁ ବାରମ୍ବାର ନିବେଦନ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏଣୁ କମିଟି ସ୍ପଷ୍ଟ ଚେତାବନୀ ଦେଇଛି ଯେ, ଆଗାମୀ ୭ ଦିନ ଅର୍ଥାତ୍ ଅଗଷ୍ଟ ୧୭ ତାରିଖ ସୁଦ୍ଧା ଯଦି ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଆପୋସ ସମାଧାନର ବାଟ ନକାଢ଼ନ୍ତି, ତେବେ ସମସ୍ତ ଟ୍ରକ୍ ମାଲିକ, ଡ୍ରାଇଭର ଓ ହେଲପର ସପରିବାର ବିର୍ଲା ଟାୟାର ଗେଟ୍ ସମ୍ମୁଖରେ ଆମରଣ ଗଣ-ଧର୍ମଘଟରେ ବସିବାକୁ ବାଧ୍ୟ ହେବେ। ବିଟିସିସି ସମ୍ପାଦକ ଏନ୍. ବି. ଦାସଙ୍କ ନେତୃତ୍ୱରେ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀ, ବିଜେପି ରାଜ୍ୟ ସଭାପତି, ବାଲେଶ୍ୱର ଜିଲ୍ଲାପାଳ, ପରିବହନ ଅଧିକାରୀ ଏବଂ ବିର୍ଲା ଟାୟାର କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରି ସ୍ଥାନୀୟ ବେକାର ଯୁବକଙ୍କ ଜୀବିକା ବଞ୍ଚାଇବାକୁ ଦୃଢ଼ ଦାବି ଜଣାଇଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର



**ନୀଳଗିରି, ୧୦।୮ (ସମିସ):** ବାଲେଶ୍ୱର ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ (ସାଧାରଣ) ଅତିରିକ୍ତ ଜିଲ୍ଲାପାଳ ହେମନ୍ତ ସିଂହ (ରାଜସ୍ୱ) ଓ ଆରକ୍ଷୀ ଅଧୀକ୍ଷକ ପ୍ରତ୍ୟୁଷ ଦିବକରଙ୍କ ମିଳିତ ଜନଶୁଣାଣୀ ଶିବିର ସୋମବାର ଦିବା ୧୦ ଘଟିକାରେ ସ୍ଥାନୀୟ ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ନୀଳଗିରି ପଞ୍ଚାୟତ ସମିତି ଅନ୍ତର୍ଗତ ବିଭିନ୍ନ ଗ୍ରାମ ପଞ୍ଚାୟତରୁ ମୋଟ ୮୧ଜଣ ଅଭିଯୋଗକାରି ନିଜ ନିଜର ଅଭିଯୋଗ ଫର୍ଦ୍ଦ ଉପସ୍ଥାପନ କରିଥିଲେ। ଏହି ଅଭିଯୋଗ ମଧ୍ୟରେ ବ୍ୟକ୍ତିଗତ ଭାବେ ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ସ୍ୱାସ୍ଥ୍ୟ ଚିକିତ୍ସା ସହାୟତା ଏବଂ ସାମୂହିକ ଭାବେ ରାସ୍ତା ଘାଟ ପାନୀୟ ଜଳ ବିଦ୍ୟୁତ୍ ବିଲ ସମସ୍ୟା, ଉଦ୍ୟାନ କୃଷି, ଜଙ୍ଗଲ ଜମି ପଟ୍ଟା, ଆବାସ ଯୋଜନା, ଆଇନଶୃଙ୍ଖଳା ସମ୍ପର୍କିତ ଥିଲା। ଏହି ମିଳିତ ଜନଶୁଣାଣି ଶିବିରରେ ୧୦ଟି ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଏହି ଜନ ଶୁଣାଣୀ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରମୋଦ କୁମାର ମଲ୍ଲିକ, ସ୍ଥାନୀୟ ଉପ ଜିଲ୍ଲାପାଳ ଶୁଭଶ୍ରୀ ରଥ, ବି.ଡି.ଓ. ବିକ୍ରମ କେଶରୀ ପରିଡ଼ା, ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା ସମେତ ଜିଲ୍ଲା ଏବଂ ଉପଖଣ୍ଡ ସ୍ତରୀୟ ବିଭିନ୍ନ ବିଭାଗୀୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଇଣ୍ଟରନେଟ ସର୍ଭର ଡାଉନ; ଯନ୍ତ୍ରଣା ଭୋଗୁଛନ୍ତି ରାସନ ହିତାଧିକାରୀ

**ଚନ୍ଦନେଶ୍ୱର, ୧୦।୮ (ସମିସ)**

ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ରେସନ ସାମଗ୍ରୀ ପାଇବା ପାଇଁ ସରକାରଙ୍କ ଡିଜିଟାଲ ବ୍ୟବସ୍ଥା ଉପରେ ନିର୍ଭର କରୁଥିବା ହିତାଧିକାରୀମାନେ ଏବେ ଇଣ୍ଟରନେଟର ସର୍ଭର ସମସ୍ୟା ଯୋଗୁଁ ଯନ୍ତ୍ରଣା ଭୋଗୁଛନ୍ତି। ବିଶେଷ କରି ଏହି ବ୍ଲକ ଅଧୀନ ଶ୍ରଦ୍ଧାପୁର ପଞ୍ଚାୟତର ଶ୍ରଦ୍ଧାପୁର, କନ୍ୟାନଗରୀ, ପଳାସିଆ, ପ୍ରହରାଜପୁର, ନାଫରାଇ ଓ କିସ୍ମତନାଫରାଇ ଗ୍ରାମର ରାସନ ହିତାଧିକାରୀମାନେ ଏହି ସମସ୍ୟାରେ ଅତିଷ୍ଠ ହୋଇଗଲେଣି।

ସୂଚନା ଅନୁଯାୟୀ, ରାସନ ଦୋକାନରେ ଜଣେ ହିତାଧିକାରୀଙ୍କ ବାୟୋମେଟ୍ରିକ ଯାଞ୍ଚ ପାଇଁ ଦୁଇଥର ଆଙ୍ଗୁଠି ଛାପ ଦେବାକୁ ପଡୁଛି। ଏଥିପାଇଁ ପ୍ରାୟ ୨୦ ମିନିଟ୍ ସମୟ ଲାଗୁଥିବା ଅଭିଯୋଗ ହୋଇଛି। ସର୍ଭର ଠିକ୍ ଭାବେ କାମ ନ କରୁଥିବାରୁ ବାୟୋମେଟ୍ରିକ ଯାଞ୍ଚ ବାରମ୍ବାର ବିଫଳ ହେଉଛି। ଫଳରେ ରେସନ ନେବାକୁ ଆସିଥିବା ହିତାଧିକାରୀ ମାନେ ଦୀର୍ଘ ସମୟ ଧରି ଲାଇନରେ ଛିଡ଼ା ହୋଇବାକୁ ବାଧ୍ୟ ହେଉଛନ୍ତି। ଗତକାଲି ସର୍ଭର ସମସ୍ୟା ଏତେ ଗୁରୁତର ଥିଲା ଯେ,ରବିବାର ସାରାଦିନରେ ମାତ୍ର ୪ ଜଣ ହିତାଧିକାରୀ ଚାଉଳ ନେଇଥିବା ଜଣାପଡ଼ିଛି। ସୋମବାର ମଧ୍ୟ ସକାଳୁ ସର୍ଭର ସମସ୍ୟା ଯୋଗୁଁ ରେସନ



ବଣ୍ଟନ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। କାମଧନ୍ଦା ଛାଡ଼ି ରେସନ ନେବାକୁ ଆସିଥିବା ବ୍ଣ୍ଟ ହିତାଧିକାରୀ ମାନଙ୍କୁ ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଥିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ବିଶେଷକରି ବୟସ୍କ ବୃଦ୍ଧ ଓ ବୃଦ୍ଧା ହିତାଧିକାରୀମାନଙ୍କ ଦୁର୍ଦ୍ଦଶା ଅଧିକ ଦୟନୀୟ ହୋଇପଡ଼ିଛି। ଦୀର୍ଘ ସମୟ ଧରି ଠିଆ ହୋଇ ରହିବା ସେମାନଙ୍କ ପାଇଁ କଷ୍ଟକର ହେଉଥିବା ବେଳେ ଅନେକ ବୃଦ୍ଧବୃଦ୍ଧା ବସିବା ପାଇଁ ସ୍ଥାନ ନ ପାଇ ଅସୁବିଧାରେ ପଡୁଛନ୍ତି। ଘରର ଆବଶ୍ୟକ କାମ ଛାଡ଼ି ଦୂରଦୂରାନ୍ତରୁ ଶ୍ରଦ୍ଧାପୁର ରେସନ ନେବାକୁ ଆସି ଦିନ ତମାମ ଅପେକ୍ଷା କରି ମଧ୍ୟ ଚାଉଳ ନ ପାଇ ଖାଲି ହାତରେ ଫେରୁ ଥିବା ଦେଖିବାକୁ ମିଳୁଛି। ଏପରିକି ଦିନ ମଜୁରିଆ ଓ ଖଟିଖିଆ ଲୋକମାନେ ମଧ୍ୟ ରେସନ ପାଇଁ ସାରାଦିନ ଅପେକ୍ଷା କରିବାରୁ ନିଜର ଦୈନିକ ରୋଜଗାର ହରାଉଛନ୍ତି। ଗୋଟିଏ ପଟେ ସରକାରୀ ରେସନ ପାଇବା ପାଇଁ ହିତାଧିକାରୀଙ୍କୁ ବାୟୋମେଟ୍ରିକ ବ୍ୟବସ୍ଥା ମାଧ୍ୟମରେ ଯାଞ୍ଚ କରାଯାଉଥିବା ବେଳେ ଅନ୍ୟପଟେ ସର୍ଭର ଅଚଳ ହେବାରୁ ସେହି ବ୍ୟବସ୍ଥା ହିଁ ଲୋକଙ୍କ ପାଇଁ ଯନ୍ତ୍ରଣାର କାରଣ ପାଲଟିଛି। ହିତାଧିକାରୀମାନେ କହିଛନ୍ତି ଯେ, ରେସନ ପାଇବା ସେମାନଙ୍କର ଅଧିକାର। କିନ୍ତୁ ସର୍ଭର

**▶▶ ଦୁଇଥର ବାୟୋମେଟ୍ରିକ ପାଇଁ ଲାଗୁଛି ୨୦ ମିନିଟ୍**

**▶▶ ଘଣ୍ଟା ଘଣ୍ଟା ଅପେକ୍ଷା କରୁଛନ୍ତି ବୃଦ୍ଧବୃଦ୍ଧା**

ସମସ୍ୟା ଯୋଗୁଁ ଏଥିପାଇଁ ଦିନ ଦିନ ଧରି ହଇରାଣ ହେବାକୁ ପଡୁଛି। ତେଣୁ ତୁରନ୍ତ ସର୍ଭର ସମସ୍ୟାର ସ୍ଥାୟୀ ସମାଧାନ କରିବା ସହ ବୃଦ୍ଧବୃଦ୍ଧା ଓ ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀଙ୍କ ପାଇଁ ସୁବିଧାଜନକ ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ଗୁରୁତର ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ସର୍ଭର ଓ ବାୟୋମେଟ୍ରିକ ବ୍ୟବସ୍ଥାକୁ ସ୍ୱାଭାବିକ କରନ୍ତୁ ବୋଲି ଶ୍ରଦ୍ଧାପୁର ପଞ୍ଚାୟତବାସୀ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ଏହି ସମସ୍ୟାକୁ ନେଇ ଜନଅସନ୍ତୋଷ ଆହୁରି ତୀବ୍ର ହେବାର ଆଶଙ୍କା ରହିଛି।

# ସମ୍ପାଦକୀୟ



ଯେତେବେଳ ପର୍ଯ୍ୟନ୍ତ ତୁମ ନିଜ ଉପରେ ବିଶ୍ୱାସ ଆସିନାହିଁ ତୁମେ ଈଶ୍ୱରଙ୍କ ସତ୍ତା ଅନୁଭବ କରିପାରିବ ନାହିଁ।
-ବିବେକାନନ୍ଦ

ସକାଳ
THE SAKALA

## ତରବରିଆ ନିଷ୍ପତ୍ତି କାହିଁକି?

ଜାତୀୟ ଶିକ୍ଷା ନୀତି ୨୦୨୦ ଆଧାରରେ ଓଡ଼ିଶାରେ ସ୍ନାତକ ଦ୍ୱିତୀୟ ବର୍ଷ(ଚତୁର୍ଥ ସେମିଷ୍ଟାର)ରେ 'ବୃତ୍ତିଗତ ପ୍ରଶିକ୍ଷଣ ଓ ଗୋଷ୍ଠୀ ସେବା କାର୍ଯ୍ୟକ୍ରମ'(ଇଣ୍ଟର୍ନସିପ୍ ଆଣ୍ଡ କମ୍ୟୁନିଟି ସର୍ଭିସ୍ ପ୍ରୋଗ୍ରାମ୍) ନାମରେ ୧୦୦ ନମ୍ବର ବିଶିଷ୍ଟ ଏକ ପାଠ୍ୟକ୍ରମ(ପ୍ରୟୋଗାତ୍ମକ) ସାମିଲ୍ କରାଯାଇଛି। ବିଜ୍ଞାନ, କଳା, ବାଣିଜ୍ୟ ଆଦି ସବୁବର୍ଗ ପାଇଁ ବାଧ୍ୟତାମୂଳକ ଥିବା ଏହି ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନେ ବ୍ୟାବହାରିକ ଜ୍ଞାନ ଓ ସାମାଜିକ ଅଭିଜ୍ଞତା ହାସଲ ପାଇଁ ଉଚ୍ଚଶିକ୍ଷା ଦ୍ୱାରା ଧାର୍ଯ୍ୟ ୬ଟି କ୍ଷେତ୍ର ମଧ୍ୟରୁ ଯେକୌଣସି ଗୋଟିକରେ କ୍ରମାଗତ ୩୫ ଦିନ/୧୨୦ ଘଣ୍ଟା କିମ୍ବା ନିଜ ସୁବିଧା ଅନୁଯାୟୀ ୬ ମାସ କାର୍ଯ୍ୟ କରି ରିପୋର୍ଟ ପ୍ରସ୍ତୁତ କରିବେ। ରିପୋର୍ଟ ଆଧାରରେ ସେମାନଙ୍କୁ ୪ ଆକାଡେମିକ୍ କ୍ରେଡିଟ୍ ପଏଣ୍ଟ ମିଳିବ, ଯାହା ମୋଟ ପରୀକ୍ଷା ନମ୍ବରରେ ସାମିଲ୍ ହୋଇ ଗ୍ରେଡ୍ କିମ୍ବା ଡିଭିଜନ୍ ପାଇବାରେ ସହାୟକ ହେବ।

ଛାତ୍ରଛାତ୍ରୀମାନେ ଇଣ୍ଟର୍ନସିପ୍ କରିବାକୁ ଥିବା କ୍ଷେତ୍ରଗୁଡ଼ିକୁ 'ସରକାରୀ' ଓ 'ବେସରକାରୀ'ରେ ବିଭକ୍ତ କରାଯାଇଛି। 'ସରକାରୀ' କ୍ଷେତ୍ରରେ ବ୍ଲକ କାର୍ଯ୍ୟାଳୟ, ଗ୍ରାମ ପଞ୍ଚାୟତ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଓ ଅନ୍ୟାନ୍ୟ ପ୍ରଶାସନିକ କାର୍ଯ୍ୟାଳୟ ସାମିଲ୍ ହୋଇଥିବା ବେଳେ ଘରୋଇ କ୍ଷେତ୍ର ପାଇଁ ଆଇଟି ଓ ସଫ୍ଟୱେର କମ୍ପାନୀ, ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ସଂସ୍ଥା/ଡାକ୍ତରଖାନା/ନର୍ସିଂହୋମ୍, ନିର୍ମାଣ ସଂସ୍ଥା, ବ୍ୟାଙ୍କ, ଗଣମାଧ୍ୟମ, ଖୁଚୁରା ବ୍ୟବସାୟ, ଶିକ୍ଷା(ସ୍କୁଲ୍, କଲେଜ୍, ଅଙ୍ଗନବାଡ଼ି), ହୋଟେଲ୍, ପର୍ଯ୍ୟଟନ ଆଦିକୁ ଚୟନ କରାଯାଇଛି। ଛାତ୍ରଛାତ୍ରୀଙ୍କଠାରେ ପ୍ରାକ୍ କର୍ମନିଯୁକ୍ତି ଦକ୍ଷତା, ଗବେଷଣା ଓ ପରିଚାଳନା କୌଶଳ, ଔଦ୍ୟୋଗିକ ଅଭିଜ୍ଞତା, ସାମାଜିକ ଦାୟିତ୍ୱବୋଧ ଆଦି ଉତ୍ପନ୍ନ କରିବା ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଭାବେ ଦର୍ଶାଯାଇଛି।

'ଜେନ୍ ଜେଡ୍' ଓ 'ଜେନ୍ ଆଲ୍ଫା' ବର୍ଗର ପିଲାମାନେ ସାମାଜିକ ଦାୟିତ୍ୱବୋଧ ରହିତ ବୋଲି ଅଭିଯୋଗ ହୋଇଆସୁଛି। ସେହିପରି ଅନେକ ଭାରତୀୟ ଛାତ୍ରଛାତ୍ରୀଙ୍କ ବୁଦ୍ଧିମତ୍ତା, ଦକ୍ଷତା କେବଳ ପରୀକ୍ଷା ଫଳରେ ସୀମିତ ରହିଯାଉଛି। ନିଯୁକ୍ତିପତ୍ର ପାଇଥିଲେ ମଧ୍ୟ ବାସ୍ତବ ବା କର୍ମକ୍ଷେତ୍ରରେ ସେମାନେ ବିଫଳ ହୋଇ ଚାକିରି ହରାଉଛନ୍ତି। ଏ ଦୃଷ୍ଟିରୁ ପିଲାମାନଙ୍କ ପାଠପଢ଼ା ସରିବା ବେଳକୁ ସେମାନଙ୍କୁ ସବୁକ୍ଷେତ୍ରରେ ସାଧାରଣ ବ୍ୟାବହାରିକ ଜ୍ଞାନ-ଅଭିଜ୍ଞତା ସମ୍ପନ୍ନ କରିବା ଲକ୍ଷ୍ୟରେ ଆରମ୍ଭ ହୋଇଥିବା ଏହି ଯୋଜନା ସର୍ବାଦୌ ସ୍ୱାଗତଯୋଗ୍ୟ ହୋଇପାରିଥା'ନ୍ତା ଯଦି ଏହାର କାର୍ଯ୍ୟାନ୍ୱୟନ ପୂର୍ବରୁ ପ୍ରାକ୍‌ପ୍ରସ୍ତୁତି ଓ ସୁସଂହତ କାର୍ଯ୍ୟଖସଡ଼ାଟିଏ ପ୍ରସ୍ତୁତ ହୋଇଥା'ନ୍ତା।

ଉଚ୍ଚଶିକ୍ଷା ବିଭାଗ ଗତ ଏପ୍ରିଲ୍ ମାସରେ ଏ ସମ୍ପର୍କରେ ସମସ୍ତ ଶିକ୍ଷାମଣ୍ଡଳ ଅଧିକାରୀଙ୍କୁ ପତ୍ର ଲେଖିଛି। ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ମହାବିଦ୍ୟାଳୟ ସ୍ତରରେ ସମନ୍ୱୟ ରଖି କାର୍ଯ୍ୟକ୍ରମର ତଦାରଖ କରିବାକୁ ଉକ୍ତପତ୍ରରେ ନିର୍ଦ୍ଦେଶ ରହିବା ସହିତ ସମସ୍ତ ଯୁକ୍ତ ତିନି ମହାବିଦ୍ୟାଳୟ ଅଧ୍ୟକ୍ଷମାନଙ୍କୁ ନକଲ ଦିଆଯାଇଛି। ଅଥଚ କେହି କିଛି ବୁଝିବା ପୂର୍ବରୁ ଚଳିତ ଶିକ୍ଷାବର୍ଷରୁ ହିଁ ଏହା କାର୍ଯ୍ୟକାରୀ ହୋଇସାରିଛି। ଏ ବିଷୟରେ ଛାତ୍ରଛାତ୍ରୀ ବୁଝିବା ଦୂରେ ଥାଉ ଅଧିକାଂଶ ଅଧ୍ୟାପକ(ମେଣ୍ଟର) ମଧ୍ୟ ଅନ୍ଧାରରେ। ତେଣୁ ସ୍ୱାଭାବିକଭାବେ ଛାତ୍ରଛାତ୍ରୀମାନେ ବାଟବଣା। ଯୋଜନା କାର୍ଯ୍ୟକାରୀ ହେବା ପୂର୍ବରୁ ଅନ୍ତତଃ ଯୋଜନାର ରୂପରେଖ ଓ କାର୍ଯ୍ୟଶୈଳୀ ବିଷୟରେ ଅଧ୍ୟାପକମାନଙ୍କୁ ତାଲିମ୍ ଦିଆଯାଇଥିଲେ ଏହି ମହତାକାଂକ୍ଷୀ ଯୋଜନାର ମୌଳିକ ଲକ୍ଷ୍ୟ ସାଧିତ ହୋଇଥା'ନ୍ତା। କିନ୍ତୁ ତରବରିଆ ଭାବେ ଏହାକୁ ଲାଗୁ କରିଥିବାରୁ ଯେତନେତ ପ୍ରକାରେଣ କେବଳ ପାଠ୍ୟକ୍ରମ ସାରିବା ପାଇଁ ଛାତ୍ରଛାତ୍ରୀ ଛଳନାର ଆଶ୍ରୟ ନେବା ଛଡ଼ା ଉପାୟ ନାହିଁ।

ଏ ପର୍ଯ୍ୟନ୍ତ ମିଳିଥିବା ଖବର ଓ ଅଭିଯୋଗ ଅନୁଯାୟୀ କୌଣସି ସରକାରୀ କାର୍ଯ୍ୟାଳୟ, ଏପରିକି ସରକାରୀ/ଘରୋଇ ବିଦ୍ୟାଳୟ, ଅଙ୍ଗନବାଡ଼ି କେନ୍ଦ୍ର ଯଥେଷ୍ଟ ସମୟ ନ ଥିବା କହି ସହଯୋଗ କରିବାକୁ ରୋକ୍‌ଠୋକ୍ ମନା କରିଦେଉଛନ୍ତି। ଡାକ୍ତରଖାନା, ବ୍ୟାଙ୍କ, ଆଇଟି କମ୍ପାନୀ, ହୋଟେଲ୍ ଆଦି ବେସରକାରୀ ସଂସ୍ଥା ସହଯୋଗ କରିବାର ସମ୍ଭାବନା ପ୍ରାୟ ଶୂନ୍ ଥିବାରୁ ସେଠାକାର ବାରଣ୍ଡା ମଧ୍ୟ ମାଡ଼ୁ ନାହାନ୍ତି। କିଛି ଉଦ୍‌ଯୋଗୀ ଛାତ୍ରଛାତ୍ରୀ ଉପରୋକ୍ତ ସଂସ୍ଥାକୁ ବାରମ୍ବାର ଦୌଡ଼ି ନିରାଶ ହେଉଥିବା ବେଳେ ଆଉ କେତେକ 'କେହି ସହଯୋଗ କରୁନାହାନ୍ତି' ଅଭିଯୋଗ ଆଣୁଛନ୍ତି। ଏହା ମେଣ୍ଟରମାନଙ୍କର ସମସ୍ୟାକୁ ଆହୁରି ଜଟିଳ କରୁଛି। ତେଣୁ ଏବେ ଛାତ୍ରଛାତ୍ରୀଙ୍କ ଶେଷ ଠିକଣା ହୋଇଛି ଏନ୍‌ଜିଓ, ଅନାଥାଶ୍ରମ, ବୃଦ୍ଧାଶ୍ରମ ଇତ୍ୟାଦି। କିନ୍ତୁ ସେମାନଙ୍କ ମଧ୍ୟରୁ କେତେକ ଉଚ୍ଚଶିକ୍ଷା ବିଭାଗର ଏଭଳି ନିର୍ଦ୍ଦେଶନାମା ସହିତ ଅବଗତ ନଥିବା କହି ସହଯୋଗ କରୁନାହାନ୍ତି ତ ଆଉ କେତେକ ସଂସ୍ଥା ଏହାକୁ 'ଏଫ୍‌ସିଆରଏ' ଆଇନ ଆଧାରରେ ତର୍ଜମା କରୁଛନ୍ତି ଏବଂ ଆର୍ଥିକ ସହାୟତା/ଅନୁଦାନ/ପାଣ୍ଠି ଆଦି ବିଷୟରେ ସୂଚନା ସଂଗ୍ରହ ପାଇଁ ଏହା ସରକାରଙ୍କ ଏକ ସୁଚିନ୍ତିତ ଚାଲ୍ ବୋଲି ଭାବୁଛନ୍ତି। ଏହାଛଡ଼ା ଅନାଥାଶ୍ରମରେ ପିଲାମାନଙ୍କର ଫଟୋ/ଭିଡିଓ ଆଦି ସାର୍ବଜନୀନ କରିବାରେ କଟକଣା ରହିଛି। ତେଣୁ ମାତ୍ର ଘଣ୍ଟାଏ/ଦୁଇଘଣ୍ଟା ଭିତରେ ଛାତ୍ରଛାତ୍ରୀମାନେ ଏନ୍‌ଜିଓ କର୍ତ୍ତୃକକ୍ଷମାନଙ୍କଠାରୁ ଯେନତେନ ପ୍ରକାରେଣ ପ୍ରମାଣପତ୍ର ଖଣ୍ଡିଏ ଯୋଗାଡ଼ କରି ଯେ ଯାହା ପାରିଲା ରିପୋର୍ଟଟିଏ ଲେଖିଦେଇ ଦାଖଲ କରିଦେଉଛନ୍ତି। ଏଥିରେ ଛାତ୍ରଛାତ୍ରୀଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକାମାନଙ୍କର ସମୟ ଅପଚୟ ହେବା କେବଳ ସାର ହେଉଛି।

ତରବରିଆ ଭାବେ ଆରମ୍ଭ କରିବା ପୂର୍ବରୁ ଏ ସମ୍ପର୍କରେ ଶିକ୍ଷାବିତ୍, ଅଭିଭାବକ, ସାମାଜିକ କର୍ମୀ, ବିଶେଷଜ୍ଞ, ମନସ୍ତତ୍ତ୍ୱବିତ୍, ଆଇନଜ୍ଞମାନଙ୍କଠାରୁ ପରାମର୍ଶ/ମତାମତ ଲୋଡ଼ିବାର ଆବଶ୍ୟକ ଥିଲା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ସେଥିପ୍ରତି ବିଶେଷ ଗୁରୁତ୍ୱ ଦେଇଥିବା ମନେ ହେଉନାହିଁ। ଛାତ୍ରଜୀବନରେ ଶିକ୍ଷା ଯେତିକି ମୂଲ୍ୟବାନ୍, ତା'ଠାରୁ ଆହୁରି ଅଧିକ ମହାର୍ଘ ସେମାନଙ୍କ ସମୟ। ଯାହା ବିତିଯାଇଛି ତାହାର ଭରଣା କରିହେବ ନାହିଁ। ଆଗକୁ ସମୟ ଓ ଶ୍ରମର ଯେଭଳି ସଦୁପଯୋଗ ହୋଇପାରିବ ସେ ଦିଗରେ ସୁଚିନ୍ତିତ ଦୀର୍ଘସ୍ଥାୟୀ ଯୋଜନା ପ୍ରଣୟନ ଦିଗରେ ଉଚ୍ଚଶିକ୍ଷା ବିଭାଗ ଚିନ୍ତା କରୁ। ସରକାରୀ କାର୍ଯ୍ୟାଳୟ ଓ ବେସରକାରୀ ସଂସ୍ଥା ସହଯୋଗ କରିବା ପାଇଁ ରାଜ୍ୟ ସରକାର ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରିବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉପରୋକ୍ତ କାର୍ଯ୍ୟକ୍ରମ ଅଧୀନରେ ବୃଦ୍ଧାଶ୍ରମ କିମ୍ବା ଅନାଥାଶ୍ରମରେ ସମୟ କାଟିବା ବାଧ୍ୟତାମୂଳକ କରାଗଲେ ସମାଜରେ ବଢ଼ିଚାଲିଥିବା ବାର୍ଦ୍ଧକ୍ୟ-ବିରୋଧୀ ମାନସିକତା କିଛିପରିମାଣରେ ହ୍ରାସ ପାଆନ୍ତା। ଅପରପକ୍ଷରେ ଏବେ 'ରକ୍ତ ଅଭାବ' ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ଗୁରୁତର ଆହ୍ୱାନ ଓ ସମସ୍ୟା କରିଛି। ଗୋଷ୍ଠୀ ସାମାଜିକ ଦାୟିତ୍ୱବୋଧ ଅଧୀନରେ ପିଲାମାନଙ୍କୁ ରକ୍ତଦାନ ପାଇଁ ଉତ୍ସାହିତ କରି ୟୁନିଟ୍ ପିଛା କ୍ରେଡିଟ୍ ପଏଣ୍ଟ ବ୍ୟବସ୍ଥା କଲେ ଅନେକ ଉପକାର ହୁଅନ୍ତା। ପ୍ରତିବର୍ଷ ୨ ଲକ୍ଷରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମ ଲେଖାଉଛନ୍ତି। ସେମାନେ ଅନ୍ତତଃ ବର୍ଷକୁ ଦୁଇଥର ରକ୍ତଦାନ କଲେ ୪ ଲକ୍ଷ ୟୁନିଟ୍ ସଂଗ୍ରହ ହୋଇପାରନ୍ତା। ଏହାଦ୍ୱାରା ସମାଜ କଲ୍ୟାଣ ସହିତ ସେମାନଙ୍କ କ୍ୟାରିୟର ନମ୍ବର ମଧ୍ୟ ବଢ଼ିପାରନ୍ତା। ସରକାର ଏ ଦିଗରେ ବିଚାର କରିବେ ବୋଲି ଆଶା। ●

# ବାର୍ଦ୍ଧକ୍ୟର ଭୁଲ ବ୍ୟାଖ୍ୟା ଓ ବୟସବାଦ

**ଅବଶ ପରିଡ଼ା**

ସମାଜବିଜ୍ଞାନରେ ବାର୍ଦ୍ଧକ୍ୟକୁ ନେଇ ଅଜସ୍ର ବିଷୟବସ୍ତୁ ଗବେଷଣା ଓ ପ୍ରସଙ୍ଗ ଅଛି। ଏପରିକି ପ୍ରତିଦିନ ଖବରକାଗଜରେ ବାର୍ଦ୍ଧକ୍ୟକୁ ନେଇ ଚର୍ଚ୍ଚା ଓ ଆଲୋଚନା। କହିବାକୁ ଗଲେ ସମାଜଶାସ୍ତ୍ରୀ ଓ ବିଶାରଦଙ୍କ ନିମନ୍ତେ ଏହା ଏକ ସ୍ୱତନ୍ତ୍ର ଓ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର। ପ୍ରାକୃତିକ ଭାବେ ଶାରୀରିକ ପରିବର୍ତ୍ତନ ବା ଅବନତି ହେଉଛି ବାର୍ଦ୍ଧକ୍ୟର ପରିଚୟ। ଏହି ପରିଚୟ ଓ ବୟସ-ବୃଦ୍ଧିକୁ ଆଧାର କରି ବିଭିନ୍ନ ସଂସ୍କୃତି ଓ ସମାଜ ଦ୍ୱାରା ଲୋକଙ୍କୁ ଭିନ୍ନ ଭିନ୍ନ ଅର୍ଥ, ଭୂମିକା ଓ ଦାୟିତ୍ୱ ଦିଆଯାଇଛି। କିନ୍ତୁ ଏଠାରେ ସୂଚେଇ ଦେବାକୁ ଚାହେଁ ଯେ ଦୀର୍ଘସମୟ ଧରି ପାଠ୍ୟପୁସ୍ତକ ଓ ଆଲୋଚନାରେ ବାର୍ଦ୍ଧକ୍ୟର ସାମାଜିକ ଗଠନ ନୁହେଁ, ବରଂ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଥିଲା। ଏହାର ଦୁଇଟି ସମ୍ଭାବ୍ୟ କାରଣ ଥାଇପାରେ। ପ୍ରଥମଟି ହେଉଛି ଲିଙ୍ଗ କିମ୍ବା ଜାତି ପରି ବାର୍ଦ୍ଧକ୍ୟକୁ ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଓ ସାମାଜିକ ବିଭାଜନ ଭାବରେ ବିବେଚନା କରାଯାଉଥିଲା, ଯାହା ଆଜି ବି ବଳବତ୍ତର ଅଛି। ଦ୍ୱିତୀୟଟି ହେଉଛି ଯେହେତୁ ବାର୍ଦ୍ଧକ୍ୟ ଆସିଲେ ଅନେକ ପ୍ରକାରର ସମସ୍ୟା ଆସେ। ତେଣୁ କେଉଁସବୁ ସାମାଜିକ ନୀତି ସଂରକ୍ଷିତ କରିବା ଆବଶ୍ୟକ ସେ ବିଷୟରେ ଧ୍ୟାନକେନ୍ଦ୍ରିତ ହେଉଥିଲା।

ବାର୍ଦ୍ଧକ୍ୟ ଉପରେ ହେଉଥିବା ଗବେଷଣା 'ଜେରୋଣ୍ଟୋଲୋଜି' ନାମକ ପାଠ ନାମରେ ଲୋକପ୍ରିୟ। ଏହା ମୁଖ୍ୟତଃ ବୃଦ୍ଧ ହେବା ପରର ଚିକିତ୍ସା ଓ ଶାରୀରିକ ଦିଗ ଉପରେ ଧ୍ୟାନ ଦିଏ। ଏହି ପାଠ୍ୟକ୍ରମର ଚିକିତ୍ସା ମଡେଲରେ ବାର୍ଦ୍ଧକ୍ୟକୁ ମୁଖ୍ୟତଃ ଏକ ଶାରୀରିକ ଅବନତି, ଅସୁସ୍ଥତା ଏବଂ ନିର୍ଭରଶୀଳତାର ଏକ ପ୍ରକ୍ରିୟା ଭାବରେ ବର୍ଣ୍ଣନା କରାଯାଇଛି। ଫଳସ୍ୱରୂପ, ବାର୍ଦ୍ଧକ୍ୟର ସକାରାତ୍ମକ ସାମାଜିକ ଦିଗଗୁଡ଼ିକ ଅଣଦେଖା ହୋଇଛି। ଆମେ ଏହି କଥା ବି ଜାଣୁ ଯେ ପାଶ୍ଚାତ୍ୟ ପାଠ୍ୟକ୍ରମ ଦ୍ୱାରା ଭାରତୀୟ ସମାଜଶାସ୍ତ୍ରୀୟ ଗବେଷଣା ଅନେକାଂଶରେ ପ୍ରଭାବିତ। ଏହାଦ୍ୱାରା ଆମ ଗବେଷଣାର ଦିଗ ସୀମିତ ହୋଇଯାଇଛି, ଏଥିରେ ଦ୍ୱିମତ ନାହିଁ। ଯେମିତିକି ଏକାକୀ ରହୁଥିବା କିମ୍ବା ବୃଦ୍ଧାଶ୍ରମରେ ରହୁଥିବା ଅଥବା ସାମାଜିକ ବିଚ୍ଛିନ୍ନତା ଅନୁଭବ କରୁଥିବା ବୟୋବୃଦ୍ଧଙ୍କ ସମସ୍ୟା ଓ ପ୍ରସଙ୍ଗ ଉପରେ ଅତ୍ୟଧିକ ଗବେଷଣା ହେଉଛି। ଏହିସବୁ ଅଧ୍ୟୟନଗୁଡ଼ିକ ସମାଜ ପାଇଁ ଉପକାରୀ। କିନ୍ତୁ ଅନ୍ୟପଟେ ଅଜାଣତରେ ବୃଦ୍ଧାବସ୍ଥାକୁ ଏକ ଦୁର୍ବଳତାର ସମୟ ଭାବରେ ମଧ୍ୟ ଏହା ପ୍ରତିପାଦିତ କରୁଛି।

ଏଠାରେ କିଛି ରିପୋର୍ଟ କଥା ଆଲୋଚନା କରିବା। ବର୍ଦ୍ଧିତ ପେନସନ ଖର୍ଚ୍ଚ, ସ୍ୱାସ୍ଥ୍ୟସେବାରେ ବୟସ୍କଙ୍କ ଭିଡ଼ ଏବଂ ସଙ୍କୁଚିତ କର୍ମଶକ୍ତିକୁ ନେଇ ପ୍ରକାଶିତ ହୋଇଥିବା ଅନେକ ରିପୋର୍ଟରେ ପ୍ରକାଶ ପାଉଛି ଯେ ବୟସ୍କମାନେ ଯୁବପିଢ଼ି ଉପରେ ନିର୍ଭରଶୀଳ ଏବଂ ଏକପ୍ରକାରର ବୋଝ। ସମାଜବିଜ୍ଞାନୀ ଷ୍ଟାନଲି କୋହେନଙ୍କ ମତରେ ଏହା ହେଉଛି ଏକପ୍ରକାରର ନୈତିକ ଆତଙ୍କ। ଏହାର ଅର୍ଥ, ଜନସଂଖ୍ୟାର ଏକ ବୃହତ୍ ଅଂଶ ଥିବା ବୟୋବୃଦ୍ଧଙ୍କୁ ସାମାଜିକ ପରିବର୍ତ୍ତନର କାରକ ଭାବରେ ନୁହେଁ, ବରଂ ଏକ ସାମାଜିକ ସମସ୍ୟା ଭାବରେ ଚିତ୍ରିତ କରାଯାଉଛି। ବାର୍ଦ୍ଧକ୍ୟ ହେଉଛି ସମ୍ପୂର୍ଣ୍ଣ ପ୍ରାକୃତିକ - ଏହି ଧାରଣାକୁ ଆଧୁନିକ ସମାଜବିଜ୍ଞାନୀମାନେ ଆଉ ଗ୍ରହଣ କରୁନାହାନ୍ତି। ବରଂ ଅବସର, ପାରିବାରିକ ସମ୍ପର୍କ, ସ୍ୱାସ୍ଥ୍ୟସେବା, ସାମାଜିକ ସ୍ଥିତି ସହିତ ଆର୍ଥିକ ସୁରକ୍ଷା ଏବଂ ସାଂସ୍କୃତିକ ମନୋଭାବ କିପରି ବୟସ୍କମାନଙ୍କ ଅନୁଭୂତି ଓ ଅଭିଜ୍ଞତାକୁ ଆକାର ଦେଉଛି ତାହା ହିଁ ଆଧୁନିକ ପାଠ୍ୟକ୍ରମର ବିଷୟବସ୍ତୁ ହେଉଛି। ବିଶ୍ୱ ଜନସଂଖ୍ୟାରେ ୬୦ ବର୍ଷ ଏବଂ ତା'ଠାରୁ ଅଧିକ ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଆଗାମୀ ପାଞ୍ଚ ବର୍ଷ ସୁଦ୍ଧା ଏହା ୧୪୦ କୋଟି ଏବଂ ୨୦୫୦ ସୁଦ୍ଧା ୨୦୦ କୋଟିକୁ ବୃଦ୍ଧି ପାଇବ ବୋଲି ଆକଳନ ହେଉଛି। ବିଶ୍ୱ ଜନସଂଖ୍ୟାରେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଗ୍ରହଣ କରିବା ପାଇଁ ସମସ୍ତ କ୍ଷେତ୍ରରେ ଏକ ସଶକ୍ତ ସମାଜ ଗଠନ ଅତ୍ୟନ୍ତ ଆବଶ୍ୟକ। ଅନ୍ତର୍ଭୁକ୍ତୀକରଣ ଏବଂ ଆନ୍ତଃପିଢ଼ି ସମ୍ପର୍କରେ ଉପୁଜୁଥିବା ସମସ୍ୟାଗୁଡ଼ିର ସମାଧାନ ପାଇଁ ବାର୍ଦ୍ଧକ୍ୟର ପ୍ରକ୍ରିୟାକୁ ବୁଝିବା ମଧ୍ୟ ଏହି ଗଠନର ପ୍ରାଥମିକତା।

ଏହି ପରିପ୍ରେକ୍ଷୀରେ ଆଧୁନିକ ଗବେଷକ ଏବଂ ନୀତି ନିର୍ଦ୍ଧାରକମାନେ ଦୁଇଟି କଥା ସ୍ୱୀକାର କରିଛନ୍ତି। ପ୍ରଥମ, ବୟସ୍କମାନେ ହେଉଛନ୍ତି ଅଭିଜ୍ଞତାର ଗନ୍ତାଘର। ଦ୍ୱିତୀୟ, ଆଧୁନିକ ସମାଜ ପାଇଁ ବୟୋବୃଦ୍ଧମାନେ ହେଉଛନ୍ତି ମୁଖ୍ୟ ଅର୍ଥନୈତିକ ଗ୍ରାହକ ଏବଂ ଏକ ସଶକ୍ତ ରାଜନୈତିକ ଗୋଷ୍ଠୀ। ବୟୋବୃଦ୍ଧମାନଙ୍କ ଦ୍ୱାରା ଓ ବୟୋବୃଦ୍ଧଙ୍କ ପାଇଁ ଏକ ନୂଆ ଅର୍ଥନୀତି ଗଢ଼ିଉଠିଛି, ଯାହାର ନାଁ ହେଉଛି 'ସିଲଭର ଇକନୋମି' ବା 'ରୌପ୍ୟ ଅର୍ଥନୀତି'। ଭାରତୀୟ ବରିଷ୍ଠ ନାଗରିକଙ୍କ ଜୀବନ ଏବଂ ବୟସ୍କ ଯତ୍ନ ବଜାରର ମୂଲ୍ୟ ହେଉଛି ପଚାଶ ହଜାର କୋଟି ଟଙ୍କାରୁ ଅଧିକ। ଦ୍ରୁତ ବୃଦ୍ଧି ପାଉଥିବା ଜନସଂଖ୍ୟା ଏବଂ ପରିବର୍ତ୍ତିତ ପରିବାର ଗଠନ ଦ୍ୱାରା ଚାଳିତ ଏହି କ୍ଷେତ୍ର ଆଗାମୀ ପାଞ୍ଚ ବର୍ଷ ସୁଦ୍ଧା ଦୁଇ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି। ଏଥିରେ ଚିକିତ୍ସା ସେବା, ସ୍ୱତନ୍ତ୍ର ବାର୍ଦ୍ଧକ୍ୟ ଚିକିତ୍ସା, ସହାୟକ ଉପକରଣ ଏବଂ ଟେଲିମେଡିସିନ୍ ପ୍ଲାଟଫର୍ମ ଠାରୁ ଆରମ୍ଭ କରି ଆର୍ଥିକ ସେବା ଓ ବୟସ-ଅନୁକୂଳ ଗୃହର ସୁବିଧା ଅନ୍ତର୍ଭୁକ୍ତ। ଏପରିକି ଆଧୁନିକ ବୟସ୍କଙ୍କ ନିମନ୍ତେ ଯାତ୍ରା ଓ ଅବକାଶର ସୁବିଧା ପାଇଁ ଏକ ସ୍ୱତନ୍ତ୍ର ବଜାର ଅଛି। ଏହାବ୍ୟତୀତ 'ଯତ୍ନ ଅର୍ଥନୀତି' ବା 'କେୟାର ଇକନୋମି'ର ଆର୍ଥିକ ପରିଧିର ଆକଳନ କରିବା ମୁସ୍କିଲ। ବୃତ୍ତିଗତ ଯତ୍ନ ପାଇଁ ଥିବା ନେଟୱାର୍କ, ନର୍ସିଂ କର୍ମଚାରୀ ଏବଂ ଗୃହ-ସହାୟତା ସେବା ଇତ୍ୟାଦି ଏହି 'ଯତ୍ନ ଅର୍ଥନୀତି' ଶ୍ରେଣୀରେ ସାମିଲ।

ସେହିପରି ବୟସ୍କଙ୍କର ରାଜନୈତିକ ସମ୍ଭାବନା ଭାରତରେ ସବୁଠାରୁ ଅଧିକ। ବୟସ୍କ ନାଗରିକମାନେ ହେଉଛନ୍ତି ଏକ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ଶକ୍ତି। ଭାରତରେ ପ୍ରତ୍ୟେକ ତୃତୀୟ ଭୋଟର ପଚାଶ ବର୍ଷ କିମ୍ବା ତଦୂର୍ଦ୍ଧ୍ୱ ବୟସର ହୋଇଥିବାରୁ ସେମାନଙ୍କର ନିର୍ବାଚନୀ ପ୍ରଭାବ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସେମାନେ ସାଧାରଣତଃ ଯୁବପିଢ଼ିଙ୍କ ତୁଳନାରେ ଅଧିକ ଅନୁପାତରେ ଭୋଟ ଦିଅନ୍ତି। ପେନସନ, ସ୍ୱାସ୍ଥ୍ୟସେବା ଓ ସାମାଜିକ ସୁରକ୍ଷା ସମ୍ପର୍କରେ ସ୍ପଷ୍ଟ ଆଗ୍ରହ ବି ଦେଖାନ୍ତି। ସମ୍ଭବତଃ ସେଥିପାଇଁ ବରିଷ୍ଠ ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ରାଜନୈତିକ ଦଳଗୁଡ଼ିକ ବୃଦ୍ଧାବସ୍ଥା ପେନସନ, ରିହାତିଯୁକ୍ତ ସ୍ୱାସ୍ଥ୍ୟସେବା ଏବଂ କଲ୍ୟାଣକାରୀ ଯୋଜନାଗୁଡ଼ିକର ପ୍ରତିଶ୍ରୁତି ଦେଉଛନ୍ତି।

ସମାଜବିଜ୍ଞାନୀମାନେ ଯୁକ୍ତି କରନ୍ତି ଯେ ବୟସ୍କଙ୍କୁ ଏକକ ଏବଂ ସମାନ ଗୋଷ୍ଠୀ ଭାବରେ ବ୍ୟବହାର କରାଯିବା ଉଚିତ ନୁହେଁ। ସାମାଜିକ ଶ୍ରେଣୀ, ଲିଙ୍ଗ, ଜାତି ଓ ସଂସ୍କୃତି ଅନୁସାରେ ବୟସ୍କ ହେବାର ଅଭିଜ୍ଞତା ଭିନ୍ନ ହୋଇଥାଏ। ତେଣୁ କେବଳ ଶାରୀରିକ ବୟସ୍କତା ଯେ ବୟୋବୃଦ୍ଧଙ୍କ ସାମାଜିକ ସ୍ଥିତିକୁ ବ୍ୟାଖ୍ୟା କରିପାରିବ, ତାହା ସମ୍ପୂର୍ଣ୍ଣ ଠିକ ନୁହେଁ। ଏହା ଏକ ଭ୍ରାନ୍ତ ଧାରଣା। ଏହି ଧାରଣା ଲୋକପ୍ରିୟ ଓ ବ୍ୟାପକ। ଏହାକୁ ବୟସବାଦ(ଏଜିଜିମ୍) କୁହାଯାଏ। ସରଳରେ କହିଲେ 'ବୟସବାଦ' ହେଉଛି ବୟସ ଆଧାରରେ ବ୍ୟକ୍ତିବିଶେଷଙ୍କ ପ୍ରତି ହେଉଥିବା ପକ୍ଷପାତ, ଭେଦଭାବ କିମ୍ବା ପୂର୍ବାଗ୍ରହ। ଏହି ଶବ୍ଦଟି ରବର୍ଟ ଏନ. ବଟଲର୍ ୧୯୬୯ ମସିହାରେ ପ୍ରଣୟନ କରିଥିଲେ। ଯେକୌଣସି ବୟସର ଲୋକଙ୍କୁ ପ୍ରଭାବିତ କରିପାରେ 'ବୟସବାଦ'। କିନ୍ତୁ ଏହି ତତ୍ତ୍ୱକୁ ସମାଜବିଜ୍ଞାନୀମାନେ ମୁଖ୍ୟତଃ ବୟୋବୃଦ୍ଧଙ୍କ ପାଇଁ ବ୍ୟବହାର କରନ୍ତି। ଏହାର କାରଣ ହେଉଛି ଯେ ବୟସ୍କଙ୍କୁ ମୂଲ୍ୟବାନ ସମ୍ବଳ ଭାବରେ ଦେଖିବା ପରିବର୍ତ୍ତେ ସେମାନଙ୍କୁ ନିର୍ଭରଶୀଳ କିମ୍ବା ପରିବର୍ତ୍ତନର ପ୍ରତିରୋଧୀ ଭାବରେ ସମାଜ ବିବେଚନା କରୁଛି।

'ବୟସବାଦ' ତିନି ଭାଗରେ ବିଭକ୍ତ। ପ୍ରଥମଟି ହେଉଛି 'ସଂସ୍ଥାଗତ ବୟସବାଦ', ଯେଉଁଠି କର୍ମକ୍ଷେତ୍ର, ସ୍ୱାସ୍ଥ୍ୟସେବା ଓ ସାର୍ବଜନୀନ ସେବାରେ ଭେଦଭାବ ଦେଖାଯାଏ। ଦ୍ୱିତୀୟ ହେଉଛି 'ଆନ୍ତଃବ୍ୟକ୍ତିଗତ ବୟସବାଦ'। ଏଥିରେ ପରିବାର ଓ ସମାଜ ଦ୍ୱାରା ବୟସ୍କମାନଙ୍କ ପ୍ରତି ଅସମ୍ମାନଜନକ ବ୍ୟବହାର, ଅବହେଳା, ନିର୍ଯ୍ୟାତନା ଇତ୍ୟାଦି ବିଦ୍ୟମାନ। ତୃତୀୟଟି ହେଉଛି 'ସ୍ୱ-ବୟସବାଦ'। ଏହାର ଅର୍ଥ ହେଉଛି ବୟସ୍କ ନିଜେ ନିଜେ ନକାରାତ୍ମକ ଧାରଣାକୁ ଆପଣେଉଛନ୍ତି ଏବଂ ଅନ୍ୟ କେହି ନୁହେଁ ନିଜେ ହିଁ ସାମାଜିକ ଜୀବନରୁ ଦୂରରେ ରହୁଛନ୍ତି।

ଭାରତର ବୟସ୍କ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ 'ବୟସବାଦ' ବି ବଢ଼ୁଛି। ଏହା ବିରୋଧରେ ଲଢ଼ିବା ପାଇଁ ଏକ ଦୃଢ଼ ସାମାଜିକ ସୁରକ୍ଷା, ବୟସ ଅନୁକୂଳ କର୍ମକ୍ଷେତ୍ର ସହିତ ଅନ୍ତର୍ଭୁକ୍ତୀକରଣ ଓ ଆନ୍ତଃପିଢ଼ିଗତ ସଂହତି ଆବଶ୍ୟକ। ବାର୍ଦ୍ଧକ୍ୟକୁ ଏକ ବୋଝ କିମ୍ବା 'ବୟସବାଦ'କୁ ଏକ ପୂର୍ବାଗ୍ରହ ଭାବରେ ନୁହେଁ; ବରଂ ଉଭୟକୁ ଅଭିଜ୍ଞତା ଏବଂ ଜୀବନର ଏକ ମୂଲ୍ୟବାନ ପର୍ଯ୍ୟାୟ ଭାବରେ ଦେଖାଯିବା ଉଚିତ। ପରିଶେଷରେ ବାର୍ଦ୍ଧକ୍ୟର ଭୟରୁ ହିଁ 'ବୟସବାଦ'ର ଉତ୍ପତ୍ତି। ଅନ୍ୟପଟେ ଯଦି ବାର୍ଦ୍ଧକ୍ୟକୁ ବୁଝିଯିବ ତେବେ ସମ୍ମାନ ସୃଷ୍ଟି ହୁଏ। ତେଣୁ 'ବୟସବାଦ' ଓ 'ସମ୍ମାନ' - ଏହି ଦୁଇଟି ବିକଳ୍ପରୁ ଆମେ କାହାକୁ ବାଛିବା ସେ ନିଷ୍ପତ୍ତି ଆମର। ●

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ପୁନଃନିଯୁକ୍ତି ଓ ଅବହେଳା

**ଅଜିତ୍ କୁମାର ପ୍ରଧାନ**

ସାମ୍ପ୍ରତିକ ସମାଜ ଓ ଶାସନ ବ୍ୟବସ୍ଥାରେ ଏପରି କିଛି ସଂବେଦନଶୀଳ ପ୍ରଶ୍ନ ଉଠୁଛି, ଯାହା ଶିକ୍ଷିତ ଯୁବଗୋଷ୍ଠୀ ଏବଂ ବୁଦ୍ଧିଜୀବୀ ମହଲକୁ ଆନ୍ଦୋଳିତ କରୁଛି। ଗୋଟିଏ ପଟେ ରାଜ୍ୟର ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶହ ଶହ ଅଧ୍ୟାପକ ଓ ଶିକ୍ଷକ ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ନୂତନ ନିଯୁକ୍ତିରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଲକ୍ଷ ଲକ୍ଷ ଶିକ୍ଷିତ ତଥା ଯୋଗ୍ୟ ଯୁବକ-ଯୁବତୀ ଚାକିରି ଆଶାରେ ସଂଘର୍ଷ କରୁଥିବା ବେଳେ ଅନ୍ୟପଟେ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବା ବ୍ୟବସ୍ଥା ଆଜି ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଅବସରପ୍ରାପ୍ତ କର୍ମଚାରୀମାନେ ନିୟମିତ ଭାବେ ସରକାରଙ୍କଠାରୁ ମାସିକ ପେନସନ୍ ସୁବିଧା ପାଉଥିବା ସତ୍ତ୍ୱେ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଖାଲି ପଦବୀ ପୂରଣ ପାଇଁ ନୂତନ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ ନକରି ସେହିମାନଙ୍କୁ ପୁଣି ଅତିଥି ଶିକ୍ଷକ ବା ଚୁକ୍ତିଭିତ୍ତିକ ଭାବେ ଆଣି ବସାଇବା କେବଳ ପ୍ରଶାସନିକ ଦୁର୍ବଳତାକୁ ଦର୍ଶାଉନାହିଁ, ବରଂ ନବୀନ ଯୁବପିଢ଼ିଙ୍କ ପ୍ରାପ୍ୟ ଅଧିକାରକୁ ସଂକୁଚିତ କରୁଛି। ଯେଉଁସମୟରେ ନୂତନ ଜ୍ଞାନ, ଶକ୍ତି ଓ ଉତ୍ସାହରେ ଭରା ଯୁବସମ୍ପଦ ନିଜର ଭବିଷ୍ୟତ ଗଢ଼ିବାକୁ ପ୍ରସ୍ତୁତ, ସେହି ସମୟରେ ପେନସନ୍ ପାଉଥିବା ଏବଂ ଶାରୀରିକ ଓ ମାନସିକ ସୀମା କାରଣରୁ ଅବସର ନେଇଥିବା ବ୍ୟକ୍ତିଙ୍କୁ ପୁନର୍ବାର ଦାୟିତ୍ୱ ଦେବା କେତେଦୂର ଯୁକ୍ତିଯୁକ୍ତ?



ଜାତୀୟ/ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ଯଦି କୌଣସି ଖେଳାଳି ଶାରୀରିକ ଭାବେ ଅକ୍ଷମ ହୁଅନ୍ତି ନାମୀ-ଦାମୀ ଖେଳାଳି ହୋଇଥିଲେ ସୁଦ୍ଧା ତାଙ୍କୁ ଦଳରେ ନିଆଯାଏ ନାହିଁ; କାରଣ ଦଳ କେବେ ହାରିବାକୁ ଚାହେଁନାହିଁ। କିନ୍ତୁ ଦୁଃଖର ବିଷୟ, ଆମ ଶାସନ ଓ ଶିକ୍ଷା ବ୍ୟବସ୍ଥାରେ ଏହି ନିୟମ ଶିଥିଳ। କଲେଜଗୁଡ଼ିକରେ ଏତେ ସଂଖ୍ୟକ ପଦବୀ ଖାଲି ଥାଇ ମଧ୍ୟ ସ୍ଥାୟୀ ନିଯୁକ୍ତି ପ୍ରକ୍ରିୟାକୁ ଆଗେଇ ନନେଇ, ଯେଉଁମାନଙ୍କୁ ବୟସ ଓ ଅକ୍ଷମତା ପାଇଁ ସରକାରୀ ନିୟମାନୁସାରେ ଅବସର ଦିଆଗଲା ଏବଂ ପେନସନ୍ ମଧ୍ୟ ମିଳୁଛି, ସେମାନଙ୍କୁ ପୁଣି ଶିକ୍ଷାଦାନ ପାଇଁ ସୁଯୋଗ ଦେଇ ଆମ ପିଲାମାନଙ୍କ ଭବିଷ୍ୟତକୁ ଅନ୍ଧାର ଆଡ଼କୁ ଟାଣି ନିଆଯାଉନାହିଁ ତ? ଏପରି ସ୍ଥିତିରେ ପୁନଃସେବାର ଲୋଭ, ଯୁବପିଢ଼ିଙ୍କ ଦକ୍ଷତା ଓ ନିଯୁକ୍ତି ଆଶା ଉପରେ କୁଠାରଘାତ ସଦୃଶ। ଏହା ଯେପରି 'ବୁଢ଼ା ବଳଦ'କୁ କାର୍ଯ୍ୟରେ ଲଗାଇ ତା'ର ଶେଷ ଶୋଷଣ କରିବା ଏବଂ ନୂତନ ଶକ୍ତିକୁ ଆଡ଼େଇ ଦେବାର ଏକ ବିଚିତ୍ର ବିରୋଧାଭାସ।

ଅନ୍ୟପଟେ, 'ନିଶାମୁକ୍ତ ଭାରତ' ଓ 'ନିଶାମୁକ୍ତ ଓଡ଼ିଶା' ର ଆହ୍ୱାନ ଆଜି ଶୁଣିବାକୁ ଏକ ଗପ ଭଳି ଲାଗୁଛି। ଗୋଟିଏପଟେ ସଚେତନତା ନାମରେ 'ନିଶାମୁକ୍ତି'ର ପ୍ରଚାର ଚାଲିଛି, ଅନ୍ୟପଟେ ସରକାରୀ ରାଜସ୍ୱ ଆଦାୟ ଓ ବେକାରୀ ସମସ୍ୟାର ଆଢୁଆଳରେ ନିଶା ବ୍ୟବସାୟକୁ ପରୋକ୍ଷ ପ୍ରୋତ୍ସାହନ ମିଳୁଛି। କଲେଜଗୁଡ଼ିକରେ ପଦବୀ ପୂରଣ ହେଉନଥିବାରୁ ବେକାରୀର ନିରାଶା, ଅନିଶ୍ଚିତ ଭବିଷ୍ୟତ ଏବଂ ନିଯୁକ୍ତି ପ୍ରତୀକ୍ଷାରେ ଚିନ୍ତାଗ୍ରସ୍ତ ହୋଇ ଆଜିର ଯୁବଗୋଷ୍ଠୀ ନିଶା ସେବନ ଆଡ଼କୁ ଅଗ୍ରସର ହେଉଛନ୍ତି। ଏସବୁ ଦେଖି ମଧ୍ୟ ଶାସନ ବ୍ୟବସ୍ଥା ନୀରବଦ୍ରଷ୍ଟା ପାଲଟିଛି। ଏହାର କୁପରିଣାମ ସ୍ୱରୂପ ଯୁବସମ୍ପଦ ନିଶାର କବଳରେ ପଡ଼ି ନିଜର ଶାରୀରିକ ଓ ମାନସିକ ସାମର୍ଥ୍ୟ ହରାଉଛନ୍ତି। ଯେଉଁ ବୟସରେ ସେମାନେ କଠିନ ପରିଶ୍ରମ କରି ଦେଶ ଓ ଜାତିର ସ୍ୱପ୍ନର ମୀନାର ଗଢ଼ିବା କଥା, ସେହି ବୟସରେ ସେମାନେ ପଙ୍ଗୁ ପାଲଟିଯାଉଛନ୍ତି। ଏହା ଦେଶ ଓ ସମାଜ ପାଇଁ ଏକ ଚରମ ଦୁର୍ଭାଗ୍ୟ।

ଆଇନ୍ ଓ କାନୁନ୍ ଯଦି ସମସ୍ତଙ୍କ ପାଇଁ ସମାନ ଭାବେ କାର୍ଯ୍ୟକାରୀ ହୁଅନ୍ତା, ତେବେ ସମାଜରେ ପ୍ରତିବାଦର ସ୍ୱର କେବେ ଉଠନ୍ତା ନାହିଁ। କିନ୍ତୁ ଯେତେବେଳେ ପ୍ରିୟାପ୍ରୀତି ତୋଷଣ, ପକ୍ଷପାତିତା ଏବଂ ସ୍ୱାର୍ଥପରତା ଶାସନର ଭିତ୍ତିପ୍ରସ୍ତର ସାଜେ, ସେତେବେଳେ ଅସନ୍ତୋଷ ଓ ବିଦ୍ରୋହର ମଞ୍ଜି ବୁଣିହୋଇଯାଏ। ବ୍ୟବସ୍ଥାରେ ସୁଧାର ଆଣିବାକୁ ହେଲେ ପେନସନ୍ ପାଉଥିବା ଅବସରପ୍ରାପ୍ତଙ୍କୁ ପୁନଃନିଯୁକ୍ତି ଦେବା ସମ୍ପୂର୍ଣ୍ଣ ବନ୍ଦ କରି, କଲେଜଗୁଡ଼ିକରେ ଖାଲି ପଡ଼ିଥିବା ସମସ୍ତ ପଦବୀ ପାଇଁ ତୁରନ୍ତ ନୂତନ ନିଯୁକ୍ତି ବିଜ୍ଞପ୍ତି ପ୍ରକାଶ କରି ଯୁବକ-ଯୁବତୀଙ୍କୁ ପ୍ରାଥମିକତା ଦେବାକୁ ପଡ଼ିବ। ନିଶାମୁକ୍ତିକୁ କେବଳ କାଗଜପତ୍ର ବା ଭାଷଣରେ ସୀମିତ ନରଖି କଠୋର ନୀତି ଆପଣାଇବାକୁ ହେବ। କାରଣ, ଯେଉଁ ଦେଶରେ ଯୁବଶକ୍ତି ଅବହେଳିତ ଓ ନିଶାଗ୍ରସ୍ତ ହୁଏ, ସେଠାରେ ପ୍ରଗତିର ସ୍ୱପ୍ନ କେବଳ ଏକ ମରୀଚିକା ହୋଇ ରହିଯାଏ। ●

ନୀଳଗିରି(ବାଲେଶ୍ୱର)

# ପକ୍ଷୀ: ଏକା ପ୍ରଜାତି, ସ୍ୱର ଭିନ୍ନ

**ଶ୍ରୀନନ**

ପ୍ରଭାତର ଶାନ୍ତଶୀତଳ ପରିବେଶକୁ ଅଧିକ ମନଛୁଆଁ କରିଥାଏ ପକ୍ଷୀମାନଙ୍କ କାକଳି। ସୂର୍ଯ୍ୟୋଦୟର ପ୍ରାୟ ଏକଘଣ୍ଟା ପୂର୍ବରୁ ସେମାନେ ଏହା ଆରମ୍ଭ କରିଦେଇଥା'ନ୍ତି। ମଧ୍ୟାହ୍ନରେ ଏହା ପରିବ୍ୟାପ୍ତ ହୁଏ ପ୍ରାୟ ୨୦ ଗୁଣ ଦୂରତା ପର୍ଯ୍ୟନ୍ତ। ଯେ କୌଣସି ସ୍ଥାନରେ ଏ କାକଳି ହୃଦୟକୁ ସ୍ପର୍ଶ କରିଥାଏ। ତେବେ ଦେଖାଯାଇଛି ଯେ ତାହା ଆମ ସ୍ଥାନୀୟ ପକ୍ଷୀମାନଙ୍କର ଦୂର ଅଞ୍ଚଳର ପକ୍ଷୀଙ୍କଠାରୁ କିଛିମାତ୍ରାରେ ଭିନ୍ନ ହୋଇଥାଏ। ଏପରିକି ଗୋଟିଏ ସ୍ଥାନର ଏକାପ୍ରଜାତିର ପକ୍ଷୀ ସଦାସର୍ବଦା ଏକାଭଳି ଧ୍ୱନି କରନ୍ତି ନାହିଁ।

ନଟିଂହାମ ବିଶ୍ୱବିଦ୍ୟାଳୟର ବନ୍ୟଜୀବ ବିଭାଗର ପ୍ରଫେସର ଲୋଭିସି ଜେଣ୍ଟଲ୍ ଏବଂ ତାଙ୍କ ଛାତ୍ରମାନଙ୍କ ଅଧ୍ୟୟନରୁ ପ୍ରତ୍ୟେକ ପକ୍ଷୀର ସ୍ୱର ଅନ୍ୱେବହୁତ ଭିନ୍ନ ଭିନ୍ନ ହୋଇଥିବାର ଜଣାପଡ଼ିଛି। ଉଦାହରଣ ସ୍ୱରୂପ ଉଦଉଦଳିଆ ପକ୍ଷୀ ଅତିକମରେ ତିନି ପ୍ରକାର ଧ୍ୱନି କରିଥା'ନ୍ତି। ଏହି ବ୍ୟକ୍ତିଗତ ପ୍ରଭେଦତା ସହିତ ପକ୍ଷୀମାନଙ୍କର ଆଞ୍ଚଳିକ ପ୍ରଭେଦତା ମଧ୍ୟ ରହିଛି।



ବିଜ୍ଞାନ ବାର୍ତ୍ତା

ଇଂଲଣ୍ଡର କଜଳପାତି ଏବଂ ଭଦଭଦଳିଆଠାରେ ହୋଇଥିବା ପରୀକ୍ଷାରୁ ଏହା ଜଣାପଡ଼ିଛି। ପୁନଶ୍ଚ ଏଠାରେ କ୍ଷେତରେ ବାସ କରୁଥିବା ହଳଦିବସନ୍ତର ସ୍ୱର ଦୁଇପ୍ରକାର। ସେହିପରି ଇଂଲଣ୍ଡରୁ ୧୮୬୦-୭୦ ମସିହା ମଧ୍ୟରେ କିଛି ହଳଦିବସନ୍ତ ପକ୍ଷୀଙ୍କୁ ନେଇ ନିଉଜିଲ୍ୟାଣ୍ଡରେ ଛାଡ଼ି ଦିଆଯାଇଥିଲା। କାଳକ୍ରମେ ସୋମନଙ୍କର ଠାରେ ୭ଟି ଭିନ୍ନ ଭିନ୍ନ ସ୍ୱର ସୃଷ୍ଟି ହେବାର ଦେଖାଗଲା।

ଅଧିକାଂଶ ପକ୍ଷୀ ପିତାମାତା କିମ୍ବା ପଡ଼ୋଶୀଙ୍କୁ ଅନୁକରଣ କରି ଗୋଟିଏ ସ୍ୱରରେ ଗାନ କରନ୍ତି। ତେବେ ତାଙ୍କ ପରିପାର୍ଶ୍ୱର ଅନ୍ୟାନ୍ୟ ପକ୍ଷୀମାନଙ୍କ ଗାନ ତଥା ବିଭିନ୍ନ ପ୍ରକାର ଧ୍ୱନି ତାଙ୍କୁ ନାନା ରୂପେ ପ୍ରଭାବିତ କରେ। ଅତଏବ ସେମାନଙ୍କ ଗାନ ବଦଳି ଯାଏ। ଉଦାହରଣ ସ୍ୱରୂପ, 'ପିଞ୍ଚପକ୍ଷୀ' ନାମକ ୟୁରୋପରେ ଦେଖାଯାଉଥିବା ଏକ ଜାତିର ପକ୍ଷୀମାନଙ୍କୁ ଏକାକୀ ରଖି ପାଳନ କରାଗଲେ ସେମାନେ ଏକ ସରଳ ସ୍ୱରର ସଙ୍ଗୀତ ସୃଷ୍ଟି କରନ୍ତି। କିନ୍ତୁ ଅରଣ୍ୟରେ ବାସ କରୁଥିବା ଏହି ପକ୍ଷୀମାନେ ଏକ ଭିନ୍ନ ଜଟିଳ ସ୍ୱରରେ ଗାନ କରିଥା'ନ୍ତି।

ପ୍ରଜନନ ସମୟ ଆସିଲେ ପୁରୁଷ ପକ୍ଷୀମାନଙ୍କ ସ୍ୱର ବଦଳି ଯାଏ। ତାହା ତାଙ୍କ ଯୌନ ସାଥୀଙ୍କୁ ଆକର୍ଷଣ କରେ। ପକ୍ଷୀମାନେ ମଧ୍ୟ ଅନେକ ସ୍ଥଳେ ମଣିଷର ସ୍ୱରକୁ ଅନୁକରଣ କରିଥା'ନ୍ତି। ସହରାଞ୍ଚଳର ବିଭିନ୍ନ ପ୍ରକାର ଧ୍ୱନି, ଯାନବାହାନ ଓ କଳକାରଖାନାରୁ ନିର୍ଗତ ଶବ୍ଦ ସେମାନଙ୍କୁ ପ୍ରଭାବିତ କରେ। ଏଣୁ କଜଳପାତିମାନେ ଏଠାରେ ଗ୍ରାମାଞ୍ଚଳ ପକ୍ଷୀମାନଙ୍କଠାରୁ ସ୍ୱର ଉଚ୍ଚ କରିବାର ଦେଖାଯାଏ। ଅନ୍ୟପକ୍ଷରେ ବଣି ଚଢ଼େଇମାନେ ଅରଣ୍ୟ ବା ଗ୍ରାମାଞ୍ଚଳ ତୁଳନାରେ ସହରମାନଙ୍କରେ କମ ଏବଂ ଦ୍ରୁତ ସଂଗୀତ ଗାନ କରିଥା'ନ୍ତି। ପ୍ରଭାତ ସମୟରେ ସହର ନିସ୍ତବ୍ଧ ଥିବା ସମୟରେ ସେମାନେ ଏପରି କରିଥା'ନ୍ତି। ଗୋଟିଏ ପ୍ରଜାତିର ପକ୍ଷୀମାନଙ୍କ ମଧ୍ୟରେ ଗାନ ବା ସ୍ୱରର ଏପ୍ରକାର ବିଭେଦତାର ନିର୍ଦ୍ଦିଷ୍ଟ କାରଣ ଏବେ ବି ରହସ୍ୟମୟ ହୋଇରହିଛି। ବର୍ତ୍ତମାନ ବୈଜ୍ଞାନିକମାନେ ଏହାର ବିଭିନ୍ନ ଦିଗ ଉପରେ ଅଧ୍ୟୟନ ଚଳାଇଛନ୍ତି। ●

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରୁଷର ତୈଳ ବିଶୋଧନାଗାରେ...

ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନ୍ସକିଙ୍କ ଅନୁଯାୟୀ, ରୁଷର ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିବା ଏବଂ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କୁ ଆଲୋଚନା ଟେବୁଲକୁ ଆଣିବା ପାଇଁ ଏହି ଅଭିଯାନ ଜାରି ରହିଛି। ୟୁକ୍ରେନର ଏଭଳି କ୍ରମାଗତ ଆକ୍ରମଣ ଯୋଗୁଁ ରୁଷର ଅନେକ ସ୍ଥାନରେ ଜାଳେଣି ଅଭାବ ଦେଖାଦେବା ସହ ତୈଳ ବିଶୋଧନ କ୍ଷମତା ହ୍ରାସ ପାଉଛି। ଏହି ଘଟଣାର କିଛି ସମୟ ପୂର୍ବରୁ ରୁଷ ପକ୍ଷରୁ ମଧ୍ୟ ୟୁକ୍ରେନର ଦକ୍ଷିଣାଞ୍ଚଳରେ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଗୋଦାମ ଉପରେ ଆକ୍ରମଣ କରାଯାଇଥିଲା। ଫଳରେ ପ୍ରାୟ ୫୦୦,୦୦୦ ଡଲାର ମୂଲ୍ୟର ଜରୁରୀକାଳୀନ ଚିକିତ୍ସା ସାମଗ୍ରୀ ନଷ୍ଟ ହୋଇଯାଇଛି। ସାମ୍ପ୍ରତିକ ପରିସ୍ଥିତି ଉଭୟ ଦେଶ ମଧ୍ୟରେ ଉତ୍ତେଜନାକୁ ଆହୁରି ବଢ଼ାଇ ଦେଇଛି।

### ଭୂକମ୍ପରେ ଥରିଲା...

ଯେ, କିବଡୋ ସହରରେ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି ଏବଂ ଅନେକ ଲୋକ ଆହତ ହୋଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ପେରେଇରା, ମାନିଜାଲେସ, କିବଡୋ ଏବଂ ଆର୍ମେନିଆ ସମେତ ଅନେକ ପ୍ରମୁଖ ବିମାନ ବନ୍ଦରରେ ବିମାନ ଚଳାଚଳ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ରାଜଧାନୀ ବୋଗୋଟାରେ ମଧ୍ୟ ତୀବ୍ର ଝଟକା ଅନୁଭୂତ ହୋଇଥିଲା, କିନ୍ତୁ ସେଠାରେ କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନଥିବା ମେୟର କହିଛନ୍ତି। ତେବେ ପ୍ରଶାନ୍ତ ମହାସାଗରୀୟ ଉପକୂଳରେ ସୁନାମିର କୌଣସି ବିପଦ ନାହିଁ ବୋଲି ଆମେରିକାର ସୁନାମି ଚେତାବନୀ ବ୍ୟବସ୍ଥା ସ୍ପଷ୍ଟ କରିଛି। ଏହି ଭୂମିକମ୍ପର ଝଟକା ପଡୋଶୀ ଦେଶ ଭେନେଜୁଏଲାରେ ମଧ୍ୟ ଅନୁଭୂତ ହୋଇଛି। ବିଶେଷ କରି ସୀମାବର୍ତ୍ତୀ ଅଞ୍ଚଳ ତାଚିରା ଏବଂ କାରାକାସରେ ଲୋକେ ଭୟଭୀତ ହୋଇ ଘରୁ ବାହାରକୁ ଚାଲି ଆସିଥିବା ରିପୋର୍ଟ ମିଳିଛି। କଲମ୍ବିଆ ଏକ ଭୂକମ୍ପ ପ୍ରବଣ ଅଞ୍ଚଳ ହୋଇଥିବାରୁ ଆଗକୁ ଆଫ୍ଟରସକ୍ ଆସିବାର ସମ୍ଭାବନା ରହିଛି। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ସତର୍କ ରହିବାକୁ ନାଗରିକଙ୍କୁ ପରାମର୍ଶ ଦିଆଯାଇଛି।

### ଧାନ ନ କିଣିବାକୁ...

ଯଦି ବାପା କିମ୍ବା ଜେଜେବାପା ମୃତ ଅଛନ୍ତି, ତେବେ ଲିଗାଲ ହେୟାର ଏବଂ ମୃତ୍ୟୁ ସାର୍ଟିଫିକେଟ ତହସିଲରେ ଦାଖଲ କରି ସଂଶୋଧନ କରିବାକୁ ପଡ଼ିବ। ଏହି ସଂଶୋଧନ ଏକ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କଦାପି ସମ୍ଭବ ନୁହେଁ। ମିସ୍ କେଶ ଦାୟର କରି ଏକ ମୃତ୍ୟୁ ପ୍ରମାଣପତ୍ର ବାହାର କରିବାକୁ ଅତି କମରେ ପ୍ରାୟ ତିନି ମାସରୁ ଊର୍ଦ୍ଧ୍ୱ ସମୟ ଲାଗି ଯାଉଛି। ତତ୍ପରେ ଲିଗାଲ ହେୟାର ସାର୍ଟିଫିକେଟ ତହସିଲ ଅଫିସରୁ ବାହାର କରିବା ପାଇଁ ପ୍ରାୟ ଦୁଇ ମାସରୁ ଊର୍ଦ୍ଧ୍ୱ ସମୟ ଲାଗୁଛି। ଏହା ପରେ ତହସିଲରେ ଜମିର ସଂଶୋଧନ କରିବା ପାଇଁ ମାସାଧିକ ସମୟ ଲାଗୁଛି। କିନ୍ତୁ ସରକାର ଚଳିତ ବର୍ଷ ଧାନ ପଞ୍ଜୀକରଣ ପାଇଁ ମାତ୍ର ୨୫ ଦିନ ସମୟ ଦେଇଛନ୍ତି। ଆସନ୍ତା ବର୍ଷ ୨୦୨୭ ମାର୍ଚ୍ଚ ମାସ ୩୧ ତାରିଖ ଖରିଫ ଧାନ ସଂଗ୍ରହର ଶେଷ ତାରିଖ ରଖାଯାଇଛି। କିନ୍ତୁ ପ୍ରକୃତରେ ଆସନ୍ତା ମାର୍ଚ୍ଚ ୩୧ ସୁଦ୍ଧା ତାଙ୍କର ମୃତ୍ୟୁ ପ୍ରମାଣପତ୍ର, ଲିଗାଲ ହେୟାର ଏବଂ ରେକର୍ଡ ସଂଶୋଧନ କାମ କରି ପାରି ନ ଥିବେ। ତେବେ ମାତ୍ର ୨୦ ଦିନ ମଧ୍ୟରେ ସମବାୟ ସମିତିରେ ରେଜିଷ୍ଟ୍ରେସନ କେମିତି କରିବେ ବୋଲି ଚାଷୀ ମାନେ ପ୍ରଶ୍ନ ଉଠାଉଛନ୍ତି।

ଅଙ୍କଳ ସତ କଥା ନୂଆ ସରକାର ଆସିବା ପରେ ଦୁଇ ବର୍ଷ ଖରିଫ ଧାନ ସଂଗ୍ରହ କରାଯାଇଛି। କ୍ୱିଣ୍ଟାଲ ପ୍ରତି ୩୧ ଶହ ଟଙ୍କା ଲୋଭରେ ଧାନ ଚାଷୀଙ୍କ ସଂଖ୍ୟା ଓଡ଼ିଶାରେ ଦ୍ରୁତ ଭାବେ ବୃଦ୍ଧି ପାଇଛି। ଏହି ଦୁଇ ବର୍ଷ ମଧ୍ୟରେ ସରକାର ମିଲର ମାନଙ୍କ ଜରିଆରେ ଯେଉଁକି ଧାନ ସଂଗ୍ରହ କରିଛନ୍ତି ସେହି ଧାନକୁ ରଖିବା ପାଇଁ ମିଲରଙ୍କ ନିକଟରେ ଆବଶ୍ୟକ ଗୋଦାମ ନାହିଁ। ମିଲର ମାନେ ସରକାରଙ୍କୁ ଚାଉଳ ମଧ୍ୟ ଦେଇ ପାରୁନାହାନ୍ତି। କାରଣ ସରକାରଙ୍କ ପାଖରେ ଉକ୍ତ ଚାଉଳକୁ ରଖିବା ପାଇଁ ଆବଶ୍ୟକ ସଂଖ୍ୟକ ଗୋଦାମ ମଧ୍ୟ ନାହିଁ। ଯାହା ଫଳରେ ସରକାର ମିଲର ମାନଙ୍କ ଠାରୁ ଚାଉଳ ସଂଗ୍ରହ କରି ପାରୁନାହାନ୍ତି। ଯେଉଁଥି ପାଇଁ ସରକାର ଚାଉଳ ଏବେ ଅଭିନବ ଉପାୟ ଚିନ୍ତା କରିଛନ୍ତି। ଆଇନ ଜଟିଳ କରିଦେଲେ ଚାଷୀ ପଞ୍ଜୀକରଣ ସଂଖ୍ୟା ଆପେ ଆପେ କମିଯିବ ଭାବି ସରକାର ପ୍ରକ୍ରିୟାକୁ ଜଟିଳ କରି ଦେଇଛନ୍ତି। ବିଗତ ଦୁଇ ବର୍ଷ ମଧ୍ୟରେ ଯେତିକି ଧାନ ସଂଗୃହିତ ହୋଇଛି ଆଗାମୀ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ଓଡ଼ିଶାକୁ ଚାଉଳ ଅଭାବ ହେବନାହିଁ। ଚଳିତ ବର୍ଷ ସରକାରଙ୍କ ଚାଷୀଙ୍କ ଠାରୁ ଧାନ କିଣିବା ପାଇଁ ଆଗ୍ରହ ନଥିବା ସ୍ପଷ୍ଟ ବାରି ହୋଇପଡୁଛି। ପ୍ରତି ବର୍ଷ ଜୁଲାଇ ମାସ ୧୫ ତାରିଖରୁ ଅଗଷ୍ଟ ୩୦ ତାରିଖ ପର୍ଯ୍ୟନ୍ତ ପ୍ରାୟ ୪୫ ଦିନ ପର୍ଯ୍ୟନ୍ତ ଚାଷୀ ପଞ୍ଜୀକରଣର ପ୍ରକ୍ରିୟା ଚାଲେ। ଚଳିତ ବର୍ଷ ସରକାରଙ୍କ ଅନାଗ୍ରହ ଯୋଗୁଁ ଅଗଷ୍ଟ ମାସ ୬ ତାରିଖରୁ ପଞ୍ଜୀକରଣ ଆରମ୍ଭ ହୋଇଛି। ପୂର୍ବରୁ ୪୫ ଦିନ ମଧ୍ୟରେ ଅନେକ ଚାଷୀ ପଞ୍ଜୀକରଣରୁ ବଞ୍ଚିତ ହୁଅନ୍ତି। ଚଳିତ ବର୍ଷ ମାତ୍ର ୨୫ ଦିନରେ ସରକାର ପ୍ରାୟ ୨୨ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ଏତେ କମ୍ ସମୟ ମଧ୍ୟରେ ଜଟିଳ ଆଇନର ସମ୍ମୁଖୀନ ହୋଇ କିଭଳି ପଞ୍ଜୀକରଣ କରିବେ ବୋଲି ପ୍ରଶ୍ନ କରିଛନ୍ତି।

### ବରଗଡ଼ରେ କୃଷକଙ୍କ...

କେନ୍ଦ୍ରୀୟ ସଦସ୍ୟ ଅମ୍ବିକା ସଭାଙ୍କୁ ସମ୍ବୋଧିତ କରି ସରକାରଙ୍କ କୃଷକ ଏବଂ ଶ୍ରମିକମାରଣ ନୀତିକୁ ନେଇ କଡ଼ା ସମାଲୋଚନା କରିଥିଲେ। ଅନ୍ୟ ବକ୍ତାମାନେ ୧୧ ଦଫା ଦାବି ନେଇ ଆଲୋଚନା କରିବା ସହ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ।

ଚାଷୀ ନେତା ଉପେନ୍ଦ୍ର ଭୋଇ କୃଷି ମନ୍ତ୍ରୀ ଏଗ୍ରିଷ୍ଟାକ ସାର୍ଟିଫିକେଟ ଦେଇଥିବା ବକ୍ତବ୍ୟ ଏବଂ ଯୋଗାଣ ମନ୍ତ୍ରୀ ପଞ୍ଜିକରଣ ସମୟରେ ଏଗ୍ରିଷ୍ଟାକ ବାଧ୍ୟତାମୂଳକ ନୁହେଁ ଟୋକନ ଆସିବା ପୂର୍ବରୁ ଦେଲେ ଚଳିବ ଖବର କାଗଜର ମନ୍ତବ୍ୟକୁ ପୁଲିସ ସାମ୍ନାରେ ଚିରି ଦେଇଥିଲେ। ପରେ ଆନ୍ଦୋଳନରତ ପ୍ରାୟ ୩ଶହ ଚାଷୀଙ୍କୁ ପୁଲିସ ଗିରଫ କରି ରିଜର୍ଭ ପୁଲିସ ପଡ଼ିଆ ଚକରକେନ୍ଦ୍ରକୁ ନେଇଥିଲେ। ସେଠାରେ ଆନ୍ଦୋଳନକାରୀମାନେ ପୁଣି ଏକ ସଭା କରି ଆଗାମୀ ୧୩ ଅଗଷ୍ଟ ଦିନ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପାଙ୍କ ସୋସାଇଟିମାନଙ୍କ ମଧ୍ୟକରିଡରରେ ଏଗ୍ରିଷ୍ଟାକ ହଟାଇବା ପାଇଁ ଦାବିପତ୍ର ଦେବା ଏବଂ ୧୪ ଅଗଷ୍ଟରେ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଗିରଫ ହୋଇଥିବା ଚାଷୀ ନେତାମାନଙ୍କ ମଧ୍ୟରେ ଗଣେଶ ମହାପାତ୍ର, ସୁଦାମ ପାତ୍ର, କାରଣ ସାହୁ, ସୁବାସ ପଧାନ, ଅବିର ସାହୁ, ପ୍ରକାଶ ବେହେରା, ଈଶାନ୍ତ ଭୋଇ, କିଶୋର ସାହୁ, ପ୍ରଭାତ ସାହୁ, ମୁରଲୀ ଭୋଇ, ରବିଶଙ୍କର ପଧାନ, ବାରବଳ ମହାକୁଡ଼, ସୁରେଶ ନିକେଶ, ବିକାଶ ଅଗ୍ରୱାଲ ଏବଂ ରାୟଗଡାର ଲକ୍ଷଣ ନାୟକ ନେତୃତ୍ୱରେ ଶହଶହ ଚାଷୀ ଗିରଫ ହୋଇଥିଲେ।

### ପଞ୍ଜୀକରଣ ପାଇଁ ଏବେ...

ପର୍ଯ୍ୟନ୍ତ ଏଗ୍ରିଷ୍ଟାକ ଆଇଡି ପ୍ରଦାନ କରାଯାଇ ପାରିବ ବୋଲି ନିଷ୍ପତ୍ତି ହୋଇଛି। ଚାଷୀମାନେ ଧାର୍ଯ୍ୟ ପଞ୍ଜୀକରଣ ଅବଧି ଅର୍ଥାତ ୩୧ ଅଗଷ୍ଟ ମଧ୍ୟରେ ବିନା ଏଗ୍ରିଷ୍ଟାକ ଆଇଡିରେ ପଞ୍ଜିକରଣ କରିପାରିବେ ଓ ଅକ୍ଟୋବର ମାସ ମଧ୍ୟରେ ଏଗ୍ରିଷ୍ଟାକ ଆଇଡି ପ୍ରଦାନ କରିବାକୁ ହେବ। ସରକାର କହିଛନ୍ତି, ଏଗ୍ରିଷ୍ଟାକ ଏକ ସମନ୍ୱିତ କୃଷକ ପ୍ଲାଟଫର୍ମ, ଯେଉଁଥିରେ ଚାଷୀଙ୍କ ସମସ୍ତ ତଥ୍ୟ ଏକୀକୃତ ହୋଇ ରହିବ। ଏଥିରେ ଚାଷୀ ନିଜକୁ ପଞ୍ଜିକୃତ କରିବା ଦ୍ୱାରା ନିଜର ଏକ ଅନନ୍ୟ ଫାର୍ମର ଆଇଡି ପାଇବେ। ସରକାରଙ୍କ ତରଫରୁ ଚାଷୀଙ୍କୁ ଯୋଗାଇ ଦିଆଯାଉଥିବା ସମସ୍ତ ସୁବିଧାର ଲାଭ ସୁଗମ ରୂପେ ପାଇପାରିବେ। ବର୍ତ୍ତମାନ ସୁଦ୍ଧା ପ୍ରାୟ ୬ ଲକ୍ଷ ଚାଷୀ ଏହି ଅଧୀନରେ ନିଜକୁ ପଞ୍ଜିକୃତ କରାଇ ସାରିଛନ୍ତି ବୋଲି ସରକାର କହିଛନ୍ତି।

ଏହା ବ୍ୟତୀତ ଭାଗଚାଷୀଙ୍କ ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରସ୍ତୁତି ଚାଲିଛି। ଖୁବ୍‌ଶୀଘ୍ର ଏସଓପି ଜାରି ହେବ ବୋଲି ଏହି ବୈଠକରେ ନିଷ୍ପତ୍ତି ହୋଇଛି। ଆଜି ସୁଦ୍ଧା ଖରିଫ ୨୬-୨୭ ପାଇଁ ୯୪,୬୫୬ ଜଣ ଚାଷୀ ଧାନ ବିକ୍ରୟ ପାଇଁ ପଞ୍ଜିକରଣ କରିସାରିଛନ୍ତି। ଏଥିରେ ସର୍ବାଧିକ ପଞ୍ଜିକରଣ ବାଲେଶ୍ୱର ଜିଲ୍ଲାରେ ହୋଇଛି। ବର୍ତ୍ତମାନ ଦୁଇପ୍ରକାର ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ପ୍ରଦାନ କରାଯାଉଛି। ଏଗ୍ରିଷ୍ଟାକ ପଞ୍ଜିକୃତ ଚାଷୀ ପଞ୍ଜିକରଣ ପ୍ରାପ୍ତି ପତ୍ର ଓ ବିନା ଏଗ୍ରିଷ୍ଟାକ ପଞ୍ଜିକୃତ ପ୍ରାପ୍ତି ପତ୍ର। ଉଭୟ ପଞ୍ଜୀକରଣ ପ୍ରାପ୍ତି ପତ୍ର ବୈଧ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଏହି ବୈଠକରେ ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ, ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ରହି ଏଗ୍ରିଷ୍ଟାକ ଆଇଡିକୁ ନେଇ ଚାଲିଥିବା ବିବାଦ ସମ୍ପର୍କରେ ଆଲୋଚନା କରିଥିଲେ।

### ରାଞ୍ଚି ପାଲଟିଲା...

ସେପଟେ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ୫୧ତମ ଜନ୍ମଦିନ ମଧ୍ୟ ପାଳନ କରାଯାଇଛି। ଏହି ସମୟରେ ଛାତ୍ରଛାତ୍ରୀ ଆନ୍ଦୋଳନ ଚାଲୁ ରହିବା ସହ ବିଧାନସଭା ଘେରାଉ କରାଯାଇଛି। ଛାତ୍ରଛାତ୍ରୀଙ୍କ ପ୍ରମୁଖ ଦାବି ଗୁଡ଼ିକ ହେଉଛି, ୧୪ଟମ ଝାଡ଼ଖଣ୍ଡ ସିଭିଲ ସର୍ଭିସେସ ପରୀକ୍ଷା ସମେତ ବିଭିନ୍ନ ବିବାଦୀୟ ପରୀକ୍ଷାଗୁଡ଼ିକୁ ବାତିଲ କରାଯାଉ। ଜେପିଏସସି ଏବଂ ଜେଏସଏସସିରେ ସମ୍ପୂର୍ଣ୍ଣ ସଂସ୍କାର ଅଣାଯାଉ। ଏହି ଦୁର୍ନୀତିର ତଦନ୍ତ ସିବିଆଇ କିମ୍ବା ଝାଡ଼ଖଣ୍ଡ ହାଇକୋର୍ଟର ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ଦ୍ୱାରା କରାଯାଉ। ଆନ୍ଦୋଳନକାରୀଙ୍କ ଅନ୍ୟ ସମସ୍ତ ଦାବିକୁ ସରକାର ଗ୍ରହଣ କରିଥିବା ବେଳେ ସେମାନେ ସିବିଆଇ ତଦନ୍ତ ଜିଦରେ ଅଟଳ ରହିଛନ୍ତି। ସରକାର ତଦନ୍ତ ଦାୟିତ୍ୱ ସିଆଇଡିକୁ ଦେବାସହିତ ତ୍ୱରିତ ବିଚାର ପାଇଁ ଫାଷ୍ଟ୍ରାକ କୋର୍ଟ ଗଠନ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ଆନ୍ଦୋଳନକାରୀ ସିବିଆଇ ତଦନ୍ତ ଦାବିରେ ଅଟଳ ରହିଛନ୍ତି।

ଏହି ଆନ୍ଦୋଳନରେ ଜେଏଲକେଏମ ନେତା ଦେବେନ୍ଦ୍ର ନାଥ ମାହାତୋ ଚର୍ଚ୍ଚାରେ ରହିଛନ୍ତି। ସେ ଗତ ସେ ୯ ଦିନ ଧରି ଅନଶନରେ ଥିବା ସତ୍ତ୍ୱେ ଏକ ଆମ୍ବୁଲାନ୍ସ ଯୋଗେ ଆସି ଷ୍ଟ୍ରେଚରରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେ ଅଭିଯୋଗ କରିଛନ୍ତି ଯେ, ସରକାର ଛାତ୍ରମାନଙ୍କ ସ୍ୱରକୁ ଚାପି ଦେବା ପାଇଁ ପୁଲିସକୁ ବ୍ୟବହାର କରୁଛନ୍ତି।

ଅନ୍ୟପଟେ, ନିଯୁକ୍ତି ଭଳି ଏହି ଦୁର୍ନୀତିରେ ହୋଇଥିବା ଅର୍ଥ ହେରଫେର ତଦନ୍ତ ଆରମ୍ଭ କରିଛି। ପେପର ଲିକ ଅଭିଯୋଗ ପରେ ଜେପିଏସସିର ତିନିଜଣ ସଦସ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ଝାଡ଼ଖଣ୍ଡ ସିଆଇଡି ପକ୍ଷରୁ ଜେପିଏସସିର ପୂର୍ବତନ ଅଧ୍ୟକ୍ଷ ଏଲ. ଖିଆଙ୍ଗେଟ୍ଙ୍କୁ ଗିରଫ କରାଯାଇଛି। ସରକାରଙ୍କ ପକ୍ଷରୁ ୯୮% ପ୍ରାୟତଃ ଦାବିଗୁଡ଼ିକ ପୂରଣ କରାଯାଇଛି।

କିନ୍ତୁ ଆନ୍ଦୋଳନକାରୀ ମାନେ ସିବିଆଇ ତଦନ୍ତ ଜିଦ୍‌ରେ ଅଟଳ ରହିବାରୁ ରାଜ୍ୟରେ ଅଚଳାବସ୍ଥା ଜାରି ରହିଛି।

### ଟଳିପଡ଼ିଲେ ୫...

ଗୁରୁତର ଅବସ୍ଥାରେ ତାଙ୍କୁ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମାହାଙ୍ଗା ପୁଲିସ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ସମ୍ପର୍କରେ ପରିବାର ପକ୍ଷରୁ ମାହାଙ୍ଗା ଥାନାରେ ଅଭିଯୋଗ କରାଯାଇଛି। ମୃତ ଚାଷୀଙ୍କ ପରିବାରକୁ ସରକାରୀ ସହାୟତା ନିମନ୍ତେ ସ୍ଥାନୀୟ ଅଂଚଳବାସୀ ଦୃଢ଼ ଦାବି କରିଛନ୍ତି।

ସେହିପରି ଚୌଦ୍ୱାର ପୌରପାଳିକା ୧୨ନମ୍ବର ୱାର୍ଡ ଅନ୍ତର୍ଗତ ବୁଢ଼ାଲିଙ୍ଗର ସଞ୍ଜୟ ନାଥ (୪୩) ଆଜି ଅପରାହ୍ଣରେ ବିଲରେ ଧାନ ତଳି ପକାଇବା ପାଇଁ ଜମି ପ୍ରସ୍ତୁତ କରୁଥିବାବେଳେ ବଜ୍ରପାତ ହୋଇଥିଲା। ସେ ବଜ୍ରାଘାତର ଶିକାର ହୋଇ ଟଳିପଡ଼ିଥିଲେ। ଖବରପାଇ ତାଙ୍କ ପରିବାର ଓ ପଡ଼ୋଶୀ ପହଞ୍ଚିଥିଲେ। ଏଥିସହ ପୁଲିସ ପହଞ୍ଚି ପହଞ୍ଚି ମୃତଦେହ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ତାଙ୍କ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ମୃତ ସଞ୍ଜୟ ଅତି ଗରିବ ଶ୍ରେଣୀର ଏବଂ ତାଙ୍କର ଦୁଇଟି କନ୍ୟା ସନ୍ତାନ ଅଛନ୍ତି। ସେ ପରିବାରର ଏକମାତ୍ର ରୋଜଗାରିଆ ବ୍ୟକ୍ତି ଥିଲେ। ତେଣୁ ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇଛି। ସେହିପରି ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ପ୍ରଚଣ୍ଡ ବଜ୍ରପାତରେ ଖୋର୍ଦ୍ଧା ଜିଲ୍ଲାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ମହିଳା ଗୁରୁତର ଆହତ ଓ ଏକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୪ ଜଣ ଛାତ୍ରଛାତ୍ରୀ ଆହତ ହୋଇଥିବା ଜଣାପଡିଛି। ଟାଙ୍ଗୀ ଥାନା ଦିକ୍ଷିତିପଡାର ସନ୍ତୋଷ ବେହେରାଙ୍କ ଧାନବିଲରେ ୧୬ ଜଣ ମହିଳା ଶ୍ରମିକ ତଳି ପକାଉଥିବା ବେଳେ ହଠାତ ପ୍ରବଳ ବର୍ଷା ସହିତ ପ୍ରଚଣ୍ଡ ବଜ୍ରପାତ ହୋଇଥିଲା। ଏହି ସମୟରେ ସେହି ବିଲରେ କାମ କରୁଥିବା ଖଲିକୋଟ ଥାନା ଅଧିନସ୍ଥ ଗୋଲାମଥୁରା ଗ୍ରାମର କେ.ଗୋବିନ୍ଦଙ୍କ ପତ୍ନୀ କେ.ଜାନକୀ(୩୦) ମହିଳା ଶ୍ରମିକଙ୍କ ବଜ୍ରପାତରେ ମୃତ୍ୟୁ ଘଟିଥିଲା ଏବଂ ସେହି ମଥୁରା ଗ୍ରାମର ଏମ .ଲକ୍ଷ୍ମୀ(୫୦) ଗୁରୁତର ଅବସ୍ଥାରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ସ୍ଥାନାନ୍ତର ହୋଇଛନ୍ତି। ସେହିଭଳି ଟାଙ୍ଗୀ ବ୍ଲକ ଲକ୍ଷ୍ମୀଧରପୁର ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ହଠାତ ବଜ୍ରପାତ ଯୋଗୁ ସପ୍ତମ ଶ୍ରେଣୀର ଛାତ୍ର ସୁଶାନ୍ତ ପାତ୍ର, ଆୟୁଷ୍ମାନ ମାନସିଂହ, ମହେଶ୍ୱର ପାତ୍ର, ଛାତ୍ରୀ ସୁନିତା ପାତ୍ର ଆହତ ହୋଇଥିଲେ। ସେମାନଙ୍କୁ ତୁରନ୍ତ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶିକ୍ଷକ ସର୍ବେଶ୍ୱର ସାହୁ, ଅମୂଲ୍ୟ କୁମାର ସୁବୁଦ୍ଧି, ଦିନବନ୍ଧୁ ପୃଷ୍ଟି, ଶିକ୍ଷକ ନେତା ପ୍ରସନ୍ନ କୁମାର ଶ୍ରୀଚନ୍ଦନଙ୍କ ସହଯୋଗରେ ଚିକିତ୍ସା କରାଯାଉଥିବା ବେଳେ ଆହତ ଛାତ୍ରଛାତ୍ରୀ ସୁସ୍ଥ ଥିବା ଜଣାପଡିଛି।

### ସଞ୍ଜୀବ ପଣ୍ଡା...

୨୦୧୫ରୁ ୨୦୨୦ ପର୍ଯ୍ୟନ୍ତ ସେ କେନ୍ଦ୍ରୀୟ ଡେପୁଟେସନରେ ଥିଲେ। ଏହି ସମୟରେ ପ୍ରଧାନମନ୍ତ୍ରୀଙ୍କ ଅଫିସ ଅଧୀନରେ ଏସ୍‌ପିଜିର ଆଇଜି ଥିଲେ। ପଦୋନ୍ନତି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଅନୁମୋଦନ କରିବା ପରେ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି।

### ୧୫ ପର୍ଯ୍ୟନ୍ତ...

ପହଞ୍ଚିବା ଆଶଙ୍କା କରାଯାଉଛି। ଏଥିପାଇଁ ସମୁଦ୍ର ଅଶାନ୍ତ ରହିବାକୁ ଥିବାରୁ ୧୧ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଗତ ୨୪ ଘଣ୍ଟାରେ ରାଜ୍ୟର ୪ଟି ଷ୍ଟେସନରେ ପ୍ରବଳ ବର୍ଷା ହୋଇଥିବା ବେଳେ ଗଞ୍ଜାମ ପାତ୍ରପୁରରେ ସର୍ବାଧିକ ୮୦.୪ ମିମି ବର୍ଷା ରେକର୍ଡ ହୋଇଛି। ଜୁନ ୧ରୁ ଏଯାବତ ସାରା ରାଜ୍ୟରେ ସମୁଦାୟ ବର୍ଷା ୮୬୪.୩ ମିମି ରେକର୍ଡ ହୋଇଥିବା ବେଳେ ସ୍ୱାଭାବିକ ବର୍ଷା ୬୭୭ ମିମି ତୁଳନାରେ ବର୍ଷାର ପରିମାଣ ୨୮ ପ୍ରତିଶତ ଅଧିକ ରେକର୍ଡ ହୋଇଛି।

### ୯ ବିଭାଗରେ ନିଯୁକ୍ତି...

ଧାଡିର ଲୋକଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବାକୁ କାମ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ସେହିପରି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଓ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନରେ ସ୍ୱଚ୍ଛ ଓ ସୁଦୃଢ଼ ପ୍ରଶାସନର ଭୂମିକା ଗୁରୁତ୍ୱପୂର୍ଣ୍ଣ ଏବଂ ଏଥିରେ ସମସ୍ତେ ଯୋଗଦାନ ରଖିବାକୁ ଆହ୍ୱାନ ଦେବା ସହ ଦୁର୍ନୀତିରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓ ଓ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ନିଷ୍ଠା ଓ ସଚ୍ଚୋଟତାର ସହ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ପଞ୍ଚାୟତିରାଜ ବିଭାଗର ଶାସନ ସଚିବ ଗିରୀଶ ଏସ୍.ଏନ୍ ଧନ୍ୟବାଦ ଅର୍ପଣ କରିଥିଲେ।

### ଓଡ଼ିଶାର ଦାବିକୁ...

ଶକ୍ତି ରାଷ୍ଟ୍ରମନ୍ତ୍ରୀ ଶ୍ରୀପଦ ନାଇକ। ତେବେ ଓଡ଼ିଶା ସରକାର ୨୦୨୩ ମାର୍ଚ୍ଚରେ ଆର୍‌ଡ଼ିଏସ୍‌ଏସ୍ (ସଂଶୋଧିତ ବିଦ୍ୟୁତ୍ ବିତରଣ କ୍ଷେତ୍ର ଯୋଜନା) ଅଧୀନରେ କେନ୍ଦ୍ର ସରକାରଙ୍କୁ ବିଦ୍ୟୁତ୍ ଭିତ୍ତିଭୂମି ବିକାଶ ପାଇଁ ୬୨୮୪ କୋଟି ଟଙ୍କାର ଏକ ପ୍ରସ୍ତାବ ଦେଇଥିବା କେନ୍ଦ୍ରମନ୍ତ୍ରୀ ସ୍ୱୀକାର କରିଥିଲେ ହେଁ ଓଡ଼ିଶା ଏହି ଅନୁଦାନ ପାଇବାକୁ ଯୋଗ୍ୟତା ଅର୍ଜନ କରୁନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ୟସ ବାତ୍ୟା ଯୋଗୁଁ ଓଡ଼ିଶାର ୮୨୩.୪୮ କୋଟି ଟଙ୍କା କ୍ଷତି ହୋଇଥିବା ରାଜ୍ୟ ସରକାର କେନ୍ଦ୍ରକୁ ଏକ ସ୍ମାରକପତ୍ରରେ ଅବଗତ କରିଥିଲେ। ବାତ୍ୟା ପରେ କ୍ଷୟକ୍ଷତି ଆକଳନ ପାଇଁ କେନ୍ଦ୍ରର ଆନ୍ତଃମନ୍ତ୍ରୀଣାଳୟ କେନ୍ଦ୍ରୀୟ ଟିମ୍ ଓଡ଼ିଶା ଗସ୍ତ କରିଥିଲା। ଏହି ଟିମ୍ ୟସ ବାତ୍ୟାରେ ଓଡ଼ିଶାର ବିଦ୍ୟୁତ୍ କ୍ଷେତ୍ରର କ୍ଷୟକ୍ଷତି ପାଇଁ ୧୪୦.୬୪ କୋଟି ଟଙ୍କା ସହାୟତା ସୁପାରିସ କରିଥିଲା। ମାତ୍ର ଓଡ଼ିଶାର ଏସ୍‌ଡ଼ିଆର୍‌ଏଫ୍ ଖାତାରେ ପର୍ଯ୍ୟାପ୍ତ ଅର୍ଥ ଗଚ୍ଛିତ ଥିବାରୁ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତି ବାବଦରେ ଏହି ଅର୍ଥ ମଞ୍ଜୁର କରାଯାଇ ନ ଥିଲା। ତେବେ ପରବର୍ତ୍ତୀ ସମୟରେ ଫସଲ କ୍ଷତି ଓ ରିଲିଫ୍ ବାବଦରେ ୫୦୦ କୋଟି ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ବିଦ୍ୟୁତ୍ ଭିତ୍ତିଭୂମି କ୍ଷତି ପୂରଣ ପାଇଁ କେନ୍ଦ୍ରର କୌଣସି ସ୍ୱତନ୍ତ୍ର ଯୋଜନା ନାହିଁ ବୋଲି ମଧ୍ୟ କହିଛନ୍ତି। ମାତ୍ର କେନ୍ଦ୍ରୀୟ ବିଦ୍ୟୁତ୍ ପ୍ରାଧିକରଣ ର ବିପର୍ଯ୍ୟୟ ପରିଚାଳନା ଯୋଜନା ଏବଂ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଦ୍ୱାରା ଚିହ୍ନଟ ବିପର୍ଯ୍ୟୟ-ପ୍ରତିରୋଧୀ କାର୍ଯ୍ୟଗୁଡ଼ିକୁ ଅନୁମୋଦନ କରିବାର ବ୍ୟବସ୍ଥା ରହିଛି ବୋଲି କହିଛନ୍ତି। ବିଡ଼ମ୍ବନା ହେଉଛି, ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି ଏଯାଏ ପୂରଣ ହୋଇ ପାରିଲା ନାହିଁ। ସ୍ୱତନ୍ତ୍ର ଧାନ କେନ୍ଦ୍ରୀତ ରାଜ୍ୟ ମାନ୍ୟତା ସହ ସ୍ୱତନ୍ତ୍ର ସହାୟତା ମଧ୍ୟ ଓଡ଼ିଶାକୁ ମିଳିଲା ନାହିଁ। ଏବେ ତତ୍‌କାଳୀନ ସରକାର ଓଡ଼ିଶାକୁ ବିପର୍ଯ୍ୟୟ ପ୍ରତିରୋଧୀ ଭିତ୍ତିଭୂମି ବାବଦ ସହାୟତା ନିମନ୍ତେ କରିଥିବା ଦାବିକୁ କେନ୍ଦ୍ର ସରକାର ରୋକ୍ ଠୋକ୍ ମନା କରିଦେଇଛନ୍ତି। କେନ୍ଦ୍ର ସରକାର ଓ ନୀତି ଆୟୋଗ ନିକଟରେ ହୋଇଥିବା ଦାବିକୁ କେନ୍ଦ୍ର ଶକ୍ତିମନ୍ତ୍ରୀ ସ୍ୱୀକାର କରୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଓଡ଼ିଶାକୁ କିଏ ନ୍ୟାୟ ଦେବ ତାହା ସବୁଠାରୁ ବଡ଼ ପ୍ରଶ୍ନ ଭାବରେ ଉଭା ହୋଇଛି।

## ସାପ କାମୁଡ଼ାରେ ଯୁବତୀ ମୃତ

କଣାସ,୧୦।୮ (ସମିସ): ଦୋକନ୍ଦା ପଞ୍ଚାୟତ କେଶରପୁର ଗ୍ରାମର ଲିପ୍ସାରାଣୀ ଜୟସିଂହ (୨୪) ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଲିପ୍ସା ମାଆଙ୍କ ସହିତ ରବିବାର ରାତିରେ ଘରେ ଶୋଇଥିବାବେଳେ ଏକ ଚଣା ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ପ୍ରଥମେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ସେଠାରୁ ଭୁବନେଶ୍ୱର ପଠାଇ ଦିଆଯାଇଥିଲା। ସୋମବାର ଦିନ ୧୦ଟାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


**AFFIDAVIT**

I, Sekh Jyotibur Rehman, age about 41 years, S/o- Abdul Rehaman, At/Po- Pithapur, Bhograi, Dist- Baleswar-756038, declared by this Affidavit No. 893/2026, Dated 10.08.2026, that now onwards I shall be known as **JYOTIBORE REHAMAN** that for all future purposes.

**FOR SALE**

BHARAT BENZ 3528 C,MODEL 2024, Regn. No - OD-02-CY-3352, in as is where is condition. Contact: M/S Sundaram Finance Limited, NAYAGARH, BRANCH, Ph:0675-3299916, MOB -9437560891 within 7 days

**AFFIDAVIT**

I, Shelina Sahoo, W/O- Shishir Kumar Sahoo, resident of Plot No- 1546, Vaishnobi Vihar,Phase-1,Lane-1,Jajbhairab,P.O.- Agrahat, P.S.- Choudwar, Dist-Cuttack,Pin-754028,State- Odisha declare by this affidavit No. 236 dtd.- 07/08/2026 that now onwards I shall be known as **Jayanti Sahu** for all future Purposes.

**NOTICE FOR MINOR**

By virtue of an affidavit sworn before (THE NOTARY PUBLIC, DHARAMGARH, DIST-KALAHANDI), dated 10/08/2026, I, SANTOSH BEHERA, Address, S/O-LAKADBE BEHERA, VILLAGE/PO-CHAPRIA, PS-KEGAON, DIST-KALAHANDI, ODISHA-766036, declare that I have changed the name of My Son from SUJAL BEHERA to MANOJ BEHERA. Henceforth, he shall be known as **MANOJ BEHERA** for all purposes.

**(SANTOSH BEHERA)**

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.: ELS-ANGL-OT-26-27-07

**କାର୍ଯ୍ୟର ନାମ :** ଇଲେକ୍ଟ୍ରିକ୍ ଲୋକୋ ସେଡ୍, ଅନୁଗୁଳ ଠାରେ WAG-7/ WAG-9 ଇଲେକ୍ଟ୍ରିକ୍ ଇଂଜିନ (ଲୋକୋମୋଟିଭ) ଗୁଡ଼ିକର ପାଣ୍ଟୋଗ୍ରାଫ୍ (ମଡ୍ଡେଲ AM-12/ IR01/EL01/GSEC-PAN01 /IR03H/ AM92/ HRPT WBL85HR/ LX3600/ 3800) ର ମରାମତି/ଓଭରହାଉଲିଙ୍ଗ୍।

**ବିଜ୍ଞାପିତ ମୂଲ୍ୟ (₹) :** 71,98,128.00, EMD (₹) : 1,44,000.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹) : 5,900.00, ଶେଷ ହେବା ଅବଧି : 36 ମାସ।

ବିଡ୍ ଆରମ୍ଭ ହେବା ତାରିଖ : ତା.20.08.2026 ରିଖ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.03.09.2026ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ସୂଚନାବଳୀ www.ireps.gov.in ରେ ଉପଲବ୍ଧ ଅଟେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRS)/ ଅନୁଗୁଳ

PR-354/R/26-27

**AFFIDAVIT**

By virtue of an affidavit (SL No. 3470,dtd- 05/08/2026) sworn before The Executive Magistrate, Jaleswar. I, Ananta Patra, S/o Late Bhaku Patra, resident of Vill: Jhadeswarpur, PO/ PS: Jaleswar, Dist: Balasore, Odisha declare that, my actual name is Ananta Patra which is mentioned in my Aadhaar Card, vide No. 7212 2049 4853, but in my son's (Sujay Kumar Patra) BSE, Odisha certificate vide Roll No. 239CA0194 my name has been mentioned as Ananta Kumar Patra. Henceforth, Ananta Patra and Ananta Kumar Patra, father of Sujay Kumar Patra, both at the above-noted address, are one and the same person. Henceforth, I shall be known as Ananta Patra for all official and non-official purposes.

**OFFICE OF THE MUNICIPAL COUNCIL, BHABANIPATNA**
**DIST-KALAHANDI, PIN-766001**

13001/1484/2627

"e" Procurement NOTICE.

**Bid Identification No. BPM / 09/2026-27**

**Bid Identification No. BPM / 2971 , dt 05/08/2026**

The Executive Officer on behalf of Bhabanipatna Municipality invites tenders in Single Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. https://tendersodisha.gov.in

1. Number of Civil works: **01 (One) Number**
2. Estimated Costs: **12.63 lakhs**
3. Period of completion: As per NIT
4. Date and time of availability of the bid documents in the portal: From **01:00 P.M.** of **06.08.2026 to 05:00 PM of 20.08.2026**
5. Last Date/ Time for receipt of bids in the portal: **05:00 PM of 20.08.2026**
6. Bids will be opened on: **11:00 AM of Dt. 21.08.2026**
7. Name and address of the officer inviting bid: **Executive Officer, Bhabanipatna Municipality**

Executive Officer
Bhabanipatna Municipality

OIPR-13001/13100/1/26-27/0012

25001/907/2627

E-mail: eerw_ptng@yahoo.in
Phone No - 06658-222121

**GOVT OF ODISHA**
**OFFICE OF THE SUPERINTENDING ENGINEER,**
**RURAL WORKS DIVISION PATNAGARH**
**e Procurement Notice**
**IFB IDENTIFICATION NO. EEPTNG- Online-05/2026-27**

| | | | |
|---|---|---|---|
| 1. | Name of work | : | Upgradation of PHC Buildings AMA Hospital work |
| 2. | Total no of work | : | 01 (One) No works |
| 3. | Time for completion | : | 09 (Nine) Calendar month |
| 4. | Approximate estimated cost | : | 49.00 lakhs |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-05/2026-27 | 17.08.2026 at 11.00 AM | 31.08.2026 upto 5.00 P.M | 29.08.2026 upto 5.00 PM | 01.09.2026 at 11.00 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

Executive Engineer
R. W.Division, Patnagarh

OIPR-25001/25154/1/26-27/0007

**GOVERNMENT OF ODISHA** 32001/668/2627
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION, AT/P.O. Kamakhyanagar**
**Dist: Dhenkanal, Odisha, PIN-759018**

☎ : 06769-270771 | Email ID - eerlbcdivision@gmail.com

**e-PROCUREMENT NOTICE No. RLBCD-P-06/2026-27**

| | | |
|---|---|---|
| 1 | Category of Work | "Civil Construction Work". |
| 2 | Total No. of Works | 04 (Four) Nos of work. |
| 3 | Estimated Cost | Varies from Rs.18.02 Lakhs to Rs.11.65 Lakhs |
| 4 | Period of Completion | Varies from 60 Days to 30 Days |
| 5 | Class of Contractor | "C' Class & 'D'Class (Odisha P.W.D) or equivalent Class of other licensing authority |
| 6 | Cost of Bid Document / Mode of Payment | Rs. 6,000/- (Non-Refundable) Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | Varies from Rs. 18,020/- to Rs. 11,650/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding. | 11.08.2026 from 10.00 Hours to 21.08.2026 up to 17.00 Hours. |
| | (iii) Date, time & venue of Bid Opening (Online) | On Dt.24.08.2026 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | On Dt.03.09.2026 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar. |

Further details can be seen from the Government of Odisha website https://tendersodisha.gov.in

Superintending Engineer
R.L.B. Canal Division
Kamakhyanagar

OIPR-32001/32298/1/26-27/0006

13001/1473/2627

**WATCO**
**OFFICE OF THE GENERAL MANAGER,**
**WATCO DIVISION-II, BHUBANESWAR,**
Near Rajiv Bhawan, Unit-V, Bhubaneswar-751001,
Odisha, India
Telefax: - +91-674-2390322 E-mail - gmdivtwowatco@gmail.com
NATIONAL COMPETITIVE BIDDING THROUGH e-PROCUREMENT
**Invitation For Bids (IFB)**
**Dtd.07.08.2026**

| | | | |
|---|---|---|---|
| 01 | Name of the work | : | Laying of 200mm dia D.I. pipe line (K-7) From Rajarani colony to Hatiasuni on main road due to overlapping of drain and pipe line at current position in ward no. 58 under WATCO Section, Badagada, BBSR. (Laying of 200mm dia D.I. Pipe line) |
| 02 | Estimate cost | : | Rs.31.00 lakhs |
| 03 | Period of completion | : | 02 (Two) Months |
| 04 | Class of contractor | : | C & B Class |
| 05 | Date & Time of availability of bid document In the portal | : | From 11.00 AM of Dt.12.08.26 to 5.00 PM of 24.08.2026 |
| 06 | Last date / time of receipt of bids in the portal | : | 5.00 PM of 24.08.2026 |
| 07 | Last date & time of seeking clarification | : | 5.00 PM of 17.08.2026 |
| 08 | Date & Time of opening of bids | : | At 12.30 PM of 25.08.2026 |
| 09 | Name and Address of the Officer Inviting Bid | : | General Manager WATCO Division-II, BBSR |

Further details can be seen from the e-Procurement portal "https://www.tendersorissa.gov.in"

OIPR-13001/13089/1/26-27/0006

GENERAL MANAGER
WATCO DIVISION-II, BHUBANESWAR

**NOTICE (MINOR)**

By virtue of an affidavit sworn before the Executive Magistrate Nuapada, Dt. 14/07/2026, I Damayanti Chandrakar w/o- Sanjay Chandrakar, permanent resident of At/Po/PS- Beltukri, Dist- Nuapada (Odisha) declare that I have changed the name of my son from FAISAL CHANDRAKAR to RUDRA CHANDRAKAR. Henceforth, he shall be known as **RUDRA CHANDRAKAR** for all purposes.

**Damayanti Chandrakar**

**AFFIDAVIT**

By virtue of an affidavit sworn before Notary Public Bhubaneswar on 10th Aug. 2026, I, Harsh Vardhan, S/o Sarat Swain, At-Baghuapalli, Po-Baladia Nuagaon, PS-Fategarh, Dist-Nayagarh, 752077 declare that I have changed my name from Hapi Swain to Harsh Vardhan Henceforth, I shall be known as **Harsh Vardhan** for all purposes.

**Harsh Vardhan**

**NOTICE (MINOR)**

By virtue of an affidavit sworn before Executive Magistrate, Bhubaneswar, dated 04/12/2025, C.F No-38. I, Subash Chandra Samal, S/o Late Bishnu Charan Samal, At-Bandhasahi, Po-Mahal, Ps-Patakura, Dist- Kendrapara, Odisha- 754210 declare that I have changed the name of my daughter from GITA SAMAL to MITALI SAMAL. Henceforth, She shall be known as **MITALI SAMAL** for all purposes.

**Subash Chandra Samal**

**AFFIDAVIT**

By virtue of an affidavit sworn before the Executive Magistrate, Athgada dated-10.8.2026 I Yamuna Behera D/O Jagannath Behera of village- Dashpur, Po-Megha Ps- Athagada , Dist-Katak declare that my original name is Yamuna Behera but in my Adhar Card bearing Number 5265 6159 6710 it was wrongly recorded as Jamuna Behera which recorded in my Birth , HSC and in the various certificate . So I will known as **Yamuna Behera** for all purposes.

**ସତ୍ୟପାଠ**

ଭବାନିପାଟଣାର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଗ୍ରହଣ କରାଯାଇଥିବା ସତ୍ୟପାଠ ତାରିଖ ୨୩.୦୬.୨୦୨୫ ବଳରେ, ମୁଁ ବାସୁଦେବ ନାଏକ, ବୟସ ୭୭ ବର୍ଷ, ପିତା: ସ୍ୱର୍ଗତ ମେଲା ନାଏକ, ଗ୍ରାମ: କୁରକାଭଟା, ଥାନା ନର୍ଲା, ନଂ-୫୦, ଜିଲ୍ଲା: କଳାହାଣ୍ଡି, ଆଧାର ନଂ- ୪୩୧୪ ୩୭୧୪ ୬୩୩୮, ଏହା କି ନର୍ଲା ତହସିଲ ଅନ୍ତର୍ଗତ ମୌଜା: କୁରକାଭଟା, ଖାତା ନଂ ୧୦୫ ର ଆର୍.ଓ.ଆର୍ (ପଟ୍ଟା) ରେ ବାସୁଦେବ ନାଏକ ଏବଂ ଖାତା ନଂ ୨୦୪ ଖାତାଦାର ଉଲ୍ଲେଖ ସ୍ଥାନରେ ଭୁଲ୍ ବଶତଃ ବାନୁରା ନାଏକ ଲେଖାଯାଇଛି, ମୋର ନାମ ଭୁଲ୍ ଭାବରେ ବାନୁରା ନାଏକ ଛପା ହୋଇଛି ଯାହାକି ମୋର ଡାକନାମ ଅଟେ। ଏହି ସତ୍ୟପାଠ ଦ୍ୱାରା ମୁଁ ଏଠାରେ ଘୋଷଣା କରୁଛି ଯେ ବାସୁଦେବ ନାଏକ ଏବଂ ବାନୁରା ନାଏକ ଜଣେ ଏବଂ ସମାନ ବ୍ୟକ୍ତି ଅଟନ୍ତି। ମୁଁ ସବୁ କ୍ଷେତ୍ରରେ ବାସୁଦେବ ନାଏକ ଭାବରେ ଜଣାଶୁଣା।

**ବାସୁଦେବ ନାଏକ**

**AFFIDAVIT**

I, SK Naseem, S/o- Late Abdul Naim, resident of At-khatbin Sahi, Near Urdu Traininig School Cuttack, Dist-Cuttack, Pin- 753001, Odisha declare by this affidavit No-140, dated-26/05/2026, that now onwards I shall be known as **SHAIKH NASIM** for all future purposes.

**AFFIDAVIT**

By virtue of an affidavit sworn before Executive Magistrate Bhubaneswar, dtd-06.08.2026. I Bijayalaxmi Pradhan resident of 174-P, Gajapati Nagar, Bhubaneswar, Dist- Khordha, Pin- 751005, declare that I have changed my name from **Bijaylaxmi Pradhan** (Old name) to **Bijayalaxmi Pradhan** (New name) Henceforth, I shall be known as **BIJAYALAXMI PRADHAN** for all purposes.

**Bijayalaxmi Pradhan**

**ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍**

**ପରିବେଶ ଅନୁମୋଦନ**

ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଦ୍ୱାରା ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍ ଙ୍କ ପ୍ରସ୍ତାବିତ ମୌଜା-କାଗମରା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା ଠାରେ ଏକ (2B+G+13) ବହୁତଳ ଭବନ ପ୍ରକଳ୍ପର ଗୋଟିଏ ବ୍ଲକ୍ ନିର୍ମାଣ ପାଇଁ ପରିବେଶ ଅନୁମୋଦନ (Environmental Clearance) ପ୍ରଦାନ କରାଯାଇଛି।

ପରିବେଶ ଅନୁମୋଦନର ନକଲ, E C Identification No. EC25C0000OR5825619N, File No. 556822/164-INFRA2/11-2025, ତାରିଖ 04.08.2026, ସନ୍ଦର୍ଭ ପାଇଁ ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଏବଂ ଓଡ଼ିଶା ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ (OSPCB) ଠାରେ ଉପଲବ୍ଧ ଅଛି ଏବଂ ବୋର୍ଡର ୱେବସାଇଟ / ପରିବେଶ ପୋର୍ଟାଲ୍ (www.parivesh.nic.in) ରେ ମଧ୍ୟ ଦେଖାଯାଇପାରିବ।

ଓଡ଼ିଶା ରାଜ୍ୟ ପରିବେଶ ପ୍ରଭାବ ଆକଳନ କର୍ତ୍ତୃପକ୍ଷ (SEIAA), ଓଡ଼ିଶା ଦ୍ୱାରା EIA Notification, 2006 ର ବ୍ୟବସ୍ଥା ଅନୁଯାୟୀ ଉକ୍ତ ପ୍ରକଳ୍ପ ପାଇଁ ପରିବେଶ ଅନୁମୋଦନ ପ୍ରଦାନ କରାଯାଇଛି, ଯାହା ପରିବେଶ ଅନୁମୋଦନ ପ୍ରଦାନ ତାରିଖ ଠାରୁ ୧୦ ବର୍ଷ ପର୍ଯ୍ୟନ୍ତ ବୈଧ ରହିବ।

ସ୍ୱାକ୍ଷରିତ/-
ଅଧିକୃତ ସ୍ୱାକ୍ଷରକାରୀ
ମେସର୍ସ ଆଶୀର୍ବାଦ ଇଞ୍ଜିନିୟରିଂ ଏବଂ କନଷ୍ଟ୍ରକ୍ସନ ପ୍ରାଇଭେଟ୍ ଲିମିଟେଡ୍, ଖୋର୍ଦ୍ଧା, ଓଡ଼ିଶା।

# କୃଷିମନ୍ତ୍ରୀଙ୍କୁ ଚିଠି ଲେଖିଲେ ସାଂସଦ ପ୍ରତାପ ଷଡ଼ଙ୍ଗୀ

**ନୀଳଗିରି, ୧୦।୮ (ସମିସ):** ନୀଳଗିରି ବ୍ଲକରେ ନକଲି ସାର କଳାବଜାରକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୋମବାର ଦିନ ନୀଳଗିରି ବ୍ଲକରେ ଚାଲିଥିବା ଜନଶୁଣାଣି ଶିବିର ନକଲି ସାରକୁ ନେଇ ତୁମ୍ବିତୋଫାନ ହୋଇଥିଲା। ଉକ୍ତ ଘଟଣା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଜାଣିବା ପରେ ତୁରନ୍ତ ଓଡ଼ିଶାର କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଙ୍କୁ ଚିଠି ଲେଖିଛନ୍ତି। ଓରମାସ ଜରିଆରେ ବିଭିନ୍ନ ପ୍ରକାରର ସାର ପଂଚାୟତର ଏମ୍‌ବିକେ, ଓ କୃଷି ମିତ୍ର ମାଧ୍ୟମରେ ଚାଷୀଙ୍କୁ ସାର ଦିଆଯାଉଅଛି। ମାତ୍ର ଉକ୍ତ ସମସ୍ତ ସାର ନକଲି ବୋଲି ନୀଳଗିରି ବ୍ଲକର ମଛୁଆ ପଂଚାୟତର ଅଭିଯୋଗ କରିଛନ୍ତି। ଉକ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ, ଯୋଗାଣକାରୀଙ୍କ ନାମରେ ଥାନାର ଅଭିଯୋଗ କରାଯାଉ, ଯୋଗାଣକାରୀ ସଂସ୍ଥାର ଷ୍ଟକ୍ ରେଜିଷ୍ଟର, ଲାଇସେନ୍ସ, ଯୋଗାଣ ନଥି, ସେଲ୍ ରେଜିଷ୍ଟର, ସମସ୍ତ ପ୍ରକାରର ସାର ର ନମୂନା ପରୀକ୍ଷା କରାଯାଉ, ଷ୍ଟକ୍ ଥିବା ସବୁ ସାର ବଣ୍ଟନ କରା ନ ଯାଇ ସିଜ କରାଯାଉ, ସଂପୃକ୍ତ ଥିବା ବ୍ୟକ୍ତି ବିଶେଷ, ସଂସ୍ଥା ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି।

## ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିରରେ ଅଭିଯୋଗ

# ଚାଷୀଙ୍କୁ ନକଲି ସାର ଯୋଗାଣ

**ନୀଳଗିରି, ୧୦।୮ (ସମିସ)**

ଓଡ଼ିଶାର ସମବାୟ ମନ୍ତ୍ରୀ କଳାବଜାରୀ କଲେ ହେବ କଠୋର କାର୍ଯ୍ୟାନୁଷ୍ଠାନ, ନକଲି ଓ ସାର କଳାବଜାରୀ ପାଇଁ ଏକ ଏନଫୋର୍ସ ଟିମ୍ ଗଠନ କରାଯାଇଛି ବୋଲି ଡିଣ୍ଡିମ ପିଟୁଥିବା ବେଳେ ବାଲେଶ୍ୱର ଜିଲ୍ଲା ନୀଳଗିରି ଅଞ୍ଚଳରେ ଏବେ ନକଲି ସାର ସରକାରଙ୍କ ନିର୍ଦ୍ଦେଶରେ ଓରମାସ ପକ୍ଷରୁ ଚାଷୀଙ୍କୁ ଡି.ଏ.ପି (୧୮୪୬) ୧୪୭୦ ଟଙ୍କାରେ, ୟୁରିଆ ୩୪୦ଟଙ୍କା, ଓ ପଟାସ୍ ବସ୍ତା ପିଛା ୧୯୦୦ରେ ବିକ୍ରି କରାଯାଉଥିବା ବେଳେ ଚାଷୀ ମାନେ ଏହା ନକଲି ବୋଲି ଜଣା ପଡ଼ିବା ପରେ ସୋମବାର ଦିନ ନୀଳଗିରି ବ୍ଲକ କନଫରେନ୍ସ ହୋଲରେ ଚାଲିଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ରେ ଅନେକଚାଷୀ ଅଟୋରେ ସାର ଲୋଡ୍ କରି ଆଣିଥିବାବେଳେ ଏନେଇ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସରକାରଙ୍କ ତରଫରୁ କିଏ ଚାଷୀଙ୍କୁ ଦେଉଛି, ନୀଳଗିରି ବ୍ଲକର କେଉଁ ଅଧିକାରୀଙ୍କ



ଇଙ୍ଗିତରେ ଏମ୍.ବି.କେ ମାନଙ୍କ ଜରିଆରେ ପ୍ରଦାନ କରାଯାଉଛି, ଏସବୁ ସାରର ଲୁଣ ମିଶିଥିବାର ଚାଷୀମାନେ ଅଭିଯୋଗକୁ ଉପସ୍ଥିତ ବାଲେଶ୍ୱର ଏ.ଡି.ଏମ୍, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏନେଇ ଉପଯୁକ୍ତ ତଦନ୍ତ କରାଯିବା ସହ ଯଦି ସତ୍ୟତା ଥାଏ, ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଜନ ଶୁଣାଣି ଶିବିର ସ୍ୱାଭାବିକ ଚାଲିଥିଲା।

ନୀଳଗିରି ବ୍ଲକର ୨୫ଟି ପଞ୍ଚାୟତରେ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସାର ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ଯୋଗାଇ ଦିଆଯିବା ସହ ନୀଳଗିରି ବ୍ଲକର ଡେପୁଟି ସି.ଓ ଶାନ୍ତନୁ ବାନାର୍ଜୀ ଦାୟିତ୍ୱରେ ଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ଏମ.ବି. କେ ନିକଟରେ ଗଚ୍ଛିତ କରାଗଲା ପରେ ଚାଷୀ ମାନେ ତା ଠାରୁ ସରକାରଙ୍କ ଉଚିତ ମୂଲ୍ୟ ଦେଇ ସାର ନେଇ ପାରିବେ। ଡେପୁଟି ସି.ଓ. ନୀଳଗିରି ବ୍ଲକରେ ଏନ୍.ଜି.ଓ, ପକ୍ଷରୁ ନିଯୁକ୍ତି ପାଇଥିବା ଏ୍ଫଇଓ ସୁଶ୍ରୀ ପ୍ରଭା ରାଉତଙ୍କ ଜରିଆରେ ପଞ୍ଚାୟତକୁ ଯୋଗାଇ ଦିଆ ଯାଇଥାଏ। ନୀଳଗିରି ବ୍ଲକର ମଛୁଆ ପଞ୍ଚାୟତରେ ଚାଷୀମାନେ ଅଭିଯୋଗ କରିଛନ୍ତି। ବିଜେପିର ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସଭାପତି ତାପସ କୁମାର ମହାନ୍ତି ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ। ଏନେଇ କୃଷି ବିଭାଗର କୌଣସି ସଂପୃକ୍ତି ନ ଥିବା ବେଳେ ଏହା ନକଲି କି ଅସଲି ସାର ତାର ନମୂନା ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରକାଶ କରିଛନ୍ତି। କେତେ ଟନ୍ ବିଭିନ୍ନ ପ୍ରକାର ସାର ଆସିଲା, ଚାଷୀଙ୍କୁ କେତେ ଦିଆଗଲା ସେସବୁର କୌଣସି ସଠିକ୍ କାଗଜପତ୍ର ନ ଥିବାର ଶୁଣିବାକୁ ମିଳୁଛି। ନୀଳଗିରି ଭେଜି ଟେବୁଲ୍ ଆଗ୍ରୋ ପ୍ରୋଡିସର କମ୍ପାନୀ ନାମରେ ଏଭଳି କଳା ବଜାରୀ ହେଉଥିବାର ଦେଖିବାକୁ ମିଳିଛି। ନକଲି ସାର ବାବଦରେ ମଧ୍ୟ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ମୋହନ ସରକାର ନକଲି ସାର କଳାବଜାରୀ ଉପରେ କି ପଦକ୍ଷେପ ନେଉଛନ୍ତି?

# ଆଇନଜୀବୀଙ୍କୁ ଭୁଜାଲି ମାଡ଼

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୧୦।୮ (ସମିସ):** ବାଲେଶ୍ୱର ଜିଲ୍ଲା ଜଳେଶ୍ୱର କୋର୍ଟର ଜଣେ ଆଇନଜୀବୀଙ୍କ ଉପରେ ଭୁଜାଲିରେ ଆକ୍ରମଣ ଘଟଣା ଜଳେଶ୍ୱର ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଛି। ସୂଚନାନୁଯାୟୀ ଜଳେଶ୍ୱର କୋର୍ଟର ବିଶିଷ୍ଟ ଆଇନଜୀବୀ ସିଦ୍ଧାର୍ଥ ଦାସ କୋର୍ଟରେ ନିଜର କାର୍ଯ୍ୟସାରି ଅପରାହ୍ନ ୩.୩୦ମି. ସମୟରେ ନିଜ ଘର ନାମ୍ପୋ ଗ୍ରାମକୁ ବାଇକ ଯୋଗେ ଫେରୁଥିବା ବେଳେ ୧୬ନଂ ଜାତୀୟ ରାଜପଥର ଶାନ୍ତିଆ ନିକଟରେ ୩ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଭୁଜାଲିରେ ଆକ୍ରମଣ କରି ଫେରାର ହୋଇଯାଇଥିଲେ। ଆକ୍ରମଣରେ ତାଙ୍କର ଡାହାଣ ପାଶ୍ୱର୍ କାନ୍ଧ ଓ ଦୁଇ ହାତର ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ତାଙ୍କ ପଛରେ ଆସୁଥିବା କିଛି ଓକିଲ ବନ୍ଧୁମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ଜଳେଶ୍ୱର ଜି. କି. ଭଞ୍ଜ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଯାଇଥିଲେ। ଅବସ୍ଥା ଗୁରୁତର ହେବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବାଲେଶ୍ୱର ସଦର ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଜଳେଶ୍ୱର ପୁଲିସ ଘଟଣା ସ୍ଥଳରେ ପହଂଚି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଆକ୍ରମଣର କାରଣ ଏପର୍ଯ୍ୟନ୍ତ ସ୍ୱଷ୍ଟ ହୋଇ ନଥିବା ବେଳେ ପୁରୁଣା ଶତ୍ରୁତାକୁ କେନ୍ଦ୍ରକରି ଏହିପରି ଆକ୍ରମଣ ହୋଇଥାଇପାରେ ବୋଲି ଅନୁମାନ କରାଯାଉଥିବା ବେଳେ ଦୁର୍ବୃତ୍ତଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଜଳେଶ୍ୱର କୋର୍ଟର ଓକିଲ ସଂଘ ପକ୍ଷରୁ ଦୃଢ ଦାବି କରାଯାଇଛି।



# ଜାତୀୟ କୃମିନାଶକ ଦିବସ ପାଳିତ



**ବାଲେଶ୍ୱର,୧୦।୮ (ସମିସ):** ରାଣୀପାଟଣା ଦୃଷ୍ଟିହୀନ ନିମନ୍ତେ ଓ ମସ୍ତିଷ୍କ ପକ୍ଷାଘାତ ବିଦ୍ୟାଳୟ ପରିସରରେ କୃମି ନାଶକ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନବୀନ କୁମାର ବେହେରାଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ପିଲାମାନଙ୍କ ଶରୀରରେ କୃମି ରହିଲେ ଏହାର ଲକ୍ଷଣ କଣ ଏବଂ ଏହା କେତେ କ୍ଷତିକାରକ ଓ ନିରାକରଣ ବିଷୟରେ ପିଲାମାନଙ୍କୁ ସଚେତନ କରିବା ସହ ଆଶାକର୍ମୀ ସୁସ୍ମିତା ପରିଡାଙ୍କ ଉପସ୍ଥିତିରେ ପିଲାମାନଙ୍କୁ ଅଲବେଣ୍ଡାଜୋଲ ଟାବଲେଟ ଓ ୨ ରୁ ୫ ବର୍ଷ ପିଲାଙ୍କୁ ଲିକ୍ୟୁଡ ଖୁଆଯାଇଥିଲା। ଏହି କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ ଅନୁଷ୍ଠାନର ନିର୍ଦ୍ଦେଶକ ଦିବାକର ସ ଧନ୍ୟବାଦ ଦେଇଥିଲେ।

# ଓଁ ନମଃ ଶିବାୟ ସେବା ସମିତିର କାଉଡ଼ିଆ ସେବା

**ନୀଳଗିରି, ୧୦।୮ (ସମିସ):** ଶ୍ରାବଣ ମାସର ସୋମବାରରେ ପଞ୍ଚଲିଙ୍ଗେଶ୍ୱର ଶୈବପୀଠକୁ ଜଳାଭିଷେକ କରିବାକୁ ଆସିଛନ୍ତି ହଜାର ହଜାର କାଉଡ଼ିଆ ଭକ୍ତ। ଏହି ଅବସରରେ ନୀଳଗିରି ବସଷ୍ଟାଣ୍ଡଠାରେ ବାଲେଶ୍ୱରର ପ୍ରତିଷ୍ଠିତ "ଓଁ ନମଃଶିବାୟ ସେବା ସମିତି' ପକ୍ଷରୁ ଜଳାଭିଷେକ କରିବାକୁ ଆସିଥିବା ହଜାର ହଜାର କାଉଡ଼ିଆଙ୍କ ସେବାପାଇଁ କାର୍ଯ୍ୟ କରିଥିଲେ। ରବିବାର ସଂଧ୍ୟାରେ ବସ୍‌ଷ୍ଟାଣ୍ଡ ନିକଟରେ ହଜାର ହଜାର କାଉଡ଼ିଆଙ୍କ ପାଇଁ ରନ୍ଧାଖାଦ୍ୟ, ଫଳ, ଚାହା ,ବିସ୍କୁଟ, ପାଣି ଏବଂ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର ଖୋଲାଯାଇ କାଉଡ଼ିଆ ଭକ୍ତଙ୍କ ସେବା କରିଥିଲେ ଓଁ ନମଃ ଶିବାୟ ସେବାସମିତିର ସଦସ୍ୟ। ଏହି ସେବାକାର୍ଯ୍ୟ ଶିବିରରେ ମୁଖ୍ୟଅତିଥି ଭାବେ ବାଲେଶ୍ୱର ପୌରାଞ୍ଚଳ ଅଧ୍ୟକ୍ଷା ସବିତା ସାହୁ, ଜିଲ୍ଲାପରିଷଦ ସଭାପତି ନାରାୟଣ ପ୍ରଧାନ, ସମାଜସେବୀ ଚନ୍ଦ୍ରବିନ୍ଦୁ ଦାସ ଯୋଗଦେଇ ଦେଇଥିବାବେଳେ ଅତିଥିମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ କରାଯାଇଥିଲା। ଅନୁଷ୍ଠାନର ସଭାପତି ଭାସ୍କର ପଣ୍ଡା, ସାଧାରଣ ସମ୍ପାଦକ ରାଜେନ୍ଦ୍ର ରାଉତ, ସଂଯୋଜକ ସଞ୍ଜୟ ମହାପାତ୍ରଙ୍କ ସମେତ ୧୫୦ରୁ ଅଧିକ ସଦସ୍ୟ ସଦସ୍ୟା ଉପସ୍ଥିତ ରହି କାଉଡ଼ିଆ ଭକ୍ତଙ୍କ ସେବାରେ କାର୍ଯ୍ୟ କରିଥିବା ଦେଖିବାକୁ ମିଳିଥିଲା। ଏହି ଅନୁଷ୍ଠାନ ଦୀର୍ଘ ୨୬ବର୍ଷ ଧରି ଏହିଭଳି ମହତ କାର୍ଯ୍ୟ କରୁଥିବାରୁ ବେଶ୍ ପ୍ରଶଂସା କରିଥିଲେ ଉପସ୍ଥିତ ଅତିଥିଙ୍କ ସମେତ ଅନେକ କାଉଡ଼ିଆ ଶ୍ରଦ୍ଧାଳୁ।

# କମ୍ୟୁନିଟି ସେଣ୍ଟର କାର୍ଯ୍ୟାଦେଶ ବନ୍ଦ ଦାବି

**ବାଲେଶ୍ୱର,୧୦।୮ (ସମିସ):** ଅରଡବଜାରଠାରେ ଗତ ମେ ମାସରେ ହୋଇଥିବା ଜବରଦଖଲ ଉଚ୍ଛେଦ ପରେ ଏବେ ସେଠାରେ ପୌରପାଳିକା ପକ୍ଷରୁ ଏକ କମ୍ୟୁନିଟି ସେଣ୍ଟର କରାଯିବା ପାଇଁ କାର୍ଯ୍ୟାଦେଶ କରାଯାଇଛି। ହେଲେ ଏହାକୁ ନେଇ ବିବାଦ ଦେଖା ଦେଇଥିବା ବେଳେ ଏହି କମ୍ୟୁନିଟି ସେଂଟର କାର୍ଯ୍ୟାଦେଶକୁ ବାତିଲ କରିବା ପାଇଁ ପୌରପାଳିକା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଠାରେ ଦାବି ହୋଇଛି। ଦିଲ୍ଲୀପ କୁମାର ଦାସ କରିଥିବା ଅଭିଯୋଗ ଅନୁସାରେ, ଅରଡବଜାର ଅଂଚଳରେ ତାଙ୍କର ଏକ ଘର ସଦର ତହସିଲ ଅର୍ନ୍ତଗତ ଜାଦବପୁର ମୌଜାରେ ରହିଛି। ଏପରିକି ପୌରପାଳିକା ଦ୍ୱାରା ତାଙ୍କୁ କଞ୍ଜ୍ୟୁମର ନମ୍ବର ପ୍ରଦାନ କରାଯାଇଥିବା ବେଳେ ସେ ପ୍ରତ୍ୟେକ ବର୍ଷ ହୋଲଡିଂ ଟ୍ୟାକ୍ସ ମଧ୍ୟ ପ୍ରଦାନ କରୁଛନ୍ତି। ଏପରିକି ତାଙ୍କ ଘରକୁ କମରସିଆଲ ଟ୍ୟାକ୍ସ କରିବା ପାଇଁ ମଧ୍ୟ ଦରଖାସ୍ତ ପ୍ରଦାନ କରିଛନ୍ତି। ଯାହାକି ବର୍ତମାନ ସୁଦ୍ଧା ପୌରପାଳିକା କାର୍ଯ୍ୟାଳୟରେ ପଡି ରହିଛି। ହେଲେ ଗତ ମେ ମାସରେ ସେଠାରେ ହୋଇଥିବା ଜବରଦଖଲ ଉଚ୍ଛେଦ ପରେ ହଠାତ କିଛି ଲୋକ ଆସି ତାଙ୍କ ଘର ସମ୍ମୁଖରେ ଥିବା ପିଡବ୍ଲ୍ୟୁଡି ରାସ୍ତାରେ ଥିବା କିଛି ଗଛକୁ ସଫା କରୁଥିବାର ଦେଖିବାକୁ ପାଇଥିଲେ। ଏବଂ ସେଠାରେ ଏକ କମ୍ୟୁନିଟି ସେଂଟର କରାଯିବା ପାଇଁ କାର୍ଯ୍ୟାଦେଶ ମଧ୍ୟ ଜାରି ହୋଇଛି। ହେଲେ ଏହି କମ୍ୟୁନିଟି ସେଂଟର ଏକ ଅନଧିକୃତ କାର୍ଯ୍ୟ ଅଟେ ଏବଂ ସେ ଜଣେ ଶିକ୍ଷକ ହୋଇଥିବାରୁ ତାଙ୍କ ଘରକୁ ବହୁ ଛାତ୍ରଛାତ୍ରୀ ଆସୁଥିବାରୁ ସେଠାରେ ପିଲାମାନଙ୍କ ପ୍ରତି ଖରାପ ବ୍ୟବହାର ପ୍ରଦର୍ଶନ ହେବାର ମଧ୍ୟ ଆଶଙ୍କା ରହିଛି। ଏହାଛଡା ସେଠାରେ ରାସ୍ତା ପ୍ରଶସ୍ତି କରଣ ହେବା ପାଇଁ ପୌରପାଳିକା କହୁଥିବା ବେଳେ କିଭଳି ଭାବେ ସେଠାରେ କମ୍ୟୁନିଟି ସେଂଟର ତିଆରି କରାଯାଉଛି ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଣୁ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ଦାବି କରିଛନ୍ତି।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ସ୍ୱାଧୀନତା ସପ୍ତାହ' ଉଦ୍‌ଘାଟିତ



**ବାଲେଶ୍ୱର,୧୦।୮ (ସମିସ):** ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ଭାରତ ଛାଡ଼ ଆନ୍ଦୋଳନରୁ ସ୍ୱାଧୀନତା' ବିଷୟବସ୍ତୁକୁ ନେଇ ସପ୍ତାହବ୍ୟାପୀ 'ସ୍ୱାଧୀନତା ସପ୍ତାହ' ଆରମ୍ଭ ହୋଇଛି। ବିଶ୍ୱବିଦ୍ୟାଳୟର ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗ ପକ୍ଷରୁ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ଅଧ୍ୟାପକ-ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଯୋଗଦେଇ ୧୯୪୨ ମସିହାର ଭାରତ ଛାଡ଼ ଆନ୍ଦୋଳନ ଏବଂ ୧୯୪୭ ମସିହାରେ ଭାରତର ସ୍ୱାଧୀନତା ପ୍ରାପ୍ତି ପର୍ଯ୍ୟନ୍ତ ଘଟିଥିବା ଐତିହାସିକ ଘଟଣାବଳୀର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡକ୍ଟର ଶିଖାଶ୍ରୀ ରାୟ ସପ୍ତାହ ପାଳନର ବିଷୟବସ୍ତୁ ସମ୍ପର୍କରେ ସୂଚନା ଦେଇଥିଲେ। ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସଂଯୋଜକ ପ୍ରଫେସର ପବିତ୍ର ମୋହନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା ତାଙ୍କ ଅଭିଭାଷଣରେ ସ୍ୱାଧୀନତା ସଂଗ୍ରାମର ଐତିହାସିକ ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ସାହସ, ତ୍ୟାଗ ଓ ଦେଶପ୍ରତି ସମର୍ପଣରୁ ପ୍ରେରଣା ନେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ ବିଜ୍ଞାନ ବିଦ୍ୟାଳୟର ମୁଖ୍ୟ ଡକ୍ଟର ଗୀତାଞ୍ଜଳି ପଣ୍ଡା ଭାରତର ଐତିହାସିକ ଐତିହ୍ୟ ସହ ଯୁବପିଢ଼ିକୁ ଯୋଡ଼ିବାର ଆବଶ୍ୟକତା ଉପରେ ମତ ରଖି ଛାତ୍ରଛାତ୍ରୀମାନଙ୍କୁ ସପ୍ତାହବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାକୁ ଉତ୍ସାହିତ କରିଥିଲେ। ସପ୍ତାହବ୍ୟାପୀ ଏହି ପାଳନ ଅବସରରେ ବିଭିନ୍ନ ଶିକ୍ଷାମୂଳକ, ସୃଜନଶୀଳ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜିତ ହେବ। ଏଥିରେ ଡିଜିଟାଲ ପୋଷ୍ଟର ପ୍ରଦର୍ଶନ, ଦଳଗତ ଆଲୋଚନା, ପ୍ରାମାଣିକ ଚିତ୍ର ପ୍ରଦର୍ଶନୀ ଏବଂ ଦେଶାତ୍ମବୋଧକ ଦଳଗତ ନୃତ୍ୟ ପ୍ରତିଯୋଗିତା ଅନ୍ତର୍ଭୁକ୍ତ। ଇତିହାସ ଓ ପ୍ରତ୍ନତତ୍ତ୍ୱ ବିଭାଗର ସହକାରୀ ପ୍ରାଧ୍ୟାପିକା ଡକ୍ଟର ଜୀନାପ୍ରିୟଙ୍କା ଜେଠୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକ ମଞ୍ଚର ବୈଠକ

**ବାଲେଶ୍ୱର,୧୦।୮ (ସମିସ):** ରେମୁଣା ବରିଷ୍ଠ ନାଗରିକ ମଂଚର ମାସିକ ବୈଠକ କାର୍ଯ୍ୟାଳୟ ପରିସରରେ ମଂଚର ସଭାପତି ପ୍ରଶାନ୍ତ କୁମାର ବରାଳଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକ ପ୍ରାରମ୍ଭରେ ସାମ୍ବାଦିକ ମନୋରଞ୍ଜନ ମହାରଣାଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ ୮୦ତମ ସ୍ୱାଧିନତା ଦିବସ ପରିପ୍ରେକ୍ଷୀରେ ଭାରତ ରାଷ୍ଟ୍ର ନିଶାମୁକ୍ତ ସମାଜ ଗଠନ ପାଇଁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନା ଚକ୍ରରେ ମଂଚର ସଙ୍ଗଠନ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଗୋବିନ୍ଦଚନ୍ଦ୍ର ପାତ୍ରୀ, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷାଅଧିକାରୀ ଜଳଧର ଦାସ, ଜୟନ୍ତ କୁମାର ବରାଳ, ମୃତ୍ୟୁଞ୍ଜୟ ପ୍ରଧାନ, ଗଜେନ୍ଦ୍ର ଦାଶ, ସନ୍ତୋଷ କୁମାର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ,ବରିଷ୍ଠ ଆଇନଜିବୀ ରାମଚନ୍ଦ୍ର ପାତ୍ର,ଦେବଦାସ ଆଚାର୍ଯ୍ୟ,ବନବିହାରୀ ମାର୍ଣ୍ଡୀ,ଯୋଗେଶଚନ୍ଦ୍ର ବେହେରା,ଚକ୍ରଧର ଦାସ ପ୍ରମୁଖ ଯୋଗଦେଇ ନିଶାମୁକ୍ତ ରାଷ୍ଟ୍ର ଗଠନ ପାଇଁ ଆଲୋଚନା କରିଥିଲେ। ମଂଚର ସମ୍ପାଦକ ନିରଞ୍ଜନ ମହାରଣା ୮୦ତମ ସ୍ୱାଧିନତା ଦିବସ ପାଳନର ପ୍ରସ୍ତୁତି ସମ୍ପର୍କରେ ଆଲୋଚନା କରିଥିଲେ।

## ଅଫିସ ନିର୍ଦ୍ଦେଶକୁ ବେଖାତିର

# ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ କଲେ ଗୋଷ୍ଠୀ ଶିକ୍ଷାଧିକାରୀ

**ଖଇରା, ୧୦।୮ (ସମିସ):** ଅଫିସ ନିର୍ଦ୍ଦେଶକୁ ବେଖାତିର କରିବା ଅଭିଯୋଗରେ ଖଇରା ଗୋଷ୍ଠୀ ଶିକ୍ଷାଧିକାରୀ ଖଇରା ବ୍ଲକ ଅଧୀନ ପାଣିସାଉଁଳି ଉପିୟୁପି ବିଦ୍ୟାଳୟର ଶିକ୍ଷୟତ୍ରୀ ଲତିକା ଖଟୁଆଙ୍କ ଦରମା ବନ୍ଦ ରଖିଛନ୍ତି। ଖଇରା ବ୍ଲକରେ ଶିକ୍ଷାବର୍ଷ ଆରମ୍ଭରୁ ଅଧିକାଂଶ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଲେଖାଏଁ ଶିକ୍ଷକ ଥିବାରୁ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ତରଫରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଜିଲାସ୍ତରୀୟ ବଦଳି ବୈଠକରେ ଜଣିକିଆ ଶିକ୍ଷକ ଥିବା ବିଦ୍ୟାଳୟକୁ ଅଧିକ ଶିକ୍ଷକ ଥିବା ସ୍କୁଲରୁ ଶିକ୍ଷକ ବଦଳି ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହି କ୍ରମରେ ପାଣିସାଉଁଳିସ୍ଥିତ ଉପିୟୁପି ସ୍କୁଲର ଶିକ୍ଷୟିତ୍ରୀ ଲତିକା ଖଟୁଆଙ୍କ ବଦଳି ଚିଠିନମ୍ବର ୨୬୯୭ ତା ୧୭/୭/୨୬ରେ ଜଣେ ଶିକ୍ଷକ ଥିବା ରୁଢିଙ୍ଗିଆ ପ୍ରାଥମିକ ବିଦ୍ୟାଳୟକୁ କରାଯାଇଥିଲା। ସେହି ୧୭ତାରିଖ ଅପରାହ୍ନ ସୁଦ୍ଧା ରୁଢିଙ୍ଗିଆରେ କାର୍ଯ୍ୟରେ ଯୋଗ ଦେବାକୁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଥିଲା। ହେଲେ ୨୩ଦିନ ଅତିକ୍ରାନ୍ତ ହୋଇଯିବା ପରେ ଅଫିସ ଆଦେଶ ନମାନିବା ଅଭିଯୋଗରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତାଙ୍କ ଦରମା ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଏ ସମ୍ପର୍କରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲକ୍ଷ୍ମୀଧର ସିଂଙ୍କ ପ୍ରତିକ୍ରିୟା ନିଆଯିବାରେ ଅଫିସ ନିର୍ଦ୍ଦେଶକୁ ଅବମାନନା କରିବା ଅଭିଯୋଗରେ ଶିକ୍ଷୟତ୍ରୀଙ୍କ ଦରମା ବନ୍ଦ ରଖାଯାଇଛି। ସେ ୧୮ତାରିଖ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାକୁ ଜଣାଇଛନ୍ତି। ଯୋଗ ନଦେବା ପର୍ଯ୍ୟନ୍ତ ଦରମା ବନ୍ଦ ରଖାଯିବ ବୋଲି କହିଛନ୍ତି। ସେହିଭଳି ମାଟିଆଳପଦା ଓ ମଙ୍ଗଳପଡା ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ଏବେ ସୁଦ୍ଧା ଜଣେ ଲେଖାଏଁ ଶିକ୍ଷକରେ ଚାଲୁଥିବାରୁ ତୁରନ୍ତ ଶିକ୍ଷକ ନିଯୁକ୍ତି ଦେବାକୁ ପରିଚାଳନା କମିଟି, ଅଭିଭାବକ ଓ ଗ୍ରାମବାସୀ ଦାବି କରିଛନ୍ତି।

# ବନ୍ୟା ପ୍ରଭାବିତ ୧୦୦ ପରିବାରଙ୍କୁ ରିଲିଫ୍ ସହାୟତା

**ବାଲେଶ୍ୱର,୧୦।୮ (ସମିସ):** ରେମୁଣା ବ୍ଲକ ଓ ଏହାର ଆଖପାଖ ଅଞ୍ଚଳରେ ସୃଷ୍ଟି ହୋଇଥିବା ସାମ୍ପ୍ରତିକ ବନ୍ୟା ପରିସ୍ଥିତିରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସହାୟତାର ହାତ ବଢ଼ାଯାଇଛି। ବନ୍ୟା ପ୍ରଭାବିତ ରେମୁଣା ବ୍ଲକ ଅନ୍ତର୍ଗତ ବଡ଼ପାଳ ଗ୍ରାମପଞ୍ଚାୟତର ଆଦିବାସୀ ବସବାସ କରୁଥିବା ଝାମ୍ପୁରା ଗ୍ରାମର ୧୦୦ରୁ ଉଦ୍ଧ୍ୱର୍ ପ୍ରଭାବିତ ପରିବାରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ରିଲିଫ୍ ସହାୟତା ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନରେ ଏହି ରିଲିଫ୍ ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ଚୁଡ଼ା, ଗୁଡ଼, ବିସ୍କୁଟ, ମହମବତୀ, ଦିଆସିଲି, ଗାଧୋଇବା ସାବୁନ, ଲୁଗା ସଫା କରିବା



ଗୁଣ୍ଡ, ଦାନ୍ତ ଘଷିବା ପେଷ୍ଟ ସମେତ ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀ ଥିବା ସହାୟତା ପ୍ୟାକେଟ୍ ବଣ୍ଟନ କରାଯାଇଥିଲା। ଜାତୀୟ ସେବା ଯୋଜନା ବ୍ୟୁରୋର କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟଙ୍କ ସହ କାର୍ଯ୍ୟକ୍ରମ ଅଧିକାରୀ ଅଭୟ କୁମାର ନାୟକ ଓ ଡ଼କ୍ଟର ସ୍ମୃତିରେଖା ସାହୁ, ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀମାନେ ଏହି ସହଯୋଗମୂଳକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏହି ଅବସରରେ ବଡ଼ପାଳ ଗ୍ରାମପଞ୍ଚାୟତର ସରପଞ୍ଚ ଏବଂ ସ୍ଥାନୀୟ ଗ୍ରାମବାସୀ ଉପସ୍ଥିତ ଥିଲେ। ପ୍ରାକୃତିକ ବିପର୍ଯ୍ୟୟ ଭଳି ଦୁର୍ବିପାକ ସମୟରେ ପ୍ରଭାବିତ ଓ ଅସହାୟ ଲୋକଙ୍କ ସହ ଠିଆ ହେବା ସହ ଆବଶ୍ୟକ ସମୟରେ ତ୍ୱରିତ ସହାୟତା ପହଞ୍ଚାଇବା ପାଇଁ ଫକୀରମୋହନ ବିଶ୍ୱବିଦ୍ୟାଳୟ ସର୍ବଦା ପ୍ରତିବଦ୍ଧ।

# ଥାଲାସେମିଆ ଓ ସିକେଲସେଲ ସ୍ୱାସ୍ଥ୍ୟ ଶିବିର

**ବାଲେଶ୍ୱର, ୧୦।୮ (ସମିସ):** ସହରର ଟାଉନହଲଠାରେ ଥାଲାସେମିଆ ଓ ସିକେଲସେଲ ସୋସାଇଟି ଓଡିଶା ତଥା ମଣିପାଳ ହସ୍ପିଟାଲ, ବେଙ୍ଗାଲୁରୁର ମିଳିତ ସହଯୋଗରେ ଏକ ଏଚ୍‌ଏଲଏ ଟାଇପିଙ୍ଗ୍ ଏବଂ ମାଗଣା ସ୍ୱାସ୍ଥ୍ୟ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରେ ମଣିପାଳ ଡାକ୍ତରଖାନାର ସୁନାମଧନ୍ୟ ଡାକ୍ତର ଚେତନ ଏବଂ ଡାକ୍ତର ଆରତୀ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ଅଭିଭାବକ ମାନଙ୍କୁ ରୋଗ ନିୟନ୍ତ୍ରଣ ଓ ଚିକିତ୍ସା ସମ୍ବନ୍ଧରେ ବହୁ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୋସାଇଟିର ବାଲେଶ୍ୱର ଦାୟିତ୍ୱରେ ଥିବା ଉଦୟଭାନୁ ନାୟକ, ରାଜ୍ୟ ସଭାପତି ନିରାକାର ପଣ୍ଡା ଏବଂ ସଂଯୋଜକ ମନୋଜ ନାୟକ ପ୍ରମୁଖ ରୋଗୀଙ୍କ ସୁବିଧା ଓ ଅସୁବିଧା ବିଷୟରେ ଆଲୋଚନା କରିଥିଲେ। ଏହି ଶିବିରରେ ମୋଟ ୧୭୦ ଜଣ ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା ଓ ଏଚ୍‌ଏଲଏ ଟାଇପିଙ୍ଗ୍ କରାଇଥିଲେ। ଶେଷରେ ଅଭିଭାବକମାନେ ଏହି କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିଥିଲେ।

# ବାଲେଶ୍ୱର ମହିଳା କଲେଜର ପ୍ରତିଷ୍ଠା ଦିବସ

**ବାଲେଶ୍ୱର,୧୦।୮ (ସମିସ):** ବାଲେଶ୍ୱର ମହିଳା କଲେଜର ୪୪ତମ ବର୍ଷରେ ପ୍ରଥମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସଦରର ବିଧାୟକ ମାନସ କୁମାର ଦତ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କର ସର୍ବାଙ୍ଗୀନ ଉନ୍ନତି ସହିତ ଉତ୍ତମ ଚରିତ୍ର ଗଠନ ସଂପର୍କରେ ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟକ୍ଷ ଡ. ଉମାକାନ୍ତ ନାୟକଙ୍କ ଏଥିରେ ସଭାପତିତ୍ୱରେ କରିବା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଥମ ପରିଚାଳନା କମିଟିର ପ୍ରତିଷ୍ଠାତା ସଦସ୍ୟ ସନ୍ତୋଷ କୁମାର ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ କଲେଜର ପ୍ରତିଷ୍ଠାକାଳୀନ ଦିନଗୁଡ଼ିକର ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ସନ୍ତୋଷ ଦାସଙ୍କୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଇତିହାସ ବିଭାଗର ଅଧ୍ୟାପିକା ପୁରବୀ ପଟ୍ଟନାୟକ ସଭା ପରିଚାଳନା କରିଥିଲେ। ଡ. ପୂଜାରାଣୀ ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ରଶ୍ମିରେଖା ସାମନ୍ତରାୟ ବାର୍ଷିକ



ବିବରଣୀ ପାଠ କରି କଲେଜର ଶିକ୍ଷାଗତ ଅଗ୍ରଗତି, ସହଶିକ୍ଷା କାର୍ଯ୍ୟକ୍ରମ ଓ ବିଭିନ୍ନ ସଫଳତାର ଚିତ୍ର ଉପସ୍ଥାପନ କରିଥିଲେ। କଲେଜର ପୂର୍ବତନ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ପଣ୍ଡା, ମିତ୍ରା ମହାପାତ୍ର, ପ୍ରତିମାରାଣୀ ମହାପାତ୍ରଙ୍କ ସମେତ ବହୁ ପୂର୍ବତନ ଓ ବର୍ତ୍ତମାନର ଅଧ୍ୟାପକ-ଅଧ୍ୟାପିକା, କର୍ମଚାରୀ ଓ ଅତିଥି ଯୋଗ ଦେଇଥିଲେ। ପୂର୍ବତନ ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ମାନଙ୍କୁ ସମ୍ମାନିତ କରାଯାଇଥିଲା। ପରିଚାଳନା କମିଟିର ମୁଖ୍ୟ ପୁରୋଧା ସ୍ୱର୍ଗତ ଗୋପନାରାୟଣ ଦାସଙ୍କ ପତ୍ନୀ ବୀଣାପାଣି ଦାସଙ୍କୁ ସମ୍ମାନିତ କରାଯାଇଥିଲା। ସ୍ୱର୍ଗତ ବିସ୍ମୟ ମହାନ୍ତିଙ୍କ ପୁତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ରୋକିୟା ଜାମାଲ ଧନ୍ୟବାଦ ଅର୍ପଣ କରିଥିଲେ।

# ବସ୍ତା ପୂର୍ତ୍ତ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକଙ୍କ ଧାରଣା

**ରାଜଘାଟ, ୧୦।୮ (ସମିସ)**

ବସ୍ତାର ବିଭିନ୍ନ ସମସ୍ୟା ନେଇ ବାରମ୍ବାର ଅଭିଯୋଗ କଲା ପରେ ପ୍ରଶାସନିକ ଅଧିକାରୀମାନେ କର୍ଣ୍ଣପାତ ନ କରିବା ଯୋଗୁଁ ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଥିଲେ। ଯାହାକୁ ନେଇ ବସ୍ତା ସାମ୍ବାଦିକ ବାରମ୍ବାର ଜିଲ୍ଲାପାଳ,ବିଭାଗୀୟ ଅଧିକାରୀଙ୍କୁ ବିଭିନ୍ନ ସମସ୍ୟା ବିଷୟରେ ଦୃଷ୍ଟି ଆକର୍ଷଣ କଲାପରେ ସମସ୍ୟା ପ୍ରତି ଦୃଷ୍ଟି ନଦେବା ଯୋଗୁଁ ଜନସାଧାରଣ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବସ୍ତା ସାମ୍ବାଦିକ ୫ ଦଫା ଦାବି ନେଇ ସୋମବାର ପିଡବ୍ଲୁ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଯଥା ବସ୍ତା - ବାଲିଆପାଳ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖାମା ମରାମତି,ରାସ୍ତା ପାଶ୍ୱର୍ରେ ଥିବା ଶୁଖିଲା ଗଛ କାଟିବା, ମଥାନୀ ଠାରେ ଥିବା ନିର୍ମାଣ ଧିନ ପୋଲକୁ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରିବା, ଗାନ୍ଧିଛକ ଠାରୁ ବସ୍ତା ଛକ ମଧ୍ୟରେ




ଥିବା ପୋଲ ମରାମତି କରିବା, ସିସି କ୍ୟାମେରା ବିଭିନ୍ନ ସ୍ଥାନରେ ଲଗାଇବା ଦାବିରେ ଅଡି ବସିଥିଲେ ବସ୍ତା ସାମ୍ବାଦିକ।ସୂଚନା ଥାଉ କି ବସ୍ତା ବାଲିଆପାଳ ରାସ୍ତା ମରଣଯନ୍ତା ପାଲଟିବା ଫଳରେ ୧୮ଟି ଦୁର୍ଘଟଣା ଘଟି କାହାର ଗୋଡ଼ ଭାଙ୍ଗି ଯାଇଛି ତ କାହାର ଜୀବନ ହାନି ହେବା ଏବଂ ବିଭିନ୍ନ ସ୍ଥାନରେ ଅନ୍ଧାର ଥିବା ଯୋଗୁଁ ରାସ୍ତା ଅନ୍ଧାର ସୁଯୋଗ ନେଇ ଚୋରି ଓ ଛିନ୍ତାଇ ହେବା ଯୋଗୁଁ ରାସ୍ତାରେ ଲାଇଟ ଲଗାଇବା, ରାସ୍ତା ପାଶ୍ୱର୍ରେ ଥିବା ଶୁଖିଲା ଗଛ କେତେବେଳେ ଯେ ଓଲଟି ପଡ଼ି କିଛି ଅଘଟଣ ଘଟିବା ପୂର୍ବରୁ ତାକୁ କାଟିବା ଦାବି ନେଇ ବସ୍ତା ସାମ୍ବାଦିକ ଦୀର୍ଘ ୪ ଘଣ୍ଟା ଧାରଣାରେ ବସିବା ପରେ ପୂର୍ତ୍ତବିଭାଗ ଏସଡ଼ିଓ ଘଟଣା ସ୍ଥଳରେ ପହଁଞ୍ଚି ସାମ୍ବାଦିକଙ୍କ ସହ ଦୀର୍ଘ ସମୟ ଆଲୋଚନା କରିବା ପରେ ୭ ଦିନ ମଧ୍ୟରେ ସମସ୍ୟା ସମାଧାନ କରାଯିବାର ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।ତେବେ ଏହି ଆନ୍ଦୋଳନକୁ ବସ୍ତା କଂଗ୍ରେସ, ସମାଜସେବୀ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ସାମ୍ବାଦିକଙ୍କୁ ସମର୍ଥନ ଜଣାଇବା ସହ ଧାରଣାରେ ବସି ରହି ସାମ୍ବାଦିକଙ୍କୁ ଉତ୍ସାହିତ କରିଥିଲେ। ୭ ଦିନ ମଧ୍ୟରେ ସମସ୍ୟାର ସମାଧାନ କାରନଗଲେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି କଡା ଚେତାବନୀ ଦେଇଛନ୍ତି ବସ୍ତା ସାମ୍ବାଦିକ।

# ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଶ୍ରମିକ-କୃଷକଙ୍କ ବିକ୍ଷୋଭ




ବାରିପଦା, ୧୦।୮ (ସମିସ): କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ କର୍ମଚାରୀ ଫେଡେରେସନ ଓ ସଂଯୁକ୍ତ କୃଷକ ମୋର୍ଚ୍ଚାର ଆହ୍ୱାନରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ସର୍ବଭାରତୀୟ ପ୍ରତିବାଦ ଆନ୍ଦୋଳନର ଅଂଶ ଭାବେ ଆୟୋଜିତ ଏହି ସଭାରେ 'ବହୁତ ହେଲାଣି ଶୋଷଣ-ଅତ୍ୟାଚାର... ଗଡ଼ିତୋଳ ଏବେ ପ୍ରତିବାଦର ଜୁଆର' ସ୍ଲୋଗାନ ଦିଆଯାଇଥିଲା। ସିଆଇଟିୟୁ ଜିଲ୍ଲା ସଂଯୋଜକ ଓ ବରିଷ୍ଠ ଶ୍ରମିକ ନେତା, ଆଇନଜୀବୀ ତଥା କମ୍ୟୁନିଷ୍ଟ ପାର୍ଟିର ବର୍ଷୀୟାନ ନେତା ସାଥୀ ରବି ଗୋସ୍ୱାମୀଙ୍କ ସଭାପତିତ୍ୱରେ ପରିଚାଳିତ ଏହି ସଭାରେ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ବକ୍ତାମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନବିରୋଧୀ ନୀତି ବିରୋଧରେ ତୀବ୍ର ପ୍ରତିବାଦ ପ୍ରକାଶ କରି କହିଛନ୍ତି ଯେ, ଡବଲ୍ ଇଞ୍ଜିନ ସରକାର ନିର୍ବାଚନୀ ପ୍ରତିଶ୍ରୁତି ପାଳନ କରିବାରେ ବିଫଳ ହୋଇଛନ୍ତି ଏବଂ ଜନସ୍ୱାର୍ଥ ବିରୋଧୀ ନୀତି କାର୍ଯ୍ୟକାରୀ କରି ହିନ୍ଦୁ ରାଷ୍ଟ୍ରର ଏଜେଣ୍ଡାକୁ ଆଗେଇ ନେଉଛନ୍ତି। ସଭାରେ ଉଠାଯାଇଥିବା ମୁଖ୍ୟ ଦାବିଗୁଡ଼ିକ ମଧ୍ୟରେ ଜନତାର ଅଧିକାର ଉପରେ ଆକ୍ରମଣ ବନ୍ଦ କରାଯାଉ, ଶ୍ରମ କୋଡ୍ ବାତିଲ୍ କରାଯାଉ, ସ୍କିମ୍ ୱାର୍କରଙ୍କୁ ସରକାରୀ କର୍ମଚାରୀ ମାନ୍ୟତା ସହିତ ମାସକୁ ୨୬,୦୦୦ ଟଙ୍କା ଦରମା ଦିଆଯାଉ, ଫସଲର ସହାୟକ ମୂଲ୍ୟ (ଏମ୍ଏସ୍ପି) ପାଇଁ ଆଇନ କରାଯାଉ, କୃଷିକ୍ଷେତ୍ରରେ ବହୁଜାତିକ କମ୍ପାନୀର ପ୍ରବେଶ ବନ୍ଦ କରାଯାଉ, ସାରର କଳାବଜାରୀ ଓ ଦରବୃଦ୍ଧି ରୋକାଯାଉ, ଭାରତ-ଆମେରିକା ମୁକ୍ତ ବାଣିଜ୍ୟ ଚୁକ୍ତି ବାତିଲ୍ କରାଯାଉ, ମନରେଗାକୁ ପୁନଃ ପ୍ରଚଳନ କରାଯାଉ, ଧାନ ବିକ୍ରୟ ପାଇଁ ନୂତନ ପଞ୍ଜୀକରଣ ନିୟମ ବନ୍ଦ କରାଯାଉ, ଶିକ୍ଷା ବ୍ୟବସ୍ଥାର ଅବନତି ପାଇଁ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ଦିଅନ୍ତୁ, ଖାଲି ପଦବୀ ପୂରଣ କରାଯାଉ, ଶିକ୍ଷିତ ବେକାରଙ୍କୁ ନିଯୁକ୍ତି ଦିଆଯାଉ ଏବଂ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ଦରବୃଦ୍ଧି ବନ୍ଦ କରାଯାଉ। ବକ୍ତାମାନେ କହିଛନ୍ତି ଯେ, ଦେଶର ଅର୍ଥନୀତି ସଙ୍କଟାପନ୍ନ। ଏକ ଡଲାରର ମୂଲ୍ୟ ୯୬ ଟଙ୍କା ଛୁଇଁଛି, ଭାରତ ବିଶ୍ୱବ୍ୟାଙ୍କର ଋଣୀ ଦେଶ ତାଲିକାରେ ଆଗରେ ଅଛି। ଦରବୃଦ୍ଧି ଯୋଗୁଁ ସାଧାରଣ ଲୋକଙ୍କ କ୍ରୟକ୍ଷମତା ହ୍ରାସ ପାଉଛି। କାମ ଓ ରୋଜଗାର ଅଭାବରେ ଯୁବକ-ଯୁବତୀମାନେ ଦାଦନ ଶ୍ରମିକ ହେଉଛନ୍ତି। ଏମଏସପି ଲାଗୁ ନ ହେବା ଓ କୃଷି ସାମଗ୍ରୀର ଦରବୃଦ୍ଧି ଯୋଗୁଁ ଚାଷୀମାନେ ଚାଷ ଛାଡୁଛନ୍ତି ଏବଂ ଋଣ ବୋଝରେ ଆତ୍ମହତ୍ୟା କରୁଛନ୍ତି। ଏହି ବର୍ଷର ଧାନ ବିକ୍ରୟ ପଞ୍ଜୀକରଣ ନିୟମ ଯୋଗୁଁ ପ୍ରାୟ ୭୦ ଶତାଂଶ ଚାଷୀ ସରକାରୀ କ୍ରୟ କେନ୍ଦ୍ରରେ ଧାନ ବିକ୍ରି କରିପାରିବେ ନାହିଁ। ମନରେଗା ବନ୍ଦ ହେବା ଫଳରେ ଆଦିବାସୀ, ଦଳିତ ଓ ମହିଳାମାନେ ରୋଜଗାରରୁ ବଞ୍ଚିତ ହୋଇଛନ୍ତି। ସଭାରେ କ୍ଷେତମଜଦୁର ୟୁନିୟନ ରାଜ୍ୟ କମିଟିର ମୃତ୍ୟୁଞ୍ଜୟ ବେହେରା, ଏଆଇଟିୟୁସିର କାହ୍ନୁଚରଣ ବେହେରା, ଆଇଏନଟିୟୁସିର ଆଇନଜୀବୀ ଶାନ୍ତନୁ ପାଲ, ମୟୂରଭଞ୍ଜ ପରିବହନ କର୍ମଚାରୀ ସଂଘର ରଘୁନାଥ ପଣ୍ଡା, ପାଚିକା ସଂଗଠନର କ୍ଷୀରମଣି ମହାନ୍ତ, ସିଆଇଟିୟୁର ଅମଲ ଦେ, ଜୟନ୍ତ ଦାସ, ହରିଶ୍ଚନ୍ଦ୍ର ସିଂ, ରାମେଶ୍ୱର ଭାଟ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେମାନେ ଆହ୍ୱାନ ଦେଇଛନ୍ତି ଯେ, ଦିଲ୍ଲୀ ଛାତ୍ର ଆନ୍ଦୋଳନରୁ ଶିକ୍ଷା ନେଇ ସମସ୍ତ ଶ୍ରମଜୀବୀଙ୍କ ବ୍ୟାପକ ଏକତା ଗଢ଼ି କେନ୍ଦ୍ର-ରାଜ୍ୟ ବିଜେପି ସରକାରଙ୍କୁ ଉଚିତ୍ ଜବାବ ଦିଆଯାଉ। ସଭା ପରିଚାଳନାରେ ମନୋରଞ୍ଜନ ପରିଡ଼ା, ଅଶୋକ ଭଞ୍ଜଦେଓ, ଗଙ୍ଗାଧର ସାମଲ, ସୁଭାସ ତ୍ରିପାଠୀ, ସୁଶୀଳା ପାତ୍ର, ରଞ୍ଜିତା ରାଉତ, ଆହ୍ଲାଦି ହେମ୍ବ୍ରମ, ସନ୍ଧ୍ୟା ବେହେରା ପ୍ରମୁଖ ଭୂମିକା ନିର୍ବାହ କରିଥିଲେ।

# ଘରୁ ନାଗସାପ ଉଦ୍ଧାର

କରଞ୍ଜିଆ, ୧୦।୮ (ସମିସ): କରଞ୍ଜିଆ ସହରର ଗୋଲେଇ ଅଞ୍ଚଳରେ ଜଣେ ମୋଟର ମେକାନିକଙ୍କ ଘରେ ପ୍ରାୟ ୪ ଫୁଟ୍ ଲମ୍ବର ଏକ ନାଗସାପ ପଶିଯାଇଥିଲା। ଏହି ଘଟଣାକୁ ନେଇ କିଛି ସମୟ ପାଇଁ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ଗୋଲେଇ ଅଞ୍ଚଳର ମୋଟର ମେକାନିକ ସମରେଶ କୁମାର ଦାସଙ୍କ ଘରେ ହଠାତ୍ ଏକ ନାଗସାପ ପଶିଥିବା ପରିବାର ଲୋକେ ଦେଖିଥିଲେ। ଏନେଇ ସେମାନେ ତୁରନ୍ତ କରଞ୍ଜିଆ ବନପାଳ ବିଜୟ ମହାନ୍ତଙ୍କୁ ସୂଚନା ଦେଇଥିଲେ। ବନ ବିଭାଗର ଉଦ୍ଧାରକାରୀ ଦଳ ସାପଟିକୁ ସତର୍କତାର ସହ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ। ପରେ ଉଦ୍ଧାର ନାଗସାପକୁ ଜଙ୍ଗଲ ଅଞ୍ଚଳରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଥିବା ବନପାଳ ବିଜୟ ମହାନ୍ତ ପ୍ରକାଶ କରିଛନ୍ତି। ସାପକୁ ଜଙ୍ଗଲରେ ଛଡ଼ାଯିବା ପରେ ପରିବାର ଲୋକଙ୍କ ସମେତ ସ୍ଥାନୀୟ ବାସିନ୍ଦା ଆଶ୍ୱସ୍ତ ହୋଇଛନ୍ତି। ଅନ୍ୟପକ୍ଷରେ ବନ ବିଭାଗର ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି।

# ନ୍ୟାୟ ପାଇଁ ଜିଲ୍ଲାପାଳଙ୍କୁ ଗୁହାରି କଲେ ଅସହାୟ ମହିଳା

ରାଇରଙ୍ଗପୁର, ୧୦।୮ ( ସମିସ): ମୟୂରଭଞ୍ଜ ବାଦାମପାହାଡ଼ ଥାନା ଅନ୍ତର୍ଗତ ବୁଡାଦର ଗାଁର ଜଣେ ଅସହାୟ ମହିଳା ଓ ଦୁଇ ନାବାଳକ ପୁଅଙ୍କ ଦୁଃଖଦ କାହାଣୀ ସାମ୍ନାକୁ ଆସିଛି। ମହିଳାଙ୍କୁ ଶାଶୂଘର ଲୋକେ ଘରେ ପ୍ରବେଶ କରାଇ ଦେଉ ନ ଥିବାରୁ ସେ ଦୁଇପୁଅଙ୍କୁ ଧରି ଘର ବାହାରେ ଦୟନୀୟ ଅବସ୍ଥାରେ ଦିନ କାଟୁଥିବା ଅଭିଯୋଗ ହୋଇଛି। ବୁଡାଦର ଗାଁର ଠାକୁର ମୁର୍ମୁଙ୍କ ପୁଅ ବାଜିନାଥ ମୁର୍ମୁ ସାବିତ୍ରୀ ମୁର୍ମୁଙ୍କୁ ପ୍ରେମ ବିବାହ କରିଥିଲେ। ବିବାହର କିଛିଦିନ ସେମାନଙ୍କ ସଂସାର ଠିକ୍ଠାକ୍ ଚାଲିଥିଲା। ସାବିତ୍ରୀ ଦ୍ୱିତୀୟ ସନ୍ତାନକୁ ଗର୍ଭରେ ଧାରଣ କରିବା ସମୟରେ ବାଜିନାଥ ଘରଛାଡ଼ି ଚାଲିଯାଇଥିଲେ। ପରବର୍ତ୍ତୀ ସମୟରେ ଆଉ ଘରକୁ ଫେରି ନ ଥିବା ସାବିତ୍ରୀ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସ୍ୱାମୀଙ୍କ ପରିବାରର କିଛି ସଦସ୍ୟ ତାଙ୍କୁ ଘରେ ପ୍ରବେଶ କରିବାକୁ ଦେଉନାହାନ୍ତି। ଫଳରେ ସେ ନିଜ ଦୁଇପୁଅ ଆୟୁଷ ଓ ଅବିନାଶ ମୁର୍ମୁଙ୍କୁ ନେଇ ଘର ବାହାରେ ଅତ୍ୟନ୍ତ କଷ୍ଟଦାୟକ ପରିସ୍ଥିତିରେ ରହୁଛନ୍ତି। ଦୁଇପୁଅଙ୍କ ଆଧାର କାର୍ଡ ନ ଥିବାରୁ ସେମାନେ ବିଭିନ୍ନ ସରକାରୀ ସୁବିଧା ଯଥା ରାସନ ଓ ଅନ୍ୟାନ୍ୟ ସହାୟତାରୁ ବଞ୍ଚିତ ହେଉଛନ୍ତି। ଏଥିସହ ସେମାନଙ୍କ ପାଠପଢ଼ାରେ ମଧ୍ୟ ବାଧାପ୍ରାପ୍ତ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ଘଟଣା ସମ୍ପର୍କରେ ଗ୍ରାମବାସୀ ବାଦାମପାହାଡ଼ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆଶାନୁରୂପ ପଦକ୍ଷେପ ନିଆଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। ଏହି ଘଟଣା ସମ୍ପର୍କରେ ଖବର ପାଇ ଗତ ଶୁକ୍ରବାର ରାମଦୋଳି ୟୁଥ ପାୱାର ଆସୋସିଏସନର ପ୍ରତିଷ୍ଠାତା ସୁରେନ୍ଦ୍ର ମୁଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ସଂଗଠନର ଏକ ଟିମ୍ ସାବିତ୍ରୀ ଓ ତାଙ୍କ ଦୁଇବାଳକଙ୍କ ନିକଟରେ ପହଞ୍ଚିଥିଲା। ସଂଗଠନ ପକ୍ଷରୁ ଚାଉଳ, ଡାଲି, ଲୁଣ, ମୁଢ଼ି, ମଶାଧୂପ, ବିସ୍କୁଟ ଓ ସାବୁନ ଭଳି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଇଥିଲା। ଏହି ପରିପ୍ରେକ୍ଷୀରେ ସୋମବାର ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ସାବିତ୍ରୀ ମୁର୍ମୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରି ନ୍ୟାୟ ପାଇଁ ଗୁହାରି କରିଥିଲେ। ତାଙ୍କ ସମସ୍ୟା ଶୁଣି ଜିଲ୍ଲାପାଳ ଦୁଇ ଦିନ ମଧ୍ୟରେ ଘଟଣାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ଚକ୍ଷୁ ଚିକିତ୍ସା ଶିବିର



ବାରିପଦା, ୧୦।୮ (ସମିସ): ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ବର୍ଷିୟାନ୍ ସଭ୍ୟ ବସନ୍ତ ପାତ୍ରଙ୍କ ୮୨ତମ ଜନ୍ମଦିନ ପାଳନ ସହିତ ଭୂମିକା ଚକ୍ଷୁ ଚିକିତ୍ସାଳୟ ଆନୁକୂଲ୍ୟରେ ଏକ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଚକ୍ଷୁ ପରୀକ୍ଷା ଶିବିରରେ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଅବସରପ୍ରାପ୍ତ ସମସ୍ତ ସଭ୍ୟ ସଭ୍ୟାଙ୍କ ଚକ୍ଷୁ ପରୀକ୍ଷା କରାଯାଇ ଉପଯୁକ୍ତ ପରାମର୍ଶ ଦିଆଯାଇଥିଲା । ସଂଘର ସଭାପତି ମେଜର ଡ ରବୀନ୍ଦ୍ରନାଥ ପରିଡ଼ା, ଉପଦେଷ୍ଟା ରାସେଶ୍ୱର ସାହୁ, ପ୍ରାକ୍ତନ ସମ୍ପାଦକ ପ୍ରତ୍ୟୁଷ ମହାନ୍ତି, ଉପସଭାପତି ସୁଶ୍ରୀ ବିନା ପଣ୍ଡା, ଉପସଭାପତି ନଳିନ କୁମାର ଚୌଧୁରୀ, ଦିଲ୍ଲୀପ କୁମାର ଦାସ, ମହେଶ୍ୱର ପଣ୍ଡା, ଓ ଅନ୍ୟ ଉପସ୍ଥିତ ସଦସ୍ୟ ଶ୍ରୀ ପାତ୍ରଙ୍କ ଗୁଣଗାନ କରିଥିଲେ । କୋଷାଧ୍ୟକ୍ଷ ପ୍ରଦୀପ ନାୟକ ଓ ଉପସଭାପତି ନଳୀନ ଚୌଧୁରୀ ଏକ କବିତା ପାଠ କରିଥିଲେ। ଏହାର ସଫଳ ରୂପାୟନ ପାଇଁ ସଞ୍ଜୀବ କୁମାର ଦଣ୍ଡପାଟ ସମ୍ପୂର୍ଣ୍ଣ ସହୋଯୋଗ କରିଥିଲେ ।

# ଏକ ପେଡ୍ 'ମା କେ ନାମ' କାର୍ଯ୍ୟକ୍ରମ




ବାରିପଦା,୧୦।୮ (ସମିସ): ଭଞ୍ଜପୁରସ୍ଥିତ ବାରିପଦା ଡ଼ିଗ୍ରୀ ମହାବିଦ୍ୟାଳୟରେ ଅଧକ୍ଷ ଡଃ ପ୍ରବୋଧ କୁମାର ଦେଙ୍କ ତତ୍ତ୍ୱାବଧାନରେ ସରକାରଙ୍କ 'ଏକ ପେଡ ମା' କେ ନାମ କାର୍ଯ୍ୟକ୍ରମ ଗାଙ୍ଗରାଜଠାରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା, ଜ୍ୟୋତ୍ସ୍ନା ରାଣୀ ଦତ୍ତ, ଯୁବ ରେଡ୍କ୍ରସ୍ ଅଧିକାରୀ ସଞ୍ଜିବ କୁମାରଙ୍କ ସହ ସ୍ୱେଚ୍ଛାସେବୀଗଣ ଫଳ ଏବଂ ଛାୟା ବୃକ୍ଷମାନ ରୋପଣ କରାଯାଇଅଛି।

# ଦିବ୍ୟାଙ୍ଗ ଭତ୍ତା ପାଇବାରୁ ଫୁଲମଣୀ ବଞ୍ଚିତ



ଶରତ/ମହୁଲଡିହା, ୧୦।୮ (ସମିସ): ସାମାଜିକ ସୁରକ୍ଷା ଯୋଜନାରେ ଶାରୀରିକ ଅକ୍ଷମତା ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ଚିହ୍ନଟ କରି ସେମାନଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯାଉଥିବାବେଳେ ଫୁଲମଣୀ ହେମ୍ବ୍ରମ(୯)ଙ୍କ କ୍ଷେତ୍ରରେ ପ୍ରଶାସନିକ ଅଧିକାରୀ ପାତରଅନ୍ତର କରୁଥିବା ଦେଖିବାକୁ ମିଳିଛି। ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଅଧିନ ଶାଳଚୁଆ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବାଲିଡିହା ଗ୍ରାମର ଫୁଲମଣୀ ହେମ୍ବ୍ରମ ନାମକ ନାବାଳିକା ଆଜିକୁ ପ୍ରାୟ ୪ ବର୍ଷ ପୂର୍ବେ ଦିବ୍ୟାଙ୍ଗ ପ୍ରମାଣପତ୍ର ପାଇଥିଲେ ସୁଦ୍ଧା ତାଙ୍କୁ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାର ଦିବ୍ୟାଙ୍ଗ ଭତ୍ତା ପାଇବାରୁ ବଞ୍ଚିତ କରାଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ତାଙ୍କ ବାପା ଓ ମାଆ ଜଙ୍ଗଲଜାତ ଦ୍ରବ୍ୟ ଏବଂ ଶାଳପତ୍ର ତୋଳି ପେଟ ପୋଷିବା ସହ ଦାରିଦ୍ର୍ୟତା ଜୀବନ ବିତାଉଛନ୍ତି। ତେବେ ତାଙ୍କୁ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରାଯିବା ଦିଗରେ ଉଭୟ ଠାକୁରମୁଣ୍ଡା ବ୍ଲକ ପ୍ରଶାସନ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଯତ୍ନବାନ ହେବାକୁ ଗ୍ରାମର ଯୁବ ସମାଜସେବୀ ଶ୍ରୀ ଲାଦୁରା ହେମ୍ବ୍ରମ ଦୃଢ଼ ଦାବି କରିଛନ୍ତି। ଫୁଲମଣୀ ହେମ୍ବ୍ରମଙ୍କୁ ଆଗାମୀ ୧୦ ଦିନ ମଧ୍ୟରେ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ କରିବା ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରାଗଲେ ସେମାନେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

# ଶିବଦାସ ଘୋଷଙ୍କ ଶ୍ରାଦ୍ଧବାର୍ଷିକୀ



ଯଶିପୁର,୧୦।୮ (ସମିସ): ଏସୟୁସିଆଇ କମ୍ୟୁନିଷ୍ଟ ଦଳର ପ୍ରତିଷ୍ଠାତା ବିଶିଷ୍ଟ ମାର୍କ୍ସବାଦୀ ଚିନ୍ତା ନାୟକ ସର୍ବହରାର ମହାନ ନେତା କମ୍ରେଡ ଶିବଦାସ ଘୋଷଙ୍କ ୫୦ ତମ ଶ୍ରାଦ୍ଧ ବାର୍ଷିକୀ ଯଶିପୁରରେ ପାଳିତ ହୋଇଯାଇଛି। ଏହି ଅବସରରେ ପାର୍ଟି କାର୍ଯ୍ୟାଳୟ ପରିସରରେ ଦଳର ରକ୍ତ ପତାକା ଉତ୍ତୋଳନ କରାଯାଇଥିଲା। ପାର୍ଟି ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ କମ୍ରେଡ ଶମ୍ଭୁନାଥ ନାଏକ ପତାକା ଉତ୍ତୋଳନ କରିଥିଲେ। ପରେ କମ୍ରେଡ ଶିବଦାସ ଘୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। କମ୍ରେଡ ଶମ୍ଭୁନାଥ ମାଲ୍ୟାର୍ପଣ ପରେ ପାର୍ଟିର ଜିଲ୍ଲା କମିଟି ପକ୍ଷରୁ କମ୍ରେଡ ନୀଳାମ୍ବର ନାଏକ, ଶ୍ରମିକ ସଂଗଠନ ପକ୍ଷରୁ ପ୍ରକାଶ ମଢ଼େଇ, କୃଷକ ସଂଗଠନ ତରଫରୁ ପ୍ରମୋଦ ମହାନ୍ତ, ମହିଳା ସଂଗଠନ ପକ୍ଷରୁ ଦ୍ରୌପଦୀ ମହାନ୍ତ, ଡି ଏସ ଓ ପକ୍ଷରୁ ଲଲାଟେନ୍ଦୁ ମହାନ୍ତ ସମେତ କମ୍ରେଡ ଜଗବନ୍ଧୁ ମଲ୍ଲିକ,.କଲ୍ୟାଣ ନାଏକ ସହିତ ବହୁଛାତ୍ର ଯୁବକ ମାଲ୍ୟାର୍ପଣ କରିଥିଲେ। ଦଳର ଜିଲ୍ଲା କମିଟି ସଦସ୍ୟ କମ୍ରେଡ ମନୋଜ ମହାନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ କମ୍ରେଡ ଲଳିତ ମହାନ୍ତ ସହଯୋଗ କରିଥିଲେ।

## 'ମାସା' ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର

# ମୟୂରଦର ପ୍ରାଥମିକ ବିଦ୍ୟାଳୟରେ ନୂତନ ହଷ୍ଟେଲ ଗୃହ ନିର୍ମାଣ ଦାବି



ରାଇରଙ୍ଗପୁର ୧୦।୮ (ସମିସ): ମୟୂରଭଞ୍ଜ ଜିଲ୍ଲା କୁସୁମୀ ବ୍ଲକ୍ ଅଧୀନ ମୟୂରଦର ପ୍ରାଥମିକ ବିଦ୍ୟାଳୟର ପୁରୁଣା ହଷ୍ଟେଲ ଗୃହର ଦୂରବସ୍ଥାକୁ ନେଇ ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ (ମାସା) ଚିନ୍ତା ପ୍ରକଟ କରିଛି । ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ପାଠପଢ଼ାକୁ ଦୃଷ୍ଟିରେ ରଖି ଏକ ନୂତନ ଓ ସୁରକ୍ଷିତ ହଷ୍ଟେଲ ଗୃହ ନିର୍ମାଣ ପାଇଁ ସଂଗଠନ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିସହ ଘଟଣାସ୍ଥଳ ପରିଦର୍ଶନ ଓ ତୁରନ୍ତ ତଦନ୍ତ କରିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି। ଦାବିପତ୍ରରେ ଦର୍ଶାଯାଇଛି ଯେ, ବିଦ୍ୟାଳୟର ହଷ୍ଟେଲ ଗୃହ ଦୀର୍ଘବର୍ଷ ଧରି ପୁରୁଣା ହୋଇଯାଇଥିବାରୁ ବର୍ତ୍ତମାନ ଏହାର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି। ସାମାନ୍ୟ ବର୍ଷାରେ ହଷ୍ଟେଲ ଗୃହ ଭିତରକୁ ପାଣି ପଶି ଯାଉଛି। ବର୍ଷା ପାଣି ହଷ୍ଟେଲ ଭିତରେ ଜମି ରହୁଥିବାରୁ ଛାତ୍ରଙ୍କୁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ଏହାସହ ହଷ୍ଟେଲ ଛାତର ପ୍ଲାଷ୍ଟର ଉଠି ଯାଉଥିବାରୁ ଛାତ୍ରଙ୍କ ପ୍ରତି ମଧ ବିପଦ ଥିବା ସଂଗଠନ ପକ୍ଷରୁ କୁହାଯାଇଛି। ସେହିପରି ବର୍ଷା ସମୟରେ ଛାତ୍ରଙ୍କୁ ଏହି ଅସୁବିଧାରୁ ରକ୍ଷା କରିବା ପାଇଁ ସ୍କୁଲ ଶ୍ରେଣୀଗୃହକୁ ହଷ୍ଟେଲ ଭାବେ ବ୍ୟବହାର କରାଯାଉଛି। ଫଳରେ ଶ୍ରେଣୀଗୃହ ଅଭାବରୁ ନିୟମିତ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ତେଣୁ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସୁରକ୍ଷାକୁ ଗୁରୁତ୍ୱ ଦେଇ ମୟୂରଦର ପ୍ରାଥମିକ ବିଦ୍ୟାଳୟରେ ଏକ ନୂତନ, ସୁରକ୍ଷିତ ଓ ସମସ୍ତ ମୌଳିକ ସୁବିଧାଯୁକ୍ତ ହଷ୍ଟେଲ ଗୃହ ନିର୍ମାଣ କରିବାକୁ ମାସା ପକ୍ଷରୁ ଦାବି କରାଯାଇଛି। ଏ ନେଇ ଜିଲ୍ଲା ପ୍ରଶାସନ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ପକ୍ଷରୁ ଅନୁରୋଧ କରାଯାଇଛି।

# ମିଳିତ ଜନଅଭିଯୋଗ ଶୁଣାଣି ଶିବିର



- ୪ଟି ଅଭିଯୋଗର ତତ୍କାଳ ସମାଧାନ
- ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ଜଣଙ୍କୁ ଓ ରେଡକ୍ରସ୍ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା

ରାଇରଙ୍ଗପୁର, ୧୦।୮ (ସମିସ): ସୋମବାର ବାମନଘାଟୀ ଉପଖଣ୍ଡ ସଦର ମହକୁମା ରାଇରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ହେମକାନ୍ତ ସଏଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଶିବିରରେ ରାଇରଙ୍ଗପୁର ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର, ଅତିରିକ୍ତ ଜିଲ୍ଲାପାଳ ଅଜିତ କୁମାର, ଉପଜିଲ୍ଲାପାଳ ଉଗ୍ରସେନ ଓରାମ ଓ ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା.ରବୀନ୍ଦ୍ର ନାଥ ମାର୍ଣ୍ଡି ପ୍ରମୁଖ ଯୋଗ ଦେଇ ଥିଲେ । ପ୍ରାରମ୍ଭରେ ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ ସ୍ୱାଗତ କରିବା ସହ ଜନସାଧାରଣଙ୍କଠାରୁ ଆସୁଥିବା ଆପତ୍ତି ଅଭିଯୋଗର ସମାଧାନ ତ୍ୱରିତ ପ୍ରକ୍ରିୟାରେ ସମ୍ପନ୍ନ କରିବା ପାଇଁ ପରାମର୍ଶ ଦେଇଥିଲେ।

ଆଜି ଆୟୋଜିତ ଶିବିରରେ ୧୦୭ଟି ଅଭିଯୋଗ ପଞ୍ଜିକୃତ ହୋଇ ଥିବାବେଳେ ୪ଟିର ତତ୍କାଳ ସମାଧାନ ହୋଇଛି। ଶିବିରରେ ଜନସାଧାରଣଙ୍କଠାରୁ ୧୦୭ଟି ଅଭିଯୋଗପତ୍ର ଗ୍ରହଣ ହୋଇ ଏଥିରେ ୮୪ଟି ବ୍ୟକ୍ତିଗତ ସମସ୍ୟା ଓ ୨୩ଟି ଗ୍ରାମବାସୀଙ୍କ ସାମୂହିକ ଅଭିଯୋଗ ଥିଲା। ଏଥିମଧ୍ୟରୁ ୪ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ଆବେଦନର ଗୁରୁତ୍ୱକୁ ବିଚାର କରି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୧୦ ହଜାର ଟଙ୍କା ଓ ରେଡ୍କ୍ରସ୍ ପାଣ୍ଠିରୁ ୨ଜଣଙ୍କୁ ୨୦ ହଜାର ଟଙ୍କା ଜିଲ୍ଲାପାଳ ମଞ୍ଜୁର କରିଛନ୍ତି। ଅନ୍ୟାନ୍ୟ ଅଭିଯୋଗ ପ୍ରସଙ୍ଗ ଉପରେ ସବିଶେଷ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ତ୍ୱରିତ ପ୍ରକ୍ରିୟାରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଶିବିରରେ ବାମନଘାଟି ଉପଖଣ୍ଡ ଅଧୀନସ୍ଥ ସମସ୍ତ ଉପଖଣ୍ଡ ସ୍ତରୀୟ ବିଭାଗୀୟ ଅଧିକାରୀ, ରାଇରଙ୍ଗପୁର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀ, ବିଭିନ୍ନ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମାକୁ ଆୟୁଷ୍ମାନ ଭାରତରେ ବିଲୟକୁ ବିରୋଧ



- ଓଜେୟୁ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର
- ପୂର୍ବ ଯୋଜନା ଚାଲୁ ସହ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ ପାଇଁ ଦାବି

ବାରିପଦା, ୧୦।୮(ସମିସ): ରାଜ୍ୟ ସରକାରଙ୍କ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ପ୍ରୟାସକୁ ଓଡ଼ିଶା ସାମ୍ବାଦିକ ସଂଘ (ଓଜେୟୁ) ମୟୂରଭଞ୍ଜ ଜିଲ୍ଲା ୟୁନିଟ୍ ପକ୍ଷରୁ ବିରୋଧ କରାଯାଇଛି । ଏ ନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ନେତ୍ରାନନ୍ଦ ମଲ୍ଲିକଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ କୁହାଯାଇଛି ଯେ, କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ପ୍ରଚଳିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତନ କରାଯିବା ନେଇ ଚାଲିଥିବା ପ୍ରକ୍ରିୟା ସାମ୍ବାଦିକ ମହଲରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରିଛି । ସଂଘ ପକ୍ଷରୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବବତ୍ ସ୍ୱତନ୍ତ୍ର ଭାବେ ଜାରି ରଖାଯିବା ସହ ସାମ୍ବାଦିକଙ୍କ ପିତାମାତାଙ୍କୁ ମଧ୍ୟ ବୀମା ଯୋଜନାରେ ସାମିଲ କରାଯାଉ ବୋଲି ଦୃଢ଼ ଦାବି କରାଯାଇଛି । ସରକାର ଏହି ଦାବି ଉପରେ ତୁରନ୍ତ ସ୍ପଷ୍ଟ ଓ ନିର୍ଭରଯୋଗ୍ୟ ପ୍ରତିଶ୍ରୁତି କିମ୍ବା ବିବୃତି ଜାରି ନ କଲେ, ଓଜେୟୁ ପକ୍ଷରୁ ସାରା ରାଜ୍ୟରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ସଂଘ ପକ୍ଷରୁ ସାମ୍ବାଦିକ ଅଭିଜିତ ମହାନ୍ତି, ସାରଦା ପ୍ରସାଦ ବାରିକ, ଦୀପକ କୁମାର ନାୟକ, ଦୋଳ ଗୋବିନ୍ଦ ବାରିକ, ସୁକାନ୍ତ କୁମାର ସାହୁ, ମାନସ କୁମାର ବେହେରା, ପ୍ରିୟବ୍ରତ ମିଶ୍ର, ତପନ କୁମାର ଦାସ, ସୁକାନ୍ତ କୁମାର ଜୀଉ, ସୁବ୍ରତ କୁମାର ଦାସ, ଦିଲ୍ଲୀପ କୁମାର ପାତ୍ର, ରୋହିତ କୁମାର ବେହେରା, ରୂପମ ସ୍ୱାଇଁ ଓ ମନୋଜ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବାବା ଭୂତେଶ୍ୱରଙ୍କ ପୀଠରେ କାଉଡ଼ିଆ ଶୋଭାଯାତ୍ରା



ରାସଗୋବିନ୍ଦପୁର: ୧୦।୮ (ସମିସ):ଶ୍ରାବଣ ମାସ ଅବସରରେ ରାସଗୋବିନ୍ଦପୁର ବ୍ଲକ ଅନ୍ତର୍ଗତ ନଳଗଜାସ୍ଥ ବାବା ଭୂତେଶ୍ୱରଙ୍କ ପୀଠରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଛି। ବାବା ଭୂତେଶ୍ୱର ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ଶହେରୁ ଊର୍ଦ୍ଧ୍ୱ କାଉଡ଼ିଆଙ୍କୁ ନେଇ ଏକ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ରବିବାର କାଉଡ଼ିଆମାନେ ରାଜଘାଟସ୍ଥ ସୁବର୍ଣ୍ଣରେଖା ନଦୀରୁ ପବିତ୍ର ଜଳ ଉଠାଇଥିଲେ। ପରେ ସଙ୍ଗୀତର ତାଳେ ତାଳେ ଦୀର୍ଘ ପଥ ଅତିକ୍ରମ କରି ନଳଗଜାସ୍ଥ ବାବା ଭୂତେଶ୍ୱରଙ୍କ ପୀଠରେ ପହଞ୍ଚିଥିଲେ। ସୋମବାର ସକାଳେ ଭକ୍ତି ଓ ଶ୍ରଦ୍ଧାର ସହ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ଏହି କାଉଡ଼ିଆ ଶୋଭାଯାତ୍ରାରେ ଛୋଟ ପିଲାଙ୍କ ସମେତ ବହୁ ମହିଳା ମଧ୍ୟ ସାମିଲ ହୋଇଥିଲେ। ଶ୍ରାବଣ ମାସରେ ବାବା ଭୂତେଶ୍ୱରଙ୍କୁ ଜଳାଭିଷେକ କଲେ ଭକ୍ତଙ୍କ ମନସ୍କାମନା ପୂରଣ ହୁଏ ବୋଲି ଥିବା ଲୋକବିଶ୍ୱାସ ଯୋଗୁଁ ଏଠାରେ କାଉଡ଼ିଆ ଓ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତଙ୍କ ସୁବିଧା ପାଇଁ ପ୍ରହରାଜପୁର ଗ୍ରାମର ଯୁବଗୋଷ୍ଠୀଙ୍କ ପକ୍ଷରୁ ରାସ୍ତାରେ ଖାଦ୍ୟ ଓ ପାନୀୟ ଜଳ ବଣ୍ଟା ଯାଇଥିଲା। ସେହିପରି ବାବା ଭୂତେଶ୍ୱର ୟଙ୍ଗଷ୍ଟାର କ୍ଲବ ପକ୍ଷରୁ କାଉଡ଼ିଆ ଓ ଭକ୍ତଙ୍କ ପାଇଁ ପୋଷାକ, ଖାଦ୍ୟ, ପାନୀୟ ଜଳ ସମେତ ବିଭିନ୍ନ ସୁବିଧାର ବ୍ୟବସ୍ଥା କରାଯାଇଥିଲା। ଫଳରେ କାଉଡ଼ିଆମାନେ ସୁରୁଖୁରୁରେ ବାବାଙ୍କ ଜଳାଭିଷେକ ସମ୍ପନ୍ନ କରିପାରିଥିଲେ। କ୍ଲବର ସଦସ୍ୟମାନେ କହିଛନ୍ତି ଯେ, ଭକ୍ତଙ୍କ ସେବା ଓ ଧାର୍ମିକ ପରମ୍ପରାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଆଗାମୀ ଦିନରେ ମଧ୍ୟ ଜାରି ରହିବ। ଆସନ୍ତା ୧୦ ବର୍ଷ ଧରି ବାବା ଭୂତେଶ୍ୱର ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ଭକ୍ତମାନଙ୍କୁ ସାଙ୍ଗରେ ନେଇ ଏଭଳି କାର୍ଯ୍ୟକ୍ରମ ଜାରି ରଖିବାକୁ କ୍ଲବ ପକ୍ଷରୁ ମତ ପ୍ରକାଶ କରାଯାଇଛି।

### ବାଡୁଣିଆ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଛାତ୍ରୀଙ୍କ ଅବହେଳା ଅଭିଯୋଗ

# ଅଧ୍ୟକ୍ଷାଙ୍କ ବଦଳି ଦାବିରେ ଛାତ୍ରୀଙ୍କ ଜାତୀୟ ରାଜପଥ ଅବରୋଧ





ଅଧ୍ୟକ୍ଷାଙ୍କୁ ଘେରିଲେ ଅଭିଭାବକ

ବିଶୋଇ,୧୦।୮ (ସମିସ)

ଆଦିବାସୀ ଛାତ୍ରୀ ନିବାସରେ ଉଚିତ ପରିମାଣରେ ଖାଦ୍ୟ ମିଳୁନାହିଁ କିମ୍ବା ମେନ୍ୟୁରୁ ଖାଦ୍ୟ କାଟ କରାଯାଉଛି। କେବଳ ସେତିକି ନୁହେଁ ଛାତ୍ରୀଙ୍କୁ ପାଠପଢ଼ାରେ ମଧ୍ୟ ଅବହେଳା କରାଯାଉଛି। ଏ ନେଇ ଛାତ୍ରୀ ଅଧ୍ୟକ୍ଷାଙ୍କ ନିକଟରେ ଅଭିଯୋଗ କଲେ ସେ ତାଗିଦ କରିବା ସହିତ ଓଲଟା ଧମକ ଦେଇ ମୁହଁ ବନ୍ଦ କରିବାକୁ ବାଧ୍ୟ କରୁଛନ୍ତି। ଜଣେ ଅଧ୍ୟକ୍ଷାଙ୍କ ବିରୁଦ୍ଧରେ ଏଭଳି ସଙ୍ଗୀନ ଅଭିଯୋଗ ମୟୂରଭଞ୍ଜ ଜିଲ୍ଲା ବିଶୋଇ ବ୍ଲକ ଅନ୍ତର୍ଗତ ବାଡୁଣିଆ ସରକାରୀ (ଏସ୍ଏସ୍ଡ଼ି) ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟରୁ ଆସିଛି। ଏ ନେଇ ଅଧ୍ୟକ୍ଷାଙ୍କ ବଦଳି ଦାବି କରି ଛାତ୍ରୀ ନିବାସ ଅନ୍ତେବାସିନୀ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ କରିଥିବାବେଳେ ଅଭିଭାବକ ଅଧ୍ୟକ୍ଷାଙ୍କୁ ଅଟକ ରଖିଥିଲେ।

ବାଡୁଣିଆ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟ +୨ ବିଜ୍ଞାନ ପ୍ରଥମ ବର୍ଷରେ ୫୪ ଜଣ ଓ ଦ୍ୱିତୀୟ ବର୍ଷରେ ୫୭ ଜଣ ଛାତ୍ରୀ ନିବାସରେ ରହି ପାଠ ପଢ଼ିବାର ବ୍ୟବସ୍ଥା ରହିଛି। କେବଳ ଆଦିବାସୀ ଛାତ୍ରୀଙ୍କ ପାଇଁ ଏହି ବିଦ୍ୟାଳୟରେ ପଢିବା ବ୍ୟବସ୍ଥା ହୋଇଛି। ଏହି ବିଦ୍ୟାଳୟରେ ପୂର୍ବରୁ ଉତ୍ତମ ରେଜଲ୍ଟ ନେଇ ବିଦ୍ୟାଳୟର ଭାବମୂର୍ତ୍ତି ଗଢି ଉଠିଥିବାବେଳେ ଏହି ବିଦ୍ୟାଳୟରୁ ପାସ ହୋଇଥିବା ୭ ଜଣ ଛାତ୍ରୀ ବିନା କୋଚିଂରେ ନିଟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତେବେ ଏହି ବିଦ୍ୟାଳୟରେ ଦେଢ଼ ମାସ ପୂର୍ବରୁ ନୂତନ ଅଧ୍ୟକ୍ଷା ଭାବେ ସସ୍ମିତା ଗିରି ଯୋଗଦାନ କରିବାପରେ ବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପୁଜୁଛି। ଅଧ୍ୟକ୍ଷାଙ୍କ ଛାତ୍ରୀଙ୍କ ପ୍ରତି ଦବଙ୍ଗଗିରି କରୁଥିବା ନେଇ ଅଭିଯୋଗ ଆସିଛି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ ଛାତ୍ରୀ ନିବାସରେ ପୂର୍ବରୁ ମେନ୍ୟୁ ଅନୁଯାୟୀ ଖାଦ୍ୟ ଦିଆଯାଉଥିବାବେଳେ ଏନେଇ ଛାତ୍ରୀ ମାସିକ ୧୭ଶହ ଟଙ୍କା ପ୍ରଦାନ କରୁଥିଲେ। ଉକ୍ତ ଦେୟ ପରବର୍ତ୍ତୀ ସମୟରେ ତାଙ୍କୁ ଫେରସ୍ତ କରାଯାଉଥିଲା। ନୂତନ ଅଧ୍ୟକ୍ଷାଙ୍କ ଯୋଗଦାନ ପରେ ଛାତ୍ରୀଙ୍କୁ ସେହି ସମାନ ୧୭ ଶହ ଟଙ୍କା ଦେୟ ବାବଦରେ ଖାଦ୍ୟ ମେନ୍ୟୁରୁ ଦୁଇଦିନ ଅଣ୍ଡା ଓ ମାଣ୍ଡିଆ ଲଡ୍ଡୁ କାଟ କରି ଦିଆଯାଇଛି। ସେହିପରି ମେନ୍ୟୁ ଅନୁଯାୟୀ ଖାଦ୍ୟର ପରିମାଣ ମଧ୍ୟ କମ କରି ଦିଆଯାଇଛି। ଫଳରେ ଅଧାପେଟରେ ଛାତ୍ରୀ ହଷ୍ଟେଲ ରହି ପଡୁଛନ୍ତି। କେବଳ ଏହା ନୁହେଁ ଛାତ୍ରୀଙ୍କୁ ବିଭିନ୍ନ ବିଷୟରେ ପାଠପଢ଼ା ଯାଉ ନ ଥିବାବେଳେ ପଢ଼ାରେ ଅବହେଳା କରାଯାଉଛି। ଆଗକୁ ପରୀକ୍ଷା ଥିବାବେଳେ ଏ ନେଇ ଦ୍ୱିତୀୟ ବର୍ଷର ଛାତ୍ରୀ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିଥିଲେ। ଅଧ୍ୟକ୍ଷା ଛାତ୍ରୀଙ୍କଠାରୁ ଅଭିଯୋଗ ଶୁଣିବା ପରିବର୍ତ୍ତେ ସେମାନଙ୍କୁ ଓଲଟା ଧମକ ଦେଇ ଦେଖି ନେବି ବୋଲି କହୁଛନ୍ତି ବୋଲି ଛାତ୍ରୀ ଅଭିଯୋଗ କରିଛନ୍ତି। ଏ ସମସ୍ୟା ବିଷୟରେ ଜାଣି ଆଜି ଛାତ୍ରୀଙ୍କ ଅଭିଭାବକ କଲେଜରେ ଏକତ୍ରିତ ହୋଇ କଲେଜ କର୍ତ୍ତୃପକ୍ଷଙ୍କ ସହିତ ବୈଠକ କରିବା ପାଇଁ ସ୍ଥିର କରିଥିଲେ। ଅଧ୍ୟକ୍ଷା ଛାତ୍ରୀଙ୍କୁ ନିଜ ଅଭିଭାବକଙ୍କ ସହିତ ଭେଟ କରାଇ ନ ଦେବାକୁ ପ୍ରଥମେ କହିଥିଲେ। ଆଜି ବୈଠକ କରିବା ପରିବର୍ତ୍ତେ ଶୁକ୍ରବାର ବୈଠକ କରିବା ପାଇଁ ଅଧ୍ୟକ୍ଷା କହିଥିଲେ। ପରେ ଛାତ୍ରୀମାନେ କାନ୍ଦି କାନ୍ଦି ବିଦ୍ୟାଳୟରୁ ବାହାରି ନିଜର ଅଭିଭାବକଙ୍କ ନିକଟରେ ସମସ୍ତ ସମସ୍ୟା କହିଥିଲେ। ପରେ ସମସ୍ତ ଅଭିଭାବକ ମିଶି ଅଧ୍ୟକ୍ଷାଙ୍କୁ ଘେରିବା ସହିତ ପଚରାଉଚରା କରିଥିଲେ। ଅଧ୍ୟକ୍ଷା ନିଜ ଦୋଷ ସ୍ୱୀକାର କରିବା ପରିବର୍ତ୍ତେ ଓଲଟା ଛାତ୍ରୀଙ୍କ ଉପରେ ଦୋଷ ଲଦିଥିଲେ। ପରେ ସମସ୍ତ ଅଭିଭାବକ ଅଧ୍ୟକ୍ଷାଙ୍କୁ ବଦଳି ଦାବି କରିଥିଲେ। ଏ ବିଷୟରେ ଖବରପାଇ ବିଶୋଇ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିକାଶ ରଞ୍ଜନ ନାୟକ ପହଞ୍ଚି ଛାତ୍ରୀଙ୍କ ସମସ୍ୟା ସମ୍ପର୍କରେ ବୁଝିଥିଲେ। ପରେ ଏହି ଘଟଣାର କୌଣସି ସମାଧାନ ବାଟ ନ ବହାରିବାରୁ ଛାତ୍ରୀ କଲେଜ କ୍ୟାମ୍ପସ୍‌ରୁ ବାହାରି ଦିନ ଦେଢ଼ ଘଟିକା ସମୟରୁ ଅଧ୍ୟକ୍ଷାଙ୍କ ବଦଳି ଦାବି କରି ୪୯ ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ। ବିଶୋଇ ପୁଲିସ ପହଞ୍ଚି ଛାତ୍ରୀ ଓ ଅଭିଭାବକଙ୍କୁ ବୁଝାସୁଝା କରିଥିଲେ, ମାତ୍ର କିଛି ସୁଫଳ ମିଳିନଥିଲା। ପରେ ରାଇରଙ୍ଗପୁର ଉପଜିଲ୍ଲାପାଳ ଉଗ୍ରେସନ ଓରାମ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ ଛାତ୍ରୀଙ୍କ ସହିତ ଆଲୋଚନା କରିଥିଲେ। ମେନ୍ୟୁ ଅନୁଯାୟୀ ଆବଶ୍ୟକ ଖାଦ୍ୟ ପ୍ରଦାନ, ଆବଶ୍ୟକ ଅତିଥି ଅଧ୍ୟାପକ ଯୋଗାଇଦେବା ଓ ଅଧ୍ୟକ୍ଷାଙ୍କୁ ଯଥାଶୀଘ୍ର ଅନ୍ୟତ୍ର ବଦଳି କରିବା ନେଇ ଉପଜିଲ୍ଲାପାଳ ଛାତ୍ରୀଙ୍କୁ ଲିଖିତ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା।

## ଶ୍ରମିକ-କୃଷକମାରଣ ନୀତି ବିରୋଧରେ ବିକ୍ଷୋଭ

ବଡ଼ବିଲ,୧୦।୮ (ସମିସ): ଏଆଇଟିୟୁସି, ଆଇଏନଟିୟୁସି, ଏଚ୍‌ଏମ୍‌ଏସ କେନ୍ଦୁଝର ଜିଲ୍ଲା କମିଟି ପକ୍ଷରୁ ଶ୍ରମିକ-କୃଷକମାରଣ ନୀତି ନେଇ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ବଡ଼ବିଲ ଶ୍ରମିକ ଭବନଠାରୁ ଏକ ଶୋଭାଯାତ୍ରା ବାହାରି ମୁଖ୍ୟ ବଜାର ଦେଇ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଓଡ଼ିଶାର ଶ୍ରମିକ, ଚାଷୀ ଓ ଯୁବସମାଜର ହକ ପାଇଁ ଶ୍ରମିକ ବିରୋଧୀ ଚାରୋଟି ଶ୍ରମ କୋଡ୍ ରଦ୍ଦ ଓ ମାସିକ ୪୨ହଜାର ସର୍ବନିମ୍ନ ମଜୁରି ଲାଗୁ, କେନ୍ଦୁଝରର ସ୍ଥାନୀୟ ଯୁବକମାନଙ୍କୁ ଖଣି ଓ ଶିଳ୍ପରେ ସ୍ଥାୟୀ ନିଯୁକ୍ତି ଦେବା, ବେସରକାରୀ ଖଣି ଶ୍ରମିକଙ୍କ ଅବସର ବୟସ ୫୮ ରୁ ୬୦ ବର୍ଷକୁ ବୃଦ୍ଧି କରିବା, ବର୍ଷା ଯୋଗୁଁ ଖାଲଖମାରେ ପରିଣତ ହୋଇଥିବା ସମସ୍ତ ରାସ୍ତା ତୁରନ୍ତ ମରାମତି କରିବା ଆଦି ଦାବିରେ କେନ୍ଦ୍ରୀୟ ଶ୍ରମିକ ସଂଗଠନ ଏଆଇଟିୟୁସି, ଆଇଏନଟିୟୁସି ଏବଂ ଏଚ୍‌ଏମ୍‌ଏସର କେନ୍ଦୁଝର ଜିଲ୍ଲା କମିଟି ସହିତ ସଂଯୁକ୍ତ କିସାନ ମୋର୍ଚ୍ଚା ଓ ଅନ୍ୟାନ୍ୟ ସହଯୋଗୀ ସଂଗଠନ ଗୁଡ଼ିକର ଆହ୍ୱାନରେ ବଡ଼ବିଲଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଦିନ ୧୨ ଟାରେ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଶୋଭାଯାତ୍ରା ପହଞ୍ଚିଥିଲା। ସେଠାରେ ଏକ ବିଶାଳ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କ ଜରିଆରେ ଏକ ୧୩ ଦଫା ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ବିକ୍ଷୋଭରେ ଶ୍ରମିକ ନେତା କପିଳ ମହାନ୍ତି (ଏଆଇଟିୟୁସି), ଜିଆଉଲହକ ଖାନ୍ (ଆଇଏନଟିୟୁସି) ଏବଂ ସଞ୍ଜୀବ ପଲାଇ (ଏଚ୍‌ଏମ୍‌ଏସ) ଯୋଗ ଦେଇଥିଲେ। ଏହି ବିଶାଳ ପ୍ରତିବାଦ ସଭାରେ ଜିଲ୍ଲାର ହଜାର ହଜାର ସଂଖ୍ୟାରେ ଶ୍ରମିକ, କୃଷକ ଓ ଯୁବସମାଜ ସାମିଲ ହୋଇଥିଲେ। ଏଆଇଟିୟୁସି ତରଫରୁ ସାଥୀ କାହ୍ନୁଚରଣ ସାମଲ, ଶ୍ରୀହରି ଘଣା, ବଦ୍ରୁ ଜାମା, ରାଜାରାମ ମୁଣ୍ଡା, ବାଗରା ଚାତାର, ହୃଦାନନ୍ଦ ପାତ୍ର, ଆଇଏନଟିୟୁସି ତରଫରୁ ଅମିତ ମହାନ୍ତ, ଅଶୋକ ଠକ୍କର, ଏଚ୍‌ଏମ୍‌ଏସ ତରଫରୁ କେଶବ ଖେଲାର, ବଂଶୀ ବାରିକ, ରଂଜିତ ବାରିକ ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ଉଦଳା ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ

ଉଦଳା,୧୦।୮ (ସମିସ): ଉଦଳା ମହାବିଦ୍ୟାଳୟର ୬୧ତମ ପ୍ରତିଷ୍ଠା ଦିବସ ଅଧ୍ୟକ୍ଷ ବସନ୍ତ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଭାସ୍କର ମଢେଇ ଯୋଗଦେଇ ଏହି ଅଗ୍ରଣୀ ଶିକ୍ଷାନୁଷ୍ଠାନ କିପରି ସ୍ୱୟଂଶାସିତ ହୋଇପାରିବ, ସେ ବିଷୟରେ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟବକ୍ତା ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ଡକ୍ଟର ସୁବ୍ରତ କୁମାର ରଣା ଯୋଗଦେଇ ଆଜିର ଏହି ପ୍ରତିଷ୍ଠା ଦିବସର ମହତ୍ତ୍ୱ ସହିତ ପିଲାମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ନିଜର ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ଉଦଳା ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ସଭାପତି ଡକ୍ଟର ସଚ୍ଚିଦାନନ୍ଦ ପରିଡା ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟକ୍ଷ ବସନ୍ତ ପାତ୍ର ଓ ପୁରାତନ ଛାତ୍ର ସଂଘ ସଭାପତି ଡକ୍ଟର ସଚ୍ଚିଦାନନ୍ଦ ପରିଡାଙ୍କ ଦ୍ୱାରା ପ୍ରତିଷ୍ଠା ଦିବସର ପତାକା ଉତ୍ତୋଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା। ଏଥିସହିତ ଅତିଥିମାନେ ଉତ୍କଳମଣି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ବୃକ୍ଷରୋପଣ କାର୍ଯ୍ୟକ୍ରମ କରିଥିଲେ। ଏଥିରେ ସମସ୍ତ ଛାତ୍ରଛାତ୍ରୀ, ଏନଏସଏସ, ଏନସିସି, ୟୁଥ ରେଡକ୍ରସର ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ। ଅଧ୍ୟାପକ ସୁଧାକର ଆଚାର୍ଯ୍ୟ, ଅଧ୍ୟାପକ ସନ୍ତୋଷ ଜେନାଙ୍କ ସଂଯୋଜନାରେ ସଭା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। +୨ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା କଳାରେ ବର୍ଷା ସିଂ, ବିଜ୍ଞାନରେ ଜୟଦୀପ ପରିଡା ଓ ବାଣିଜ୍ୟରେ ଶ୍ରୀଜିତ କର୍ମକାର, +୩ରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଇଂରାଜୀ ବିଭାଗ ଛାତ୍ରୀ ତପସ୍ୟା ସାହୁ, ପ୍ରାଣୀ ବିଜ୍ଞାନ ବିଭାଗ ଛାତ୍ର ଅଭିଷେକ ପାଣିଗ୍ରାହୀ, +୩ ବିଜ୍ଞାନରେ ସର୍ବୋଚ୍ଚ ଅଙ୍କ ରଖିଥିବା ଅଭିଷେକ ପାଣିଗ୍ରାହୀଙ୍କୁ ପ୍ରାଧ୍ୟାପିକା କଳ୍ପନା ମହାନ୍ତ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ହରିଶ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟଶ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଅପରିବର୍ତ୍ତିତ ରଖିବାକୁ ଦାବି

ମୋରଡା,୧୦।୮ (ସମିସ): ବର୍ତ୍ତମାନ ରାଜ୍ୟରେ ପ୍ରଚଳିତ ଥିବା କାର୍ଯ୍ୟରତ ସାମ୍ବାଦିକଙ୍କ ପାଇଁ ଉଦ୍ଦିଷ୍ଟ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବା ପ୍ରୟାସ କରାଯାଉଥିବା ବିଭାଗୀୟ ପ୍ରକ୍ରିୟାରୁ ଜଣାଯାଉଛି। ଯାହା ସାରା ରାଜ୍ୟରେ ସାମ୍ବାଦିକଙ୍କ ଭିତରେ ଦୁଃଖ ଓ କ୍ଷୋଭ ସୃଷ୍ଟି କରୁଛି। ଏଣୁ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ପୂର୍ବଭଳି ଅପରିବର୍ତ୍ତିତ ରଖାଯିବା ସହିତ ଏଥିରେ ସାମ୍ବାଦିକଙ୍କ ପିତାମାତାଙ୍କୁ ତାଲିକାଭୁକ୍ତ କରାଯିବା ପାଇଁ ଦାବି ସହିତ କାର୍ଯ୍ୟରତ ସାମ୍ବାଦିକଙ୍କ ପରିବାର ସୁରକ୍ଷା ପାଇଁ ମାସିକ ପେନସନ ଦାବି ନେଇ ମୋରଡା ନିର୍ବାଚନମଣ୍ଡଳୀ ପ୍ରେସ କ୍ଲବ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମୋରଡା ବିଡିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଯଦି ସରକାର ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ଆୟୁଷ୍ମାନ ଭାରତ ଯୋଜନାରେ ପରିବର୍ତ୍ତିତ କରାଯିବାର ପ୍ରୟାସରୁ ନ ଓହରନ୍ତି, ତେବେ ସାମ୍ବାଦିକ ସଂଘ ଆନ୍ଦୋଳନକୁ ଓହ୍ଲାଇବ ବୋଲି ମୋରଡା ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରେସ କ୍ଲବ ସଭାପତି ଘସିରାମ ବେହେରା, ସାଧାରଣ ସମ୍ପାଦକ ଅବିନାଶ ମହାନ୍ତି ଚେତାବନୀ ଦେଇଛନ୍ତି। ଦାବି ପତ୍ର ପ୍ରଦାନ ସମୟରେ ଉପସଭାପତି ସୁଧାଂଶୁ ରାଉତ, ସମ୍ପାଦକ ତୁଷାର କାନ୍ତ ବେହେରା, କୋଷାଧ୍ୟକ୍ଷ ସଦାନନ୍ଦ ପାଣିଗ୍ରାହୀ, କାର୍ଯ୍ୟକାରିଣୀ ସଦସ୍ୟ ଡା ପ୍ରଦୀପ ମହାନ୍ତ, ସଦସ୍ୟ ଅଜୟ ମହାନ୍ତ, ସତ୍ୟକାନ୍ତ ବେହେରା, ସନ୍ତୋଷ ବେହେରା, ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ।



## କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

ତୁରୁମୁଙ୍ଗା,୧୦।୮ (ସମିସ): କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ ଶିକ୍ଷା ବର୍ଷ ୨୦୨୫-୨୬ ପଠାଣି ସାମନ୍ତ ଗଣିତ ପ୍ରତିଭାରେ ସଫଳତା ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସୋମବାର ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ପଠାଣି ସାମନ୍ତ ଗଣିତ ପରୀକ୍ଷାରେ ଷଷ୍ଠ ଶ୍ରେଣୀର ଯଯାତି କେଶରୀ ମହାନ୍ତ, ଜ୍ୟୋତିପ୍ରକାଶ ନାଏକ, ବିଷ୍ଣୁପ୍ରିୟା ମହାନ୍ତ, ବିନୋଦିନୀ ମହାନ୍ତ ଓ ନବମ ଶ୍ରେଣୀର ପ୍ରତ୍ୟୁଷ କୁମାର ମହାନ୍ତ, ଶୁଭଙ୍କର ପାତ୍ର, ଶ୍ରୀଯଜ୍ୟୋତି ସାହୁ, ଅନିକେତ ପୃଷ୍ଟି କୃତିତ୍ୱ ଅର୍ଜନ କରି ବିଦ୍ୟାଳୟର ଗୌରବ ବୃଦ୍ଧି କରିଛନ୍ତି। ଶିକ୍ଷା ବିକାଶ ସମିତି ଓଡ଼ିଶା ଦ୍ୱାରା ପରିଚାଳିତ ପ୍ରାଦେଶିକ ମେଧା ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପରୀକ୍ଷାରେ ୫୦ ଶତକଡ଼ାରୁ ଊର୍ଦ୍ଧ୍ୱ ନମ୍ବର ରଖି ସଫଳତା ଲାଭ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ପରିବେଶ ବିଜ୍ଞାନୀ ତଥା ଏ ବି ଗ୍ରୁପର ସଂସ୍ଥାପକ, ତୈଳ ପ୍ରାକୃତିକ ଗ୍ୟାସ ଏବଂ ବିଶ୍ୱସ୍ତରୀୟ ଶକ୍ତି କମ୍ପାନୀ ଆବୁଧାବିର କର୍ମକର୍ତ୍ତା କିଶୋର ଚନ୍ଦ୍ର ଦାସ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ସହ ଅର୍ଥରାଶି ଦେଇ ସମ୍ବର୍ଦ୍ଧିତ କରିବା ସହିତ ଶିଶୁମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଏ, ବି ଗ୍ରୁପର ଚେୟାରମ୍ୟାନ ମଧୁସ୍ମିତା ଦାସ, ମହେନ୍ଦ୍ର କୁମାର ମହାନ୍ତ, ବିଦ୍ୟାଳୟର ସଭାପତି ପ୍ରଦୀପ ସାହୁ, ମୋଚିରାମ ସାହୁ ଯୋଗ ଦେଇଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଚିତ୍ତରଞ୍ଜନ ମହାନ୍ତ ସଂଯୋଜନା କରିଥିଲେ। ଆଚାର୍ଯ୍ୟା ଦେବକୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।



## ଲୁଚି ପଳାଇ ଆସୁଥିବା ଛାତ୍ରୀ ଉଦ୍ଧାର

କୁଆମରା,୧୦।୮ (ସମିସ): ଖୁଣ୍ଟା ବ୍ଲକ ବିସିପୁର ବାଳିକା ଉଚ୍ଚବିଦ୍ୟାଳୟର ଲିପସା ମାରାଣ୍ଡି(୭) ନାମକ ଜଣେ ପ୍ରଥମ ଶ୍ରେଣୀ ଛାତ୍ରୀ ଆଜି ପ୍ରାର୍ଥନା ପରେ ବିଦ୍ୟାଳୟରୁ ଲୁଚି ଘରକୁ ପଳାଇ ଆସୁଥିବାବେଳେ ଖୁଣ୍ଟା ପୁଲିସ ସଂପୃକ୍ତ ଛାତ୍ରୀଙ୍କୁ ୧୯ ନମ୍ବର ରାଜ୍ୟ ରାଜପଥ କହ୍ନେଇବନ୍ଧ ନିକଟରୁ ଉଦ୍ଧାର କରିଛି। ୪ ଦିନ ପୂର୍ବରୁ ଲିପସା ଅସୁସ୍ଥ ହୋଇପଡିବାରୁ ଶିକ୍ଷକ ଅଭିଭାବକଙ୍କୁ ଡାକି ଲିପସାକୁ ଘରକୁ ପଠାଇଥିଲେ। ସୁସ୍ଥ ହେବା ପରେ ଗତକାଲି ଲିପସା ସ୍କୁଲ ଆସିଥିବାବେଳେ ଆଜି ପ୍ରାର୍ଥନା ସମୟରେ ବିଦ୍ୟାଳୟରୁ ଲୁଚି ପଳାଇ ଆସିଥିଲା। ଡ୍ରେସ କୋଡ୍ ଥିବାରୁ ଛୋଟ ପିଲାଟି ଚାଲିଚାଲି କୁଆଡେ ଯାଉଛି ସନ୍ଦେହ କରି କହ୍ନେଇବନ୍ଧଠାରେ ସ୍ଥାନୀୟ ଲୋକେ ଅଟକାଇ ଖୁଣ୍ଟା ଥାନାକୁ ଜଣାଇଥିଲେ। ଥାନାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ପୁଲିସ ଲିପସାକୁ ଥାନାକୁ ନେଇ ପଚରାଉଚରା କରିବାରୁ ଘର ବନ୍ଧଗଡା ଓ ବାପାଙ୍କ ନାମ ଜନକ ମାରାଣ୍ଡି ବୋଲି କହିଥିଲା। ପୁଲିସ ବିଦ୍ୟାଳୟକୁ ଜଣାଇବାରୁ ସ୍କୁଲ ଶିକ୍ଷକ ଓ ଅଭିଭାବକ ପହଞ୍ଚିଥିଲେ। ମନ ଭଲ ନଥିବାରୁ ସେ ଘରକୁ ପଳାଇ ଯାଉଥିଲା ବୋଲି ପୁଲିସ ଆଗରେ ପ୍ରକାଶ କରିଛି।

## ଅଟୋ-ବାଇକ ଧକ୍କା; ୨ ଗୁରୁତର

ବଡସାହି,୧୦।୮ (ସମିସ): ବଡ଼ସାହି ଥାନା ଅଧୀନ ବଡ଼ସାହି-ପ୍ରତାପପୁର ରାସ୍ତାର ବିଦେଶୀ ମଦ ଦୋକାନ ନିକଟରେ ଏକ ଅଟୋ ସହିତ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତ ୨ ଜଣ ଚାନ୍ଦଡିହା ଗ୍ରାମର ଗଣେଶ୍ୱର ମହାନ୍ତି ଓ ତାଙ୍କ ଭାଣଜି। ଗଣେଶ୍ୱର ଭାଣଜିକୁ ନେଇ ବାରିପଦାରୁ ଘରକୁ ଫେରୁଥିବାବେଳେ ମଦ ଦୋକାନ ସମ୍ମୁଖରେ ପ୍ରବଳ ଭିଡ ହୋଇଥିବାରୁ ଅଟୋଟି ଭାରସାମ୍ୟ ହରାଇ ବାଇକ୍‌କୁ ଧକ୍କା ଦେଇଥିଲା। ଲୋକେ ସେମାନଙ୍କୁ ବଡସାହି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବାରିପଦା ପିଆରଏମ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଗଣେଶ୍ୱରଙ୍କ ଡାହାଣ ଗୋଡ ଭାଙ୍ଗିଯାଇଥିବାରୁ ତାଙ୍କୁ ଭୁବନେଶ୍ୱରସ୍ଥ ଏକ ଘରୋଇ ଡାକ୍ତରଖାନାକୁ ପଠାଯାଇଥିବା ଜଣାଯାଇଛି। ପୁଲିସ ପହଞ୍ଚି ଗାଡ଼ି ଜବତ କରି ତଦନ୍ତ ଜାରି ରଖିଛି।

## ବିଦ୍ୟୁତ୍ ଆଘାତରେ ବୃଦ୍ଧାଙ୍କ ମୃତ୍ୟୁ

କେନ୍ଦୁଝର,୧୦।୮ (ସମିସ): ବିଦ୍ୟାଳୟର ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ବାଂଶପାଳ ବିଦ୍ୟୁତ ବିଭାଗର ଅବହେଳାରୁ ଏଭଳି ଅଘଟଣ ଘଟିଥିବା ଲୋକେ ଅଭିଯୋଗ କରିଛନ୍ତି। କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ୍ ନୟାକୋଟ ଥାନା ଲୁହାକଳା ଭଳିଆଡ଼ିହି ସାହିର କାନ୍ଦରୀ ମୁଣ୍ଡା ଝିଅ ଘର ଗର୍ଜନ ସାହିରୁ ନିଜ ଘରକୁ ଫେରୁଥିଲେ। ବର୍ଷା ହେବାରୁ ଗର୍ଜନ ସାହି ପ୍ରାଥମିକ ବିଦ୍ୟାଳୟରେ ଆଶ୍ରୟ ନେଇଥିଲେ। ହେଲେ ସ୍କୁଲର ବିଦ୍ୟୁତ ଆର୍ଥିଙ୍ଗ ତା'ର ସଂସ୍ପର୍ଶରେ ଆସିଯିବାରୁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଘଟଣାସ୍ଥଳରେ ନୟାକୋଟ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲ୍ଲା ମୁଖ୍ୟଚିକିତ୍ସାଳୟକୁ ପଠାଇଛି। ସୂଚନା ଅନୁଯାୟୀ ପୂର୍ବରୁ ସ୍କୁଲ କର୍ତ୍ତୃପକ୍ଷ ବିଦ୍ୟୁତ ବିଭାଗକୁ ଜଣାଇବା ସତ୍ତ୍ୱେ କୌଣସି ପଦକ୍ଷେପ ନେଇ ନଥିବା ଅଭିଯୋଗ କରିଛନ୍ତି ସ୍କୁଲ ପ୍ରଧାନଶିକ୍ଷକ। ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ଚଳପ୍ରଚଳ ଥିବା ସତ୍ତ୍ୱେ ଏଭଳି ବେପରୁଆ ଭାବେ କିଭଳି ବିଦ୍ୟୁତ୍ ବ୍ୟବସ୍ଥା ରହିଥିଲା ସେ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପଟେ ସ୍କୁଲ ଛାତ୍ରଛାତ୍ରୀ ଏଭଳି ଖୋଲା ମେଲା ବିଦ୍ୟୁତ ତାରକୁ ନେଇ ଭୟଭୀତ ଅବସ୍ଥାରେ ରହିଛନ୍ତି।

### ■ ରାଜ୍ୟସ୍ତରୀୟ ଜେଆରସି ବ୍ଲକ୍ ସଂଯୋଜକ ପ୍ରଶିକ୍ଷଣ ଶିବିର

## ମୟୂରଭଞ୍ଜ ଜେଆର୍‌ସିଓ ସ୍ମୃତିରଞ୍ଜନ ପାଣିଙ୍କୁ ସମ୍ବର୍ଦ୍ଧନା

ବାରିପଦା, ୧୦।୮ (ସମିସ): ଇଣ୍ଡିଆନ ରେଡକ୍ରସ ସୋସାଇଟି ଓଡ଼ିଶା ଶାଖା ପକ୍ଷରୁ ରାଜ୍ୟସ୍ତରୀୟ ଜୁନିୟର ରେଡକ୍ରସ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବର ଉତ୍ତର ଜୋନ ଜିଲ୍ଲା ସମନ୍ୱୟକାରୀଙ୍କ ତାଲିମ ଶିବିର ପିଏମଶ୍ରୀ ଡିଏନ ଉଚ୍ଚ ବିଦ୍ୟାଳୟ କେନ୍ଦୁଝରଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ, ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ଦେବଗଡ଼, ଝାରସୁଗୁଡା ୭ଟି ଜିଲ୍ଲାରୁ ୮୦ ଜଣ ବ୍ଲକ ସଂଯୋଜକ ଅଂଶଗ୍ରହଣ କରିଥିଲେ। ମୟୂରଭଞ୍ଜ ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ମାର୍ଗଦର୍ଶନରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗୀରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ୨୬ଟି ବ୍ଲକର ଜେଆରସି ବ୍ଲକ ସଂଯୋଜକ ଅଂଶଗ୍ରହଣ କରି ତୃଣମୂଳ ସ୍ତରରେ ରେଡକ୍ରସ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ପ୍ରଶିକ୍ଷଣ ନେଇଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲ୍ଲା ରେଡକ୍ରସ ଯୁଗ୍ମ ସମ୍ପାଦକ ଏଆର ଖାନ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରାମକ୍ରିଷ୍ଣ ବେହେରା, ଓଷ୍ଟାର ଜିଲ୍ଲା ସଭାପତି ମନ୍ମଥ କୁମାର ମହାନ୍ତ, ମୟୂରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଉକ୍ତ ବିଦ୍ୟାଳୟର ଶିକ୍ଷକ ସରୋଜ ବେହେରା ଓ କେନ୍ଦୁଝର ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ପ୍ରଶାନ୍ତ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବ୍ଲକ ସଂଯୋଜକ ଭାବେ ମୟୂରଭଞ୍ଜରୁ ଚନ୍ଦନ ଦାସ, ହେମନ୍ତ ପ୍ରଧାନ, ଦେବବ୍ରତ କର, ଦିଲ୍ଲୀପ ଚକ୍ରବର୍ତ୍ତୀ, ଅଜିତ ମହାନ୍ତି, ପ୍ରଦ୍ୟୁମ୍ନ ପ୍ରଧାନ, ତପନ ଓଝା, ସରୋଜ ମହାନ୍ତ, ବିଜୟ କଳା, କୁଆଁର ଟୁଡୁ, ଦେବେନ୍ଦ୍ର ନାଥ ସିଂ, ଅଭିଜିତ ବେହେରା, ପ୍ରଦୀପ ରାଉତ, ଭରତ ସିଂ, ଯଜ୍ଞଶର୍ମା ମହାନ୍ତ, ବିଜୟ ମାଝୀ, ପ୍ରଦ୍ୟୁମ୍ନ ମହାନ୍ତି, ଲେମ୍ବୋ ମାରାଣ୍ଡି, ରାମରାଏ ମାଝୀ, ସାଇବା ମାରାଣ୍ଡି, କନକ ବାନସୁଲିଆ, ରୋମୀ ଟୁଡୁ, ରଞ୍ଜିତାରାଣୀ ମହାନ୍ତ ପ୍ରମୁଖ ପ୍ରଶିକ୍ଷଣରେ ଅଂଶଗ୍ରହଣ କରିଥିଲେ। ଶେଷରେ ମୟୁରଭଞ୍ଜ ଜିଲ୍ଲା ଜୁନିୟର ରେଡକ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣିଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।



## ସତର୍କତା ହିଁ ସାଇବର ଠକେଇରୁ ସୁରକ୍ଷା ଦେବ

ଚମ୍ପୁଆ,୧୦।୮ (ସମିସ): ଡିଜିଟାଲ ଯୁଗରେ ବଢୁଥିବା ସାଇବର ଠକେଇ ଓ ଅନଲାଇନ୍ ଅପରାଧକୁ ରୋକିବା ସହ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଡିଜିଟାଲ ବ୍ୟବହାର ସମ୍ପର୍କରେ ସଚେତନ କରିବା ଲକ୍ଷ୍ୟରେ ଚମ୍ପୁଆ ପୁଲିସ ପକ୍ଷରୁ ମହତାବ ଉଚ୍ଚ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ପୁଲିସ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ଦୈନନ୍ଦିନ ଜୀବନରେ ଘଟୁଥିବା ବିଭିନ୍ନ ସାଇବର ଠକେଇର ଉଦାହରଣ ଦେଇ ସଚେତନ କରାଇଥିଲା। ମୁଖ୍ୟତଃ ସତର୍କତା ହିଁ ଠକେଇରୁ ସୁରକ୍ଷା ଦେବ ବୋଲି ପରାମର୍ଶ ଦିଆଯାଇଥିଲା। ବିଶେଷକରି ଓଟିପି, ବ୍ୟାଙ୍କ ଆକାଉଣ୍ଟ, ୟୁପିଆଇ ପିନ୍, ଅନଲାଇନ୍ ପେମେଣ୍ଟ, ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଓ ସନ୍ଦେହଜନକ ଲିଙ୍କ୍ ମାଧ୍ୟମରେ କିପରି ଠକେଇ ହେଉଛି, ସେ ସମ୍ପର୍କରେ ବୁଝାଇ ଦିଆଯାଇଥିଲା। କୌଣସି ପରିସ୍ଥିତିରେ ଓଟିପି, ୟୁପିଆଇ ପିନ୍ କିମ୍ବା ବ୍ୟାଙ୍କ ସମ୍ବନ୍ଧୀୟ ଗୋପନୀୟ ତଥ୍ୟ ଅଜଣା ବ୍ୟକ୍ତିଙ୍କୁ ନଦେବାକୁ ପୁଲିସ ପରାମର୍ଶ ଦେଇଥିଲା। ସେହିପରି ଫେସବୁକ୍ ଓ ଇନଷ୍ଟାଗ୍ରାମ ଭଳି ସୋସିଆଲ ମିଡିଆରେ ଫଟୋ ଓ ବ୍ୟକ୍ତିଗତ ତଥ୍ୟର ଅପବ୍ୟବହାର ନେଇ ମଧ୍ୟ ଛାତ୍ରଛାତ୍ରୀଙ୍କୁ ସତର୍କ କରାଯାଇଥିଲା। ମୋବାଇଲ୍ ବ୍ୟବହାର ସମୟରେ ସାମାନ୍ୟ ଅସାବଧାନତା ମଧ୍ୟ ବଡ଼ ଆର୍ଥିକ କ୍ଷତିର କାରଣ ହୋଇପାରେ ବୋଲି ପୁଲିସ ବୁଝାଇଥିଲା। ଏଥିସହ ମୋବାଇଲ୍ ଟାୱାର ଲଗାଇବା ନାମରେ ଠକେଇ, ଅନ୍‌ଲାଇନ୍ ଚାକିରି, ଲଟେରି, କେୱାଇସି ଅପଡେଟ୍ ଓ ବିଭିନ୍ନ ପ୍ରଲୋଭନ ଦେଖାଇ ସାଇବର ଠକମାନେ କରୁଥିବା ଠକେଇର ବିଭିନ୍ନ କୌଶଳ ସମ୍ପର୍କରେ ମଧ୍ୟ ଛାତ୍ରଛାତ୍ରୀଙ୍କୁ ଅବଗତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇ ସାଇବର ଅପରାଧ ସମ୍ପର୍କିତ ସନ୍ଦେହ ଦୂର କରାଯାଇଥିଲା।

ସାଇବର ଠକେଇର ଶିକାର ହେଲେ ତୁରନ୍ତ ୧୯୩୦ ନମ୍ବରରେ ଯୋଗାଯୋଗ କରି ଅଭିଯୋଗ କରିବାକୁ ମଧ୍ୟ ପୁଲିସ ପରାମର୍ଶ ଦେଇଥିଲା। କାର୍ଯ୍ୟକ୍ରମରେ ଚମ୍ପୁଆ ଏସଡିପିଓ ରଶ୍ମୀ ରଞ୍ଜନ ସାହୁ, ଚମ୍ପୁଆ ଥାନା ଅଧିକାରୀ ସ୍ୱରୂପ ରଞ୍ଜନ ନାୟକ, ସବ୍-ଇନ୍ସପେକ୍ଟର ନିରଞ୍ଜନ ବେହେରା, ଏଏସ୍ଆଇ ରେବତୀ ଦୁଡ଼େଇ ଏବଂ ମହତାବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗିରିଶ ଚନ୍ଦ୍ର ପ୍ରଧାନଙ୍କ ସମେତ ପୁଲିସ କର୍ମଚାରୀ, ଶିକ୍ଷକ ଓ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




### ● ୧୧ତମ ଶ୍ରାଦ୍ଧବାର୍ଷିକୀରେ

## ମାତ୍ର ଯଶୋଦେହେ ତୁମେ ଆୟୁଷ୍ମାନ...

ଯଶସ୍ୱିନୀ ପଦ୍ମିନୀ ରଥଙ୍କ ପ୍ରୟାଣକୁ ଚାହୁଁ ଚାହୁଁ ୧୧ ବର୍ଷ ହୋଇଗଲା। ଆଜି ବି ସହଜରେ ବିଶ୍ୱାସ କରି ହେଉନି ସେ ଇହଜଗତରେ ନାହାଁନ୍ତି ବୋଲି। ସମୟ ଯେତିକି ବିତୁଛି ସ୍ମୃତି ସେତିକି ସତେଜ ହେଉଛି। ତାଙ୍କର ବ୍ୟକ୍ତିତ୍ୱର ବର୍ଣ୍ଣାଳି ଆଜି ବି ସଭିଙ୍କୁ ଅନୁରଣିତ କରୁଛି। 'ଡ୍ରିମ୍‌ସ' ଭଳି ବୈଷୟିକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ଓ ପରବର୍ତ୍ତୀ ସମୟରେ ବିଶ୍ୱବିଦ୍ୟାଳୟ ରେ ରୂପାନ୍ତରିତ ହେବା ପଶ୍ଚାତ୍ ଭାଗରେ ପଦ୍ମିନୀଙ୍କ ପ୍ରେରଣା ଯେ ନିହିତ ଏହା କହିବାରେ ଦ୍ୱିଧା ନାହିଁ। ଡ୍ରିମ୍‌ସ ବିଶ୍ୱିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ତଥା ବିଶିଷ୍ଟ ଶିଳ୍ପଦ୍ୟୋଗୀ ପ୍ରମୋଦ ଚନ୍ଦ୍ର ରଥଙ୍କ ଧର୍ମପତ୍ନୀ ଭାବରେ କେବଳ ନୁହେଁ , ଜଣେ ସୁଗୃହିଣୀର ସୁଖ୍ୟାତିରେ ପଦ୍ମିନୀଙ୍କର ବିତିଥିଲା ସାଂସାରିକ ଜୀବନ...।

କଟକ ଜିଲ୍ଲା ସାଲେପୁର ଅନ୍ତର୍ଗତ ସୋରୀ ଗ୍ରାମରେ ୧୯୬୨ ଅକ୍ଟୋବର ୨୬ରେ ପିତା ଗୋଲକ ଚନ୍ଦ୍ର ଶତପଥୀ ଓ ମାତା ଭବାନୀ ଙ୍କର ଓ୍ୟ÷ରସରୁ ଜନ୍ମ ଗ୍ରହଣ କରିଥିଲେ ପଦ୍ମିନୀ। 'ତୁଳସୀ ଦୁଇ ପତ୍ରରୁ ବାସିଲା ପରି' ବାଲ୍ୟକାଳରୁ ହିଁ ପଦ୍ମିନୀଙ୍କର ସୁଗୁଣ ଆକର୍ଷିତ କରିଥିଲା ସମସ୍ତଙ୍କୁ। କୃତିତ୍ୱର ସହ ସ୍କୁଲ ଶିକ୍ଷା ସମାପ୍ତ କରି କଲେଜରୁ ସ୍ନାତକ ଡିଗ୍ରୀ ହାସଲ କଲେ। ଏହି ସମୟରେ ତାଙ୍କର ବିବାହ ହେଲା କର୍ମଯୋଗୀ ଧନେଶ୍ୱର ରଥଙ୍କ ତୃତୀୟ ପୁତ୍ର ଶିଳ୍ପଦ୍ୟୋଗୀ ପ୍ରମୋଦ ଚନ୍ଦ୍ର ରଥଙ୍କ ସହ। ସୋ÷ରୀରୁ ଆସିଲେ ଟାଙ୍ଗୀର କଏରାପାରୀ। ସମୟକ୍ରମେ ଗୋଟିଏ ପୁତ୍ର ଓ କନ୍ୟା ସନ୍ତାନର ଜନନୀ ହେଲେ। ବହୁ କୁଟୁମ୍ବୀ ପରିବାରର ବୋହୂ ଭାବରେ ନିଜର କର୍ତ୍ତବ୍ୟ ଓ ଗୁରୁ ଦାୟିତ୍ୱ ସମ୍ଭାଳିବାକୁ ହେଲେ ସ୍ନେହ ଓ ଭଲ ପାଇବାର ଡୋରିରେ ସମସ୍ତଙ୍କୁ ବାନ୍ଧି ରଖିବାକୁ ହେବ- ଏହି ମହନୀୟ ଗୁଣ ଭରି ରହିଥିଲା ତାଙ୍କ ପାଖରେ । କେବଳ ପରିବାର ଲୋକଙ୍କ ନୁହେଁ ଅନ୍ୟ ଅନ୍ୟମାନଙ୍କ ପାଇଁ ମଧ୍ୟ ସେଥିଲେ ଅତ୍ୟନ୍ତ ସ୍ନେହୀ ଓ ଦୟାଶୀଳା। ତାଙ୍କରି ସାହାଯ୍ୟ ଓ ସଦିଚ୍ଛା ଯୋଗୁ ଅନେକ ଆଜି ଆଗକୁ ବଢିବାକୁ ସକ୍ଷମ ହୋଇପାରିଛନ୍ତି। ପଦ୍ମିନୀ ଥିଲେ ଅତ୍ୟନ୍ତ ଧର୍ମପ୍ରାଣା ଓ ଈଶ୍ୱରବିଶ୍ୱାସୀ। କୋଟେଶ୍ୱର, ବଟେଶ୍ୱର, ଝାଡେଶ୍ୱର, ଚାଟେଶ୍ୱର, ଅଡମ୍ବରର ଶ୍ରୀ ଶନିଶ୍ଚରଙ୍କ ଭଳି ବିଭିନ୍ନ ମନ୍ଦିରର ଉନ୍ନତିକରଣ ଏବଂ ଧାର୍ମିକ କାର୍ଯ୍ୟକ୍ରମରେ ତାଙ୍କର ଅକୁଣ୍ଠ ସହଯୋଗ ରହିଥିଲା। ବିଧିର ବିଧାନ ବିଚିତ୍ର । ଜୀବନ ସାରା ଅନ୍ୟକୁ ଖୁସି ବାଣ୍ଟି ଆସିଥିବା ପଦ୍ମିନୀଙ୍କୁ ରୋଗ ଶଯ୍ୟାର ଯନ୍ତ୍ରଣା ଭିତରେ ଜୀବନ ବିତାଇବାକୁ ପଡିଥିଲା। ଶ୍ରାବଣ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ। ୨୦୧୫ ଅଗଷ୍ଟ ୧୩ ତାରିଖରେ, ମାତ୍ର ୫୩ବର୍ଷ ବୟସରେ ପଦ୍ମିନୀ ଅନେକଙ୍କ ଆଖିରେ ଲୁହ ଭରିଦେଇ ଇହଲୀଳା ସମ୍ବରଣ କଲେ। ତାଙ୍କ ମୃତ୍ୟୁରେ ବିରାଟ ଶୂନ୍ୟସ୍ଥାନ ସୃଷ୍ଟହେଲା। ହେଲେ ଆଜି ସେ ଶୂନ୍ୟ ସ୍ଥାନ ପୂର୍ଣ୍ଣତାର ରୂପ ନେଇଛି। ସୁପୁତ୍ର ଦୁର୍ଗା ପ୍ରସାଦଙ୍କ ଅକ୍ଲାନ୍ତ ପ୍ରଚେଷ୍ଟା , ପିତା ପ୍ରମୋଦ ବାବୁଙ୍କ ପ୍ରେରଣା ଓ ପ୍ରିୟପରିଜନଙ୍କ ସହଯୋଗରେ ତାଙ୍କ ଅମ୍ଳାନ ସ୍ମୃତିରେ ସ୍ଥାପିତ ହୋଇଛି କର୍ମଭୂମି ଟାଙ୍ଗୀର କଏରାପାରରେ 'ପଦ୍ମିନୀ କେୟାର' ଅତ୍ୟାଧୁନିକ ହସ୍‌ପିଟାଲ ଓ ମେଡିକାଲ କଲେଜ। ଏଥିସହିତ ଶୁଭାରମ୍ଭ ହୋଇଛି ଗରିବ ତଥା ଅସହାୟ ରୋଗୀଙ୍କ ପାଇଁ 'ସଂକଳ୍ପ'- ନିଃଶୁଳ୍କ ଜନ ଔଷଧି ସେବା ଯୋଜନା। ରୋଗ ଯନ୍ତ୍ରଣାକୁ ଅଙ୍ଗେ ଲିଭାଇଥିବା ପଦ୍ମିନୀ ଦେବୀଙ୍କ ପାଇଁ ଏହା ସବୁଠୁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ବୋଲି କୁହାଯିବ। ପାର୍ଥିବ ଶରୀର ପଞ୍ଚଭୂତରେ ଲୀନହୋଇଥିଲେ ହେଁ ସବୁରି ହୃଦୟ ଓ ମନରେ ସେ ଚିର ଆୟୁଷ୍ମାନ୍ । ଆଜି ସେହି ମହୀୟସୀଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ। ଏହି ଅବସରରେ ତାଙ୍କର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମେ ଜଣାଉଛୁ ବିନମ୍ର ପ୍ରଣତି ।



ନିରାକାର ସାହୁ
ଆବାହକ, ଧନେଶ୍ୱର ରଥ ଫାଉଣ୍ଡେସନ୍, ଡ୍ରିମ୍‌ସ, ଟାଙ୍ଗୀ, କଟକ

## ଆଜିର ରାଶିଫଳ

**ମେଷ:** କର୍ମଚଞ୍ଚଳ ରହିବେ। ମଧୁର କଥା କହି ପରକୁ ଆପଣାର କରିବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ଧର୍ମକର୍ମ ପ୍ରତି ମନ ବଳିପାରେ। ଆୟ ଆଶାନୁରୂପ ହେବ। ପିଲାମାନଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ପିତାମାତା ଚିନ୍ତିତ ରହିପାରନ୍ତି। ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ମିଥୁନ:** ବ୍ୟବସାୟ ଲାଭଜନକ ହେବ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ଦାନ ଧର୍ମ କରନ୍ତୁ।

**କର୍କଟ:** ସହକର୍ମୀଙ୍କ ସହଯୋଗରୁ ଅଫିସ୍ କାର୍ଯ୍ୟରେ ସଫଳତା ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହୋଇପାରେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ପରୋପକାରୀ ହେବେ।

**ସିଂହ:** ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ଅତିଥି ସତ୍କାର କରିପାରନ୍ତି। ଭାଇଭାଇଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ।

**କନ୍ୟା:** ଛାତ୍ରଛାତ୍ରୀମାନଙ୍କୁ ସଫଳତା ପାଇବା ପାଇଁ କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ଆୟ ଓ ବ୍ୟୟ ସମାନ ରହିବ। ଲୋକ ସମ୍ପର୍କ ବୃଦ୍ଧି ପାଇବ। ରାଜନୀତିରେ ସାମିଲ ହୋଇପାରନ୍ତି।

**ତୁଳା:** ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ଅଚାନକ ଖୁସି ଖବର ପାଇବେ। ପିଲାମାନେ ଖେଳମନସ୍କ ହେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ଧୈର୍ଯ୍ୟ ରଖି କାମ କରନ୍ତୁ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ଯୋଜନା ମୁତାବକ କାମ କରିବେ। କଳା, ସାହିତ୍ୟ କ୍ଷେତ୍ରରେ ସଫଳତା ମିଳିପାରେ।

**ଧନୁ:** ତରବରିଆ ଭାବେ ନିଷ୍ପତ୍ତି ନେବା ଅନୁଚିତ। ଖର୍ଚ୍ଚ ଉପରେ ନିୟନ୍ତ୍ରଣ ରଖନ୍ତୁ। ନିଜ ପାଇଁ ସମୟ ବାହାର କରିବେ। ସମାଜସେବାରେ ନିଜକୁ ନିୟୋଜିତ କରିବେ।

**ମକର:** ଦିନଟି ବ୍ୟସ୍ତ ଭିତରେ କଟିବ। ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗିପାରନ୍ତି। ଆଇଟି କର୍ମଚାରୀଙ୍କୁ ସଫଳତା ମିଳିବ।

**କୁମ୍ଭ:** ଆର୍ଥିକ ସ୍ଥିତି ସୁଦୃଢ଼ ହେବ। ବୈବାହିକ ଜୀବନ ସୁଖମୟ ହେବ। ପ୍ରଭାବଶାଳୀ ବ୍ୟକ୍ତିଙ୍କ ସହ ସାକ୍ଷାତ ହୋଇପାରେ। ନିଜ ଲୋକ ଶତ୍ରୁ ସାଜିବେ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିବେ।

**ମୀନ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ଯୋଜନା ମୁତାବକ କାମ କରିବେ । ନୂତନ ବ୍ୟବସାୟରୁ ଲାଭ ମିଳିପାରେ। ବିଦ୍ୟାର୍ଥୀ ଉଚ୍ଚ ଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

## ଆଜିର ଇତିହାସ

- ୧୯୦୮ - କ୍ରାନ୍ତିକାରୀ ଖୁଦିରାମ ବୋଷଙ୍କୁ ଫାଶୀ।
- ୧୯୧୪- ଅଷ୍ଟ୍ରିଆ ଓ ହଙ୍ଗେରୀ ଉପରେ ଫ୍ରାନ୍ସର ଆକ୍ରମଣ ଘୋଷଣା।
- ୧୯୪୮ -ଲଣ୍ଡନରେ ସମର୍ ଅଲିମ୍ପିକର ଆରମ୍ଭ।
- ୧୯୬୦- ଫ୍ରାନ୍ସଠାରୁ ଆଫ୍ରିକୀୟ ଦେଶ ଚାଦ୍‌ର ସ୍ୱାଧୀନତା ଲାଭ।
- ୧୯୮୫- ରୋନାଲ୍ଡ ରିଗନ୍ ଆମେରିକାର ରାଷ୍ଟ୍ରପତି ହେଲେ।

## ୧୫ ଅଗଷ୍ଟରେ 'ଲଭ୍ ଆଣ୍ଡ ୱାର୍'ର ଫାଷ୍ଟ ଲୁକ୍

ବଲିଉଡ୍ ଅଭିନେତା ରଣବୀର କପୁର, ଆଲିଆ ଭଟ୍ଟ ଏବଂ ଭିକ୍କି କୌଶଲଙ୍କ ଅଭିନୀତ ରୋମାଣ୍ଟିକ ପିରିୟଡ୍ ଡ୍ରାମା 'ଲଭ୍ ଆଣ୍ଡ ୱାର୍'ର ରିଲିଜ୍‌କୁ ଦର୍ଶକେ ବେଶ୍ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ଫିଲ୍ମ ନିର୍ମାତା ଏବେ ଏହାର ପ୍ରଥମ ଝଲକ ରିଲିଜ୍ କରିବା ପାଇଁ ପ୍ରସ୍ତୁତି ଚଳାଇଥିବା କୁହାଯାଉଛି। ଫିଲ୍ମର ନିର୍ଦ୍ଦେଶକ ସଞ୍ଜୟ ଲୀଲା ଭଁସାଲି ସ୍ୱାଧୀନତା ଦିବସ ଅବସରରେ ଫିଲ୍ମର ମୁଖ୍ୟ କଳାକାରମାନଙ୍କ ଫାଷ୍ଟ ଲୁକ୍ ଜାରି କରିବାକୁ ଯୋଜନା କରିଥିବା ନେଇ ଖବର ଆସୁଛି। ସଞ୍ଜୟ କେବଳ ପୋଷ୍ଟର୍ ଆଣିବେ ନାହିଁ ଭିଡିଓ ଫର୍ମାଟ୍‌ରେ ଏହାର ଫାଷ୍ଟ ଲୁକ୍ ମଧ୍ୟ ସେୟାର୍ କରିବେ। ଏହାହିଁ ବିଧିବଦ୍ଧ ଭାବେ ଫିଲ୍ମର ଫାଷ୍ଟଲୁକ୍ ହେବ। ଅବଶ୍ୟ ପୂର୍ବରୁ ସମୟ ସମୟରେ ସୁଟିଂ ସେଟ୍‌ରୁ ଏହାର ଫଟୋଗୁଡ଼ିକ ଭାଇରାଲ ହୋଇଛି। 'ଲଭ୍ ଆଣ୍ଡ ୱାର୍' ର ସୁଟିଂ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଭିକ୍କି ପ୍ରଥମରୁ ହିଁ ନିଜର ସୁଟିଂ ଶେଷ କରି ଦେଇଛନ୍ତି। ରଣବୀର ଏବଂ ଆଲିଆ ଅଗଷ୍ଟ ଶେଷ ସୁଦ୍ଧା ସେମାନଙ୍କର ସୁଟିଂ ସାରିଦେବେ ବୋଲି କୁହାଯାଉଛି। ଏହି ଫିଲ୍ମରେ ଦୀପିକା ପାଦୁକୋନ୍ ବି ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଫିଲ୍ମର କଳାକାରମାନଙ୍କ ତାଲିକାରେ ଦୀପିକାଙ୍କ ନାଁ ଥିବାରୁ ସେ ଅତିଥି କଳାକାର ଭାବେ ନଜର ଆସିପାରନ୍ତି ବୋଲି ଦର୍ଶକେ ଅନୁମାନ କରୁଛନ୍ତି। 'ଲଭ୍ ଆଣ୍ଡ ୱାର୍'ର ବଜେଟ୍ ରହିଛି ୩୦୦ କୋଟି। ଏହା ଜାନୁଆରୀ ୨୦୨୭ରେ ସିନେମାହଲ୍‌ରେ ମୁକ୍ତିଲାଭ କରିବ।



## ଦୁର୍ଲଭ ଫୁଲ 'ହିମାଳୟ ହୀରା'



ପ୍ରକୃତି କୋଳରେ ଏମିତି ଅନେକ ଦୁର୍ଲଭ ଫୁଲ ଅଛି ଯାହା ତାହାର ଅନନ୍ୟ ରୂପ, ସୁଗନ୍ଧ ଏବଂ ସୀମିତ ସଂଖ୍ୟା ପାଇଁ ଜଣାଯାଏ। ଏହି ଫୁଲଗୁଡ଼ିକ ମଧ୍ୟରୁ କେତେକ ବର୍ଷ ବର୍ଷ ପରେ ମାତ୍ର ଥରେ ଫୁଟିଥାଏ। ହିମାଳୟରେ ଦୃଶ୍ୟମାନ ହେଉଥିବା ଏଭଳି ଏକ ଦୁର୍ଲଭ ଫୁଲ ହେଉଛି 'କେଞ୍ଜୋ'। ଏହି ଫୁଲଟି ସମୁଦ୍ର ପତ୍ତନରୁ ୪ ହଜାର ମିଟରରୁ ଅଧିକ ଉଚ୍ଚତାରେ ଫୁଟିଥାଏ। ଏହା ହିମାଳୟନ୍ ଡାଇମଣ୍ଡ ବା ହିମାଳୟ ହୀରା ନାମରେ ମଧ୍ୟ ପରିଚିତ। ଏହି ଫୁଲ ଅତ୍ୟଧିକ ଥଣ୍ଡାରେ ବି ସହଜରେ ବଞ୍ଚିରହିପାରେ। ଏହା ଉତ୍ତରାଖଣ୍ଡର ଭ୍ୟାଲି ଅଫ୍ ଫ୍ଲାୱାର୍ସ, ହିମକୁଣ୍ଡ ସାହିବ ଏବଂ ଗଙ୍ଗୋତ୍ରୀ ନ୍ୟାସନାଲ ପାର୍କ ଭଳି ଉଚ୍ଚ ହିମାଳୟ ଅଞ୍ଚଳରେ ଫୁଟିଥାଏ । ଏହି ଗଛଟି ପ୍ରାୟ ୨ ମିଟର (୬.୫ ଫୁଟ) ପର୍ଯ୍ୟନ୍ତ ଲମ୍ବା ହୋଇପାରେ, ଯାହା ଜଣେ ସାଧାରଣ ମଣିଷର ଉଚ୍ଚତାଠାରୁ ମଧ୍ୟ ଅଧିକ। ଗଛଟି ତା'ର ଜୀବନକାଳ ମଧ୍ୟରେ ମାତ୍ର ଥରେ ଫୁଲ ଫୁଟାଏ। ଏଥିପାଇଁ ଗଛକୁ ପ୍ରାୟ ୭ ରୁ ୧୫ ବର୍ଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥାଏ ଏବଂ ଫୁଲ ଫୁଟିବା ପରେ ଏହା ମରିଯାଏ। ଏହାର ହାଲୁକା ହଳଦିଆ-ଧଳା ରଙ୍ଗର ପତ୍ରଗୁଡ଼ିକ ଫୁଲକୁ ସୂର୍ଯ୍ୟକିରଣ ଏବଂ ଅତ୍ୟଧିକ ଶୀତରୁ ରକ୍ଷା କରିବା ପାଇଁ ଏକ ପ୍ରକୃତିଦତ୍ତ ଗ୍ରୀନହାଉସ୍ ଭଳି କାମ କରେ। ଜୁଲାଇ ଓ ଅଗଷ୍ଟ ମାସ ଏହି ଫୁଲ ଫୁଟିବାର ମୁଖ୍ୟ ସମୟ ହୋଇଥିବାବେଳେ, ଅତ୍ୟନ୍ତ କଠିନ ରାସ୍ତା ଓ କମ୍ ଅମ୍ଳଜାନ ଥିବା ଅଞ୍ଚଳରେ ହେଉଥିବାରୁ ଏହାକୁ ଫୁଟିଥିବା ଦେଖିବା ଟ୍ରେକରମାନଙ୍କ ପାଇଁ କୌଣସି ସୌଭାଗ୍ୟଠାରୁ କମ୍ ମନେ କରାଯାଏନାହିଁ। ନିକଟରେ ଏହି ଫୁଲର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ଏହା ସମସ୍ତଙ୍କ ନଜରକୁ ଆସିଛି।

## ଆଜି ଆସିଥିଲେ

## ଔପନ୍ୟାସିକ କାହ୍ନୁଚରଣ



କାହ୍ନୁଚରଣ ମହାନ୍ତି ଓଡ଼ିଆ ସାହିତ୍ୟ ଜଗତର ଜଣେ ଅତ୍ୟନ୍ତ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ଔପନ୍ୟାସିକ ଥିଲେ। ଛଅ ଦଶନ୍ଧିରୁ ଅଧିକ ସମୟର ସାହିତ୍ୟିକ ସାଧନା ମଧ୍ୟରେ ସେ ପ୍ରାୟ ଛପନଟି ଉପନ୍ୟାସ ରଚନା କରି ଆଧୁନିକ ଓଡ଼ିଆ କଥାସାହିତ୍ୟକୁ ସମୃଦ୍ଧ କରିଛନ୍ତି। ତାଙ୍କ ଲେଖନୀରେ ଓଡ଼ିଶାର ଗ୍ରାମ୍ୟ ଜୀବନ, ସାମାଜିକ ବାସ୍ତବତା, ମହିଳାମାନଙ୍କ ସମସ୍ୟା ଏବଂ ମାନବୀୟ ସମ୍ପର୍କର ସୂକ୍ଷ୍ମ ଚିତ୍ର ଅତି ସୁନ୍ଦର ଭାବେ ଫୁଟିଉଠିଛି। ପରିବେଶ ଓ ଘଟଣା ବର୍ଣ୍ଣନା ମାଧ୍ୟମରେ ସେ ଚରିତ୍ରମାନଙ୍କର ମାନସିକତାକୁ ଅବିକଳ ଭାବେ ପ୍ରଦର୍ଶନ କରିବାରେ ଥିଲେ ସିଦ୍ଧହସ୍ତ। ଓଡ଼ିଆ ଉପନ୍ୟାସ ଜଗତରେ ସେ ବାସ୍ତବବାଦୀ ଧାରାର ପ୍ରବର୍ତ୍ତକ ଥିଲେ। ସେ ସେହି ସମୟର ସମାଜରେ ଘଟୁଥିବା ଘଟଣାକୁ ଅତି ନିଖୁଣ ଭାବେ ଉପସ୍ଥାପନ କରୁଥିଲେ। କାହ୍ନୁଚରଣ ୧୯୦୬ ମସିହା ଆଜିର ଦିନରେ କଟକ ଜିଲ୍ଲାସ୍ଥିତ ନାଗବଳି ଗାଁରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିଲାଟି ବେଳୁ ସାହିତ୍ୟ ତଥା ଲେଖାଲେଖି ପ୍ରତି ଆଗ୍ରହ ଥିଲା। ପ୍ୟାରୀମୋହନ ଏକାଡେମୀରେ ପାଠ ପଢ଼ିବା ସମୟରେ ବିଦ୍ୟାଳୟ ପତ୍ରିକାରେ ତାଙ୍କର କେତୋଟି କବିତା ପ୍ରକାଶ ପାଇଥିଲା। ତେବେ ସେ କବିତା ଲେଖିବା ଜାରି ରଖି ନ ଥିଲେ। କାହ୍ନୁଚରଣ ଭାବୁଥିଲେ ସଂସ୍କୃତ ଭାଷାରେ କବିତା ଲେଖିଲେ ହିଁ, ପ୍ରକୃତ କବିର ପରିଚୟ ମିଳିପାରିବ। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କର ହୃଦ୍‌ବୋଧ ହେଲା ଯେ, ବାପା, ମାଆ, ମାଉସୀ ଆଦି ଯେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି, ସେହି ଭାଷାରେ ବି ଲେଖାଲେଖି କରାଯାଇପାରିବ। ଆଉ ତା'ପରେ କାହ୍ନୁଙ୍କର ଲେଖନୀ ଯାତ୍ରା ଆରମ୍ଭ ହୋଇଥିଲା। ସେ ଫକୀର ମୋହନ ସେନାପତିଙ୍କ ରଚନାରେ ବେଶ୍ ପ୍ରଭାବିତ ଥିଲେ। ଗ୍ରାଜୁଏସନ୍ ଶେଷ ପରେ କାହ୍ନୁଚରଣ ସରକାରୀ ସେବାରେ କିରାଣି ଚାକିରି କରିଥିଲେ। ଆଉ ୧୯୬୪ରେ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସରକାରୀ ସେବାରୁ ଅବସର ନେଲେ। ଏ ସବୁ ଭିତରେ ସେ ଲେଖାଲେଖି ଜାରି ରଖିଥିଲେ। କାହ୍ନୁଙ୍କ ପ୍ରଥମ ଉପନ୍ୟାସ ଥିଲା 'ଉତ୍ସବେ ବ୍ୟସନେ', କିନ୍ତୁ ଦୁଃଖର ବିଷୟ ତାହା ପ୍ରକାଶିତ ହୋଇ ନ ଥିଲା। ଏହାପରେ ୧୯୩୦ 'ଅନ୍ନ' ଓ 'ପଳାତକ' ନାମରେ ଦୁଇଟି ଉପନ୍ୟାସ ଲେଖିଲେ। ସେହିପରି ତାଙ୍କ ରଚିତ ତୃତୀୟ ଉପନ୍ୟାସ 'ନିଷ୍ପତ୍ତି' ୧୯୩୨ରେ ପ୍ରକାଶ ପାଇଥିଲା। ତାଙ୍କର ଲୋକପ୍ରିୟ ଉପନ୍ୟାସ ମଧ୍ୟରୁ 'ବାଲିରାଜା', 'କା', 'ତୁଣ୍ଡବାଇଦ', 'ଅଦେଖା ହାତ', 'ହା ଅନ୍ନ', 'ଶାସ୍ତି', 'ଏପାରି ସେପାରି' ପ୍ରଭୃତି ଅନ୍ୟତମ। ତାଙ୍କର ଲୋକପ୍ରିୟ ଉପନ୍ୟାସ 'କା', 'ତୁଣ୍ଡବାଇଦ', 'ଅଭିନେତ୍ରୀ' ଆଦିକୁ ନେଇ ଫିଲ୍ମ ମଧ୍ୟ ତିଆରି ହୋଇଛି। 'କା' ଉପନ୍ୟାସ ଲାଗି ସେ ୧୯୫୮ ରେ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପାଇଥିଲେ। ଏହାପରେ ତାଙ୍କୁ ସାହିତ୍ୟ ଏକାଡେମୀ ଫେଲୋସିପ୍ ମଧ୍ୟ ମିଳିଥିଲା। ୧୯୯୪ ମସିହା ଅପ୍ରେଲ ୬ ତାରିଖରେ ୮୭ ବର୍ଷ ବୟସରେ ଏହି ମହାନ ସାରସ୍ୱତ ସାଧକଙ୍କର ପରଲୋକ ଘଟିଥିଲା।

## ଭାଗ୍ୟ ବଦଳାଇଲା ଡ୍ରାଗନ୍

ମଧୁମେହ ପାଇଁ ରାମବାଣ ଡ୍ରାଗନ୍ ଫ୍ରୁଟ୍। ଏହି ଫଳର ମାର୍କେଟ ଦର ଭଲ ରହୁଥିବାରୁ ଅଧିକାଂଶ ଏହାକୁ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ବିହାର, କିଶନଗଞ୍ଜ ଜିଲ୍ଲାର ହଂସରାଜ ନଖତ।



ହଂସରାଜ ଆଧୁନିକ କୌଶଳରେ ଡ୍ରାଗନ ଫ୍ରୁଟ୍ ଚାଷକୁ ଆପଣାଇଥିଲେ। ଏହି ଚାଷ ପାଇଁ ବାଲିଆ, ମାଙ୍କଡ଼ିଆ ପଥର ଏବଂ ଲାଲ ମାଟି ଉପଯୁକ୍ତ। ଚାଷ ପାଇଁ ମାଟିକୁ ସମତଳ କରି ପରେ ହଳ କିମ୍ବା ଟ୍ରାକ୍ଟର ଜରିଆରେ ମାଟିକୁ ଉପର ତଳ କରାଯାଏ। ଡ୍ରାଗନ ଫ୍ରୁଟ୍ ଗଛ ମୋଡ଼ି ମୋଡ଼ି ହୋଇ ଉପରକୁ ଉଠୁଥିବାରୁ ଜମିରେ ପୋଲ ବା ଗାତ କରି ସିମେଣ୍ଟଖୁଣ୍ଟ କରାଯାଏ। ଉପରେ ଗୋଲାକାର କିମ୍ବା ଚାରିକୋଣିଆ ବାଡ଼ ରଖାଯାଏ। ଫୁଲ ଆସିବାର କିଛି ଦିନ ପରେ ଫଳ ଫଳିଥାଏ। ଏହି ଚାଷ ପାଇଁ ହଂସରାଜ ବୁନ୍ଦା ଜଳ ସେଚନ, ପ୍ରାକୃତିକ ମଲ୍‌ଚିଂ ଆଦି କୌଶଳ ଆପଣାଇଛନ୍ତି। ଏହାଦ୍ୱାରା ଗଛକୁ ଆବଶ୍ୟକ ମୁତାବକ ପାଣି ମିଳିଥାଏ। ମାଟିର ଆର୍ଦ୍ରତା ବଜାୟ ରୁହେ। ତେବେ ଆଧୁନିକ କୌଶଳ ଆପଣାଇ ହଂସରାଜ ଏହି ଚାଷରୁ ଏବେ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଛନ୍ତି।

## ସୁବର୍ଣ୍ଣା



## ପିଜୁଳି ଗଛକୁ କାଳ ଅଙ୍ଗମାରୀ ଓ ଝାଉଁଳା

ବର୍ଷାଦିନେ ପିଜୁଳି ଗଛ ପାଇଁ ଅଙ୍ଗମାରୀ ଏବଂ ଝାଉଁଳା ରୋଗ ବଡ଼ ଶତ୍ରୁ। ପତ୍ର ଉପରେ ଦୀର୍ଘ ସମୟ ପାଣି ପଡ଼ିବା, ଗଛକୁ ଠିକ୍ ବାୟୁ ଚଳାଚଳ ନ ହୋଇ ପାରିଲେ ଏହି ରୋଗ ଆଶଙ୍କା ବଢ଼ିଥାଏ। ଏହି ରୋଗ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଥାଏ।



ଅଙ୍ଗମାରୀ କବକଜନିତ ରୋଗ। ଏହି ରୋଗରେ କଅଁଳିଆ ପତ୍ର, ଡାଳ, ଫୁଲ କିମ୍ବା ଫଳରେ କଳା, ପାଉଁଶିଆ କିମ୍ବା ଗାଢ଼ବାଦାମୀ ରଙ୍ଗର ଦାଗ ହୋଇ ଏହା ସେହି ଅଂଶକୁ ଶୁଖାଇଦିଏ। ପତ୍ର, କଅଁଳିଆ ଡାଳ, କଢ଼ ଝଡ଼ିପଡ଼େ। ଫଳକୁ ପଚାଇ ଦିଏ। ସେଥିପାଇଁ ନଷ୍ଟ ହୋଇଥିବା ପତ୍ର ଓ ଫୁଲକୁ ବାହାର କରି ନଷ୍ଟ କରିଦେବା ଉଚିତ। କଟା ଯାଇଥିବା ଅଂଶ ଉପରେ କପର ଅକ୍ସିକ୍ଲୋରାଇଡ ଲେପ ଦିଆଯାଏ। ରୋଗର ପ୍ରାରମ୍ଭିକ ଲକ୍ଷଣ ଦେଖିଲେ, ହେକ୍ସାକୋନାଜୋଲ୍ କିମ୍ବା ପ୍ରୋପିକୋନାଜୋଲ୍ ଔଷଧ ୨ ମିଲିଲିଟର ମାତ୍ରା ପ୍ରତି ଏକ ଲିଟର ପାଣିରେ ମିଶାଇ ସିଞ୍ଚନ କରାଯାଏ। ସେହିପରି ପିଜୁଳି ଗଛରେ ଝାଉଁଳା ରୋଗ ହେଲେ ଗଛର ଶିରାପ୍ରଶିରା ପ୍ରଭାବିତ ହୁଏ। ମାଟିରେ ଥିବା କବକ କିମ୍ବା ଜୀବାଣୁ ମୂଳ ଦ୍ୱାରା ଗଛ ଭିତରକୁ ପ୍ରବେଶ କରି ଏହି କ୍ଷତି ଘଟାନ୍ତି। ଗଛ ଖାଦ୍ୟ ଓ ପାଣି ପାଇପାରେନାହିଁ। ପତ୍ର ହଳଦିଆ ପଡ଼ି ଚେର ନଷ୍ଟ ହୁଏ। ତେଣୁ ଗଛ ମୂଳରେ ପାଣି ଜମିବାକୁ ଦେବା ଅନୁଚିତ। ମେଟାଲାକ୍ସିଲ +ମାଙ୍କୋଜେବ ୨ ଗ୍ରାମ୍ କିମ୍ବା କପର ଅକ୍ସିକ୍ଲୋରାଇଡ ୩ ଗ୍ରାମ୍ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ।

## ଆଳୁଚୋପାରୁ ଜୈବିକ ଖତ



ଆଳୁଚୋପାକୁ ବର୍ଜ୍ୟଭାବି ଅନେକ ଏହାକୁ ଫିଙ୍ଗି ଦିଅନ୍ତି। ହେଲେ ଆଳୁଚୋପାରେ ପୋଟାସିୟମ, ମ୍ୟାଗ୍ନେସିୟମ, ଫସ୍‌ଫରସ ଏବଂ ଭିଟାମିନ୍ ଆଦି ମିଳୁଥିବାରୁ ଏହାକୁ ଜୈବିକ ଖତ ଭାବେ ବ୍ୟବହାର କରାଯାଏ। ଆଳୁ ଚୋପାରୁ ତିଆରି ଖତ ବା ତରଳଔଷଧ ଗଛ ବୃଦ୍ଧିରେ ସାହାଯ୍ୟ କରେ। ଏହା ଗଛ ମୂଳକୁ ଶକ୍ତି ଯୋଗାଏ।

ଆଳୁ ଚୋପାକୁ ଶୁଖାଇ ଏହାକୁ ଛୋଟ ଖଣ୍ଡ କରି ଡବାରେ ରଖାଯାଏ। ଏହାସହ ଶୁଖିଲା ପତ୍ର, ପନିପରିବା ଚୋପା ମିଶାଇ କିଛି ସପ୍ତାହ ପାଇଁ ରଖିଲେ ଏହା ଶଢ଼ି ଖତ ପାଲଟେ। ସେହିପରି ଆଳୁଚୋପାର ଶୁଖିଲା ଖତ ସହ ମାଟି ମିଶାଇ ବ୍ୟବହାର କଲେ ମାଟିର ଗୁଣବତ୍ତା ବୃଦ୍ଧି କରେ। ଫୁଲ ଓ ଫଳ ଧରିବାରେ ସାହାଯ୍ୟ କରେ।

ବୋତଲରେ ଏକ ଲିଟର ପାଣିରେ ଏକ ମୁଠା ଆଳୁ ଚୋପା ମିଶାଇ ତିନିରୁ ଚାରି ଦିନ ଠିପି ବନ୍ଦ କରି ରଖାଯାଏ । ପ୍ରତି ୨୪ ଘଣ୍ଟାରେ ଡବାକୁ ଖୋଲି ଏହି ପାଣିକୁ ଉପର ତଳ କରି ପରେ ପାଣିକୁ ଛାଣି ଏଥିରେ ପାଣି ମିଶାଇ ଗଛ ମୂଳରେ ପ୍ରୟୋଗ କରିପାରିବେ। ଆଳୁ ଚୋପାରୁ ପ୍ରସ୍ତୁତ ଖତ ବା ତରଳ ଔଷଧକୁ ସପ୍ତାହରେ ଥରେ ବ୍ୟବହାର କରିବା ଆବଶ୍ୟକ।

## କୃଷି ପାଣିପାଗ

ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ବର୍ଷା ଏବଂ ପବନର ପୂର୍ବାନୁମାନ ଥିବାରୁ ଲତାଜାତୀୟ ପନିପରିବା, କଦଳୀ ଓ ଅମୃତଭଣ୍ଡା ଗଛ ଆଦିକୁ ବାଡ଼ି/ଖୁଣ୍ଟ ସାହାଯ୍ୟରେ ଡେରା ଦେବାର ବ୍ୟବସ୍ଥା କରନ୍ତୁ।
- ବୁଣାଧାନରେ ଘାସମରା ଔଷଧ ପ୍ରୟୋଗ ନ କରିଥିଲେ ଧାନ ବୁଣିବାର ୨୫ରୁ ୩୦ ଦିନ ପରେ ବେଉଷଣ କରିଦିଅନ୍ତୁ।
- ବର୍ତ୍ତମାନ ବିଲାତି ବାଇଗଣ ଲଗାଇବାର ଉପଯୁକ୍ତ ସମୟ।
- ବର୍ତ୍ତମାନ କାକୁଡ଼ି ଓ କଖାରୁରେ ସାହେବୀ ରୋଗ ଲାଗିବାର ସମ୍ଭାବନା ଅଛି। ବର୍ଷା ଛାଡ଼ିଗଲା ପରେ ଏହି ରୋଗର ନିୟନ୍ତ୍ରଣ ପାଇଁ ଥାୟୋମିଥୋକ୍ସାମ @ ୮୦ ଗ୍ରାମ କିମ୍ବା ଏସିଟାମିପ୍ରିଡ @ ୮୦ ଗ୍ରାମ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।
- ଅଗଷ୍ଟରୁ ଜାନୁଆରୀ ମାସ ପର୍ଯ୍ୟନ୍ତ ଆଫ୍ରିକୀୟ ଗେଣ୍ଡୁ ଲଗାଯାଇ ପାରିବ।

## ଗାଈଙ୍କ ଥନହରା ରୋଗ

ବର୍ଷାଋତୁରେ ଗାଈଙ୍କୁ ଥନହରା ରୋଗ ହେବାର ଆଶଙ୍କା ଅଧିକ ଥାଏ। ଗୁହାଳ ଓଦା, ଅପରିଷ୍କାର ରହିଲେ, ହାତ ନଧୋଇ କ୍ଷୀର ଦୁହିଁଲେ ଏହି ରୋଗ ବିଭିନ୍ନ ଜୀବାଣୁ ଦ୍ୱାରା ହୋଇଥାଏ। ଥନହରା ରୋଗ ଲକ୍ଷଣଯୁକ୍ତ ବା ଲକ୍ଷଣ ବିହୀନ ହୋଇପାରେ।

ରୋଗର ଲକ୍ଷଣରେ କ୍ଷୀର ରକ୍ତ ବା ପୂଜ ମିଳିତ, ପାଣିଚିଆ ଓ ଦୁର୍ଗନ୍ଧଯୁକ୍ତ ହେବା ସହିତ ପହ୍ନା ଫୁଲିଯାଏ। ଏହି ସମୟେ ପହ୍ନାକୁ ଛୁଇଁଲେ ଏହା ହାତକୁ ଗରମ ଲାଗେ। ପହ୍ନା ଲାଲ୍‌ପଡ଼ି ଟାଣ ଲାଗିଥାଏ। ବେଳେବେଳେ ଗାଈର ପହ୍ନା ରନ୍ଧ୍ର ଆଂଶିକ ବା ପୂରା ବନ୍ଦ ହୋଇଯାଏ। ଗାଈଙ୍କୁ ଯନ୍ତ୍ରଣା ସହ ଜ୍ୱର ହୋଇଥାଏ। କମ୍‌ଖାଇବା ଯୋଗୁଁ ଗାଈ ମାନ୍ଦା ହୋଇଯାନ୍ତି। ସେହିପରି ଲକ୍ଷଣ ବିହୀନ ଥନହରା ଗାଈ ଧୀରେ ଧୀରେ କ୍ଷୀର ଦେବା କମ୍ କରି ଆର୍ଥିକ କ୍ଷତି ଘଟାଏ। ଏହାର ଚିକିତ୍ସା ଅର୍ଥସାପେକ୍ଷ ଓ ସମୟ ସାପେକ୍ଷ। ତେଣୁ ଏହି ରୋଗର ପ୍ରତିରୋଧ ପାଇଁ ଉତ୍ତମ ପରିପାଳନ ଓ ସ୍ୱଚ୍ଛତା ବିଧି ଅବଲମ୍ବନ କରିବା ଆବଶ୍ୟକ। କ୍ଷୀର ଦୁହିଁବା ପୂର୍ବରୁ ହାତକୁ ଯେକୌଣସି ସାବୁନରେ ଧୋଇ ପହ୍ନାକୁ ଧୋଇ ସଫା ଶୁଖିଲା କପଡ଼ାରେ ପୋଛିବା ଆବଶ୍ୟକ। କ୍ଷୀର ଦୁହିଁ ସାରିବା ପରେ ଚିର ରନ୍ଧ୍ର କିଛି ସମୟ ପାଇଁ ଖୋଲା ରହୁଥବାରୁ ଗାଈକୁ ଛିଡ଼ା ରଖିବା ପାଇଁ ତା ସାମ୍ନାରେ ନଡ଼ା କିମ୍ବା କୁଟା ଦେଇ ପାରିବେ। କ୍ଷୀର ଦୁହିଁସାରିବା ପରେ ଯେକୌଣସି ଆଣ୍ଟିସେପ୍‌ଟିକ ଦ୍ରବଣରେ ଚିରକୁ ପୋଛିବେ। ପହ୍ନାରେ ଅସ୍ୱାଭାବିକ ଲକ୍ଷଣ ହେଲେ ପ୍ରାଣୀଚିକିତ୍ସକଙ୍କୁ ପରାମର୍ଶ କରିବା ଆବଶ୍ୟକ। ନିୟମିତ କ୍ଷୀରକୁ ନିକଟସ୍ଥ ପ୍ରାଣୀ ଚିକିତ୍ସା କେନ୍ଦ୍ରକୁ ନେଇ ପରୀକ୍ଷା କରିବା ଦ୍ୱାରା ଏହି ରୋଗ ଅଛି କି ନାହିଁ ଜଣାପଡ଼ିଥାଏ। ବ୍ୟୟସାପେକ୍ଷ ଚିକିତ୍ସାରୁ ମୁକ୍ତି ମିଳିଥାଏ।

## ବର୍ଷାଦିନେ କୁଣ୍ଡର ଯତ୍ନ

ଗଛଲତା ବୃଦ୍ଧି ପାଇଁ ବର୍ଷା ପାଣି ଉପଯୋଗୀ। ହେଲେ ଅତ୍ୟଧିକ ପାଣି ଫସଲକୁ ନଷ୍ଟ କରିଦିଏ। ତେଣୁ ବର୍ଷାଦିନେ ପନିପରିବା ଓ ଫୁଲକୁଣ୍ଡର ସଠିକ୍ ଯତ୍ନ ନେବା ଆବଶ୍ୟକ।

କୁଣ୍ଡରୁ ମାଟି ଶୁଖିଲେ ଜଳ ସେଚନ କରିବା ଜରୁରି। ଛୋଟ କୁଣ୍ଡରେ ଅଳ୍ପ କଣା କରି ଅତିରିକ୍ତ ପାଣି ନିଷ୍କାସନ କରାଯାଏ। ବଡ଼ ଏବଂ ଭାରିଯୁକ୍ତ କୁଣ୍ଡକୁ ତେରଛା କରି ଏହା ତଳେ ପଥର ଦେଇ ରଖିବା ଦ୍ୱାରା ଜମିଥିବା ପାଣି ବାହାରିଯାଏ। ସପ୍ତାହରେ ଥରେ କୁଣ୍ଡକୁ ସଫା କରିବା ସହ ମାଟିକୁ ଉପର ତଳ କରାଯାଏ। କୁଣ୍ଡରୁ ଶୁଖିଲା ପତ୍ର ସଫା କଲେ ଗଛକୁ ବାୟୁ ଚଳାଚଳ ହୋଇଥାଏ।

ପତ୍ର ହଳଦିଆ ବା ଝାଉଁଳୁଥିଲେ ଗଛକୁ କୁଣ୍ଡରୁ କାଢ଼ି ମୂଳକୁ ସଫା କରି ଭଲ ମାଟି ଦେଇ ପୁନଶ୍ଚ ଲଗାଇ ପାରିବେ। ବର୍ଷା ସମୟରେ କୁଣ୍ଡକୁ ଶୁଖିଲା ସ୍ଥାନରେ ରଖିବା ଉଚିତ। ଦୁଇଥର କବକନାଶକ ସିଞ୍ଚନ କରିବା ସହ ଅନାବନା ଘାସ ଉପାଡିଦେବା ଉଚିତ।



## ଏଫ୍ଆଇଏଚ୍ ହକି ବିଶ୍ୱକପ୍-୨୦୨୬

# ୱେଲ୍ସ ଓ ଚୀନ୍ ମୁକାବିଲାରୁ ଭାରତର ଅଭିଯାନ

ଆମଷ୍ଟଲଭିନ୍,୧୦।୮ (ଏଜେନ୍ସି)




ନେଦରଲ୍ୟାଣ୍ଡସ ଓ ବେଲ୍‌ଜିୟମ ମିଳିତଭାବେ ଚଳିତ ବର୍ଷ ଏଫ୍ଆଇଏଚ୍ ହକି ବିଶ୍ୱକପ୍ ଆୟୋଜନ କରୁଛନ୍ତି। ଅଗଷ୍ଟ ୧୫ରୁ ଏହି ପ୍ରତିଯୋଗିତା ଆରମ୍ଭ ହେଉଥିଲାବେଳେ ୨୯ରେ ମହିଳା ଓ ୩୦ରେ ପୁରୁଷ ବିଭାଗରେ ପ୍ରତିଯୋଗିତା ଶେଷ ହେବ। ପ୍ରଥମଥର ଲାଗି ହକି ବିଶ୍ୱକପ୍ ମିଳିତ ଭାବେ ଦୁଇଟି ଦେଶ ଆୟୋଜନ କରୁଥିବାବେଳେ ନେଦରଲ୍ୟାଣ୍ଡସର ଆମଷ୍ଟଲଭିନ ଓ ବେଲ୍‌ଜିୟମ୍‌ର ୱାଭରେ ସହରରେ ସମସ୍ତ ମ୍ୟାଚ୍ ଖେଳାଯିବ। ୨୦୧୮ ଓ ୨୦୨୩ ବିଶ୍ୱକପ୍ ଭଳି ଏଥର ମଧ୍ୟ ଉଭୟ ବିଭାଗରେ ୧୬ଟି ଲେଖାଏଁ ଦଳ ଅଂଶଗ୍ରହଣ କରୁଛନ୍ତି। ଏହି ୧୬ଟି ଦଳକୁ ୪ଟି ପୁଲ୍‌ରେ ଭାଗ କରାଯାଇଛି। ପୁଲ୍ ପର୍ଯ୍ୟାୟରେ ରାଉଣ୍ଡ ରବିନ ଲିଗ୍ ଭିତିରେ ମ୍ୟାଚ୍ ଖେଳାଯିବ। ଏହା ପରେ ପ୍ରତ୍ୟେକ ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ କ୍ରସ୍ ଓଭରରେ ସେମାନଙ୍କ ଭାଗ୍ୟ ନିର୍ଣ୍ଣୟ କରିବେ। ପ୍ରତ୍ୟେକ ପୁଲ୍‌ର ଦୁଇ ଶ୍ରେଷ୍ଠ ଦଳ ଟାଇଟଲ ଲାଗି ଲଢ଼େଇ କରିବାକୁ ଥିବାବେଳେ ଶେଷ ଦୁଇଟି ଦଳ କ୍ଲାସିଫିକେସନ ଲାଗି ଖେଳିବେ।

ଏହି ବିଶ୍ୱକପ୍‌ରେ ଭାରତୀୟ ପୁରୁଷ ଦଳ ପୁଲ୍-ଡି'ରେ ଓ ମହିଳା ଦଳ ମଧ୍ୟ ପୁଲ-ଡି'ରେ ସ୍ଥାନ ପାଇଛନ୍ତି। ପୁରୁଷ ଦଳ ସହ ଏହି ପୁଲ୍‌ରେ ୱେଲ୍ସ, ଇଂଲଣ୍ଡ ଓ ପାକିସ୍ତାନ ସ୍ଥାନ ପାଇଛି। ଅଗଷ୍ଟ ୧୫ରେ ୱେଲ୍ସ ସହ ଖେଳି ଭାରତୀୟ ପୁରୁଷ ଦଳ ଅଭିଯାନ ଆରମ୍ଭ କରିବ। ଅଗଷ୍ଟ ୧୭ରେ ଇଂଲଣ୍ଡ ଓ ୧୯ରେ ପାକିସ୍ତାନ ସହ ହାଇଭୋଲ୍ଟେଜ ମୁକାବିଲା ହେବ। ସେହିପରି ମହିଳା ଦଳ ସହ ଚୀନ, ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡକୁ ଗୋଟିଏ ପୁଲ୍‌ରେ ସ୍ଥାନ ମିଳିଛି। ମହିଳା ଦଳ ଅଗଷ୍ଟ ୧୬ରେ ଚୀନ୍ ସହ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ଅଗଷ୍ଟ ୧୮ରେ ଦକ୍ଷିଣ ଆଫ୍ରିକା ଓ ଅଗଷ୍ଟ ୨୦ରେ ଇଂଲଣ୍ଡ ସହ ଖେଳି ପୁଲ ପର୍ଯ୍ୟାୟ ଶେଷ କରିବ। ହରମନପ୍ରୀତ୍ ସିଂହ ପୁରୁଷ ଓ ସଲିମା ଟେଟେ ମହିଳା ଦଳର ନେତୃତ୍ୱ ନେଉଛନ୍ତି। ଭାରତ ୫୧ ବର୍ଷ ହେଲା ବିଶ୍ୱକପ୍ ଚାମ୍ପିଅନ ହୋଇନାହିଁ। ୧୯୭୫ରେ ଦଳ ଥରେ ମାତ୍ର ବିଶ୍ୱକପ୍ ଚାମ୍ପିଅନ ହୋଇଥିଲା। ଏହାପରେ ଆଉ ସେଭଳି ସଫଳତା ମିଳିନାହିଁ। ମହିଳା ଦଳ ସେମିଫାଇନାଲ ଖେଳିଲେ ବଡ଼ କଥା ବୋଲି କୁହାଯାଉଛି।

**ଭାରତର ପୁଲ୍ ଖେଳ ସୂଚୀ-ପୁରୁଷ ଦଳ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଅଗଷ୍ଟ ୧୫ | ୱେଲ୍ସ | ଆମଷ୍ଟଲଭିନ୍ | ଅପରାହ୍ଣ ୪.୩୦ |
| ଅଗଷ୍ଟ ୧୭ | ଇଂଲଣ୍ଡ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |
| ଅଗଷ୍ଟ ୧୯ | ପାକିସ୍ତାନ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |

**ଭାରତର ପୁଲ୍ ଖେଳ ସୂଚୀ-ମହିଳା ଦଳ**

| ତାରିଖ | ପ୍ରତିଦ୍ୱନ୍ଦ୍ୱୀ | ଭେନ୍ୟୁ | ଭାରତୀୟ ସମୟ |
|---|---|---|---|
| ଅଗଷ୍ଟ ୧୬ | ଚୀନ୍ | ଆମଷ୍ଟଲଭିନ୍ | ଅପରାହ୍ଣ ୪.୩୦ |
| ଅଗଷ୍ଟ ୧୮ | ଦ.ଆଫ୍ରିକା | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |
| ଅଗଷ୍ଟ ୨୦ | ଇଂଲଣ୍ଡ | ଆମଷ୍ଟଲଭିନ୍ | ସନ୍ଧ୍ୟା ୬ଟା ୩୦ |

■ ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ

## ୨୭ତମ ସ୍ଥାନରେ ରହିଲା ଭାରତ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଆମେରିକାର ଓରେଗାଓଁଠାରେ ଚାଲିଥିବା ୨୦ ବର୍ଷରୁ କମ୍ ୱାର୍ଲ୍ଡ ଆଥଲେଟିକ୍ସ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଛି। ଏଥିରେ ଆମେରିକା ୧୨ ସ୍ୱର୍ଣ୍ଣ ସହ ୧୮ଟି ପଦକ ଜିତି ପ୍ରଥମ, କେନିଆ ୪ଟି ସ୍ୱର୍ଣ୍ଣ ସହ ୧୧ଟି ପଦକ ଜିତି ଦ୍ୱିତୀୟ ଓ ଇଟାଲୀ ତୃତୀୟ ସ୍ଥାନ ଅଧିକାର କରିଛି। ୩ଟି ପଦକ ଜିତିବା ସହ ଭାରତ ୨୭ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛି। ଭାରତ ପକ୍ଷରୁ ପୁରୁଷ ବିଭାଗ ଜାଭେଲିନ୍‌ରେ ଆଶିଷ କୁମାର ଯାଦବ ଓ ହାଇଜମ୍ପରେ ବସନ୍ତ କୁମାର ମେଘୱାଲ ୨ଟି ରୌପ୍ୟ, ପୁରୁଷ ଲଙ୍ଗ୍‌ଜମ୍ପରେ ସାହନୱାଜ୍ ଖାନ୍ କାଂସ୍ୟ ପଦକ ଜିତିଥିଲେ। ୨୦୧୬ରେ ନୀରଜ ଚୋପ୍ରାଙ୍କ ସ୍ୱର୍ଣ୍ଣ ବିଜୟ ପରେ ଆଶିଷ ଭାରତ ଲାଗି ଦ୍ୱିତୀୟ ପଦକ ଜିତିଥିଲେ। ସେହିପରି ହାଇ ଜମ୍ପରେ ବସନ୍ତ ଭାରତ ଲାଗି ପ୍ରଥମ ପଦକ ବିଜୟୀ ହୋଇଥିଲେ।

## ଦୁଲୀପ ଟ୍ରଫି: ସର୍ଫରାଜଙ୍କ ସ୍ଥାନରେ ଜୟ ଗୋହିଲ



ମୁମ୍ବଇ,୧୦।୮ (ଏଜେନ୍ସି): ସୌରାଷ୍ଟ୍ର ପକ୍ଷରୁ ରଣଜୀ ଖେଳୁଥିବା ଜୟ ଗୋହିଲଙ୍କୁ ଦୁଲୀପ୍ ଟ୍ରଫି ଲାଗି ପଶ୍ଚିମାଞ୍ଚଳ ଦଳରେ ସାମିଲ କରାଯାଇଛି। ସେ ସର୍ଫରାଜ ଖାନଙ୍କ ସ୍ଥାନରେ ଦଳରେ ସ୍ଥାନ ପାଇଛନ୍ତି। ଫିଟ୍ ହୋଇ ନ ଥିବାରୁ ସାଇ ସୁଦର୍ଶନଙ୍କୁ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜ୍‌ରୁ ବାଦ୍ ଦେବା ପରେ ସର୍ଫରାଜଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଥିଲା। ଫଳରେ ଦୁଲୀପ୍ ଟ୍ରଫି ଲାଗି ଖାଲି ପଡ଼ିଥିବା ପଶ୍ଚିମାଞ୍ଚଳ ଦଳରେ ଗୋହିଲଙ୍କୁ ସାମିଲ କରାଯାଇଥିଲା। ଷ୍ଟାଣ୍ଡବାଇରେ ଥିବା ଗୋହିଲ ଗତ ରଣଜୀ ସିଜନରେ ସୌରାଷ୍ଟ୍ର ପକ୍ଷରୁ ୬ଟି ମ୍ୟାଚ୍ ଖେଳି ୫୮.୧୧ ହାରରେ ଗୋଟିଏ ଶତକ ଓ ୪ଟି ଅର୍ଦ୍ଧଶତକ ସହ ୫୨୩ ରନ୍ କରିଥିଲେ। ଦୁଲୀପ୍ ଟ୍ରଫିରେ ଋତୁରାଜ ଗାଏକ୍ୱାଡଙ୍କ ନେତୃତ୍ୱରେ ପଶ୍ଚିମାଞ୍ଚଳ ତାହାର ପ୍ରଥମ ମ୍ୟାଚ୍ ଉତ୍ତରାଞ୍ଚଳ ସହ ଅଗଷ୍ଟ ୨୩ରେ ଖେଳିବ।

## ବ୍ରିଟେନ୍‌ରେ ବୋଧନା ଓ ଶ୍ରେୟସ ଚେସ୍ ଚାମ୍ପିଅନ

ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଦୁଇ ଖେଳାଳି ବୋଧନା ଶ୍ରୀବାସ୍ତବ ଓ ଶ୍ରେୟସ ରୟାଲ ବ୍ରିଟେନ ସିନିଅର ଚେସ୍ ଚାମ୍ପିଅନ ହୋଇଛନ୍ତି। ମହିଳା ବିଭାଗରେ ସର୍ବାଧିକ ପଏଣ୍ଟ ରଖି ବୋଧନା ବ୍ରିଟେନର ଅନ୍ୟ ଖେଳାଳିମାନଙ୍କୁ ପଛରେ ପକାଇଦେଇଥିଲେ। ସବୁଠାରୁ ବଡ଼ କଥା ହେଲା ବୋଧନାଙ୍କ ବୟସ ଏବେ ୧୧ ଓ ସିନିଅର ଲେଭଲରେ ଏହା ତାଙ୍କର ତୃତୀୟ ବ୍ରିଟିଶ ଟାଇଟଲ। ସେହିପରି ମହିଳାମାନେ ଖେଳିବାକୁ ଥିବା ଓପନ (ପୁରୁଷ) କାଟେଗୋରୀରେ ଆଉ ଜଣେ ଭାରତୀୟ ଖେଳାଳି ଶ୍ରେୟସ ରୟାଲ ମଧ୍ୟ ଚାମ୍ପିଅନ ହୋଇଛନ୍ତି। ସେ ୯ ରାଉଣ୍ଡରୁ ୯ ପଏଣ୍ଟ ପାଇ ପ୍ରଥମଥର ବ୍ରିଟେନ ସିନିଅର ଚେସ୍ ଟାଇଟଲ ଜିତିଛନ୍ତି।

## ୬ ବଲ୍‌ରେ ୬ ଛକା; ଆଲବର୍ଟଙ୍କ କୀର୍ତ୍ତିମାନ



ଲଣ୍ଡନ,୧୦।୮ (ଏଜେନ୍ସି): ଏଠାରେ ଚାଲିଥିବା ଇଂଲଣ୍ଡ ୱାନ୍‌ଡେ କପ୍‌ରେ ହାମ୍ପାସାୟରର ବ୍ୟାଟର ଟୋବି ଆଲବର୍ଟ କ୍ରମାଗତ ୬ଟି ବଲରେ ୬ଟି ଛକା ମାରି ରେକର୍ଡ ବୁକ୍‌ରେ ସାମିଲ ହୋଇଛନ୍ତି। ହୋଭ୍ ଠାରେ ସୋମବାର ଖେଳାଯାଇଥିବା ସସେକ୍ସ ବିପକ୍ଷ ମ୍ୟାଚ୍‌ରେ ହାମ୍ପାସାୟରର ୪୩ତମ ଓଭରର ଶେଷ ୨ ବଲ୍‌ରେ ଆଲବର୍ଟ ଛକା ମାରିଥିଲେ। ଏହାପରେ ସେ କ୍ରମାଗତ ୪ଟି ଛକା ମାରିବା ଫଳରେ ହାମ୍ପାସାୟର ୫୧ ରନ୍‌ରେ ସସେକ୍ସକୁ ପରାସ୍ତ କରି ୱାନ୍‌ଡେ କପ୍‌ରେ ଚତୁର୍ଥ ବିଜୟ ହାସଲ କରିଛି। ଆଲବର୍ଟ ୨୬ ବଲ୍‌ରେ ଅର୍ଦ୍ଧଶତକ ପୂରଣ କରିବା ପରେ ୩୭ଟି ବଲ୍‌ରେ ୮୬ ରନ୍ କରି ଆଉଟ ହୋଇଥିଲେ।

## ଡେଭିସ କପ୍: ଭାରତୀୟ ଦଳରେ ଧାମ୍‌ନେ



ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଦକ୍ଷିଣ କୋରିଆ ବିପକ୍ଷ ଡେଭିସ କପ୍ ଯୋଗ୍ୟତା ପର୍ଯ୍ୟାୟ ଦ୍ୱିତୀୟ ରାଉଣ୍ଡ ମୁକାବିଲା ଲାଗି ସୋମବାର ଭାରତୀୟ ଦଳ ଘୋଷଣା କରାଯାଇଛି। ଏହି ଦଳରେ ପ୍ରଥମଥର ମାନସ ଧାମ୍‌ନେଙ୍କ ଭଳି ପ୍ରତିଭାବାନ ଖେଳାଳିଙ୍କୁ ସାମିଲ କରାଯାଇଛି। ଦଳରେ ସ୍ଥାନ ପାଇଥିବା ଅନ୍ୟ ସଦସ୍ୟମାନେ ହେଲେ ସୁମିତ ନାଗଲ, ଦକ୍ଷିଣେଶ୍ୱର ସୁରେଶ, ୟୁକି ଭାମ୍ବ୍ରୀ ଓ ଏନ୍ ଶ୍ରୀରାମ ବାଲାଜୀ। ଏହି ମୁକାବିଲାଟି ସିଓଲର ହାର୍ଡକୋର୍ଟ ଟେନିସ କୋର୍ଟରେ ସେପ୍ଟେମ୍ବର ୧୮ ଓ ୧୯ରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ରୋହିତ ରାଜପାଲ ଭାରତୀୟ ଦଳର ନନ୍ ପ୍ଲେଇଂ କ୍ୟାପ୍ଟେନ ରହିଛନ୍ତି।

# ଆଇପିଏଲ୍‌ରେ ଟ୍ରେଡ୍; ପାଣ୍ଡ୍ୟାଙ୍କୁ ନେଇ ପୁଣି ଚର୍ଚ୍ଚା




ନୂଆଦିଲ୍ଲୀ,୧୦।୮ (ଏଜେନ୍ସି): ଭାରତୀୟ କ୍ରିକେଟ ଦଳର ଷ୍ଟାର ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ନେଇ ଚର୍ଚ୍ଚ ସର୍ବଦା ରହିଛି। ଆଇପିଏଲ୍ ଚାଲିଥାଇ କିମ୍ବା ଅଫ୍ ସିଜନରେ ପାଣ୍ଡ୍ୟା ପ୍ରାୟତଃ ଚର୍ଚ୍ଚାରେ ରହିଆସିଛନ୍ତି। ଗତ କିଛି ଦିନର ଅବ୍ୟାହତି ପରେ ମୁମ୍ବଇ ଇଣ୍ଡିଆନ୍ସର ଅଧିନାୟକ ରହିଥିବା ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଟ୍ରେଡ଼ ବା ଦଳବଦଳକୁ ନେଇ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି। ବର୍ତ୍ତମାନ ସେ ଯେଉଁ ଦଳରେ ଅଛନ୍ତି ବା ମୁମ୍ବଇ ଇଣ୍ଡିଆନ୍ସ ପକ୍ଷରୁ ଏ ସମ୍ପର୍କରେ ଗୋଟିଏ ହେଲେ ଶବ୍ଦ ଶୁଣିବାକୁ ମିଳିନାହିଁ। ସେମାନେ ହୁଏତ ପାଣ୍ଡ୍ୟାଙ୍କୁ ଛାଡ଼ି ନ ପାରନ୍ତି। ଏହା ସତ୍ତ୍ୱେ ମୁମ୍ବଇ ଦଳରେ ତାଙ୍କର ଉପସ୍ଥିତି ଫ୍ରାଞ୍ଚାଇଜ୍ ମ୍ୟାନେଜମେଣ୍ଟର ଗ୍ରହଣୀୟ ହୋଇପାରି ନାହିଁ। ଯାହା ଫଳରେ ତାଙ୍କର ଦଳ ବଦଳକୁ ନେଇ ଚର୍ଚ୍ଚା ବାରମ୍ବାର ହେଉଛି।

ଯାହା ଚର୍ଚ୍ଚା ଚାଲିଛି ସେଥିରେ ୨୦୨୭ ସିଜନରେ ପାଣ୍ଡ୍ୟାଙ୍କୁ ଦଳରେ ସାମିଲ କରିବାକୁ କୋଲକାତା ନାଇଟ୍ ରାଇଡର୍ସ ଓ ଚେନ୍ନଇ ସୁପର କିଙ୍ଗସ ଆଗ୍ରହୀ ରହିଛି। ଏବେ ଚେନ୍ନଇ ସୁପର କିଙ୍ଗସରେ କେହି କୋଚ୍ ନାହାନ୍ତି। ନୂଆ କୋଚ୍ ନିଯୁକ୍ତ ହେବା ପରେ ପାଣ୍ଡ୍ୟାଙ୍କ ଟ୍ରେଡ୍ ସମ୍ପର୍କରେ ଚେନ୍ନଇ ଚିନ୍ତା କରିବ। କୋଲକାତା ନିକଟରେ ମଧ୍ୟ ଶୀର୍ଷ ଖେଳାଳି ବଦଳ କରିବାକୁ ସୂଚନା ନାହିଁ। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟ ଦଳରେ ନେବାକୁ ଆଗ୍ରହୀ ରହିଛି। ସବୁଠାରୁ ବଡ଼ କଥା ହେଲା ଆହତ ସମସ୍ୟା। ପାଣ୍ଡ୍ୟା ଫିଟ୍ ହେବା ପରେ ଯାହା କିଛି ଚର୍ଚ୍ଚା ହେଉଛି ସେଥିରେ ଖୋରାକ ଯୋଗାଇବ। ଏବେ କିନ୍ତୁ ଟ୍ରେଡ୍ ହେବା ନେଇ କୌଣସି କିମ୍ବା କାହା ମଧ୍ୟରେ ଆଲୋଚନା ହୋଇନାହିଁ।


## ଟରୋଣ୍ଟୋ ମାଷ୍ଟର୍ସ

# କ୍ୱାର୍ଟରରେ, ରିବାକିନା, ବେନସିକ୍, ଗଫ୍



ଟରୋଣ୍ଟୋ, ୧୦।୮ (ଏଜେନ୍ସି): ବିଶ୍ୱର ଦୁଇ ନମ୍ବର ମହିଳା ଟେନିସ ଖେଳାଳି ଏଲିନା ରିବାକିନା ଏଠାରେ ଚାଲିଥିବା ଟରୋଣ୍ଟୋ ମାଷ୍ଟର୍ସ/ କାନାଡିଆନ୍ ଓପନର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। କାଜାଖସ୍ତାନର ତାରକା ରିବାକିନା ପ୍ରି-କ୍ୱାର୍ଟରରେ ୬-୪, ୪-୬, ୬-୪ ସେଟରେ ରୁଷିଆର ଲିଉଡମିଲା ସାମସୋନୋଭାଙ୍କୁ ପରାସ୍ତ କରିଥିଲେ। କ୍ୱାର୍ଟର ଫାଇନାଲରେ ରିବାକିନାଙ୍କ ମୁକାବିଲା ଜାପାନର ନାଓମି ଓସାକାଙ୍କ ସହ ହେବ। ଅନ୍ୟ ଏକ ରାଉଣ୍ଡ-୧୬ ମ୍ୟାଚରେ ଓସାକା ୬-୪, ୬-୪ ସିଧାସଳଖ ସେଟରେ ଘରୋଇ ଖେଳାଳି ଲେଲା ଫର୍ଣ୍ଣାଡିଜଙ୍କୁ ହରାଇଥିଲେ। ସେହିଭଳି ବିଶ୍ୱର ୪ ନମ୍ବର ଖେଳାଳି ଆମେରିକାର କୋକୋ ଗଫ୍ ୬-୩, ୬-୧ ସେଟରେ ଯୋଗ୍ୟତା ଅର୍ଜନକାରୀ ରୁଷିଆର ଆଲିନା କୋର୍ନିଭାଙ୍କୁ ହରାଇ କ୍ୱାର୍ଟର ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଫଳରେ ଗଫ୍ ୨୦୨୩ ପରେ ପ୍ରଥମଥର ଲାଗି ଏଠାରେ କ୍ୱାର୍ଟର ଫାଇନାଲ ଖେଳିବେ। କ୍ୱାର୍ଟର ଫାଇନାଲରେ ଗଫ୍ ଓ ସୁଇଜରଲାଣ୍ଡର ବେଲିଣ୍ଡା ବେନସିକଙ୍କ ମଧ୍ୟରେ ଲଢ଼େଇ ହେବ। ବେନସିକ ୬-୪, ୬-୦ ସେଟରେ ଫିଲିପାଇନ୍ସର ଆଲେକ୍ସଜାଣ୍ଡର ଇଲାଙ୍କୁ ହରାଇ ଅଗ୍ରଗତି କରିଛନ୍ତି।

# ପେରୁ ପାରା ବ୍ୟାଡ୍‌ମିଣ୍ଟନରେ ଦୀପ୍‌ଙ୍କୁ ସ୍ୱର୍ଣ୍ଣ



ଭୁବନେଶ୍ୱର, ୧୦।୧୨ (ସମିସ): ଓଡ଼ିଶାର ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଦୀପରଞ୍ଜନ ବିଶୋୟୀ ତାଙ୍କ କ୍ୟାରିୟରରେ ଆଉ ଏକ ଅନ୍ତର୍ଜାତୀୟ ପଦକ ଯୋଡ଼ିଛନ୍ତି। ପେରୁର ଲିମାରେ ଅନୁଷ୍ଠିତ ପେରୁ ପାରା ବ୍ୟାଡ୍‌ମିଣ୍ଟନ ଇଣ୍ଟରନ୍ୟାସନାଲରେ ଦୀପରଞ୍ଜନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଦୀପରଞ୍ଜନ ପୁରୁଷ ଡବଲ୍ସର ଏସଏଲ-୩ ଓ ଏସୟୁ-୫ କାଟାଗୋରୀରେ ଏହି ସଫଳତା ପାଇଛନ୍ତି। ଇଜିପ୍ଟର ବିରି ଟକରଙ୍କୁ ସାଥୀ କରି ଖେଳିଥିବା ଦୀପରଞ୍ଜନ ଫାଇନାଲରେ ୨୧-୧୨, ୨୧-୧୮ ଗେମରେ ମେକ୍ସିକୋ ଯୋଡ଼ିଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ବିଜୟ ସହ ଦୀପରଞ୍ଜନ ମଧ୍ୟ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଗତବର୍ଷ ଏହି ଟୁର୍ଣ୍ଣାମେଣ୍ଟର ସମାନ କାଟାଗୋରୀରେ ଦୀପରଞ୍ଜନ ଓ ମନୋଜ ସରକାର ଯୋଡ଼ି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଫଳରେ ଦୀପରଞ୍ଜନ କ୍ରମାଗତ ଦ୍ୱିତୀୟ ବର୍ଷ ଲାଗି ଏଠାରେ ଟାଇଟଲ ହାସଲ କରିଛନ୍ତି।

## ଅସ୍ମିତା କାୟାକିଂ-କାନୋଇଂ ଲିଗ୍: ୨୬ ପଦକ ସହ ଓଡ଼ିଶା ରନର୍ସଅପ୍



ଭୁବନେଶ୍ୱର, ୧୦।୮ (ସମିସ): ଭୋପାଳର ଲୋୟର ଲେକ୍ ଓ ବୋଟ୍ କ୍ଲବରେ ଗତ ଦୁଇଦିନ ଧରି ଚାଲିଥିବା ଅସ୍ମିତା ଜାତୀୟ ଜୁନିଅର କାୟାକିଂ ଓ କାନୋଇଂ ଲିଗ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଓଡ଼ିଶାର ପ୍ରତିଯୋଗୀମାନେ ଦମ୍‌ଦାର ପ୍ରଦର୍ଶନ କରି ମୋଟ୍ ୨୬ଟି ପଦକ ବିଜୟୀ ହୋଇଛନ୍ତି। ଯେଉଁଥିରେ ୮ଟି ସ୍ୱର୍ଣ୍ଣ, ୧୦ଟି ରୌପ୍ୟ ଓ ୮ଟି କାଂସ୍ୟ ପଦକ ଅନ୍ତର୍ଭୁକ୍ତ ରହିଛି। ଏଥିସହ ଓଡ଼ିଶା ଦଳ ମଧ୍ୟ ଓଭରଅଲ୍ ରନର୍ସଅପ୍ ହୋଇଛି। ଏହି ପ୍ରତିଯୋଗିତାରେ ମଧ୍ୟ ପ୍ରଦେଶ ଚାମ୍ପିଅନ ଆଖ୍ୟା ଅର୍ଜନ କରିଥିଲା।

## ଆନ୍ତଃସ୍କୁଲ୍ ଟେବୁଲ ଟେନିସ

# ଶ୍ୱେତା, ଉର୍ଜ୍ଜା, ଆୟୁଷ୍ମାନ, ସୋମନାଥ ଚାମ୍ପିଅନ




ଭୁବନେଶ୍ୱର,୧୦।୮ (ସମିସ): କଟକ ସିଡିଏସ୍ଥିତ ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ହଲ୍‌ରେ ଚାଲିଥିବା ଆନ୍ତଃସ୍କୁଲ ଟେବୁଲ ଟେନିସ ପ୍ରତିଯୋଗିତା ସୋମବାର ଶେଷ ହୋଇଛି। ଏହାପରେ ୱାଇଜିଟିଟିଏ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରଥମ ଦିନରେ କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ଖେଳ ଶେଷ ହୋଇଛି। ଓଡ଼ିଶା ରାଜ୍ୟ ଟିଟି ସଂଘ ଆନୁକୂଲ୍ୟରେ ଅନୁଷ୍ଠିତ ଆନ୍ତଃସ୍କୁଲ ପ୍ରତିଯୋଗିତାର ଏକକ ପର୍ଯ୍ୟାୟ ଖେଳ ହୋଇଛି। ଏଥିରେ ବାଳିକା ଜୁନିଅରରେ ଭୁବନେଶ୍ୱର ବିଜେ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଆରାଧ୍ୟା ସାହୁଙ୍କୁ ୩-୦ ସେଟ୍‌ରେ ହରାଇ କଟକ ଗୁରୁ ନାନକ ପବ୍ଲିକ୍ ସ୍କୁଲ୍‌ର ଶ୍ୱେତା ବର୍ମା ଚାମ୍ପିଅନ ହୋଇଛନ୍ତି। ବାଳିକା ସିନିଅର ବିଭାଗରେ ରେଭେନ୍‌ଶା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ଉର୍ଜ୍ଜା ବର୍ମା ଚାମ୍ପିଅନ ଓ ଶୈଳବାଳା ଉଚ୍ଚ ମାଧ୍ୟମିକ ସ୍କୁଲ୍‌ର ଆଫିଆ ମୋହସିନ ରନର୍ସ ଅପ୍‌ରେ ସନ୍ତୁଷ୍ଟ ହୋଇଛନ୍ତି। କନିଷ୍ଠ ବାଳକ ଏକକରେ ଡିପିଏସ୍ କଳିଙ୍ଗାର ଆୟୁଷ୍ମାନ ପତି ଚାମ୍ପିଅନ ଓ ଭୁବନେଶ୍ୱର ପ୍ରଭୁଜୀ ଇଂଲିଶ ମିଡିୟମ୍ ସ୍କୁଲ୍‌ର ଏପି ସିଂ ରନର୍ସ ଅପ୍ ହୋଇଛନ୍ତି। ସିନିଅର ବିଭାଗରେ କଟକ ନ୍ୟୁ ଷ୍ଟିୱାର୍ଟ ସ୍କୁଲ୍‌ର ଜାଏଦ୍ ଖାନ୍‌ଙ୍କୁ ହରାଇ ଭୁବନେଶ୍ୱର ସହିଦ ନଗର ସରକାରୀ ଉଚ୍ଚ ବିଦ୍ୟାଳୟର ସୋମନାଥ ସୌମ୍ୟରଞ୍ଜନ ସୁବୁଦ୍ଧି ଚାମ୍ପିଅନ ହୋଇଛନ୍ତି।

## ଫାଓ ଲିଗ୍

# ଫାଇନାଲରେ ୟଙ୍ଗ୍ ଉତ୍କଳ



ଭୁବନେଶ୍ୱର, ୧୦।୮ (ସମିସ): ଫୁଟବଲ ଆସୋସିଏସନ ଅଫ୍ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା ଫାଓ ଲିଗ୍‌ର ଚଳିତ ସଂସ୍କରଣରେ ପ୍ରଥମ ଦଳ ଭାବେ ୟଙ୍ଗ ଉତ୍କଳ ଫାଇନାଲରେ ପ୍ରବେଶ କରିଛି। ସୋମବାର ଅପରାହ୍ଣରେ ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ୟଙ୍ଗ ଉତ୍କଳ ଦଳ ପେନାଲ୍ଟି ସୁଟଆଉଟରେ ୯-୮ (୩-୩) ଗୋଲରେ ସନରାଇଜ କ୍ଲବକୁ ହରାଇଥିଲା। ବିଜୟୀ ଦଳର ଦୀନବନ୍ଧୁ ଦାସ ହ୍ୟାଟ୍ରିକ ଗୋଲ୍ ଦେଇଥିଲେ। ସେହିଭଳି ଓଡ଼ିଶା ପୁଲିସ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳାଯିବାକୁ ଥିବା ଦ୍ୱିତୀୟ ସେମିଫାଇନାଲ ବର୍ଷା ଓ ବିଜୁଳି ଲାଗି ସ୍ଥଗିତ ରଖାଯାଇଥିଲା।

## ୧୧ ବର୍ଷରୁ କମ୍ ଜାତୀୟ ଚେସ୍‌ରେ ରନର୍ସଅପ୍

# ସାତ୍ତ୍ୱିକ ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୧୦।୮ (ସମିସ)



ଜାତୀୟ ୧୧ ବର୍ଷରୁ କମ୍ ଚେସ୍‌ରେ ରନର୍ସଅପ୍ ହୋଇ ଫେରିଥିବା ଓଡ଼ିଶାର ସାତ୍ତ୍ୱିକ ସ୍ୱାଇଁଙ୍କୁ ଆଜି ଭୁବନେଶ୍ୱର ବିମାନବନ୍ଦରରେ ତାଙ୍କ ଏକାଡେମୀ ଓ ଚେସ ସଂଘ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। କିଙ୍ଗ ଚେସ୍ ସେଣ୍ଟରର ପ୍ରତିଷ୍ଠାତା ତଥା ବରିଷ୍ଠ କୋଚ୍ ବିଶ୍ୱଜିତ ରାୟ, ନ୍ୟାସନାଲ ଆର୍ବିଟର ସୁରେଶ ଚନ୍ଦ୍ର ସାହୁ, ଟ୍ରିପଲ ସି' ଚେସ୍ କ୍ଲବ୍‌ର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଓ ଅନ୍ୟମାନେ ବିମାନବନ୍ଦରରେ ଉପସ୍ଥିତ ରହି ସାତ୍ତ୍ୱିକଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସୂଚନାଯୋଗ୍ୟ ଗତ ଏକମାସ ମଧ୍ୟରେ ସାତ୍ତ୍ୱିକ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ୫ଟି ପଦକ ଜିତି ଓଡ଼ିଶା ତଥା ଭାରତର ଗୌରବ ବଢ଼ାଇଛନ୍ତି। ସେ ମଧ୍ୟ ବିଶ୍ୱ ଯୁବ ଚେସ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ ଚେସ୍‌ରେ ସେ ଗୋଟିଏ ରୌପ୍ୟ ଓ ୨ଟି କାଂସ୍ୟ, ବିଶ୍ୱ କ୍ୟାଡେଟ କପ୍‌ରେ କାଂସ୍ୟ ପଦକ ବିଜୟୀ ହୋଇଥିଲେ। ବିମାନବନ୍ଦରରେ ପିତା ବିକ୍ରମ ସ୍ୱାଇଁଙ୍କ ସହ ପରିବାର ସଦସ୍ୟ ଓ ଶୁଭେଚ୍ଛୁମାନେ ଉପସ୍ଥିତ ଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS